# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୮/୨୦୨୩ (୮+୮=୧୬ ପୃଷ୍ଠା) Bhubaneswar, Monday, December 18/2023 Page 16 ₹ 7.00 | SAMBALPUR

୫୦ଶ ଭାଗ ୨୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 25 ମୂଲ୍ୟ₹୭/-



DSPL-466

OMC | ODISHA NEW OPPORTUNITIES | Mining Happiness | 5T | Government of Odisha | ଆମ ଓଡ଼ିଶା ନବୀନ ଓଡ଼ିଶା

## ଓଡ଼ିଶାବାସୀଙ୍କ ଖୁସିରେ

# ଓଡ଼ିଶା ଖଣି ନିଗମ



ଓଏମ୍‌ସି ର ବିଭିନ୍ନ ପ୍ରକଳ୍ପ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

୧୮ ଡିସେମ୍ବର ୨୦୨୩ | ସନ୍ଧ୍ୟା ୫ଟା
କନ୍‌ଭେନ୍‌ସନ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର



୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ




୬ଟି ଆରୋଗ୍ୟ ବାହାନି (ଏମ୍ ଏଚ୍ ୟୁ)



୭ଟି ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର



ଓଏମ୍‌ସି ଟାୱାର, ଭୁବନେଶ୍ୱର

## ଅନ୍ୟାନ୍ୟ ପ୍ରକଳ୍ପ:

- ୧୦ଟି ନମୁନା ପ୍ରକ୍ରିୟାକରଣ କେନ୍ଦ୍ର
- ଡ୍ରିଲ୍ କୋର ଲାଇବ୍ରେରୀ, ଭୁବନେଶ୍ୱର
- କ୍ରୋମ୍ ଓର୍ ବିଶୋଧନାଗାର, ସାଉଥ୍ କାଳିଆପାଣି
- ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟ ଲକ୍ଷ୍ମୀପୁର, କୋରାପୁଟ
- ହେଲି-ବର୍ଣ୍ଣ ସର୍ଭେ

Odisha_mining | OmcOdisha | www.omcltd.in

OIPR-30005/13/0210/2324

# ହିନ୍ଦୁମାନେ ହଲାଲ ମାଂସ ଛାଡ଼ିଦିଅନ୍ତୁ: କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ



**ବେଗୁସରାଇ,୧୭।୧୨:** ପ୍ରାଣୀ ହତ୍ୟାର ହିନ୍ଦୁ ଉପାୟ ହେଉଛି ଝଟ୍‌କା। ହିନ୍ଦୁମାନେ ଯେତେବେଳେ ବି ବଳି ଦିଅନ୍ତି ସେମାନେ ଗୋଟିଏ ଷ୍ଟ୍ରୋକ୍‌ରେ କରିଥାଆନ୍ତି। ଏପରି ସ୍ଥଳେ ସେମାନେ ହଲାଲ ମାଂସ ଖାଇ ନିଜକୁ ଅପବିତ୍ର କରିବା ଅନୁଚିତ। ହିନ୍ଦୁମାନେ ହଲାଲ ମାଂସ ଛାଡ଼ିଦେବା ଉଚିତ ବୋଲି ରବିବାର କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ପରାମର୍ଶ ଦେଇଛନ୍ତି। ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଗିରିରାଜ ବିହାରର ନିଜ ସଂସଦୀୟ କ୍ଷେତ୍ର ବେଗୁସରାଇରେ ନିଜ ସମର୍ଥକମାନଙ୍କୁ ସେ ହଲାଲ ମାଂସ ପରିତ୍ୟାଗ କରିବାକୁ ପ୍ରତିଜ୍ଞା କରାଇଛନ୍ତି। ହଲାଲ ମାଂସ ଖାଇ ଧର୍ମ ନଷ୍ଟ କରନ୍ତୁ ନାହିଁ ବୋଲି ସେ କହିଛନ୍ତି। ଏହି ହିନ୍ଦୁବାଦୀ ଭାଜପା ନେତାଙ୍କ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି।

# ସଂସଦ ବିଭ୍ରାଟ: ମୁହଁ ଖୋଲିଲେ ମୋଦି
# ବିତର୍କ ନୁହେଁ, ତଦନ୍ତ ହେବ

**ନୂଆଦିଲ୍ଲୀ,୧୭।୧୨**

ଭାରତର ନୂଆ ସଂସଦ ଭବନରେ ହୋଇଥିବା ସୁରକ୍ଷା ବିଭ୍ରାଟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। ବିରୋଧୀ ଏନେଇ ପାର୍ଲାମେଣ୍ଟ ଭିତରେ ବିତର୍କ କରାଯାଉ ବୋଲି ଦାବି କରୁଥିବାବେଳେ ମୋଦି ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ଉପରେ ବିତର୍କ ନୁହେଁ, ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନିଜ ଦଳର ଏମ୍‌ପିଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ବିତର୍କରୁ ପଳାୟନ କରୁଛନ୍ତି ବୋଲି ବିରୋଧୀ କଂଗ୍ରେସ ସମାଲୋଚନା କରିଛି।

ଏକ ହିନ୍ଦୀ ଖବରକାଗଜରେ ରବିବାର ପ୍ରକାଶିତ ସାକ୍ଷାତ୍‌କାରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବୁଧବାର ଯାହା ଘଟିଲା, ତାହା ଅତ୍ୟନ୍ତ ଗମ୍ଭୀର। ଏହି ପ୍ରସଙ୍ଗରେ ବିତର୍କ ଅନାବଶ୍ୟକ। ଏନେଇ ଏକ ବିସ୍ତୃତ ତଦନ୍ତ କରାଯିବ। ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏହା ଉପରେ ତନାଘନା ଚଳାଇବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଏହି ଯନ୍ତ୍ରଣାଦାୟକ ବିଭ୍ରାଟ ପଛରେ ଥିବା ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଉଦ୍ଦେଶ୍ୟ ଜାଣିବା ମଧ୍ୟ ସମାନ ଭାବେ ଜରୁରୀ। ଏପରି ପ୍ରସଙ୍ଗକୁ ନେଇ ବିବାଦ ସୃଷ୍ଟି କରିବାରୁ ସମସ୍ତେ କ୍ଷାନ୍ତ ରହିବା ଉଚିତ। ପାର୍ଲାମେଣ୍ଟରେ ଘଟିଥିବା ଘଟଣାକୁ ନ୍ୟୂନ ମନେକରିବା ଉଚିତ ନୁହେଁ। ବାଚସ୍ପତି ମଧ୍ୟ ଗମ୍ଭୀରତା ସହ ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ନେତା ଜୟରାମ ରମେଶ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଏକ ପୋଷ୍ଟ କରି ଲେଖିଛନ୍ତି, ଡିସେମ୍ବର ୧୩ରେ ଲୋକ ସଭାରେ ଘଟିଥିବା ଅସ୍ୱାଭାବିକ ଘଟଣା ଉପରେ ଶେଷରେ ପ୍ରଧାନମନ୍ତ୍ରୀ ନୀରବତା ଭଙ୍ଗ କରିଛନ୍ତି। ସେ ବିତର୍କକୁ ଏଡ଼ାଇଦେଇ ତଦନ୍ତ କଥା କହିଛନ୍ତି। କିନ୍ତୁ 'ଇଣ୍ଡିଆ' ବ୍ଲକ୍‌ର ଦଳଗୁଡ଼ିକ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିବୃତି ଦାବିରେ ଅଟଳ। ପ୍ରଧାନମନ୍ତ୍ରୀ ବିତର୍କରୁ ପଳାୟନ କରିବା ପଛର କାରଣ ମଧ୍ୟ ସ୍ପଷ୍ଟ। ବିତର୍କ ହେଲେ ଅନୁପ୍ରବେଶକାରୀମାନଙ୍କୁ ସଂସଦରେ ପହଞ୍ଚିବାକୁ ଦେଇଥିବା ମହୀଶୂର ଆସନର ଭାଜପା ଏମ୍‌ପି ପ୍ରତାପ ସିମ୍ହାଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିବ, ଯାହାକି ମୋଦି ଚାହୁଁ ନାହାନ୍ତି। ପ୍ରକାଶ ଯେ, ସଂସଦ ଶୀତ ଅଧିବେଶନର ଅଷ୍ଟମ ଦିନ (୨୦୦୧ ଡିସେମ୍ବର ୧୩ ପାର୍ଲାମେଣ୍ଟ ଆକ୍ରମଣର ବର୍ଷ ପୂର୍ତ୍ତି) ଦୁଇଜଣ ବିକ୍ଷୋଭକାରୀ ଲୋକ ସଭା ଭିଜିଟର୍ସ ଗ୍ୟାଲେରିରୁ ଚାମ୍ବରକୁ ଡେଇଁଥିଲେ। ଏମ୍‌ପିମାନଙ୍କ ଡେସ୍କ ଉପରେ ଧାଇଁବା ସହ ଜୋତାରେ ଲୁଚାଇ ନେଇଥିବା କ୍ୟାନ୍‌ରୁ ହଳଦିଆ ଧୂଆଁ ବାହାରକରି ଆତଙ୍କ ସୃଷ୍ଟି କରିଥିଲେ। ସେମାନେ ସ୍ଲୋଗାନ ଦେଇଥିଲେ, ଏକଚ୍ଛତ୍ରବାଦ ଚାଲିବ ନାହିଁ। ଅନ୍ୟପକ୍ଷେ ବାଚସ୍ପତି ଓମ୍ ବିର୍ଲାଙ୍କ ନିର୍ଦ୍ଦେଶକ୍ରମେ ଦିଲ୍ଲୀ ପୋଲିସ ସମେତ ଏକାଧିକ ସୁରକ୍ଷା ଏଜେନ୍ସି ଏହାର ତଦନ୍ତ ଚଳାଇଛନ୍ତି। ବିରୋଧୀ ଦଳଗୁଡ଼ିକ ସୁରକ୍ଷାରେ ତ୍ରୁଟିକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିବୃତି ଓ ଇସ୍ତଫା ଦାବି କରୁଛନ୍ତି। ମୋଦି ଓ ଶାହାଙ୍କ ନୀରବତାକୁ ନେଇ ହଟ୍ଟଗୋଳ କରିଥିବା ୧୪ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଛି। ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍ ଅଦ୍ୟାବଧି ମୁଖ୍ୟ ଅଭିଯୁକ୍ତ ଲଳିତ ଝାଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି। ସହଅଭିଯୁକ୍ତମାନଙ୍କ ମୋବାଇଲକୁ ଲଳିତ ଭାଙ୍ଗିଦେଇଥିବାରୁ ସେଗୁଡ଼ିକର ଭଙ୍ଗାରୁଜା ଯନ୍ତ୍ରପାତିକୁ ଜବତ କରାଯାଇଛି। ଗିରଫ ବ୍ୟକ୍ତିମାନେ ଦେଶରେ ବଢ଼ିଚାଲିଥିବା ବେକାରି ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗୃହରେ ବିକ୍ଷୋଭ କରିଥିବା ଜେରାବେଳେ କହିଛନ୍ତି। ତେଣୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହାକୁ ପ୍ରସଙ୍ଗ କରି ମୋଦିଙ୍କୁ ଘେରିବା ପାଇଁ ଉଦ୍ୟମ କରିଛନ୍ତି।



## ବିତର୍କରୁ ପଳାୟନ କରୁଛନ୍ତି ପ୍ରଧାନମନ୍ତ୍ରୀ: କଂଗ୍ରେସ

# ତୃତୀୟ ପାଳିରେ ୩ୟ ବୃହତ୍ ଅର୍ଥନୀତି ହେବ ଭାରତ: ପ୍ରଧାନମନ୍ତ୍ରୀ



## ସୁରଟ ଡାଇମଣ୍ଡ ବୋର୍ସ ଉଦ୍‌ଘାଟିତ

**ସୁରଟ,୧୭।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ସରକାର ଅମଳରେ ଭାରତ ୩ୟ ବୃହତ୍ ଅର୍ଥନୀତି ପାଲଟିବ ବୋଲି ରବିବାର ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଗୁଜରାଟର ସୁରଟ ଡାଇମଣ୍ଡ ବୋର୍ସ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ଏହାକୁ ନୂଆ ଭାରତର ଶକ୍ତି ଓ ଦୃଢ଼ତାର ପ୍ରତୀକ ଭାବେ ଅଭିହିତ କରିଛନ୍ତି। ସୁରଟ ଡାଇମଣ୍ଡ ବୋର୍ସ (ଏସ୍‌ଡିବି) ବିଲ୍ଡିଂ ହେଉଛି ବିଶ୍ୱର ସର୍ବବୃହତ୍ ଅଫିସ କମ୍ପ୍ଲେକ୍ସ। ସୁରଟ ସହର ନିକଟ ଖଜେଡ୍ ଗ୍ରାମରେ ଅବସ୍ଥିତ ଏହି କମ୍ପ୍ଲେକ୍ସ ୬୭ ଲକ୍ଷ ବର୍ଗଫୁଟ୍ ଅଞ୍ଚଳରେ ବିସ୍ତୃତ। ପ୍ରଧାନମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବା ପରେ ସମ୍ବୋଧିତ କରି କହିଛନ୍ତି, ସୁରଟର ଭବ୍ୟତାରେ ଆଉ ଏକ ହୀରା ଯୋଡ଼ିହୋଇଗଲା। ଯେତେବେଳେ ବି କେହି ବିଶ୍ୱର ଡାଇମଣ୍ଡ ବୋର୍ସ ସମ୍ପର୍କରେ କହିବେ ସେ ନିଶ୍ଚିତ ରୂପେ ସୁରଟ ଓ ଭାରତ କଥା ମନେପକାଇବେ। ସୁରଟର ହୀରା ଶିଳ୍ପ ୮ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେଇଛି। ନୂଆ ବୋର୍ସ ଉଦ୍‌ଘାଟନ ପରେ ଏବେ ଆହୁରି ୧.୫ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏସ୍‌ଡିବି ଭାରତୀୟ ଅଳଙ୍କରଣ, ଡିଜାଇନର୍ସ ଓ କନ୍‌ସେପ୍ଟର ସାମର୍ଥ୍ୟକୁ ପ୍ରତିପାଦିତ କରୁଛି। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ଆପଣମାନେ ଜାଣନ୍ତି ଯେ ଭାରତ ଗତ ୧୦ ବର୍ଷ ମଧ୍ୟରେ ବିଶ୍ୱର ୧୦ମ ଅର୍ଥନୀତିରୁ ପଞ୍ଚମ ବୃହତ୍ ଆର୍ଥିକ ଶକ୍ତିରେ ପରିଣତ ହୋଇଛି। ମୋର ତୃତୀୟ ପାଳି ସରକାରରେ ଭାରତ ଶୀର୍ଷ ୩ ଅର୍ଥନୀତି ମଧ୍ୟରେ ସ୍ଥାନିତ ହେବ। ଏହା ହେଉଛି ମୋଦିଙ୍କ ଗ୍ୟାରେଣ୍ଟି। ସେହିପରି ସରକାର ଆଗାମୀ ୨୫ ବର୍ଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଭାରତକୁ ୫-୧୦ ଟ୍ରିଲିୟନ୍ ଅର୍ଥନୀତିରେ ପରିଣତ କରି ରପ୍ତାନୀ କ୍ଷେତ୍ରକୁ ନୂଆ ସଫଳତାରେ ପହଞ୍ଚାଇବା ଦିଗରେ ଆମେ କାର୍ଯ୍ୟ କରୁଛୁ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି।

# ଜାହାଜ ବୁଡ଼ି ଭାସିଗଲେ ୬୧ ଦେଶାନ୍ତରୀ

**କାଏରୋ,୧୭।୧୨**

ଭୂମଧ୍ୟସାଗରର ଲିବ୍ୟା ଉପକୂଳରେ ଏକ ଜାହାଜ ବୁଡ଼ିଯିବାରୁ ୬୧ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ୍ ଫର୍ ମାଇଗ୍ରେଶନ୍ (ଆଇଓଏମ୍) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। କେନ୍ଦ୍ରୀୟ ଭୂମଧ୍ୟସାଗର ଏବେ ବି ଦେଶାନ୍ତରୀଙ୍କ ପାଇଁ ବିଶ୍ୱର ଅନ୍ୟତମ ବିପଜ୍ଜନକ ଜଳପଥ ବୋଲି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଆଇଓଏମ୍ ପକ୍ଷରୁ ଏକ ପୋଷ୍ଟ କରାଯାଇଛି।

ଏଥିରେ ଉଲ୍ଲେଖ କରାଯାଇଛି ଯେ, ଲିବ୍ୟା ରାଜଧାନୀ ତ୍ରିପୋଲିରୁ ୧୧୦ କି.ମି. ଦୂର ଜ୍ୱାରା ସହରରୁ ୮୬ ଲୋକଙ୍କୁ ନେଇ ଜାହାଜଟି ୟୁରୋପ ଅଭିମୁଖେ ଯାତ୍ରା କରୁଥିଲା। ଏହା ପୂର୍ବରୁ ଗତ ଜୁନ୍‌ରେ ଏକ ମାଛଧରା ବୋଟ୍‌ରେ ଶତାଧିକ ପ୍ରବାସୀ ଲିବ୍ୟାର ତୋବ୍ରୁକ୍‌ରୁ ବୁହାହୋଇ ଇଟାଲୀ ଯାଉଥିବାବେଳେ ଗ୍ରୀସ୍ ନିକଟରେ ବୁଡ଼ିଯାଇଥିଲା। ଏଥିରେ ୭୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫୧୮ ପ୍ରବାସୀ ନିଖୋଜ ହୋଇଯାଇଥିଲେ।

# ବିସ୍ଫୋରକ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୯ ମୃତ

**ନାଗପୁର,୧୭।୧୨**

ମହାରାଷ୍ଟ୍ରର ନାଗପୁରସ୍ଥିତ ଏକ ବିସ୍ଫୋରକ ଫ୍ୟାକ୍ଟ୍ରିରେ ରବିବାର ପୂର୍ବାହ୍ନରେ ବିସ୍ଫୋରଣ ଘଟିଛି। ଏଥିରେ ୯ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଆହତ ହୋଇଛନ୍ତି। ନାଗପୁରରୁ ୪୦ କି.ମି ଦୂର ବାଜାରଗାଉଁ ଅଞ୍ଚଳରେ ଥିବା ସୋଲାର ଇଣ୍ଡଷ୍ଟ୍ରିଜ୍‌ରେ ଡ୍ରୋନ୍ ଏବଂ ସଶସ୍ତ୍ର ବାହିନୀ ପାଇଁ ବିସ୍ଫୋରକ ପ୍ରସ୍ତୁତ କରାଯାଇଥାଏ। ରବିବାର ସକାଳେ ଏହାର କାଷ୍ଟ ବୁଷ୍ଟର ୟୁନିଟ୍‌ରେ ୧୨ ଶ୍ରମିକ ଉତ୍ପାଦଗୁଡ଼ିକୁ ସିଲ୍ କରୁଥିବାବେଳେ ୯ଟାରେ ହଠାତ୍ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଫ୍ୟାକ୍ଟ୍ରିର କାନ୍ଥଗୁଡ଼ିକ ଭାଙ୍ଗିଯାଇଛି। ଏଥିରେ ୬ ମହିଳାଙ୍କ ସମେତ ୯ ଜଣଙ୍କ ପ୍ରାଣହାନି ଘଟିଛି। ସେମାନେ ହେଲେ ଯୁବରାଜ ଚାରୋଡେ, ଓମେଶ୍ୱର ମାକ୍‌ଚିରେ, ମିତା ଉଇକେ, ଆରତୀ ସାହାରେ, ଶ୍ୱେତାଲି ମାରବଟେ, ପୁଷ୍ପା ମଣପୁରେ, ଭାଗ୍ୟଶ୍ରୀ ଲୋନାରେ, ରୁମିତା ଉଇକେ ଓ ମୌସମ ପାଟଲେ। ସୋଲାର ଇଣ୍ଡଷ୍ଟ୍ରିଜ୍ ବିସ୍ଫୋରଣରେ ମୃତକଙ୍କ ପରିବାରକୁ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ସମବେଦନା ଜଣାଇଛନ୍ତି। ମୃତକମାନଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ନିଷ୍ପତ୍ତି ନେଇଥିବା ଫଡ୍‌ନବିସ୍ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ କୋଇଲା ଖଣିଗୁଡ଼ିକରେ ବ୍ଲାଷ୍ଟ ପାଇଁ ଆବଶ୍ୟକ ବିସ୍ଫୋରକ ଏହି ଫ୍ୟାକ୍ଟ୍ରିରେ ପ୍ରସ୍ତୁତ କରାଯାଉଥିଲା ବୋଲି ସୂତ୍ରରୁ ଜଣାପଡ଼ିଛି।

# ୨୧ରେ ସିଡବ୍ଲ୍ୟୁସି ବୈଠକ

## ୨୦୨୪ ପାଇଁ ରଣନୀତି ଯୋଜନା

**ନୂଆଦିଲ୍ଲୀ,୧୭।୧୨**

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ରଣନୀତି ପ୍ରସ୍ତୁତି ଉପରେ ଆଲୋଚନା ଲାଗି କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ରଣନୀତି ଯୋଜନା ଏହି ବୈଠକରେ କରାଯିବ। ସେହିପରି ଦେଶର ସାମ୍ପ୍ରତିକ ସ୍ଥିତି ଉପରେ ମଧ୍ୟ ଆଲୋଚନା କରାଯିବ ବୋଲି ସୂତ୍ରରୁ ଜଣାପଡ଼ିଛି। ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ର ବୈଠକ ୧୯ରେ ହେବାକୁ ଥିବାବେଳେ ଏହାର ୨ ଦିନ ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏଆଇସିସି ମୁଖ୍ୟାଳୟରେ ସିଡବ୍ଲ୍ୟୁସି ବୈଠକ ଡାକିଛନ୍ତି। ଇଣ୍ଡିଆ ବୈଠକରେ ହେବାକୁ ଥିବା ଆସନ ବୁଝାମଣା ସିଡବ୍ଲ୍ୟୁସି ମିଟିଂର ମୁଖ୍ୟ ଏଜେଣ୍ଡା ହେବ।

## ଫୁର୍‌ସତ୍

# ସଂଖ୍ୟାଲଘୁଙ୍କ ସୁରକ୍ଷା ଅପରିହାର୍ଯ୍ୟ

**ବି**ଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବ ଏବଂ ଭାଇଚାରା ଦ୍ୱାରା ଦେଶର ଏକତା ବୃଦ୍ଧି ହୋଇଥାଏ। ଏହା ଦ୍ୱାରା ଦେଶର ବିକାଶ ଧାରା ଜାରିରହିବା ସହିତ ବହୁବିଧ କ୍ଷେତ୍ରରେ ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରତିପାଦିତ ହୋଇପାରିଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଡିସେମ୍ବର ୧୮ରେ ସଂଖ୍ୟାଲଘୁ ଅଧିକାର ଦିବସ ପାଳନ କରାଯାଇଥାଏ। ବିଶ୍ୱସ୍ତରରେ ବିଭିନ୍ନ ଦେଶରେ ସଂଖ୍ୟାଲଘୁମାନଙ୍କୁ ସୁରକ୍ଷିତ ଭାବେ ବାସକରିବା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏହି ଅବସରରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ। ୧୯୯୨ ଡିସେମ୍ବର ୧୮ରେ ମିଳିତ ଜାତିସଂଘ ଦ୍ୱାରା ଏହି ଦିବସ ପାଳନ କରାଯିବା ଲାଗି ଘୋଷଣା କରାଯାଇଥିଲା।




ଭାରତ ହେଉଛି ବିଶ୍ୱର ଏକ ଅନନ୍ୟ ରାଷ୍ଟ୍ର, ଯେଉଁଠାରେ ବିଭିନ୍ନ ସମ୍ପ୍ରଦାୟ, ଜାତି ଏବଂ ଧର୍ମର ଲୋକମାନେ ବାସ କରିଥାନ୍ତି। ବିବିଧତା ମଧ୍ୟରେ ଏକତା ହେଉଛି ଭାରତର ଏକ ସ୍ୱତନ୍ତ୍ର ପରିଚିତି। ଭାରତରେ ଏକତାକୁ ହିଁ ସର୍ବୋପରି ଭାବେ ଗ୍ରହଣ କରାଯାଇଥାଏ। କୌଣସି ରାଷ୍ଟ୍ରରେ ଯେଉଁମାନଙ୍କ ସଂଖ୍ୟା କମ୍ ଓ ସାମାଜିକ, ରାଜନୈତିକ, ଆର୍ଥିକ ରୂପରେ ଦୁର୍ବଳ ତଥା ଜାତି, ଧର୍ମ ଆଦିରେ ବହୁସଂଖ୍ୟକଠାରୁ ଅଲଗା ରହିଥିବା ସତ୍ତ୍ୱେ ରାଷ୍ଟ୍ର ନିର୍ମାଣ, ବିକାଶ, ଏକତା,ସଂସ୍କୃତି, ପରମ୍ପରା ଓ ରାଷ୍ଟ୍ରୀୟ ଭାଷାକୁ ବଜାୟ ରଖିବା ଲାଗି ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଉଛନ୍ତି ସେମାନେ ହିଁ ସେହି ଦେଶ ବା ରାଜ୍ୟରେ ସଂଖ୍ୟାଲଘୁ ଭାବେ ପରିଗଣିତ। ଭାରତୀୟ ସମ୍ବିଧାନରେ ଧର୍ମ ଓ ଭାଷା ଆଧାରରେ ସଂଖ୍ୟାଲଘୁ ବିବେଚନା କରାଯାଇଥାଏ। ଭାରତରେ ସଂଖ୍ୟାଲଘୁମାନଙ୍କର ଅଧିକାରକୁ ଲୋକଲୋଚନକୁ ଆଣିବା ସହ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ସଂଖ୍ୟାଲଘୁମାନଙ୍କର ବିଭିନ୍ନ ସମସ୍ୟାକୁ ହୃଦୟଙ୍ଗମ କରିବା ସହ ସେମାନଙ୍କ ସୁରକ୍ଷା ଉପରେ ଦେଶର ସବୁ ରାଜ୍ୟ ଗୁରୁତ୍ୱ ଦେଇଥାନ୍ତି। ଏହି ଦିବସ ଅବସରରେ ଆଲୋଚନାଚକ୍ର, କାର୍ଯ୍ୟକ୍ରମ ତଥା ସଚେତନତା ଅଭିଯାନ ଆୟୋଜନ କରାଯାଇଥାଏ।

ଭାରତରେ ମୁସଲମାନ, ଶିଖ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୋରେଷ୍ଟ୍ରିଆନ ଓ ଜୈନମାନେ ସଂଖ୍ୟାଲଘୁ ଭାବେ ରହିଛନ୍ତି। ଏମାନଙ୍କ ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ୧୯ ପ୍ରତିଶତ। ଜମ୍ମୁ-କଶ୍ମୀର, ପଞ୍ଜାବ, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ, ଲଦାଖ ଓ ଅରୁଣାଚଳପ୍ରଦେଶରେ ଏମାନଙ୍କ ସଂଖ୍ୟା ଅଧିକ। ସଂଖ୍ୟାଲଘୁମାନଙ୍କ ବିକାଶ ହିଁ ଦେଶର ବିକାଶ। ସଂଖ୍ୟାଲଘୁମାନଙ୍କ ଏକତା ହିଁ ଦେଶର ଶକ୍ତି। ଏମାନଙ୍କର ବିକାଶ,ଆଇନ ତଥା ବିଭିନ୍ନ କଲ୍ୟାଣକାରୀ ଯୋଜନାକୁ କାର୍ଯ୍ୟକାରୀ କରିବାରେ ୨୯ ଜାନୁୟାରୀ ୨୦୦୬ରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପ୍ରତିଷ୍ଠା କରାଯାଇଥିଲା। ଏଥିପାଇଁ ଜାତୀୟ ସଂଖ୍ୟାଲଘୁ ଆୟୋଗ ଅଧିନିୟମ,୧୯୯୨ ଅଧୀନରେ ଗଠନ କରାଯାଇଥିଲା। ଏହି ମନ୍ତ୍ରଣାଳୟ ସଂଖ୍ୟାଲଘୁମାନଙ୍କର ପ୍ରତିଟି ସମସ୍ୟା ସମାଧାନ କରିବା ତଥା ବିକାଶର ଧାରାକୁ ତ୍ୱରାନ୍ୱିତ କରିବାରେ ପ୍ରମୁଖ ଭୂମିକା ନେଇଆସୁଛି। ସଂଖ୍ୟାଲଘୁମାନଙ୍କ ଅଧିକାରର ସୁରକ୍ଷା,ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଯୋଗଦାନକୁ ବିଚାରକୁ ନେଇ ଆଞ୍ଚଳିକ ସ୍ତରରେ ଭାଷା,ଜାତି, ଧର୍ମ, ସଂସ୍କୃତି, ପରମ୍ପରା ଆଦିର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏହି ଦିବସରେ ସଚେତନତା ସୃଷ୍ଟି କରାଯାଇଥାଏ।

# ବରୁଣଙ୍କ ସହ ନଜର ଆସିବେ ୱାମିକା



**ମୁମ୍ବାଇ:** ଅଭିନେତ୍ରୀ ୱାମିକା ଗାବିଙ୍କ ପାଇଁ ଚଳିତବର୍ଷ ସଫଳ ପ୍ରମାଣିତ ହୋଇଛି। ସେ ଏ ବର୍ଷ ଏକାଧିକ ପ୍ରୋଜେକ୍ଟରେ ଦେଖିବାକୁ ମିଳିଛନ୍ତି। ଓଟିଟି ବିକ୍ରମାଦିତ୍ୟ ମୋଟ୍‌ୱାନିଙ୍କ 'ଜୁବିଲି' ପାଇଁ ତାଙ୍କୁ ବେଶ୍ ପ୍ରଶଂସା ଓ ଭଲପାଇବା ମିଳିଛି। ଏବେ ସେ ଅଭିନେତା ବରୁଣ ଧାୱନଙ୍କ ସହ ଏକାଠି ନଜର ଆସିବାକୁ ଯାଉଛନ୍ତି। ଗାବି-ବରୁଣଙ୍କ ଆଗାମୀ ଫିଲ୍ମ 'ଭିଡି ୧୮'ର ଶୁଟିଂ ଆରମ୍ଭ ହୋଇଛି। ଏଥିସହ କୀର୍ତ୍ତି ସୁରେଶ ଥିବା ମଧ୍ୟ ଜଣାପଡ଼ିଛି। ଅଟ୍‌ଲି କୁମାର ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ନିର୍ବାହ କରିଛନ୍ତି। ଗାବି ତାଙ୍କର ଏହି ନୂଆ ଯାତ୍ରାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ୨୦୦୭ରେ ଜବ୍ ଉଇ ମେଟ୍ ଜରିଆରେ ଗାବି ଡେବ୍ୟୁ କରିଥିଲେ। ପରେ ସେ ମଝିରେ ଅଭିନୟ ଛାଡିବାକୁ ଚିନ୍ତା କରୁଥିବା ଏକ ଗଣମାଧ୍ୟମ ସାକ୍ଷାତ୍‌କାରରେ କହିଥିଲେ। କାରଣ ତାଙ୍କୁ ସେତେବେଳେ କାମ ମିଳୁ ନ ଥିଲା। ନିର୍ଦ୍ଦେଶକ ବିଶାଲ ଭରଦ୍ୱାଜଙ୍କ ସହ କାମ କରିବା ପରେ ଅଭିନୟର ଅନେକ ଦ୍ୱାର ତାଙ୍କ ପାଇଁ ଖୋଲିଥିଲା ବୋଲି ସେ କହିଛନ୍ତି। ଏବେ ତାଙ୍କ ହାତରେ ୩ଟି ଫିଲ୍ମ ରହିଛି।

# ହସିବାରେ ଆଲର୍ଜି



**ଇଂଲଣ୍ଡ:** ଜଣେ ମହିଳାଙ୍କୁ ଏପରି ଆଲର୍ଜି ହୋଇଛି, ଯାହା ଆମ ଦୈନନ୍ଦିନ ଜୀବନର ଅଂଶ। ଜୀବନରେ ଦୁଃଖ ସୁଖ ତ ଲାଗି ରହିଥାଏ। ହେଲେ ସେହି ମହିଳାଙ୍କୁ ହସିବା ଏବଂ କାନ୍ଦିବା କଷ୍ଟ ଦେଇଥାଏ। ରିପୋର୍ଟ ମୁତାବକ, ଇଂଲଣ୍ଡ କେଣ୍ଟର ବାସିନ୍ଦା ୨୦ ବର୍ଷୀୟା ବେଥ୍ ସାନଗାରିଡେସଙ୍କ ଶରୀରରେ କିଛି ବି ଜିନିଷ ପ୍ରତିକ୍ରିୟା କରିଥାଏ। ସେ ତାଙ୍କ ଭାବନାକୁ କାବୁ ନ କରି ଯଦି ହସନ୍ତି କିମ୍ବା କାନ୍ଦନ୍ତି ତାହାର ପରିଣାମ ତାଙ୍କୁ ଭୋଗିବାକୁ ପଡ଼େ। ସେଥିରେ ତାଙ୍କୁ କଷ୍ଟ ଅନୁଭୂତ ହେବା ସହ ମୁହଁ ନାଲି ପଡ଼ି ଜ୍ୱଳନ ହେବାକୁ ଲାଗେ। ଯେତେବେଳେ ବେଥ୍‌ଙ୍କୁ ୧୫ ବର୍ଷ ହୋଇଥିଲା, ସେତେବେଳେ ପ୍ରଥମ ଥର ଏପରି କଷ୍ଟ ସେ ସହିଥିଲେ। ଏଥିସହ ତାଙ୍କୁ ୧୮ ବର୍ଷ ବୟସରେ ପୋସ୍‌ଚୁରାଲ ଟାକିକାର୍ଡିଆ ସିଣ୍ଡ୍ରୋମ ହୋଇଯାଇଥିଲା।




# ସଜ୍ଜନ ଜିନ୍ଦଲଙ୍କ ବିରୋଧରେ ବଳାତ୍କାର ଅଭିଯୋଗ



**ମୁମ୍ବାଇ,୧୭।୧୨**

ଜେଏସ୍‌ଡବ୍ଲ୍ୟୁ ଏନର୍ଜି ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସଜ୍ଜନ ଜିନ୍ଦଲଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଶିଳ୍ପପତି ଜିନ୍ଦଲ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କୁ ବଳାତ୍କାର କରିଥିବା ଜଣେ ୩୦ ବର୍ଷୀୟା ମହିଳା ରବିବାର ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗକୁ ୬୪ ବର୍ଷୀୟ ଜିନ୍ଦଲ ଖଣ୍ଡନ କରିଛନ୍ତି। ସୋସିଆଲ ମିଡିଆ ପ୍ରୋଫାଇଲରେ ନିଜକୁ ଜଣେ ଅଭିନେତ୍ରୀ ପରିଚୟ ଦେଇ ମୁମ୍ବାଇର ମହିଳା ଜଣକ ଲେଖିଛନ୍ତି, ୨୩ ବିଲିୟନ୍ ଡଲାର ସାମ୍ରାଜ୍ୟର ଅଧିକାରୀ ତଥା ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ମୁଖ୍ୟ ସଜ୍ଜନ ଜିନ୍ଦଲଙ୍କ ସହ ୨୦୨୧ ଅକ୍ଟୋବରରେ ଦୁବାଇରେ ଆୟୋଜିତ ଏକ ଆଇପିଏଲ୍ କ୍ରିକେଟ ମ୍ୟାଚ ବେଳେ ଷ୍ଟାଡିୟମ୍‌ର ଭିଆଇପି ବକ୍ସରେ ସାକ୍ଷାତ ହୋଇଥିଲା। ଉଭୟଙ୍କ ମଧ୍ୟରେ ବନ୍ଧୁତା ହେବାରୁ ଫୋନ୍ ନମ୍ବର ଆଦାନ ପ୍ରଦାନ ହୋଇଥିଲା। ଶିଳ୍ପପତି ଜିନ୍ଦଲ ☞ପୃଷ୍ଠା-୨

# ମାଗଣା ସିଭିଲ ସର୍ଭିସ କୋଚିଂ ଭେଳିକି

**ଭୁବନେଶ୍ୱର,୧୭।୧୨**
**(ଅସମାପିକା ସାହୁ)**



ସର୍ବଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ପରୀକ୍ଷାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ହାର କମ୍ ରହୁଛି। ଏଥିରେ କିପରି ଅଧିକରୁ ଅଧିକ କୃତକାର୍ଯ୍ୟ ହାସଲ କରିବେ ସେଥିପାଇଁ ରାଜ୍ୟ ସରକାର କଲେଜରୁ ଆଇଏଏସ୍ କୋଚିଂ ଦେବା ପାଇଁ ଯୋଜନା କରିଛନ୍ତି। ଆସନ୍ତା ଶିକ୍ଷାବର୍ଷରୁ ଡିଗ୍ରୀ କଲେଜରେ ମାଗଣା କୋଚିଂ ବ୍ୟବସ୍ଥା ଆରମ୍ଭ ହେବ। ତେବେ ଏହା କେତେ ଦୂର ସଫଳ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବଥର ଭଳି ମାଗଣା କୋଚିଂ ବ୍ୟବସ୍ଥା ଏଥର ବି ଫେଲ୍ ମାରିଯିବନି ତ ବୋଲି ଆଲୋଚନା ହେଉଛି। ଗୋଟିଏ ପଟେ କଲେଜରେ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବା ବେଳେ ଛାତ୍ରୀଛାତ୍ରଙ୍କୁ କିପରି କୋଚିଂ ଦିଆଯିବ ତାକୁ ନେଇ ଆଶଙ୍କା ଦେଖାଯାଇଛି।

ସୂଚନାନୁସାରେ, ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ସିଭିଲ ସର୍ଭିସ୍ କୋଚିଂ ଦିଆଯିବ। ଶିକ୍ଷାନୁଷ୍ଠାନର ନିଜସ୍ୱ ଅର୍ଥରେ କୋଚିଂ ଦିଆଯିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ପାଠ୍ୟ ଖସଡ଼ାରେ ବି ସଂସ୍କାର ଅଣାଯିବ। ୟୁପିଏସ୍‌ସି ଏବଂ ଓପିଏସ୍‌ସି ଭଳି ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରଣାଳୀକୁ ନଜରରେ ରଖି ସିଲାବସ୍ ପ୍ରସ୍ତୁତ ହେବ। ଗତମାସ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବସିଥିବା ସମୀକ୍ଷା ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏଯାବତ୍ ଏନେଇ କୌଣସି ଗାଇଡ୍‌ଲାଇନ ପ୍ରସ୍ତୁତ ହୋଇ ନାହିଁ। ପ୍ରକାଶ ଯେ, ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମାଗଣା କୋଚିଂ ବ୍ୟବସ୍ଥା ଜାରି ରହିଛି। ଯେଉଁଥିରେ ପ୍ରାୟ ୨୦୦ ଛାତ୍ରୀଛାତ୍ର ସାମିଲ ଅଛନ୍ତି। ତେବେ କଲେଜସ୍ତରରୁ କୋଚିଂ ସୁବିଧା ପାଇଲେ ପିଲାମାନେ ଅଧିକ ସଫଳ ହେବା ଆଶା ରଖିଛି ବିଭାଗ। ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ସଫଳତା ହାର ବୃଦ୍ଧି କରିବା, ବିଶେଷ କରି ଗରିବ ଓ ମେଧାବୀ ଛାତ୍ରୀଛାତ୍ର କିପରି ସୁଫଳ ପାଇବେ ତାହା ଉଦ୍ଦେଶ୍ୟ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।

ରାଜ୍ୟ ସରକାର ମାଗଣା ଆଇଏଏସ୍ କୋଚିଂ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କାରଣ ଭିତ୍ତିଭୂମି ଓ ଶିକ୍ଷକଙ୍କ ଅଭାବ ଏ ଦିଗରେ ବଡ଼ ପ୍ରତିବନ୍ଧକ। ବିଧାନସଭାର ତଥ୍ୟାନୁସାରେ, ରାଜ୍ୟର ସମସ୍ତ ସରକାରୀ ଡିଗ୍ରୀ କଲେଜରେ ୯୦୬ ଟିଚିଂ ଷ୍ଟାଫ୍ ପଦବୀ ଖାଲି ପଡ଼ିଛି। ଏ ସମ୍ପର୍କରେ ୬୬୨ବର୍ଗର ଅଧ୍ୟାପକ ସଂଘର ସଭାପତି ଗୋଲକ ନାୟକ କହିଛନ୍ତି, ରାଜ୍ୟ ସରକାରଙ୍କ ପଦକ୍ଷେପ ଠିକ୍। କିନ୍ତୁ ତାହା କିପରି ଶୀଘ୍ର କାର୍ଯ୍ୟକାରୀ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଦରକାର। କୋଚିଂ ଦିଆଯିବ ବୋଲି ଘୋଷଣା କରିଦେଲେ। କିନ୍ତୁ ଏ ପର୍ଯ୍ୟନ୍ତ ଏନେଇ ଗାଇଡ୍‌ଲାଇନ ପ୍ରସ୍ତୁତ କଲେ ନାହିଁ। ବର୍ତ୍ତମାନ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଚାଲୁଛି। ଆଗକୁ ନିର୍ବାଚନ ଅଛି। ସରକାର ସେ ଦିଗରେ ବ୍ୟସ୍ତ ରହିବେ। ତେଣୁ ଆସନ୍ତା ଶିକ୍ଷାବର୍ଷରୁ ଏହି ବ୍ୟବସ୍ଥା ଆରମ୍ଭ ହୋଇପାରିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ସବୁଠାରୁ ବଡ଼ କଥା ହେଉଛି ରାଜ୍ୟର ସମସ୍ତ ଡିଗ୍ରୀ କଲେଜ ମଧ୍ୟରୁ ୫୦ପ୍ରତିଶତରେ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ତେଣୁ ତାକୁ ପୂରଣ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବା ଜରୁରୀ ବୋଲି ନାୟକ କହିଛନ୍ତି। ଏନେଇ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ଯୋଗାଯୋଗ କରଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନାହିଁ।

ମିଳିଥିବା ତଥ୍ୟାନୁଯାୟୀ, ରାଜ୍ୟର ୮ ୟୁନିଭରସିଟି ଓ ୫୦ରୁ ଅଧିକ ଡିଗ୍ରୀ କଲେଜରେ ମାଗଣା କୋଚିଂ ସେଣ୍ଟର ଖୋଲିଥିଲା। ୨୦୧୬ରୁ ୨୦୧୮ଯାଏ ମାଗଣାରେ ପିଲା ପାଠ ପଢ଼ିବା ସହ ଆଇଏଏସ୍ ପ୍ରସ୍ତୁତି କରୁଥିଲେ। ହେଲେ ସଫଳତା ମିଳିଲାନି। ଯେଉଁଥିଲାଗି ଦ୍ୱିତୀୟ ପର୍ଯ୍ୟାୟରେ ୨୦୧୯-୨୦ରେ ଘରୋଇ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷରିତ କରି ଭୁବନେଶ୍ୱରରେ କୋଚିଂ ହବ୍ ପ୍ରତିଷ୍ଠା କଲେ। ଏଥିରେ ୯୯ ଜଣ ପିଲା ନାମଲେଖାଇ କୋଚିଂ ନେଇଥିଲେ। ହେଲେ ଜଣେ ବି ସଫଳ ହେଲେନି। ତେଣୁ ଏବେ କଲେଜରୁ ଆଇଏଏସ୍ କୋଚିଂ ଦିଆଗଲେ ତା'ର କାର୍ଯ୍ୟକାରିତା ଏବଂ ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।




**ଆଜିର ସମ୍ପାଦକୀୟ**
ଅଳିଆଗଦାରେ ଫିଙ୍ଗା।






**ଆଜିର ମନ୍ତବ୍ୟ**

"ଭାଜପା ପ୍ରତ୍ୟେକ ନିର୍ବାଚନକୁ ନିଜ ଶେଷଯୁଦ୍ଧ ଭାବେ ଲଢ଼ିଥାଏ। ଏହି ଦଳର ଧ୍ରୁବୀକରଣ, ସଂଖ୍ୟାଲଘୁ ବିରୋଧୀ ପ୍ରଚାର ଅଭିଯାନ ଓ ଉଗ୍ର ଜାତୀୟତାବାଦର ମୁହଁତୋଡ଼ ଜବାବ ଦେବା ପାଇଁ କଂଗ୍ରେସ ଉପାୟ ବାହାର କରିବା ଜରୁରୀ। -ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋତେ ଯେ ମାଇଲା**
**ତାକୁ ତୁ ନ ମାର**
**ତାକୁ ମାରୁଥିବ ଆନ**
**ଦେଖୁଥିବ ତୋର, ଦୁଇ ନୟନ**
**ଶୁଣୁଥିବ ତୋର କାନା**

ଯିଏ ଅନ୍ୟାୟରେ ଆଘାତ ଦିଏ, ତା'ର ପରିଣତି ସେ ଦିନେ ନା ଦିନେ ଭୋଗ କରିଥାଏ।ଭଗବାନ ସବୁ ସହନ୍ତି, କିନ୍ତୁ କାହାର ଅନ୍ୟାୟ ଅନୀତିକୁ ସହିପାରିନଥାନ୍ତି। ଅନ୍ୟାୟ ଅନୀତିର ଫଳ ମଣିଷ ଭୋଗିବାକୁ ବାଧ୍ୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁ ତ ନୋହୁ,**
**ତୁ କାହିଁ ପାଇଁ ଦିହକୁ ନଉ।**

ଅନ୍ୟକୁ କୁହାଯାଇଥିବା କଥାକୁ କିଛି ଲୋକ ନିଜ ଆଡ଼କୁ ନେଇଥାନ୍ତି। ନିଜକୁ ଅନ୍ୟ ଜାଗାରେ ରଖି ଆକ୍ଷେପଭରା କଥା ଶୁଣି ପ୍ରତିକ୍ରିୟାଶୀଳ ହୋଇଥା'ନ୍ତି। ମନ ଗୁଡୁପୁଡୁ ଲୋକ କୌଣସି ଆପତ୍ତିଜନକ ପ୍ରସଙ୍ଗକୁ ନିଜ ଆଡ଼କୁ ଟାଣୁଥିବା ଉପଲକ୍ଷ୍ୟରେ ଏଭଳି ଉକ୍ତି ପ୍ରୟୋଗ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଶିମିଳିପାଳରୁ ମାଈହାତୀର ମୃତଦେହ ଜବତ

## ବର୍ଷକରେ ଗଲେଣି ୫

**ବାରିପଦା,୧୭।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ବନ୍ୟପ୍ରାଣୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ବର୍ଷକ ମଧ୍ୟରେ ୫ଟି ହାତୀର ମୃତଦେହ ଜବତ ହେଲାଣି। ରବିବାର ଏକ ମାଈହାତୀର ମୃତଦେହ ବନ ବିଭାଗ ଜବତ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ବ୍ୟବଚ୍ଛେଦ ଓ ନମୁନାର ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଶିମିଳିପାଳ ମୁଖ୍ୟ ବନ୍ୟ ସଂରକ୍ଷକ ଡା. ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଅଧୀନ କବାଟଘାଇ-୧ ବିଟ୍ ଜଡ଼ିଦାର ଜଙ୍ଗଲରୁ ଏକ ମାଈହାତୀର ମୃତଦେହକୁ ବନବିଭାଗର କର୍ମଚାରୀମାନେ ଠାବ କରିବା ପରେ ଏକ ସ୍ୱତନ୍ତ୍ର ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ହାତୀର ବୟସ ୧୨ବର୍ଷ ହୋଇଥିବା ବେଳେ ଶନିବାର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ପ୍ରାଣୀ ଚିକିତ୍ସକ ହାତୀର ବ୍ୟବଚ୍ଛେଦ କରି ନମୁନା ସଂଗ୍ରହ କରିଛନ୍ତି। ତେବେ ଗଜରାଜ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବନ ବିଭାଗ ଫେଲ୍ ମାରିଥିବା ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଓ ବନଖଣ୍ଡ ଅଞ୍ଚଳରୁ ୨୦୨୩ ବର୍ଷରେ ମୋଟ ୪ଟି ଦନ୍ତାହାତୀର ଗଳିତ ମୃତଦେହ ବନ ବିଭାଗ ଜବତ କରିଛି। ତାଳବନ୍ଧ ରେଞ୍ଜ ବାଙ୍କଡ଼ିହୀ, ପିଠାବଟା ରେଞ୍ଜ ବାଲିଖାଲ ସେକ୍ସନ ଗୋପୀନାଥପୁର ବିଟ୍, କପ୍ତିପଦା ରେଞ୍ଜ ରାଇପାଲ ବିଟ୍ ଶାରୀଶୁଆ ସେକ୍ସନ ପଦ୍ମପୋଖରୀ ଅଞ୍ଚଳ, ନ୍ୟାଶନାଲ ପାର୍କ କବାଟଘାଇ ସେକ୍ସନ କାଣ୍ଡିହାର ବିଟ୍ ବକୁଆ ପାହାଡ଼ ନିକଟରୁ ସମସ୍ତ ଦନ୍ତାହାତୀର ମୃତଦେହ ଠାବ କରାଯାଇଥିଲା। ଏପରିକି ଦନ୍ତାହାତୀକୁ ଶିକାର କରିବାରେ ବନବିଭାଗ କର୍ମଚାରୀ ସାମିଲ ରହିବା ଘଟଣା ରାଜ୍ୟବାସୀଙ୍କୁ ମର୍ମାହତ କରିଥିଲା। ସେହିପରି ଚଳିତବର୍ଷ ଜିଲାର ବିଭିନ୍ନ ଅଞ୍ଚଳରୁ ମୋଟ ୭ କଲରାପତରିଆ ବାଘ ଚମଡ଼ା ଜବତ କରାଯାଇଛି।



# ଯୁବକଙ୍କୁ କଚାଡ଼ି ଦେଲା ଦନ୍ତା

**ବୈଶିଙ୍ଗା,୧୭।୧୨(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ତଥା ବେତନଟୀ ବନ ବିଭାଗ ରେଞ୍ଜ୍ ଅନ୍ତର୍ଗତ ପୁରୁଣିଆ ଗ୍ରାମରେ ରବିବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଥାନା ଅନ୍ତର୍ଗତ କେଶୁରା ଗ୍ରାମର ମିଲକା ସିଂଙ୍କ ପୁଅ କୃଷ୍ଣ(୩୨)। ସେ ସକାଳେ ପୁରୁଣିଆ ଗ୍ରାମ ଜଙ୍ଗଲକୁ ଯାଇଥିବା ବେଳେ ଏକ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଜୀବନ ବଞ୍ଚାଇବାକୁ ଦୌଡ଼ି ପଳାଉଥିବା ବେଳେ ହାତୀଟି ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। କୃଷ୍ଣଙ୍କୁ ଗୁରୁତର ଅବସ୍ଥାରେ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବେତନଟୀ ରେଞ୍ଜ୍ ଅଧିକାରୀ ମନଓର ଖାଁ ଓ ବୈଶିଙ୍ଗା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ତେବେ କୃଷ୍ଣଙ୍କ ରୋଜଗାର ଉପରେ ସମଗ୍ର ପରିବାର ନିର୍ଭରଶୀଳ ଥିଲା। ତାଙ୍କ ପରିବାରକୁ ତୁରନ୍ତ ଜରୁରିକାଳୀନ କ୍ଷତିପୂରଣ ରାଶି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବୈଶିଙ୍ଗା ଫରେଷ୍ଟର ପ୍ରଶାନ୍ତ ସିଂସାମନ୍ତ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କ୍ଷତିପୂରଣ ପ୍ରଦାନ କରାଯିବ।

# ଶ୍ରମିକ, ଚାଷୀଙ୍କୁ ଦଳିଦେଲା ଦନ୍ତା

**ଭେଡ଼େନ,୧୭।୧୨(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ଥାନା ଅଞ୍ଚଳରେ ହାତୀ ଆତଙ୍କ ଦେଖାଦେଇଛି । ରବିବାର ଦନ୍ତା ହାତୀ ଆକ୍ରମଣରେ ଏହି ଅଞ୍ଚଳର ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗାଇସିଲେଟ ଥାନା କଠଉମାଳ ଗ୍ରାମର ଶ୍ରମିକ ସେବଲାଲ ସୁନା(୫୦) ଏବଂ ଭେଡ଼େନ ଥାନା ଦେଶଭଟଲି ପଞ୍ଚାୟତ ବିଶିପାଲି ଗ୍ରାମର ଚାଷୀ ବଳରାମ ସାହୁ(୨୫)। ବନ ବିଭାଗ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି। ପ୍ରକାଶ ଯେ, ଅତାବିରା ବ୍ଲକ ସୋର୍ଣ୍ଣା ମାଇନର ମରାମତି କାମ ଚାଲିଛି। ଏଥିପାଇଁ ଗାଇସିଲେଟ ଥାନା କଠଉମାଳ ଗ୍ରାମର ୧୬ଜଣ ଏବଂ କନ୍ଧମୁଣ୍ଡା ଗ୍ରାମର ୫ଜଣ ଶ୍ରମିକ ଭେଡ଼େନ ଥାନା ସଂକ୍ରୀଡ଼ା ପଞ୍ଚାୟତ ଝର୍ନିଆଟିକ୍ରାରେ ରହି ଜଣେ ଠିକାଦାରଙ୍କ ଅଧୀନରେ କାମ କରୁଥିଲେ। ସେମାନଙ୍କ ମଧ୍ୟରୁ ସେବଲାଲ ଏବଂ ଅନ୍ୟ ୩ ଜଣ ରବିବାର ଭୋର୍ ସମୟରେ ଶୌଚ ପାଇଁ ବାହାରକୁ ଯାଇଥିଲେ। ନିକଟସ୍ଥ ଡୁଙ୍ଗୁରୀରେ ଦନ୍ତା ହାତୀ ବୁଲୁଥିବା ଦେଖି ଅନ୍ୟ ୩ଜଣ ସେଠାରୁ ଦୌଡ଼ି ପଳାଇ ଆସିଥିବାବେଳେ ସେବଲାଲ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବନ ବିଭାଗ କର୍ମଚାରୀ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ସେହିପରି ପୂର୍ବାହ୍ଣ ପ୍ରାୟ ୧୦ଟାରେ ବିଶିପାଲି ଗ୍ରାମର ବଳରାମ ନିଜ କ୍ଷେତରେ ଧାନ କାଟୁଥିବା ବେଳେ ସେହି ଦନ୍ତା ହାତୀ ତାଙ୍କୁ କଚାଡ଼ି ଦଳି ଦେଇଥିଲା। ଭେଡ଼େନ ଅଞ୍ଚଳକୁ ଏକ ହାତୀପଲ ଆସି ଧାନ ନଷ୍ଟ କରୁଥିବାବେଳେ ନରହନ୍ତା ଦନ୍ତା ହାତୀଟି ସେମାନଙ୍କଠାରୁ ଅଲଗା ହୋଇଯାଇଥିବା ଅନୁମାନ କରାଯାଉଛି। ତେବେ ସମ୍ପୃକ୍ତ ହାତୀଟି ମହାନଦୀରୁ ଉଦେପୁର ଫେରିଘାଟ ନେଇ ସୋନପୁର ଜିଲା ଚାଲିଯାଇଥିବା ଫରେଷ୍ଟର ଲୋକେଶ କୁମାର ଭୋଇ କହିଛନ୍ତି। ଭେଡ଼େନ ଅଞ୍ଚଳରେ ଆହୁରି ହାତୀ ରହିଥିବା ଆଶଙ୍କା କରି ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଗ୍ରାମବାସୀଙ୍କୁ ସତର୍କ କରାଯାଇଛି।

# ୨ ବାଇକ୍ ମୁହାଁମୁହିଁ: ୨ ମୃତ

**ବେହେରା/କୋକସରା,୧୭।୧୨**
**(ଭୂପେଶ ତିୱାରୀ/ଦୁଷ୍ମନ୍ତ କୁମାର ପାଟଯୋଶୀ)**

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବେହେରା-ଖପରାମାଳ ରାସ୍ତାରେ ରବିବାର ଅପରାହ୍ଣରେ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ୨ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ୨ଜଣ ଆହତ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଡହଗାଁର ପବିତ୍ର ବାଗ (୩୫) ଏବଂ ମୂଷାପାଲି ଗ୍ରାମର ଜିତେନ୍ଦ୍ର ଦୁର୍ଗା (୨୩)। ସୂଚନା ଅନୁସାରେ ମୂଷାପାଲି ଗ୍ରାମର ଜିତେନ୍ଦ୍ର ଓ ଜିତୁ ସାଗର (୨୩) ବାଇକ୍ (ନଂ. ଓଡି୦୮ଏଫ-୬୧୯୧) ଯୋଗେ ବେହେରା ହାଟରୁ ସଉଦା କରି ଫେରୁଥିଲେ। ଏହି ସମୟରେ ଡ଼ହଗାଁର ପବିତ୍ର ଓ ନୂଆଗୁଡାର ଗୁପ୍ତେଶର ବାଗ (୩୫) ଏକ ବାଇକ (ନଂ.ଓଡି୦୮ଇ-୭୧୯୬)ରେ ବେହେରା ହାଟକୁ ଯାଉଥିବା ବେଳେ ଖପରାମାଲ ରାସ୍ତାରେ ଉଭୟଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ପର୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଡାକ୍ତର ପବିତ୍ର ଓ ଜିତେନ୍ଦ୍ର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣଙ୍କ ଅବସ୍ଥା ଗମ୍ଭୀର ଥିବାରୁ ଭବାନୀପାଟଣା ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାସ୍ଥଳରେ କୋକସରା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି। ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଶ୍ୱଶୁର ଘରୁ ଜ୍ୱାଇଁଙ୍କ ମୃତଦେହ ଜବତ

**ସାତମାଇଲ,୧୭।୧୨**
**(ସୁଶାନ୍ତ କୁମାର ପତି)**

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ବାଘଧରିଆ ଗ୍ରାମରୁ ରବିବାର ବାଲିମି ଥାନା ଦୁଦୁରୁକୋଟ ଗ୍ରାମର ଦୁଷ୍ମନ୍ତ ନାୟକଙ୍କ ମୃତଦେହ ପୋଲିସ ଜବତ କରିଛି। ପୋଲିସ କହିଛି, ବାଘଧରିଆ ଗ୍ରାମର ପ୍ରଶ୍ନ ନାୟକଙ୍କ ଝିଅ ମମି ନାୟକ ଦୁଷ୍ମନ୍ତଙ୍କୁ ବିବାହ କରିଥିଲେ। କିଛିଦିନ ପୂର୍ବରୁ କୌଣସି କାରଣକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ମମି ବାପଘର ବାଘଧରିଆ ପଳେଇ ଆସିଥିଲେ। ଶନିବାର ଦୁଷ୍ମନ୍ତ ଶ୍ୱଶୁର ଘରକୁ ଆସି ସ୍ତ୍ରୀଙ୍କୁ ନେବା ପାଇଁ ଜିଦ୍ ଧରିଥିଲେ। ମାତ୍ର ରବିବାର ସକାଳେ ଦୁଷ୍ମନ୍ତଙ୍କ ମୃତଦେହ ଶ୍ୱଶୁର ଘରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଦୁଷ୍ମନ୍ତଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଝିଅ ଶୁଭଲକ୍ଷ୍ମୀ ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ହିନ୍ଦୋଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ଚାରୁଲତା ସାହୁ ପ୍ରକାଶ କରିଛନ୍ତି।

# ୧୦ ଡିଗ୍ରୀ ତଳେ ୧୧ ସହର

**ଭୁବନେଶ୍ୱର, ୧୭।୧୨**
**(ଅନୁରାଧା ମହାରଣା)**

## ଫୁଲବାଣୀରେ ସବୁଠୁ ଅଧିକ ଥଣ୍ଡା, ପଶ୍ଚିମରେ ଶୀତ ବଢ଼ୁଛି

ରାଜ୍ୟରେ ଶୀତ ଲହରି ଜାରି ରହିଛି। ଧୀରେ ଧୀରେ ଥଣ୍ଡା ବଢ଼ୁଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୧୧ ସହରରେ ରାତି ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ କରାଯାଇଛି। କନ୍ଧମାଳ ଜିଲାରେ ଥଣ୍ଡାର ସର୍ବାଧିକ ପ୍ରଭାବ ଅନୁଭୂତ ହୋଇଛି। ଗତ ୨୪ ଘଣ୍ଟାରେ ୮ ଡିଗ୍ରୀ ସେଲସିୟସ ତାପମାତ୍ରା ସହ ଫୁଲବାଣୀ ରାଜ୍ୟର ସବୁଠାରୁ ଥଣ୍ଡା ସହର ପାଲଟିଛି। ସେହିପରି ସୁନ୍ଦରଗଡ଼ ଜିଲା କିରେଇରେ ତାପମାତ୍ରା ୮.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। କନ୍ଧମାଳ ଜିଲାର ଜି. ଉଦୟଗିରିରେ ୮.୬, ସୁନ୍ଦରଗଡ଼ ଜିଲାର ରାଉରକେଲାରେ ୮.୮, ଅନୁଗୋଳରେ ୯, ଭଦ୍ରକ ଜିଲା ରାଣୀତାଲରେ ୯.୪, ସୁନ୍ଦରଗଡ଼ ଓ କନ୍ଧମାଳ ଜିଲାର ଦାରିଙ୍ଗବାଡ଼ିରେ ୯.୫, କେନ୍ଦୁଝର ଓ କୋରାପୁଟରେ ୯.୬ ଏବଂ ଝାରସୁଗୁଡ଼ାରେ ୯.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ବାରିପଦାରେ ତାପମାତ୍ରା ୧୧, ସମ୍ବଲପୁର ୧୨.୬, ହୀରାକୁଦ ୧୩.୧, ତାଳଚେର ୧୨.୪, ଭବାନୀପାଟଣା ୧୧, ବଲାଙ୍ଗୀର ୧୨, ସୋନପୁରରେ ୧୦.୯, ବୌଦ୍ଧରେ ୧୨.୫, ଭଦ୍ରକରେ ୧୨.୭, ଢେଙ୍କାନାଳରେ ୧୨.୨, ବରଗଡ଼ ୧୩.୬, ନବରଙ୍ଗପୁର ୧୨.୫, ଜଗତ୍‌ସିଂହପୁରରେ ୧୩.୨ ଓ କେନ୍ଦ୍ରାପଡ଼ାରେ ୧୨.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି କଟକର ସର୍ବନିମ୍ନ ତାପମାତ୍ରା ୧୩.୪ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଭୁବନେଶ୍ୱରରେ ପାରଦ ୧୩.୫ ଡିଗ୍ରୀ ସେଲସିୟସ ରହିଛି ।

# ସଜ୍ଜନ ଜିନ୍ଦଲଙ୍କ ବିରୋଧରେ ...

ପ୍ରଥମ ପୃଷ୍ଠାରୁ...

ତାଙ୍କ ଆଡ଼କୁ ଆକୃଷ୍ଟ ହୋଇଥିଲେ। ଗତ ଜାନୁୟାରୀ ୨୩ରେ ଉଭୟେ ବାନ୍ଦ୍ରାସ୍ଥିତ ଏକ ହୋଟେଲରେ ମିଶିଥିଲେ। କମ୍ପାନୀର ବାନ୍ଦ୍ରା-କୁର୍ଲା ମୁଖ୍ୟାଳୟରେ ଜିନ୍ଦଲ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଫେବୃୟାରୀ ୧୬ରେ ମୁମ୍ବାଇର କେବିସି ଥାନାରେ ଏନେଇ ମହିଳା ଏତଲା ଦେଇଥିଲେ। ଜିନ୍ଦଲଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୩୭୬ (ବଳାତ୍କାର), ୩୫୪ (ମହିଳାଙ୍କ ମର୍ଯ୍ୟାଦାହାନି) ଓ ୫୦୬ (ଆପରାଧିକ ଧମକ) ବଳରେ ମାମଲା ରୁଜୁ ହୋଇଛି। କିନ୍ତୁ ପୋଲିସ ଜିନ୍ଦଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଅନ୍ୟପକ୍ଷେ ରବିବାର ସନ୍ଧ୍ୟାରେ ଜିନ୍ଦଲ ଏକ ବିବୃତିରେ କହିଛନ୍ତି, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ମିଥ୍ୟା ଓ ଅମୂଳକ। ତଦନ୍ତ ବେଳେ ସେ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ। ତଦନ୍ତ ଜାରି ରହିଥିବାରୁ ବର୍ତ୍ତମାନ ସ୍ଥିତିରେ ଅଧିକ ପ୍ରତିକ୍ରିୟା ଦେବାରୁ ସେ କ୍ଷାନ୍ତ ରହିବେ। ତେଣୁ ତାଙ୍କ ପରିବାରର ପ୍ରିଭେସିକୁ ସମ୍ମାନ ଦିଆଯାଉ।

# ରାଉରକେଲାରେ ଝାଡ଼ାବାନ୍ତି: ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି



ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଡାକ୍ତରୀ ଟିମ୍ ସହ ଆଲୋଚନା କରୁଛନ୍ତି।

**ରାଉରକେଲା,୧୭।୧୨(ସଙ୍ଗୀତା ଜେନା)**

ରାଉରକେଲାରେ ଝାଡ଼ାବାନ୍ତି ପ୍ରକୋପ କ୍ରମଶଃ ବଢ଼ିବାରେ ଲାଗିଛି। ଝାଡ଼ାବାନ୍ତିରେ ପୂର୍ବରୁ ୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶନିବାର ପୁଣି ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ହୋଟେଲ ବ୍ୟବସାୟୀ ପ୍ରଣବ ସ୍ୱାଇଁ, ଏମ୍‌ଡି. ଅସଲମ୍ ଏବଂ ଗାନ୍ଧୀରୋଡ୍‌ର ଅତୁଲ କିଷାନ। ଫଳରେ ଝାଡ଼ାବାନ୍ତି ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି। ଆର୍‌ଜିଏଚ୍‌ରେ ରବିବାର ସକାଳ ସୁଦ୍ଧା ୧୫ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୧୧୮ଜଣ ଚିକିତ୍ସିତ ହେଉଛନ୍ତି। ସେହିପରି ରାଉରକେଲାର କିଛି ଘରୋଇ ହସ୍ପିଟାଲରେ ଝାଡ଼ାବାନ୍ତି ରୋଗୀ ଚିକିତ୍ସିତ ହେଉଥିବାରୁ ସହରରେ ରୋଗୀସଂଖ୍ୟା ୨ଶହରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଭୁବନେଶ୍ୱର ଓ ସୁନ୍ଦରଗଡ଼ରୁ ୮ଜଣିଆ ଡାକ୍ତରୀ ଟିମ୍ ରବିବାର ଆର୍‌ଜିଏଚ୍‌ରେ ପହଞ୍ଚି ରୋଗୀ ଚିକିତ୍ସା କରିବା ସହ ଅନୁସନ୍ଧାନ ଆରମ୍ଭ କରିଛନ୍ତି। ଏହି ଟିମ୍‌ରେ ରାଜ୍ୟ ଆଇଡିଏସ୍‌ପି ଯୁଗ୍ମ ନିର୍ଦ୍ଦେଶକ ଡା. ଅଶୋକ ପାଇକରାୟ, ଆର୍‌ଆର୍‌ଟି ସଦସ୍ୟ ଡ. ସୁରଜିତ୍ ଗରାବଡୁ, ସହାୟକ ପ୍ରଫେସର ଡ. ନଳିନୀକାନ୍ତ ତ୍ରିପାଠୀ, ଡ. ଆଶିଷ ବିଶ୍ୱାଳ, ଶିଶୁ ବିଶେଷଜ୍ଞ ଡ. ବିବେକାନନ୍ଦ ସିଂହ, ମାଇକ୍ରୋବାୟୋଲୋଜିଷ୍ଟ ଡ. ରଞ୍ଜନ ସାମଲ, ସୁନ୍ଦରଗଡ଼ ଡିଏଚ୍‌ଏଚ୍ ଜିଡିଏମ୍‌ଓ ଡ. ସୋମ ଶୁଭଙ୍କର ଏବଂ ଡ. ସାଗର ଦଳେଇ ପ୍ରମୁଖ ସାମିଲ ହୋଇଛନ୍ତି। ସୁନ୍ଦରଗଡ଼ ଜିଲାପାଳ ପରାଗ ହର୍ଷଦ ଗାଭାଲି ମଧ୍ୟ ଆର୍‌ଜିଏଚ୍‌ରେ ପହଞ୍ଚି ଘଟଣାର ଅନୁସନ୍ଧାନ କରୁଛନ୍ତି।

ସେହିପରି ଜିଲା ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ସଚେତନ କରାଯିବା ସହ ସ୍ୱଚ୍ଛ, ଶିଖାପାଣି ପିଇବା ଓ ଦୂଷିତ ଖାଦ୍ୟ ନ ଖାଇବାକୁ ପରାମର୍ଶ ଦିଆଯାଉଛି। ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ସରକାରୀ ଓ ଘରୋଇ ହସ୍ପିଟାଲଗୁଡ଼ିକରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆର୍‌ଏମ୍‌ସି ଅଞ୍ଚଳରେ ରୋଗୀସଂଖ୍ୟା ଅଧିକ ଥିବାରୁ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଡାକ୍ତରୀ ଟିମ୍ କହିଛନ୍ତି। ଅନ୍ୟପକ୍ଷେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଏବଂ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମଧ୍ୟ ଆର୍‌ଜିଏଚ୍‌କୁ ଯାଇ ରୋଗୀମାନଙ୍କ ଅବସ୍ଥା ପଚାରି ବୁଝିବା ସହ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରିଛନ୍ତି।

## ଚିକିତ୍ସା ଓ ଅନୁସନ୍ଧାନ ପାଇଁ ପହଞ୍ଚିଲେ ଡାକ୍ତରୀ ଟିମ୍

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅଶ୍ୱିନୀ ନକ୍ଷତ୍ର ବିବାଦୀୟ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବା ଅନୁଭବ କରିବେ।

**ବୃଷ**
କର୍ମକ୍ଷେତ୍ରରେ ବନ୍ଧୁଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଅନ୍ୟମାନଙ୍କ ଚାପରେ ପଡି ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ଟେନ୍ସନ ବୃଦ୍ଧି ପାଇପାରେ। ରୋହିଣୀ ନକ୍ଷତ୍ର କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ**
ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିପାରେ। ପୁନର୍ବସୁ ନକ୍ଷତ୍ରର ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ଅନ୍ୟମାନଙ୍କ କାନକୁହା କଥା ଶୁଣି ଉପର ଅଧିକାରୀ ଆପଣଙ୍କ ଉପରେ ଖପ୍ପା ହୋଇପାରନ୍ତି। ମନ ଭିତର ଗୋପନ କଥାକୁ ଅନ୍ୟକୁ କହି ସମାଲୋଚିତ ହେବେ।

**କର୍କଟ**
ଆଜି ଅଶ୍ଳେଷା ନକ୍ଷତ୍ର ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ନଚେତ୍ କଳହର ସମ୍ମୁଖୀନ ହେବାକୁ ପଡିପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ଆନୁଷ୍ଠାନିକ କାମ ଓ ସଭାସମିତିରେ ସଫଳତା ହାସଲ କରିବେ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ**
ଆପଣଙ୍କ ଯୁକ୍ତିଯୁକ୍ତ କଥାକୁ ବନ୍ଧୁମାନେ ପସନ୍ଦ କରିବା ସହ ସହମତି ପ୍ରକାଶ କରିବେ। ମଘା ନକ୍ଷତ୍ରର ପରିବାରରେ ପିଲାମାନଙ୍କ ସମସ୍ୟା ଭିତରେ ନିଜେ ବାନ୍ଧିହୋଇ ଯାଇ ପାରନ୍ତି। ଦୀର୍ଘ ଦିନରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି। କର୍ମକ୍ଷେତ୍ରରେ ମିତ୍ର, ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ।

**କନ୍ୟା**
ସମସ୍ୟା ରହିଥିଲେ ମଧ୍ୟ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ। ସହକର୍ମୀଙ୍କ ସାହାଯ୍ୟରେ ଦୀର୍ଘଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ।

**ତୁଳା**
ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ଖୁସି ରହିବେ ଏବଂ କାବ୍ୟ, ସାହିତ୍ୟ, କଳା, କାରିଗରି ପ୍ରତି ରୁଚି ବଳିବ। ସ୍ୱାତୀ ନକ୍ଷତ୍ର ବିଭିନ୍ନ ସୂତ୍ରରୁ ରୋଜଗାର କରିବେ କିନ୍ତୁ ବ୍ୟବସାୟରେ ପ୍ରତିଦ୍ୱନ୍ଦିତା ବଢିପାରେ। ବାଣିଜ୍ୟ, ନିର୍ମାଣାଦି କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ବିବାଦୀୟ ପରିସରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବିଛା**
କୌଶଳ ମାଧ୍ୟମରେ କାମ ହାସଲ କରିପାରିବେ। ସଭାସମିତି କିମ୍ବା ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ ହୋଇଯିବ। ଅନୁରାଧା ନକ୍ଷତ୍ର ଶିଳ୍ପ, ବ୍ୟବସାୟ ଓ ପରିବହନରେ ଲାଭବାନ ହେବେ। କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ମନରେ ଉଙ୍କି ମାରିବ।

**ଧନୁ**
ଆଜି ପୂର୍ବାଷାଢା ନକ୍ଷତ୍ରର କର୍ମକ୍ଷେତ୍ର, ପ୍ରକାଶନ, ପ୍ରଶାସନିକ ଏବଂ ନିର୍ମାଣ କ୍ଷେତ୍ରରେ ଦ୍ୱନ୍ଦ ଦୂର ହେବ। ପ୍ରିୟ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେବା ସାଙ୍ଗକୁ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମକର**
ଆଜି ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିନୟପୂର୍ଣ୍ଣ କଥା କହିବେ। ଶ୍ରବଣାର ପାରିବାରିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ସବୁକିଛି ଜାଣିଥିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର କରିବା ସକାଶେ ଆପ୍ରାଣ ଚେଷ୍ଟା କରିବେ।

**କୁମ୍ଭ**
ଶତଭିଷା ନକ୍ଷତ୍ର ବିଭିନ୍ନ କଥା ଚିନ୍ତା କରି ମାନସିକ ସ୍ଥିତି ଭଲ ରହି ନ ପାରେ। ଅଫିସିଆଲି କାମ ହାସଲ କରିବା ସକାଶେ ଆଗନ୍ତୁକଟି ପ୍ରଶଂସାରେ ଶତମୁଖ ହୋଇ ଉଠିବ। ପରିବାରରେ ଭାବୁଥିବା କଥାଟି ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ନିକଟ ସମ୍ପର୍କୀୟମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ, କିନ୍ତୁ କିଛି କହିପାରିବେ ନାହିଁ।

**ମୀନ**
କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରି ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ପରିବାରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଉତ୍ତରଭାଦ୍ରବ ନକ୍ଷତ୍ର ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ। ଆତ୍ମନିର୍ଭରଶୀଳ ହୋଇ ମନକୁ ବୁଝାଇ ଆଗାମୀ ଭବିଷ୍ୟତର ପରିକଳ୍ପନା କରିବେ।

ଆଜି ମାର୍ଗଶିର ଶୁକ୍ଳପକ୍ଷର ଓଢଣଷଷ୍ଠୀ ସୋମବାର, ଶ୍ରୀମନ୍ଦିରରେ ଘୋଡଲାଗି ବେଶ ଆରମ୍ଭ, ଡିସେମ୍ବର ୧୮ ତାରିଖ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୮ମି. ଗତେ ଘ.୦୭।୩୯ମି. ମଧ୍ୟେ, ଘ.୦୯।୧୧ମି. ଗତେ ଘ.୧୧।୨୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୭।୩୯ମି. ଗତେ ଘ.୦୯।୦୦ମି. ମଧ୍ୟେ ରାହୁକାଳ ।

## ଫ୍ୟାଟ୍ ଜାତୀୟ ଖାଦ୍ୟ ଅଧିକ ଖାଉଥିଲେ...

**ଆ**ଜିକାଲି ଅନେକ ଲୋକ ନିଜର ଅସନ୍ତୁଳିତ ଖାଦ୍ୟ ଶୈଳୀ ପାଇଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ପାଇଁ ହେଉ ଅବା ଫ୍ୟାଟ୍ ଜାତୀୟ ଖାଦ୍ୟ, ଏଗୁଡ଼ିକୁ ଖାଇବା ଦ୍ୱାରା ଷ୍ଟ୍ରୋକ୍ ଭଳି ମାରାତ୍ମକ ରୋଗର ଶିକାର ହେବାର ଆଶଙ୍କା ରହିଛି। 'ଫ୍ୟାଟ୍‌ଜାତୀୟ ଖାଦ୍ୟ ଏବଂ ଷ୍ଟ୍ରୋକ୍ ଆଶଙ୍କା' ଶୀର୍ଷକ ବିଷୟକୁ ନେଇ ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏକଥା ଜଣାପଡ଼ିଛି । ଅଧିକାଂଶ ସମୟ ଅଧିକ ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଇଲେ



ତାହାର ଖରାପ ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିଥାଏ। ଫଳରେ ଷ୍ଟ୍ରୋକ୍ କିମ୍ବା ହୃଦ୍‌ଜନିତ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ଖାଦ୍ୟ ଅଧିକ ପରିମାଣରେ ଖାଉଥିବା କିଛି ବ୍ୟକ୍ତିଙ୍କ ଠାରେ ଏଭଳି ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ସବୁଜ ପନିପରିବା, କ୍ଷୀର, ମାଛ, ସୋୟାବିନ୍ ଆଦି ଖାଦ୍ୟ ଖାଇବା ଦ୍ୱାରା ଷ୍ଟ୍ରୋକ୍ କେତେକାଂଶରେ କମିଯାଇଥାଏ ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଭିଟାମିନ୍-ଡି ଓ ହୃଦ୍‌ଘାତ



**ହ**ର୍‌ମୋନ୍‌ର ପ୍ରାକୃତିକ ଉପାଦାନ ହେଉଛି ଭିଟାମିନ୍-ଡି। ଏହା ଶରୀରରେ ହାଡ଼ ଓ ମାଂସପେଶୀକୁ ମଜଭୁତ ରଖିବାରେ ସାହାଯ୍ୟ କରେ। ହେଲେ ଶରୀରରେ ଯେତେବେଳେ ଏହାର ଅଭାବ ଘଟେ ସେତେବେଳେ ଏହା ଆଣ୍ଠୁଗଣ୍ଠିକୁ ଦୁର୍ବଳ କରିବା ସହ ହାର୍ଟକୁ ଏହା ଗଭୀର କ୍ଷତି ପହଞ୍ଚାଏ ବୋଲି ୟୁନିଭର୍‌ସିଟି ଅଫ୍ ସାଉଥ୍ ଅଷ୍ଟ୍ରେଲିଆ ଷ୍ଟେଟ୍ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜଣେ ବ୍ୟକ୍ତି ଶରୀରରେ ଏହାର ପରିମାଣ କମିଲେ ବ୍ୟକ୍ତି ହୃଦ୍‌ଘାତର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତା'ସହ ରକ୍ତଚାପ ବହୁ ମାତ୍ରାରେ ବଢ଼ିଯାଏ। ଏଥିସହ ବ୍ୟକ୍ତିଜଣଙ୍କ ଜିନ୍ ଜନିତ ରୋଗରେ ମଧ୍ୟ ପୀଡ଼ିତ ହେବାର ଆଶଙ୍କା ରହିଛି । ସ୍ନାୟୁଗୁଡ଼ିକ ଦୁର୍ବଳ ହୋଇପଡ଼େ ଓ ବ୍ୟକ୍ତିଟି ଅନେକ ରୋଗରେ ଆକ୍ରାନ୍ତ ହୁଏ। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଯଥା–କଦଳୀ, କମଳା, ଆଲମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ଆଦିକୁ ଖାଇବା ନିହାତି ଆବଶ୍ୟକ। ଆଉ ଯଦି ହୃଦ୍‌ଘାତର ଅଧିକ ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରାନ୍ତୁ।

# ଚନ୍ଦ୍ରପୃଷ୍ଠରେ ପର୍ଯ୍ୟବେକ୍ଷଣାଗାର



ଇଂ. ମାୟାଧର ସ୍ୱାଇଁ

**ବ**ହୁ ପୁରାତନ କାଳରୁ ମନୁଷ୍ୟ ଖାଲି ଆଖିରେ ଆକାଶକୁ ପର୍ଯ୍ୟବେକ୍ଷଣ କରି ଅନେକ ଗ୍ରହ ଓ ନକ୍ଷତ୍ରର ଗତିବିଧି ଜାଣିପାରିଥିଲା। ସପ୍ତଦଶ ଶତାବ୍ଦୀର ଆରମ୍ଭରେ ଦୂରବୀକ୍ଷଣ ଯନ୍ତ୍ରର ଉଦ୍ଭାବନ ପରେ ଏହା ସାହାଯ୍ୟରେ ଗଭୀର ମହାକାଶର ଅନେକ ଦୂରରେ ଥିବା ଜ୍ୟୋତିର୍ବିଦ୍ୟୀୟ ପିଣ୍ଡଗୁଡିକୁ ଦେଖିହେଲା। ଇଟାଲୀ ବୈଜ୍ଞାନିକ ଗାଲିଲିଓ ୧୬୦୯ରେ ପ୍ରଥମେ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରି ସୌରଜଗତର ଅନେକ ଅଜଣା ତଥ୍ୟକୁ ଆବିଷ୍କାର କରିଥିଲେ। ଗାଲିଲିଓଙ୍କ ଦୂରବୀକ୍ଷଣ ଯନ୍ତ୍ରର ବ୍ୟାସ ମାତ୍ର ୨.୫ ସେମି ଥିଲା। ଏହାପରେ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ପ୍ରତିଷ୍ଠା କରାଯାଇ ସୌରଜଗତ ବାହାରେ ଅନେକ ଜୋତିର୍ବିଦ୍ୟୀୟ ପିଣ୍ଡକୁ ପର୍ଯ୍ୟବେକ୍ଷଣ କରାଯାଇଛି। ପ୍ରଥମେ କେବଳ ଦୃଶ୍ୟମାନ ଆଲୋକକୁ ଦୂରବୀକ୍ଷଣ ଯନ୍ତ୍ରରେ ଦେଖି ହେଉଥିଲା। ମାତ୍ର ଅନେକ ଦୂରରେ ଥିବା ଜ୍ୟୋତିର୍ବିଦ୍ୟୀୟ ପିଣ୍ଡଗୁଡ଼ିକୁ ବିଦ୍ୟୁତ-ଚୁମ୍ବକୀୟ ବର୍ଣ୍ଣାଳିର ଅନ୍ୟ କିଛି ରଶ୍ମି ଯଥା-ରେଡିଓ, ଅବଲୋହିତ, ଗାମା ରଶ୍ମି, ଏକ୍ସ-ରଶ୍ମି ଆଜି ନିର୍ଗତ ହେଉଛି। ଏଣୁ ସେଗୁଡିକୁ ଅଧ୍ୟୟନ କରିବା ପାଁଇ ବିଶେଷ ଧରଣର ଦୂରବୀକ୍ଷଣ ଯନ୍ତ୍ରମାନ ନିର୍ମିତ ହେଲା। ବିଶେଷ ଭାବେ ପୃଥିବୀ ପୃଷ୍ଠରେ କେତୋଟି ବଡ଼ ରେଡିଓ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପିତ ହୋଇଛି। ମହାକାଶରୁ ଆସୁଥିବା ଗାମା ରଶ୍ମି, ଏକ୍ସ ରଶ୍ମି ଓ ଅବଲୋକିତ ରଶ୍ମିର ଅଧିକାଂଶ ଭାଗ ପୃଥିବୀର ବାୟୁମଣ୍ଡଳ ଦ୍ୱାରା ଶୋଷିତ ହୋଇ ଯାଉଥିବାରୁ ସେଗୁଡିକ ଭୂପୃଷ୍ଠରେ ପହଞ୍ଚି ପାରେ ନାହିଁ ଏବଂ ଫଳରେ ଏହାର ଅଧ୍ୟୟନ ପାଇଁ ପୃଥିବୀରେ କୌଣସି ଦୂରବୀକ୍ଷଣ ଯନ୍ତ୍ର ସ୍ଥାପିତ ହୋଇନାହିଁ।

ପୃଥିବୀ ପୃଷ୍ଠରେ ଦୂରବୀକ୍ଷଣ ଯନ୍ତ୍ର ଅବସ୍ଥାପନର ଗୋଟିଏ ସୁବିଧା ହେଉଛି ଯେ ଆମେ ଏହାର ଆକାର ବଡ଼ କରିପାରିବା ଏବଂ ଏହାର ନିର୍ମାଣ ସହଜ ହୋଇଥାଏ। କିନ୍ତୁ ପୃଥିବୀର ବାୟୁମଣ୍ଡଳରେ ମେଘ, ବାଦଲ, ଝଡ଼ ଆଦି ଯୋଗୁ ଦୂରବୀକ୍ଷଣ ଯନ୍ତ୍ରଗୁଡ଼ିକ ଦକ୍ଷତା ଅନୁସାରେ କାର୍ଯ୍ୟ କରିପାରେ ନାହିଁ। ପୁନଶ୍ଚ ବାୟୁ ପ୍ରଦୂଷଣ ଓ ଆଲୋକ ପ୍ରଦୂଷଣ ଏହାର କାର୍ଯ୍ୟରେ ବ୍ୟାଘାତ ଆଣିଥାଏ।

ଏହାର ପ୍ରତିକାର ପାଇଁ ବୈଜ୍ଞାନିକମାନେ ମହାକାଶରେ ଭୂକକ୍ଷରେ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରିଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛି 'ଜେମ୍‌ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର'। ଅନ୍ୟ କେତୋଟିର ନାମ ହେଉଛି–ଉବଲ୍ ଦୂରବୀକ୍ଷଣ ଯନ୍ତ୍ର, କେପଲର ଦୂରବୀକ୍ଷଣ ଯନ୍ତ୍ର, ଚନ୍ଦ୍ରା ଏକ୍ସ ରଶ୍ମି ଦୂରବୀକ୍ଷଣ ଯନ୍ତ୍ର ଏବଂ ସ୍ୱାଇଜର ଦୂରବୀକ୍ଷଣ ଯନ୍ତ୍ର। ଏଗୁଡ଼ିକ ସାହାଯ୍ୟରେ ସୌରଜଗତ ବାହାରେ ଅନେକ ଗ୍ରହ ସମେତ ଅନେକ ଗାଲାକ୍ସିକୁ ଆବିଷ୍କାର କରାଯାଇଛି। କିନ୍ତୁ ଏଗୁଡ଼ିକର ମଧ୍ୟ କିଛି ସୀମିତତା ଅଛି। ଏଗୁଡିକୁ ପେଲୋଡ୍ ଭାବେ ରକେଟ୍ ସାହାଯ୍ୟରେ ଉତ୍‌କ୍ଷେପଣ କରାଯାଏ ଏବଂ ରକେଟ୍‌ର କ୍ଷମତା ଅନୁସାରେ ପେଲୋଡ୍ ସ୍ଥିର କରାଯାଏ। ଫଳରେ ମହାକାଶ ଦୂରବୀକ୍ଷଣର ଆକାର ଛୋଟ ହୋଇଥାଏ। କେତେକ ଦୂରବୀକ୍ଷଣ ଯନ୍ତ୍ର ଅବଲୋହିତ ରଶ୍ମିକୁ ପର୍ଯ୍ୟବେକ୍ଷଣ କରିଥାଏ ଏବଂ ଫଳରେ ଏହା ଶୀତଳକ ତରଳ ପଦାର୍ଥ ଆବଶ୍ୟକ କରିଥାଏ। ଅତି ଗରମ ହେଲେ ଏହା ବାଷ୍ପୀକରଣ ହୋଇଯାଏ। ପୁନଶ୍ଚ ଯଦି ମରାମତି କରିବା ଆବଶ୍ୟକ ହୁଏ, ତାହାହେଲେ ମହାକାଶରେ ଏହା କରିବା ଅତି କଷ୍ଟକର।

ବର୍ତ୍ତମାନ ଗବେଷକମାନେ ଚନ୍ଦ୍ର ପୃଷ୍ଠରେ ଆଗାମୀ ପିଢ଼ିର ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରିବାର ଧାରଣା ପ୍ରକାଶ କରିଛନ୍ତି। ଚନ୍ଦ୍ରରେ ମେଘ, ବାଦଲ, ଝଡ଼ ଆଦି ନାହିଁ ଏବଂ ଏଠାରେ ମଧ୍ୟ ଆଲୋକ ପ୍ରଦୂଷଣ କିମ୍ବା ବାୟୁ ପ୍ରଦୂଷଣ ନାହିଁ। ପ୍ୟାରିସସ୍ଥିତ ଜ୍ୟୋତିଃ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ଜ୍ୟୋତିର୍ବିଦ ଜିନ୍-ପିଏରେ ମେଲାର୍ଡ ଏହା ଉପରେ ଅଧ୍ୟୟନ କରି ପ୍ରକାଶ କରିଛନ୍ତି ଯେ ଚନ୍ଦ୍ରପୃଷ୍ଠରେ ୧୩ ମିଟର ବ୍ୟାସର ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରି ଅବଲୋହିତ ରଶ୍ମି ଅଧ୍ୟୟନ କରାଯାଇପାରିବ। ଏହାର ବ୍ୟାସ ଜେମ୍‌ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ରର ବ୍ୟାସର ଚାରିଗୁଣ ହେବ ଏବଂ ଏହାର ସମ୍ବେଦନତା ଦୁଇଗୁଣ ଅଧିକ ହେବ। ଫଳରେ ଏହାର ଚିତ୍ରର ବିଭେଦନ ଅତି ଉତ୍ତମ ହେବ।

> "ବର୍ତ୍ତମାନ ଗବେଷକମାନେ ଚନ୍ଦ୍ରପୃଷ୍ଠରେ ଆଗାମୀ ପିଢ଼ିର ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରିବାର ଧାରଣା ପ୍ରକାଶ କରିଛନ୍ତି । ଚନ୍ଦ୍ରରେ ମେଘ, ବାଦଲ, ଝଡ଼ ଆଦି ନାହିଁ ଏବଂ ଏଠାରେ ମଧ୍ୟ ଆଲୋକ ପ୍ରଦୂଷଣ କିମ୍ବା ବାୟୁ ପ୍ରଦୂଷଣ ନାହିଁ। ପ୍ୟାରିସସ୍ଥିତ ଜ୍ୟୋତି ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ଜ୍ୟୋତିର୍ବିଦ୍ ଜିନ୍-ପିଏରେ ମେଲାର୍ଡ ଏହା ଉପରେ ଅଧ୍ୟୟନ କରି ପ୍ରକାଶ କରିଛନ୍ତି ଯେ, ଚନ୍ଦ୍ରପୃଷ୍ଠରେ ୧୩ ମିଟର ବ୍ୟାସର ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରି ଅବଲୋହିତ ରଶ୍ମି ଅଧ୍ୟୟନ କରାଯାଇପାରିବ। ଏହାର ବ୍ୟାସ ଜେମ୍‌ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ରର ବ୍ୟାସର ଚାରିଗୁଣ ହେବ ଏବଂ ଏହା ସମ୍ବେଦନତା ଦୁଇଗୁଣ ଅଧିକ ହେବ। ଫଳରେ ଏହାର ଚିତ୍ରର ବିଭେଦନ ଅତି ଉତ୍ତମ ହେବ।"



ଅବଲୋହିତ ରଶ୍ମି ଅଧ୍ୟୟନ ଦ୍ୱାରା ଗାଲାକ୍ସି ସୃଷ୍ଟିର ପ୍ରାରମ୍ଭିକ ଅବସ୍ଥାକୁ ଜାଣିହେବ ଏବଂ ଜ୍ୟୋତିର୍ବିଦ୍‌ମାନେ ଏଥିପ୍ରତି ଆଗ୍ରହୀ ଅଛନ୍ତି। ଗାଲାକ୍ସିଗୁଡିକ ଆମଠାରୁ ବହୁ ଦୂରରେ ଅଛନ୍ତି ଏବଂ କୃଷ୍ଣ ଶକ୍ତି ଯୋଗୁ ବିଶ୍ୱର ପ୍ରସାରଣ ହେଉଛି, ଯାହା ଫଳରେ ଏଥିରୁ ନିର୍ଗତ ବିଦ୍ୟୁତ-ଚୁମ୍ବକୀୟ ବର୍ଣ୍ଣାଳି ଅବଲୋହିତ ଅଞ୍ଚଳ ଆଡକୁ ବିସ୍ଥାପିତ ହେଉଛି। ଏଣୁ ଏହି ପର୍ଯ୍ୟବେକ୍ଷଣ ଓ ଅଧ୍ୟୟନ କରିପାରିଲେ ଆଦ୍ୟ ଗାଲାକ୍ସି ଓ ନକ୍ଷତ୍ରଗୁଡ଼ିକ କିପରି ସୃଷ୍ଟି ହେଲା, ତାହା ବ୍ରହ୍ମାଣ୍ଡ ବିଜ୍ଞାନୀମାନେ ଜାଣିପାରିବେ।

ଚନ୍ଦ୍ରର ମେରୁ ଅଞ୍ଚଳରେ ସଂଘାତଜନିତ ଅନେକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି ଏବଂ ଏଗୁଡ଼ିକ ସର୍ବଦା ଅନ୍ଧାରରେ ରହିଥାଏ। ଏହାର ତାପମାତ୍ରା ୧୮ କେଲଭିନ୍ (ପ୍ରାୟ ବିଯୁକ୍ତ ୪୨୭ ଡିଗ୍ରୀ ଫାରେନହାଇଟ) ପର୍ଯ୍ୟନ୍ତ ଥାଏ। ଏଣୁ ଏହି ଗର୍ତ୍ତ ମାଧ୍ୟମରେ ଅବଲୋହିତ ଦୂରବୀକ୍ଷଣ ଯନ୍ତ୍ରକୁ ସ୍ଥାପନ କଲେ ଏଥିପାଇଁ ଆଉ ସ୍ୱତନ୍ତ୍ର ଭାବରେ ଶୀତଳନ ବ୍ୟବସ୍ଥାର ଆବଶ୍ୟକ ନାହିଁ।

ତାତ୍ତ୍ୱିକ ଭାବେ ଚନ୍ଦ୍ରପୃଷ୍ଠରେ ପୃଥିବୀରେ ଥିବା ଦୂରବୀକ୍ଷଣ ଯନ୍ତ୍ର ଭଳି ବଡ଼ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରିହେବ। କିନ୍ତୁ ଏହାର ଏକ ସୀମା ଅଛି। ଏହାକୁ ପୃଥିବୀ ପୃଷ୍ଠରେ ନିର୍ମାଣ କରି ଚନ୍ଦ୍ରପୃଷ୍ଠରେ ଅବତରଣ କରାଯିବ। ଅବରତଣ ସ୍ଥଳରୁ ରୋବୋଟ ସାହାଯ୍ୟରେ ଏହାକୁ ନିର୍ଦ୍ଧାରିତ ସ୍ଥାନକୁ ନିଆଯିବ। ଯଦି ଦୂରବୀକ୍ଷଣ ଯନ୍ତ୍ରର ଆକାର ବଡ଼ ହୁଏ, ତାହାହେଲେ ସେହି ଅନୁଯାୟୀ ରୋବୋଟ୍‌କୁ ଅଧିକ ଶକ୍ତିଶାଳୀ କରିବାକୁ ପଡ଼ିବ। ପୁନଶ୍ଚ ଦୂରବୀକ୍ଷଣ ଯନ୍ତ୍ରକୁ ଚଳାଇବା ପାଇଁ ଦରକାର ହେବାକୁ ଥିବା ସ୍ଥାୟୀ ଶକ୍ତି ଉତ୍ସ ମଧ୍ୟ ବୃହତ ହେବ। ଏହିସବୁ ଅସୁବିଧାକୁ ଲକ୍ଷ୍ୟକରି ମେଲାର୍ଡ ୧୩ ମିଟର ବ୍ୟାସର ଦୂରବୀକ୍ଷଣ ଯନ୍ତ୍ରର ପ୍ରସ୍ତାବ ଦେଇଛନ୍ତି। ବର୍ତ୍ତମାନ ପାଇଁ 'ନାସା', ୟୁରୋପୀୟ ମହାକାଶ ସଂସ୍ଥା କିମ୍ବା କୌଣସି ଦେଶର ମହାକାଶ କାର୍ଯ୍ୟକ୍ରମରେ ଚନ୍ଦ୍ରପୃଷ୍ଠରେ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ ପାଇଁ ଚିନ୍ତା କରାଯାଇପାରିବ ନାହିଁ। କିନ୍ତୁ ଗବେଷକ ଓ ଜ୍ୟୋତିର୍ବିଦ୍‌ମାନଙ୍କର ଆଗ୍ରହକୁ ଦେଖି ସେମାନେ କିଛି ନିଷ୍ପତ୍ତି ନେଇପାରନ୍ତି। ଚନ୍ଦ୍ରପୃଷ୍ଠରେ ମନୁଷ୍ୟର ଉପସ୍ଥିତି ବଢ଼ିଲେ ଏଥିପାଇଁ ନିଶ୍ଚୟ ଆଗ୍ରହ ବଢ଼ିବ। ଆମେରିକା ଆର୍ଟେମିସ୍ କାର୍ଯ୍ୟକ୍ରମରେ ୨୦୨୫ ମସିହାରେ ପୁଣି ମହାକାଶଚାରୀଙ୍କୁ ପଠାଇବ ବୋଲି ଠିକ୍ କରିଛି। ଏହାବ୍ୟତୀତ ଚାଇନା ୨୦୩୦ ମସିହା ଏବଂ ଭାରତ ୨୦୪୦ ମସିହା ସୁଦ୍ଧା ଚନ୍ଦ୍ରପୃଷ୍ଠକୁ ନିଜର ମହାକାଶଚାରୀ ପଠାଇବା ପାଇଁ ଘୋଷଣା କରିଛନ୍ତି। ଏହାପରେ ଚନ୍ଦ୍ରପୃଷ୍ଠରେ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ ଆଉ କଳ୍ପନା ନ ହୋଇ ବାସ୍ତବ ହୋଇପାରିବ।

-୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪

## ଶୀତଦିନିଆ ଖାଦ୍ୟ



**ସା**ଧାରଣତଃ ଶୀତ ଦିନେ ପାଳଙ୍ଗ ଶାଗ, ମେଥିଶାଗ, ସୋରିଷ ଶାଗ ଓ ମୂଳା ଶାଗ ଅଧିକ ପରିମାଣରେ ମିଳିଥାଏ। ଏଥିରେ ଭିଟାମିନ୍-ଏ, ଭିଟାମିନ୍ 'ସି', ଭିଟାମିନ୍ 'ଇ', ଫଲିକ୍ ଏସିଡ୍, ଲୌହ, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଇତ୍ୟାଦି ଉପାଦାନ ଭରି ରହିଛି। ଅନ୍ୟପକ୍ଷରେ ଶାଗରେ ତନ୍ତୁଜାତୀୟ ଉପାଦାନର ପରିମାଣ ବେଶୀ। ହେଲେ କ୍ୟାଲୋରିର ପରିମାଣ କମ୍। ଶାଗରୁ ମଧ୍ୟ ଅତି ଉପକାରୀ ଓମେଗା ଥ୍ରୀ ନାମକ ସ୍ନେହସାର ମିଳିଥାଏ। ତେଣୁ ନିୟମିତ ଶାଗ ଖାଇଲେ ରକ୍ତହୀନତା, ହୃଦ୍‌ରକ୍ତନଳୀ ରୋଗ, ଡାଇବେଟିସ୍, କାଟାରାକ୍ଟ, ପୃଥୁଳତା, କୋଷ୍ଠକାଠିନ୍ୟ ଆଶଙ୍କା କେତେକାଂଶରେ ହ୍ରାସ ପାଏ। ଶୀତ ଦିନେ ତଟକା ଗାଜର, ବିଟ୍ ଓ କନ୍ଦମୂଳ ପ୍ରଚୁର ପରିମାଣରେ ମିଳେ। ଗାଜରରେ ବିଟା କାରୋଟିନ୍, ଭିଟାମିନ୍ 'ସି' ବିଟରେ ଭିଟାମିନ୍-ଏ, ବି,ସି,କେ ଭରି ରହିଛି। ଜୁସ୍ ହିସାବରେ ଏହା ଖୁବ୍ ଉପଯୋଗୀ। କନ୍ଦମୂଳ ଆଳୁଠାରୁ ମିଠା। କିନ୍ତୁ ଏହାର ଗ୍ଲାଇସିମିକ୍ ଇଣ୍ଡେକ୍ସ କମ୍ ହୋଇଥିବାରୁ ଏହାକୁ ଖାଇଲେ ରକ୍ତରେ ଗ୍ଲୁକୋଜ୍‌ର ମାତ୍ରା ବିଶେଷ ବଢ଼ି ନଥାଏ। ମୂଳା ଓ କୋବି ହେଉଛନ୍ତି ବ୍ରାସିକା ପରିବାରର। ମୂଳା ଏକ ମୂଳଜାତୀୟ ପରିବା ଓ ଏହାକୁ ଶୀତ ଦିନେ ଖାଇବାକୁ ଭଲ ଲାଗେ। ମୂଳାରେ ଭିଟାମିନ୍, ଖଣିଜ ଲବଣ ଆଦି ରହିଛି। ଏଥିରେ କ୍ୟାଲୋରି, ଶ୍ୱେତସାର ଏବଂ ସ୍ନେହସାର ମାତ୍ରା କମ୍। ତେଣୁ ଡାଇବେଟିସ୍ ଓ ପୃଥୁଳ ରୋଗୀମାନେ ଏହାକୁ ନିରାପଦରେ ଖାଇପାରିବେ। ଉଚ୍ଚ ରକ୍ତଚାପରୋଗୀ ଓ ହୃଦରୋଗୀମାନଙ୍କ ପାଇଁ ଏହା ଉପକାରୀ ଏବଂ ସାଲାଡ୍ ପାଇଁ ଉପଯୋଗୀ।

## କଥାବାର୍ତ୍ତା ଶୈଳୀ ମାର୍ଜିତ ହେଲେ...



**ନି**ଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି କେତେକ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି । ଏ ନେଇ ଆମକୁ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖେ ତେବେ ସେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବ। ଏହାର ଏକ ସରଳ ଉପାୟ ସମ୍ପର୍କରେ ମଧ୍ୟ ସୂଚିତ କରାଯାଇଛି । ଏ ସମ୍ପର୍କିତ ବିଷୟକୁ ନେଇ ନିକଟରେ ୱାଶିଂଟନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିଜର କଥାବାର୍ତ୍ତା ଶୈଳୀ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। କାରଣ ଏହାଦ୍ୱାରା ସେମାନଙ୍କ ମାନସିକତା ସକାରାତ୍ମକ ରହିବା ସହ କାର୍ଯ୍ୟକରିବା ପାଇଁ ସେମାନଙ୍କଠାରେ ଆଗ୍ରହ ପ୍ରକାଶ ପାଇବ ବୋଲି ସେମାନଙ୍କର ହୃଦବୋଧ ହୋଇଥିଲା। ତେଣୁ ଯେଉଁମାନଙ୍କ କଥାବାର୍ତ୍ତା ଶୈଳୀରେ ନମ୍ରତା ଦେଖିବାକୁ ମିଳିଥିଲା ସେମାନଙ୍କର ମାନସିକତା ସକାରାତ୍ମକ ରହିଥିଲା ।

## କୋଲେଷ୍ଟରଲକୁ ସନ୍ତୁଳିତ ରଖେ ଆଖୁ ରସ



**ଶ**ରୀର ପାଇଁ ବେଶ୍ ଉପକାରୀ ହେଉଛି ଆଖୁରସ। ଏଥିରେ ଭିଟାମିନ୍ ଏବଂ ନ୍ୟୁଟ୍ରିଶନ୍ ଯଥା ପଟାସିୟମ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍, ମାଙ୍ଗାନିଜ୍, ରିବୋଫ୍ଲାବିନ୍ ଓ ଆମିନୋ ଏସିଡ୍ ଅଧିକ ପରିମାଣରେ ରହିଛି। ତେବେ ଏହାକୁ ପିଇଲେ ତାହା ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ଆଖୁରସ ପିଇବା ଦ୍ୱାରା ଶରୀରରେ ଶର୍କରାର ପରିମାଣ ଠିକ୍ ରହିଥାଏ। ଏଥିରେ ପଟାସିୟମ୍ ଓ କ୍ୟାଲ୍‌ସିୟମ୍ ଥିବାରୁ ଦାନ୍ତ ଓ ଦାନ୍ତର ମାଢ଼ି କ୍ଷୟରୁ ରକ୍ଷା କରିଥାଏ। ଏଥିରେ ମଧ୍ୟ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି। ଆଖୁରସ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ହାଡ଼ ଏବଂ ମାଂସପେଶୀକୁ ମଜଭୁତ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଆଖୁରସରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ। ଏଥିରେ ଗ୍ଲାଇକୋ ଏସିଡ୍ ଥିବାରୁ ଏହା ଚର୍ମରେ ଥିବା କୋଷକୁ କ୍ଷୟ ହେବାକୁ ଦେଇ ନ ଥାଏ।

## ସ୍ୱାସ୍ଥ୍ୟ ସୂଚନା



- ଯଦି ଆପଣଙ୍କ ଚର୍ମ ଶୁଖିଯାଉଛି, ତେବେ ପ୍ରତିଦିନ ସକାଳୁ କିଛି କିଛି ସମୟ ବାହାରେ ସୂର୍ଯ୍ୟାଲୋକରେ ଛିଡ଼ା ହୁଅନ୍ତୁ।
- ଖାଉଥିବା ଖାଦ୍ୟରେ ସବୁବେଳେ ଶାଗ ଜାତୀୟ ଖାଦ୍ୟ ଏବଂ ଫଳ ସାମିଲ୍ କରନ୍ତୁ, ଯାହା ଶରୀରକୁ ସତେଜ ରଖିବା ସହ ଶକ୍ତି ଯୋଗାଇବ।
- ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ହେଲେ, ସାଙ୍ଗମାନଙ୍କ ସହ କିମ୍ବା ପରିବାର ସଦସ୍ୟଙ୍କ ସହ କିଛି ସମୟ ବିତାନ୍ତୁ। ଏହା ଆପଣଙ୍କୁ କେତେକାଂଶରେ ମାନସିକ ଶାନ୍ତି ଦେଇଥାଏ।
- ଉଚ୍ଚ ରକ୍ତଚାପ କମାଇବାକୁ ଚାହୁଁଥିଲେ ନିଜର ଦୈନନ୍ଦିନ ଜୀବନ ତାଲିକାରେ ଯୋଗ, ପ୍ରାଣାୟାମ, ବ୍ୟାୟାମ ସାମିଲ କରନ୍ତୁ।
- କୌଣସି କାର୍ଯ୍ୟକୁ ଅଧିକ ସମୟ ଧରି କରିବାକୁ ଥିଲେ ତା' ମଧ୍ୟରେ କିଛି ସମୟ ବିଶ୍ରାମ ନିଅନ୍ତୁ। ଏଥିଯୋଗୁ ମାନସିକ ଶାନ୍ତି ମିଳିବା ସହ ଅଧିକ କାମ କରିବାକୁ ଆଗ୍ରହ ସୃଷ୍ଟି ହେବ।
- ବାହାର ଜିନିଷ କେବେ ବି ଖାଆନ୍ତୁ ନାହିଁ। ଏହା ଶରୀରରେ ଏସିଡିଟି ସୃଷ୍ଟି କରିପାରେ। ତେଣୁ ଯଥାସମ୍ଭବ ଏହାଠାରୁ ଦୂରେଇ ରୁହନ୍ତୁ।

## ସୁଡ଼ଙ୍ଗ ଉଦ୍ଧାର ଅଭିଯାନରେ ଟେକ୍ନୋଲୋଜିର ପ୍ରୟୋଗ



(ଶେଷ ଭାଗ)

**ଏଣ୍ଡୋସ୍କୋପିକ କ୍ୟାମେରା ଜରିଆରେ ଛବି ଉତ୍ତୋଳନ :** ସୁଡ଼ଙ୍ଗ ମଧ୍ୟରେ ଫସି ରହିଥିବା ଶ୍ରମିକମାନଙ୍କ ଛବି ଦୀର୍ଘ ୧୦ ଦିନ ପରେ ନଭେମ୍ବର ୨୧ ତାରିଖ ଦିନ ସାରା ଦୁନିଆ ପ୍ରଥମକରି ଏକ ଏଣ୍ଡୋସ୍କୋପିକ ବ୍ୟବସ୍ଥା ଜରିଆରେ ଦେଖିଥିଲା । ଏହି ବ୍ୟବସ୍ଥା ପ୍ରୟୋଗ କରି ସଧାରଣତଃ ଜଣେ ଡାକ୍ତର ରୋଗୀ ଶରୀର ମଧ୍ୟରେ ଏକ ନରମ ନଳୀ ପୂରାଇ ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗକୁ ଦେଖି ଯାଞ୍ଚ କରିଥାନ୍ତି। ନଳୀର ଅଗ୍ରଭାଗରେ ଏକ କ୍ୟାମେରା ଖଞ୍ଜାଯାଇଥାଏ, ଯାହା ସମ୍ମୁଖସ୍ଥ ବସ୍ତୁର ଫଟୋ ଗ୍ରହଣ କରି ଆଲୋକରଶ୍ମିକୁ ନଳୀ ଦେଇ ଡାକ୍ତରଙ୍କ ନିକଟକୁ ପ୍ରେରଣ କରେ। ନଳୀ ମଧ୍ୟରେ ଆଲୋକରଶ୍ମିର ସମ୍ପୂର୍ଣ୍ଣ ପ୍ରତିଫଳନ ଧର୍ମ ହେତୁ ନଳୀଟି ଆକୃତିରେ ବଙ୍କାଟଙ୍କା ହୋଇଥିଲେ ସୁଦ୍ଧା ଆଲୋକରଶ୍ମି ସର୍ବଦା ନଳୀ ମଧ୍ୟରେ ଗତିକରି ଡାକ୍ତରଙ୍କ ନିକଟରେ ପହଞ୍ଚିବାକୁ ସକ୍ଷମ ହୁଏ ଏବଂ ଡାକ୍ତର ପଦାରେ ଥାଇ ରୋଗୀ ଶରୀରର ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗ ସ୍ପଷ୍ଟ ଦେଖିପାରନ୍ତି। ଏହି ନଳୀ ଅଗ୍ରଭାଗରେ ଏକ ଏଲ୍‌ଇଡି ବତି ସଂଲଗ୍ନ ଥାଏ; ଫଳରେ ଏହି ଉପକରଣ ଜରିଆରେ ଅନ୍ଧାରରେ ମଧ୍ୟ ଫଟୋ ଗ୍ରହଣ କରିହୁଏ। ଉତ୍ତରକାଶୀଠାରେ ଏହିପରି ଏକ ଏଣ୍ଡୋସ୍କୋପିକ ନଳୀକୁ ଖାଦ୍ୟପଦାର୍ଥ ପଠାଯିବା ପାଇଁ ଉଦ୍ଦିଷ୍ଟ ୬ ଇଞ୍ଚ ବ୍ୟାସର ପାଇପ ମଧ୍ୟରେ ପୂରାଯାଇ ଅଟକି ଥିବା ଶ୍ରମିକମାନଙ୍କର ଫଟୋ ଦେଖି ହେଉଥିଲା।

**ରୋବଟର ସର୍ବେକ୍ଷଣ :** ଏହି ଉଦ୍ଧାର ଅଭିଯାନରେ ରାଷ୍ଟ୍ରୀୟ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ (ଡି.ଆର୍.ଡି.ଓ.)ଙ୍କ ତରଫରୁ ଦୁଇଟି ରୋବଟକୁ ମଧ୍ୟ ଖୋଳା ଯାଉଥିବା ୮୦୦ ମି.ମି. ପାଇପ ମଧ୍ୟରେ କାର୍ଯ୍ୟରେ ଲଗା ଯାଇଥିଲା। ମନୁଷ୍ୟର ପହଞ୍ଚ ବାହାରେ ଥିବା ବିପଦସଙ୍କୁଳ ସ୍ଥାନରେ ପ୍ରବେଶ କରି ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରିବା କୌଣସି ରୋବଟ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଦୁଇଟି ରୋବଟ ପାଇପ ମଧ୍ୟରେ ପ୍ରବେଶ କରି ନିଜର ସେନ୍‌ସର୍ ଓ କ୍ୟାମେରା ଜରିଆରେ ସୁଡ଼ଙ୍ଗ ମଧ୍ୟସ୍ଥ ଭୂମିରୂପର ସୂଚନା ପ୍ରଦାନ ତଥା ଖୋଳାଯିବା ସ୍ଥାନର ଚୟନ ଇତ୍ୟାଦି ସମ୍ପର୍କୀୟ ସମସ୍ତ ତଥ୍ୟ ଓ ଫଟୋଚିତ୍ର ସଂଗ୍ରହ ପୂର୍ବକ ବାହାରେ ଥିବା ବିଶେଷଜ୍ଞମାନଙ୍କ ନିକଟକୁ ନିୟମିତ ପ୍ରେରଣ କରୁଥିଲେ। ଫଳରେ ଉଦ୍ଧାରକାରୀ ଦଳକୁ ନିଜର ଆଗାମୀ କର୍ମପନ୍ଥା ନିରୂପଣ କରିବା ବେଶ୍ ସହଜସାଧ ହେଉଥିଲା ।

**ଡ୍ରୋନର ଉଡ୍ଡାଣ :** ଖୋଳା ଯାଉଥିବା ସୁଡ଼ଙ୍ଗ ମଧ୍ୟରେ ଘଟୁଥିବା କାର୍ଯ୍ୟକଳାପ ଉପରେ ନିରନ୍ତର ନଜର ରଖିବା ପାଇଁ ବେଙ୍ଗାଲୁରୁସ୍ଥିତ ସ୍କାର୍ଡନ ଇନଫ୍ରା ମାଇନିଙ୍ଗ ପ୍ରାଇଭେଟ ଲିମିଟେଡ କମ୍ପାନୀଙ୍କ ତରଫରୁ ଏକ ଡ୍ରୋନର ପ୍ରୟୋଗ କରାଯାଇଥଲା । ଏହି ଡ୍ରୋନ ଖୋଳାଯାଉଥିବା ପାଇପ ମଧ୍ୟରେ ଉଡି ଉଡି ନିଜର ସେନସର୍ ଓ କ୍ୟାମେରା ଜରିଆରେ ପାଇପ ତଥା ମାଟି ଭିତରର ପରିସ୍ଥିତି ସମ୍ପର୍କରେ ବିଶେଷଜ୍ଞମାନଙ୍କୁ ଅବଗତ କରାଉଥିଲା । ଫଳରେ ଉଦ୍ଧାରକାରୀ ଦଳକୁ ନିଜର ଆଗାମୀ କର୍ମପନ୍ଥା ନିରୂପଣ କରିବା ସହଜସାଧ ହୋଇଥିଲା । ସାରା ଉଦ୍ଧାର କାର୍ଯ୍ୟରେ ଟେକ୍‌ନୋଲୋଜିର ଭରପୂର ପ୍ରୟୋଗ ହୋଇଥିଲେ ସୁଦ୍ଧା ଶେଷ ଚଉଦ, ପନ୍ଦର ମିଟର ଗର୍ତ୍ତ ମୂଷା ଗାତିଆମାନେ (Rat Miners) ହାତରେ ପାରମ୍ପରିକ ଉପକରଣ ଦ୍ୱାରା ଖୋଳି ଦୁର୍ଗତ ଶ୍ରମିକମାନଙ୍କ ପାଖରେ ପହଞ୍ଚି ଥିବାରୁ ଏ ମହା ଅଭିଯାନରେ ସେମାନଙ୍କ ଭୂମିକାକୁ ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ ।

-ନିକୁଞ୍ଜ ବିହାରୀ ସାହୁ,
ଏଜୁକେଶନ ଅଫିସର୍, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ

> ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ- ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ- ପ୍ରକୃତିର ସତ୍ୟ ସହିତ ଏକାତ୍ମ୍ ହେବା। -ଶ୍ରୀଅରବିନ୍ଦ



# ଅଳିଆଗଦାରେ ଫିଙ୍ଗା

୪ ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଅନେକ ଦିନ ଗଡ଼ିଗଲାଣି। ଏବେ ପଛକୁ ଦେଖି ମତ ଦେବା ସହଜ ହୋଇପାରେ। ପ୍ରଥମ ଉଦାହରଣ ଭାବେ ମଧ୍ୟପ୍ରଦେଶକୁ ନିଆଯାଇପାରେ। ସେହି ରାଜ୍ୟ ପ୍ରମାଣ କରିଦେଇଛି, ବ୍ୟାପମ୍ ଭଳି ଅନେକ ବିରାଟକାୟ ଦୁର୍ନୀତିର ଅଭିଯୋଗ ଥିବା ସତ୍ତ୍ୱେ ଭାଜପାର ଶିବରାଜ ସିଂ ଚୌହାନଙ୍କ ମୁଖ୍ୟମନ୍ତ୍ରିତ୍ୱ ଫଳରେ ଲାଗ ଲାଗ ଭାଜପା ପଞ୍ଚମ ଥର ପାଇଁ ଜିତିପାରିଛି। ଅବଶ୍ୟ ୨୦୧୮ ଶେଷଆଡ଼କୁ ଅନୁଷ୍ଠିତ ନିର୍ବାଚନରେ ସେଠାରେ କଂଗ୍ରେସ ଜିତିଥିଲା। ଘୋଡ଼ାବେପାର ହେବା ଯୋଗୁ ୨୦୨୦ ମାର୍ଚ୍ଚ ସୁଦ୍ଧା ସେହି ସରକାର ସଂଖ୍ୟାଗରିଷ୍ଠତା ହରାଇଲା ଓ ଭାଜପା ପୁନର୍ବାର କ୍ଷମତାକୁ ଫେରିଲା। ଏଥିରୁ ବୁଝିବାକୁ ହେବ ଯେ, ସରକାର ବିରୋଧୀ ହାୱା (ଆଣ୍ଟି ଇନ୍‌କମ୍ବେନ୍ସି)ର ଭାରତରେ କୌଣସି ଅର୍ଥ ନାହିଁ। ୨୦୧୮ ନିର୍ବାଚନକୁ ଦେଖିଲେ ମଧ୍ୟପ୍ରଦେଶରେ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ରାଜସ୍ଥାନରେ ସଚିନ ପାଇଲଟ୍‌ଙ୍କୁ ଅଣଦେଖା କରି ଯଥାକ୍ରମେ କମଲ ନାଥ ଓ ଅଶୋକ ଗେହଲଟଙ୍କ ଉପରେ ଦଳ ଭରସା କରିବାରୁ ସମ୍ପୃକ୍ତ ରାଜ୍ୟରେ ଯୁବବର୍ଗ କଂଗ୍ରେସ ନେତୃତ୍ୱକୁ ସେତେବେଳେ ସମାଲୋଚନା କରିଥିଲେ। ମତଦାତା ଗୋଟେ ପରିବର୍ତ୍ତନକୁ ଅନିଷା କରି ଭୋଟ ଦେଇଥିବା ବେଳେ ପୁରୁଣା ଚିନ୍ତାଧାରାରେ ବୁଡ଼ି ରହିଥିବା କଂଗ୍ରେସର ବରିଷ୍ଠ ନେତାମାନେ ତାହାକୁ ବୁଝିବାରେ ଅକ୍ଷମ ହୋଇଥିଲେ। ସମ୍ଭବତଃ ସେହି ଅସନ୍ତୋଷ ୨୦୨୩ରେ ପ୍ରତିଫଳିତ ହେବାରୁ କଂଗ୍ରେସ ଡ୍ରାଇଭର ସିଟ୍‌ରେ ବସିବାର ସୁଯୋଗ ଥିଲେ ମଧ୍ୟ ତାହା ହାତେଇପାରିଲା ନାହିଁ। ଏବେ କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱ ତ୍ରୁଟି ସଜାଡ଼ିବାକୁ ଯାଇ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୬ ଡିସେମ୍ବରରେ ମଧ୍ୟପ୍ରଦେଶର ରାଜ୍ୟ କଂଗ୍ରେସ ମୁଖ୍ୟ ଥିବା କମଲ ନାଥଙ୍କ ସ୍ଥାନରେ ଜିତୁ ପଟ୍ଟୱାରିଙ୍କୁ ଅବସ୍ଥାପିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୫୦ ବର୍ଷୀୟ ଜିତୁ ଡିସେମ୍ବର ୨୦୧୮ରୁ ମାର୍ଚ୍ଚ ୨୦୨୦ କମଲ ନାଥ ସରକାରରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଥିଲେ। ସ୍ୱାଧୀନତା ସଂଗ୍ରାମୀ କୋଡାରଲାଲ ପଟ୍ଟୱାରୀ ତାଙ୍କ ଜେଜେ ହୋଇଥିବା ବେଳେ ପିତା ରମେଶ ଚନ୍ଦ୍ର ପଟ୍ଟୱାରୀ ଭାରତୀୟ ଜାତୀୟ କଂଗ୍ରେସରେ ସକ୍ରିୟ ଅଛନ୍ତି। ଯଦିଓ ଜିତୁ ନିକଟରେ ଶେଷ ହୋଇଥିବା ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ପରାଜିତ ହୋଇଥିଲେ, ତଥାପି ଦଳକୁ ସେହି ରାଜ୍ୟରେ ନେତୃତ୍ୱ ଦେଇପାରିବେ ବୋଲି କଂଗ୍ରେସ ହାଇକମାଣ୍ଡ ଭାବୁଥିବାର ପ୍ରମାଣ ଏହି ନିଯୁକ୍ତିରୁ ମିଳୁଛି।

ଏଠାରେ ଉଲ୍ଲେଖଯୋଗ୍ୟ, ତେଲଙ୍ଗାନାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଦେଶ କଂଗ୍ରେସର ମୁଖ୍ୟ ଏ. ରେଭନ୍ତ ରେଡ୍ଡୀ ନିକଟରେ ହୋଇଥିବା ବିଧାନସଭା ନିର୍ବାଚନରେ ନିଜ ନିର୍ବାଚନମଣ୍ଡଳୀରୁ ମଧ୍ୟ ହାରିଯାଇଥିଲେ। ତଥାପି ତାଙ୍କର ନେତୃତ୍ୱ ଦଳକୁ ତେଲଙ୍ଗାନାରେ ପୁନର୍ଜୀବିତ କରାଇପାରିଛି ବୋଲି କଂଗ୍ରେସ ହାଇକମାଣ୍ଡ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦବୀରେ ବସାଇ ଏକ ସ୍ୱାଗତଯୋଗ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ତେଲଙ୍ଗାନାରେ କଂଗ୍ରେସର ସ୍ଥିତି ଆନ୍ଧ୍ରପ୍ରଦେଶ ବିଭାଜନ ପରେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲା। ଚିନ୍ତା କରାଯାଉଥିଲା କଂଗ୍ରେସ ପରିବର୍ତ୍ତେ ଭାଜପାର ସଙ୍ଗଠନ ଅଧିକ ଚେର ଧରିପାରିବ। ୨୦୨୩ ନିର୍ବାଚନ ପ୍ରମାଣ କରିଦେଉଛି ଯେ, ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ଭାଜପାର ଶକ୍ତି ବୃଦ୍ଧିପାଇବା ସମ୍ଭବପର ହେଉନାହିଁ। ତେଲଙ୍ଗାନାର ଏହି ଫଳାଫଳ ଏହା ମଧ୍ୟ ଦର୍ଶାଉଛି ଯେ ଭାରତର ରାଜନୈତିକ ବିଭାଜନ ଭାଷା ଆଧାରିତ ହେବାର ସବୁ ଲକ୍ଷଣ ରଖୁଛି। ସେଥିପାଇଁ କେନ୍ଦ୍ରରେ ଶାସନ କରୁଥିବା ଭାଜପା ଯେତେ ଅଧିକ ହିନ୍ଦୀ ଶବ୍ଦ ବ୍ୟବହାର କରି କାର୍ଯ୍ୟକ୍ରମ, ଆଇନ ଏବଂ ନୀତି ସୃଷ୍ଟି କରିବ, ସେତିକି ଅଧିକ ପରିମାଣରେ ଦେଶର ରାଜନୈତିକ ବିଭାଜନ ଗଭୀରତର ହେବ। ଅପରପକ୍ଷରେ କଂଗ୍ରେସର ଏହି ହିନ୍ଦୀ ଲଦିବା ମନୋଭାବ ନ ଥିବା ହେତୁ ଅଣହିନ୍ଦୀଭାଷୀ ରାଜ୍ୟରେ ପୁନର୍ଜୀବିତ ହେବାର ସମ୍ଭାବନା ବୃଦ୍ଧି ପାଉଛି।

ରାଜସ୍ଥାନ ଓ ଛତିଶଗଡ଼ ଭଳି ଉଭୟ ରାଜ୍ୟରେ ପୁରୁଖା ଓ ବୟୋଜ୍ୟେଷ୍ଠ ନେତାଙ୍କୁ ଦାୟିତ୍ୱ ଦେଇଥିବାରୁ ସେଠାକାର ଯୁବପିଢ଼ିଙ୍କୁ ସାଥିରେ ନେବାରେ କଂଗ୍ରେସ ବିଫଳ ହେଉଥିବାର ସବୁ ଲକ୍ଷଣ ଦେଖିବାକୁ ମିଳୁଛି। କମଲ ନାଥଙ୍କ ଭଳି ଅଶୋକ ଗେହଲଟ ଓ ଭୂପେଶ ବଘେଲ ତାଙ୍କର ଅନିଚ୍ଛା ସତ୍ତ୍ୱେ ନିଜର ରାଜନୈତିକ ଜୀବନ ଶେଷ କରିସାରିଲେଣି। ଛତିଶଗଡ଼ ଭଳି ରାଜ୍ୟରେ ଅଧିକାଂଶ ପୁରୁଖା ବିଧାୟକଙ୍କୁ ପୁନର୍ବାର ନିର୍ବାଚନ ଲଢ଼ାଇଥିବା ହେତୁ କଂଗ୍ରେସର ପରାଜୟ ଘଟିଥାଇପାରେ ବୋଲି ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି। ଏଥିସହିତ କଂଗ୍ରେସର ନିର୍ବାଚନୀ ପ୍ରଚାରରେ ନରମପନ୍ଥୀ ହିନ୍ଦୁତ୍ୱ ଚିନ୍ତାଧାରା ପ୍ରବଳମାତ୍ରାରେ ପରିଲକ୍ଷିତ ହେଉଥିଲା। ସେହି ଖେଳରେ ଭାଜପା ତାହାର ଆଧିପତ୍ୟ ଜାହିର କରିସାରିଲାଣି। ଅପରପକ୍ଷରେ ରାଜ୍ୟର ଅର୍ଥନୈତିକ ଉନ୍ନତି ଏବଂ ନୂତନ ବିକାଶର ଧ୍ୱନି ଦେଇପାରିଥିଲେ କଂଗ୍ରେସ ପାଇଁ ଫଳାଫଳ ଭିନ୍ନ ହୋଇଥାନ୍ତା।

ସାଧାରଣ ଭୋଟରଙ୍କୁ ତାଙ୍କର ଅର୍ଥନୈତିକ ଦୁରବସ୍ଥା ସମ୍ପର୍କରେ ଚିନ୍ତା କରିବା ସକାଶେ ବାତାବରଣ ସୃଷ୍ଟି କରିପାରିଥିଲେ କଂଗ୍ରେସର ରାଜନୈତିକ ଶକ୍ତି ବୃଦ୍ଧି ପାଇଥାନ୍ତା। ସାଧାରଣ ନାଗରିକର ପେଟ ଧର୍ମରେ ପୂରିବ ନାହିଁ। ଏହି ବିଷୟକୁ ନେଇ ଏବେଠାରୁ କଂଗ୍ରେସ ଏବଂ ଅଣଭାଜପା ଦଳଗୁଡ଼ିକ ଯଦି ଲୋକଙ୍କ ପାଖକୁ ଯାଇପାରିବେ, ତେବେ ଏକ ନୂତନ ମନ୍ଦିର ଗଢ଼ି ଦେଶସାରା ଭୋଟ ପାଇବାର ଯଥାର୍ଥତା ଲୋକଙ୍କ ମନରେ ସୃଷ୍ଟି ହେବ ନାହିଁ। ସେଥିପାଇଁ ଯୁବ ଏବଂ ନୂଆ ମୁହଁର ନେତୃତ୍ୱ ଆଣିପାରିଲେ ଆସନ୍ତା କିଛିମାସ ପରେ ହେବାକୁଥିବା ଲୋକ ସଭା ନିର୍ବାଚନରେ ପ୍ରଭାବ ପଡ଼ିପାରନ୍ତା। ନଚେତ୍ କଂଗ୍ରେସ ଓ ଅଣଭାଜପା ଦଳଗୁଡ଼ିକ ଅଳିଆଗଦାରେ ଫିଙ୍ଗାହେବେ ।

## su | do | ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 7 | | | 9 | | |
| | | 6 | 1 | 9 | | | 4 | |
| | | | 8 | | 2 | | | |
| | | 7 | | | | 8 | | |
| | 4 | 5 | | 2 | 7 | | | 9 |
| 1 | | 2 | | | | | | |
| 7 | | | 2 | | 8 | | 6 | 4 |
| 3 | | | | | 6 | 2 | | |
| | | | | | 9 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 2 | 3 | 9 | 4 | 7 | 6 | 8 |
| 9 | 7 | 8 | 6 | 2 | 5 | 4 | 3 | 1 |
| 6 | 3 | 4 | 7 | 1 | 8 | 2 | 9 | 5 |
| 2 | 1 | 9 | 8 | 6 | 3 | 5 | 7 | 4 |
| 7 | 4 | 6 | 9 | 5 | 2 | 8 | 1 | 3 |
| 5 | 8 | 3 | 4 | 7 | 1 | 9 | 2 | 6 |
| 4 | 2 | 5 | 1 | 3 | 9 | 6 | 8 | 7 |
| 3 | 9 | 7 | 5 | 8 | 6 | 1 | 4 | 2 |
| 8 | 6 | 1 | 2 | 4 | 7 | 3 | 5 | 9 |

ଗତକାଲିର ଉତ୍ତର

# ଯୁଦ୍ଧରହିତ ଜଗତ ଜରୁରୀ



ମାୟାଧର ନାୟକ

ସାରା ବିଶ୍ୱ ଚାହିଁରହିଛି ଯୁଦ୍ଧରେ ବିଜୟ କାହାର ହେବ! ଶାନ୍ତି କେବେ ପ୍ରତିଷ୍ଠା ହେବ! ୨୦୨୨ ଫେବୃୟାରୀ ୨୪ରୁ ରୁଷିଆ-ୟୁକ୍ରେନ୍ ଘମାଘୋଟ ଯୁଦ୍ଧ ଚାଲିଛି। ଥମିବାର ନାଁ ଧରୁନି। ୨୦୨୩ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧ ରକ୍ତତାଣ୍ଡବର ସୀମା ଟପିଗଲାଣି। ବିଶ୍ୱର ବର୍ତ୍ତମାନ କୌଣସି ନେତା କି ଦେଶ କିମ୍ବା ସଂସ୍ଥା ନାହିଁ ଯୁଦ୍ଧର ମୂଳ କାରଣକୁ ବିଶ୍ୱବାସୀଙ୍କ ପାଖରେ ଖୋଲାଖୋଲି ସତ୍ୟ ପ୍ରକାଶ କରିବାକୁ। କାରଣ ଏ ଯୁଦ୍ଧ ଯୋଜନାବଦ୍ଧ। ଆମେରିକା ଇସ୍ରାଏଲ ନିଆଁରେ ଘିଅ ଢାଳିବାରେ ଲାଗିଛି। ଯୁଦ୍ଧାସ୍ତ୍ର, ଅର୍ଥ ଇସ୍ରାଏଲ ମୁଣ୍ଡରେ ଓଜାଡି ଦେଉଛି। ପାଲେଷ୍ଟାଇନ୍-ଗାଜା ସପକ୍ଷରେ ଆରବଦେଶ ସମୂହ ସମର୍ଥନ କରୁଛନ୍ତି। ବିଶ୍ୱର ଶକ୍ତିଶାଳୀ ହିଜବୁଲ୍ଲା, ହାଇଥି ବିଦ୍ରୋହୀ ଗୋଷ୍ଠୀ ଗାଜା ସପକ୍ଷରେ ରହି ଇସ୍ରାଏଲ ସୀମାରେ ଆକ୍ରମଣ କରିଦେଇଛନ୍ତି। ଲୋହିତ ସାଗରରେ ଆମେରିକାର ଅସ୍ତ୍ର ଓ ଅନ୍ୟାନ୍ୟ ପଦାର୍ଥ ବୋଝେଇ ୩ଟି ଜଳ ଜାହାଜକୁ 'ହାଇଥି'ମାନେ ଅପହରଣ କରିନେଇଛନ୍ତି। ଚାଇନା, ଉତ୍ତରକୋରିଆ, ରୁଷିଆ, ରୁଷିଆର ଭଡାଟିଆ ସୈନ୍ୟ ୱାଗନର୍ ଗ୍ରୁପ୍ ଗାଜା ସପକ୍ଷରେ। ଏବେ ଇସ୍ରାଏଲ ଅର୍ଥନୀତି ଧ୍ୱଂସମୁଖୀ। ପ୍ରତିଦିନ ଯୁଦ୍ଧରେ ୨୬୦ ମିଲିୟନ ଡଲାର ଖର୍ଚ୍ଚ କରୁଛି। ତା'ର ରିଜର୍ଭ ୩ଲକ୍ଷ ୫୦ହଜାର ସୈନ୍ୟରୁ ଯୁଦ୍ଧକ୍ଷେତ୍ରକୁ ୨ଲକ୍ଷ ୩୦ହଜାର ଛାଡିଛି। ଯାହାଫଳରେ ଇସ୍ରାଏଲର ଅର୍ଥଭଣ୍ଡାର ଯୁଦ୍ଧାସ୍ତ୍ର ସରିସରି ଆସୁଛି। ରାଜନୈତିକ ଉଦ୍ଦେଶ୍ୟ ରଖି ନେତାନ୍ୟାହୁ ଯୁଦ୍ଧ ଚଳାଇଛନ୍ତି। ସଫଳ ହେବ କି ନ ହେବ ତାହା ଇତିହାସ କହିବ। ଯୁଦ୍ଧରହିତ ଜଗତ ଜରୁରୀ ବୋଲି କେବେ ଏମାନେ ବୁଝିବେ ?

ୟୁକ୍ରେନ୍ ଗାଜାକୁ ନେଇ ସମଗ୍ର ବିଶ୍ୱରେ ଦ୍ୱନ୍ଦ୍ୱ ବଢିଚାଲିଛି। ଇସ୍ରାଏଲ ପାଲେଷ୍ଟାଇନ୍ ମାଟିରୁ ଗାଜାର ଚିହ୍ନବର୍ଣ୍ଣ ଲୋପ କରିଦେବାକୁ ବସିଛି। ରୁଷିଆ ମାଡିବସିଥିବା ୟୁକ୍ରେନ୍ ଭୂଖଣ୍ଡକୁ ନେଇ ଯୁଦ୍ଧ ଚାଲିଛି। ରୁଷିଆ ଅନ୍ୟାୟରେ ୟୁକ୍ରେନ୍‌କୁ ଆକ୍ରମଣ କରୁଛି। ହମାସ୍ ନେତାଙ୍କୁ, ପାଲେଷ୍ଟାଇନ୍ ଜନଗଣଙ୍କୁ ଯେତେ ଗଣହତ୍ୟା କଲେ ବି ଭବିଷ୍ୟତରେ ଦ୍ୱନ୍ଦ୍ୱ ଲାଗିରହିବ। ସମସ୍ତେ ବର୍ତ୍ତମାନ ଆମେରିକା ଉପରେ ଦୋଷ ଲଦୁଛନ୍ତି। ଆମେରିକା ବି ଇସ୍ରାଏଲ ପାଇଁ ହତାଶ ହୋଇଗଲାଣି। ତେଣୁ ଆମେରିକା, ଇସ୍ରାଏଲ, ୟୁକ୍ରେନ୍ ଏବଂ ରୁଷିଆ ଏ ଭୟଙ୍କର ବିପଦରୁ ବର୍ତ୍ତିବା ପାଇଁ ରାସ୍ତା ବାହାର କରନ୍ତୁ।

ଭୋକରେ ଛଟପଟ ହେଉଛନ୍ତି ଗାଜାର ଜନସାଧାରଣ। ପ୍ରବଳ ବର୍ଷାରେ ଆଶ୍ରିତଙ୍କ ଦୁଃଖ କହିଲେ ନ ସରେ। ଏକପ୍ରକାର ଦୁର୍ଭିକ୍ଷ ପରିସ୍ଥିତି ସୃଷ୍ଟି ହୋଇଛି। ପାତାଳ ଭିତରୁ 'ହମାସ୍'ମାନଙ୍କୁ ଠାବ କରି ନ ପାରି ପାଲେଷ୍ଟାଇନ୍-ଗାଜାବାସୀଙ୍କ ଉପରେ ରାଗ ଶୁଝାଇ ଇସ୍ରାଏଲ ନିରୀହ ଶିଶୁ, ମହିଳା, ସାଧାରଣ



ଲୋକଙ୍କୁ ବୋମାପକାଇ ମାରୁଛି। ଘରଦ୍ୱାର, ଡାକ୍ତରଖାନା, ସ୍କୁଲ କଲେଜ, ରିଫ୍ୟୁଜି କ୍ୟାମ୍ପ, ମସ୍‌ଜିଦ୍‌କୁ ଧ୍ୱଂସସ୍ତୂପରେ ପରିଣତ କରିସାରିଲାଣି। ତାଙ୍କ ଦୋମୁହାଁ ନୀତିକୁ କେହି ବିରୋଧ କରିବାକୁ ନାହିଁ। ଗଣମାଧ୍ୟମ ତାଙ୍କର କୋଳାଶ୍ରିତ।

ପାଖାପାଖି ଗାଜାରେ କାର୍ଯ୍ୟରତ ୧୦୦ ସାମ୍ବାଦିକଙ୍କୁ ଇସ୍ରାଏଲ ସୈନ୍ୟ ହତ୍ୟା କଲେଣି। ଯେଉଁ ସାମ୍ବାଦିକମାନଙ୍କୁ ପାଉନାହାନ୍ତି ତାଙ୍କ ପରିବାରକୁ ଅତ୍ୟନ୍ତ ଜଘନ୍ୟ ଭାବେ ହତ୍ୟା କରୁଛନ୍ତି। ଏବେ ସୁଡଙ୍ଗରେ ସମୁଦ୍ରପାଣି ଭର୍ତ୍ତି କରୁଛି। ଏ ପର୍ଯ୍ୟନ୍ତ ୪୦ହଜାର ଟନ୍ ବାରୁଦ ଫିଙ୍ଗିଲାଣି। ଏଣେ 'ହମାସ୍' ଚେତାବନୀ ଦେଇଛି - ଆମ ଗାଜା ନାଗରିକଙ୍କୁ ଗିରଫକରି ଜେଲ୍‌ରେ ରଖିଛ- ଶୀଘ୍ର ଛାଡ। ଆମେ ତମ ପଣବନ୍ଦୀଙ୍କୁ ଛାଡିବୁ। ଆଲୋଚନାକୁ ଆସ। ନଚେତ୍ ପଣବନ୍ଦୀଙ୍କୁ ହତ୍ୟା କରିବୁ।

ପାଶ୍ଚାତ୍ୟ ଗଣତନ୍ତ୍ର ଏବେ ସମ୍ପୂର୍ଣ୍ଣ ଛଳନାପୂର୍ଣ୍ଣ। କେବଳ ସାଇନ୍‌ବୋର୍ଡ- ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ଇଟାଲି, ଇସ୍ରାଏଲ ପ୍ରମୁଖ ଆପଣାକୁ ଗଣତାନ୍ତ୍ରିକ ରାଷ୍ଟ୍ର ଡିଣ୍ଡିମ ପିଟୁଥିଲାବେଳେ ଗାଜାରେ ଗଣହତ୍ୟା ଜାରିରଖିବାକୁ ଜାତିସଂଘରେ ଆମେରିକା 'ଭିଟୋ' ପ୍ରୟୋଗକରି ଇସ୍ରାଏଲକୁ ଯୁଦ୍ଧାସ୍ତ୍ର, ସବୁ ଆବଶ୍ୟକ ପଦାର୍ଥ ଯୋଗାଉଛି। ଏମାନେ ସବୁ ଗଣତନ୍ତ୍ରର ଖୋଳପା ପିନ୍ଧି ସାରା ଦୁନିଆକୁ ଚକ୍‌ମା ଦେଖାଉଛନ୍ତି। ସେଠାକାର ଶାସକମାନେ ଗଣତନ୍ତ୍ର ନାଁରେ ଏକଚ୍ଛତ୍ରବାଦୀ ଶାସନ ଚଳାଇଛନ୍ତି।

ଯୁଦ୍ଧର ୬୪ ଦିନ ପରେ ବିଶ୍ୱର ୪୦ଟି ଦେଶର ପଦାର୍ଥବିଜ୍ଞାନୀ, ଗଣିତଜ୍ଞ, ଜୀବବିଜ୍ଞାନୀ, ରସାୟନବିତ୍, ଚିକିତ୍ସକ, ଶିକ୍ଷା ଓ ଶିଳ୍ପ ପ୍ରତିଷ୍ଠାନ ସହ ଯୁକ୍ତ ୧୩୦୦ରୁ ବେଶି ଅନ୍ତର୍ଜାତୀୟ ବିଜ୍ଞାନୀ ଓ ବିଶିଷ୍ଟ ଜନ ଭର୍ଚୁଆଲ ମାଧ୍ୟମରେ ଏକ ବୈଠକରେ ମିଳିତ ହୋଇ ପ୍ରସ୍ତାବ ଗ୍ରହଣ କରିଛନ୍ତି ଯେ ଗାଜାରେ ଅବିଳମ୍ବେ ଯୁଦ୍ଧବିରତି ଓ ଗଣହତ୍ୟା ବନ୍ଦ କରାଯାଉ। ନିର୍ବିଚାରରେ ଗଣହତ୍ୟା ସଙ୍ଗେ ସଙ୍ଗେ ଗାଜା ଭୂଖଣ୍ଡକୁ ଅବୈଧ ଭାବେ ଇସ୍ରାଏଲ ଦଖଲ କରୁଛି। ଏହି ପ୍ରସ୍ତାବ ସପକ୍ଷରେ ୯୭ ପର୍ସେଣ୍ଟ ଭୋଟ ମିଳିଛି। ସମୟ ବଦଳିଯାଇଛି - ଯେଉଁ ବୈଜ୍ଞାନିକମାନଙ୍କ ବୁଦ୍ଧିକୁ କ୍ରୟକରି ପରମାଣୁ ବୋମା ପର୍ଯ୍ୟନ୍ତ ନିର୍ମାଣ କରାଯାଇଛି। ଯେଉଁ ଅସ୍ତ୍ର ସବୁ ମଣିଷମାରଣ ପାଇଁ ପ୍ରସ୍ତୁତ କରିଥିଲେ- ଏବେ ଗଣହତ୍ୟା ବନ୍ଦ କରିବାକୁ ରଡି ଛାଡୁଛନ୍ତି। ତାଙ୍କ କଥା କେହି ଶୁଣିବାକୁ ନାହିଁ।

ଏ ଯୁଦ୍ଧ ଯୋଜନାବଦ୍ଧ। ଜୀବ-ଯୁଦ୍ଧରୁ ଜୀବାଣୁ-ଯୁଦ୍ଧ ଯାଏ ଏ ଜଗତ ଓ ଜୀବନ ଜର୍ଜରିତ। ରାଶିରାଶି ରୋଗ ସୃଷ୍ଟିକାରୀ ରାସାୟନିକ ସମରାଭ୍ୟାସର ସଙ୍କଟପର୍ବ ସମ୍ପ୍ରତି ସାବ୍ୟସ୍ତ କରୁଛି ମଣିଷ ଉପରେ ଅମଣିଷର ଭୂତ ସବାର ହେବାର ସଙ୍ଗିନ ସତ୍ୟ। ବଡ ସାଂଘାତିକ ଏ ଶୋଚନୀୟ ସାମରିକତା - ଯାହା ଆମର ଏ ଜୀବନ୍ତ ଗ୍ରହର ଭବିଷ୍ୟତକୁ ଗୋଟାଏ ପାଉଁଶ ପିଣ୍ଡୁଳାର ପରିଣତି ପ୍ରଦାନ ନିମନ୍ତେ ନିତ୍ୟନିୟତ ଷଡଯନ୍ତ୍ରରତ ! ତଥାପି ଚେତୁନି ଆମର ବୁଦ୍ଧି-ବିଚାର-ବିବେକ। ପ୍ରତିବାଦର ପ୍ରଖରତା କାମ୍ୟ । ଏ ସୁନ୍ଦର ସଂସାରକୁ ନିଜ ଶାଗୁଣାଡେଣାର ଛାଇତଳେ ଛାରଖାର କରିଦେବାର ଯୋଜନା ଜାଲ ବିଛାଇ ବସୁଛନ୍ତି କେଉଁ କୁଳପାଂଶୁଳ କୁଚକ୍ରୀଏ ? ହଁ, ମଣିଷ ହାଡର ହିଡ ଉପରେ ବସି, ନିଜ ମାରଣାସ୍ତ୍ର ବଜାରର ମୁନାଫା ମାହୋଲକୁ ମଉଆଳା କରିବାର ଅଭିସନ୍ଧି କରିଚାଲିଥିବା ସେଇ ଜନତନ୍ତ୍ରର ଜଘନ୍ୟ ଜହ୍ଲାଦଗଣ ସେମାନେ- ମାନବିକତାର ମୃତ୍ୟୁଦୂତ, ସାମରିକ ଅସ୍ତ୍ରବିକ୍ରେତା ବୀଭତ୍ସ ବଣିକତନ୍ତ୍ରର କୁତ୍ସିତ କରାଳ କୀଟବର୍ଗ! ପୃଥିବୀରେ ଆଜି ଅଶାନ୍ତ ଅଶୁଭ ଝଡ ସବୁଠି। ବିକଳ ବିବ୍ରତ ଆଜିର ମଣିଷ ମହାବିପ୍ଳାତର ବିଷାକ୍ତ ବ୍ୟୂହବଳୟରେ!

ପୃଥିବୀ ଧ୍ୱଂସଆଡକୁ ଅଗ୍ରସର ହେବାକୁ ଯାଉଛି। ପ୍ରାକୃତିକ, ମନୁଷ୍ୟକୃତ ବିପଦ ଏକାକାର ହୋଇଗଲାଣି। ଯୁଦ୍ଧ ଯୋଗୁ ଜଗତରେ ଜଘନ୍ୟ ଘଟଣାମାନ ଘଟିଚାଲିଛି। ଯୁଦ୍ଧ, ଭୋକ-ରୋଗରେ ସାରାସଂସାର ଜୀବଜଗତ ଛଟପଟ ହେଉଛନ୍ତି। ଯେଉଁମାନଙ୍କ ପାଖରେ ପରମାଣୁ ବୋମା ଅଛି ସେମାନେ ଯଦି ରାଗରେ ବଟନ୍ ଦବେଇ ଦିଅନ୍ତି - ତା'ହେଲେ ସମଗ୍ର ବିଶ୍ୱରେ ଘୋର ବିପର୍ଯ୍ୟୟ ଘଟିବ। ବିଶ୍ୱ ଧ୍ୱଂସର କାରଣ ହେବ।

ଆମର ଏ ବିଶ୍ୱ ଏବେ ଏକ ବିୟୋଗାତ୍ମକ ବିଶ୍ୱ, ଯାହା ଦିନ ଦିନ, ମାସ ମାସ, ମସିହା ମସିହା ଧରି ଲଗାତର ଲହୁଲୁହାଣ, ମଣିଷମରା ଯୁଦ୍ଧ-ମହାଯୁଦ୍ଧର ଜଘନ୍ୟତମ ହିଂସ୍ରହୁଙ୍କାରମୟ ଅବଦାନ- ଏ ମୁମୂର୍ଷୁ ମଣିଷଜାତିକୁ। ଯୋଜନାବଦ୍ଧ ଏ ବର୍ବର ଯୁଦ୍ଧପର୍ବର ଧୂସର ଦସ୍ତାବିଜ ତିଆରି କରିଛି ସେହି ଅତନ୍ଦ୍ର ଅମାନୁଷିକ ଦର୍ଶନ - ଯାହାର ପାପପ୍ରେରଣାରେ କରୋନାର କୃତାନ୍ତ କାଳ କବଳିତ କଲା ଆମର ଏ ଫୁଲଫସଲର ଦରଫୁଟା ପୃଥିବୀ ଗ୍ରହକୁ। ରାଜନୀତି-ଅର୍ଥନୀତି-ସମାଜନୀତିକୁ ପଙ୍ଗୁକରି ବ୍ୟକ୍ତିବାଦର ଏକ ବିପ୍ଳାତକାରୀ ବ୍ୟଭିଚାରୀ ବିକୃତବିଳାସୀ ବଣିକତନ୍ତ୍ର ନିଜ ମୁଣାଗୁଡାକରେ ମାଣିକ ଭରିବା ପାଇଁ ଆମ ସୁନାକୁ ଭେଣ୍ଡି କଲା ଆଉ ତମାମ ମଣିଷର ମଇଦାନରେ ଖେଳାଇ ଦେଲା ଘୃଣା, ସଂଶୟ, ସଙ୍କଟର ବିକଟ ଜୀବାଣୁ- ପରସ୍ପର ପ୍ରତି ସଦ୍ୟସନ୍ଦିଗ୍ଧ ପରସ୍ପରର ପୀଡିତ ମାନସଜଗତରେ ! ଯୋଜନାବଦ୍ଧ ଏପରି ଅଭାବନୀୟ ଅବିଶ୍ୱାସ୍ୟ ଯୁଦ୍ଧମହାଯୁଦ୍ଧର ଭିତ୍ତିପ୍ରସ୍ତର ସ୍ଥାପକବର୍ଗ ହୁସିଆର। ବନ୍ଦ କର ଏ ଉଭୟ ଯୁଦ୍ଧ।

**ଯାଜପୁର ରୋଡ୍, ଯାଜପୁର**
**ମୋ : ୯୮୬୧୦୩୪୧୬୩**

# ବିରାଟ ଆହ୍ୱାନ



ଉପେନ୍ଦ୍ର ବିଶ୍ୱାଳ

ପ୍ରେମ କରୁଥିବା ପୁରୁଷ ବନ୍ଧୁ ସହିତ ମୁମ୍ବାଇରେ ଲିଭ୍ ଇନ୍ ରିଲେଶନଶିପରେ ରହୁଥିଲା ସୁନ୍ଦରଗଡ଼ର ଜଣେ ଯୁବତୀ। ଦୁର୍ଭାଗ୍ୟବଶତଃ ବୀଭତ୍ସ ହତ୍ୟାର ଶିକାର ହୁଏ ପୁରୁଷ ବନ୍ଧୁ ଦ୍ୱାରା। ଗିରଫ ଯୁବକର ସ୍ୱୀକାରୋକ୍ତି ଅନୁଯାୟୀ ଅନ୍ୟମାନଙ୍କ ସହିତ ସମ୍ପର୍କକୁ ସନ୍ଦେହ କରି ହତ୍ୟା କରିବାକୁ ନିଷ୍ପତ୍ତି ନେଲା ସେ। ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ସୁଟକେସ୍ ଭିତରେ ଭର୍ତ୍ତିକରି ଫିଙ୍ଗି ଦେଇଥିଲା ମୁମ୍ବାଇର କୁର୍ଲା ରେଳ ଷ୍ଟେଶନ ରୋଡ଼ର ଏକ ଗଳିରେ। ଏହା ହିଁ ହେଉଛି ଆଜିର ଲିଭ୍ ଇନ୍ ରିଲେଶନଶିପର କରୁଣ ପରିସ୍ଥିତି। ଲିଭ୍ ଇନ୍ ରିଲେଶନଶିପରେ ରହୁଥିବା ଅନେକ ଯୁବତୀ କେତେବେଳେ ଏହିଭଳି ନୃଶଂସ ହତ୍ୟାର ଶିକାର ହେଲେଣି ତ ଆଉ କେବେ ଭିଡିଓ ଭାଇରାଲ, ଶାରୀରିକ ନିର୍ଯାତନା ଓ ଆର୍ଥିକ ଶୋଷଣ ଆଦି ଶଠତାର ଶିକାର ହେଲେଣି। ତଥାପି ଚେତା ପଶୁନାହିଁ। ଆଜି ଲିଭ୍ ଇନ୍ ରିଲେଶନଶିପ ମାମୁଲି ଘଟଣା। ପ୍ରେମ ବିବାହ ତ ଅତି ସାଧାରଣ କଥା ଆଜି। ତଥ୍ୟାନୁଯାୟୀ ସହରାଞ୍ଚଳରେ ପ୍ରେମ ବିବାହ ଶତକଡ଼ା ୮୦ ଭାଗରୁ ଅଧିକ ହେଉଥିବା ବେଳେ ବ୍ୟବସ୍ଥିତ (ଆରେଞ୍ଜ୍‌ଡ) ବିବାହର ପରିମାଣ ମାତ୍ର ୨୦ ଭାଗ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଯେଉଁ ହାରରେ ବଢୁଛି ପ୍ରେମ ବିବାହ, ସେହି ହାରରେ ବି ବଢ଼ି ବଢ଼ି ଚାଲିଛି ଦାମ୍ପତ୍ୟ କଳହ, ଅଶାନ୍ତି ଓ ଛାଡ଼ପତ୍ର ସଂଖ୍ୟା। ବିବାହ ବିଚ୍ଛେଦ ବି ହେଲାଣି ସାମାନ୍ୟ ଘଟଣା। ଜୀବନରେ ପ୍ରେମ କରିବା ସତେଯେମିତି ବଡ଼ ବାହାଦୁରି, ବୀରତ୍ୱର ବିରାଟପଣ, ଜୀବନର ସବୁଠୁ କୃତିତ୍ୱର ପାଠ! ସ୍କୁଲ, କଲେଜରୁ ଆରମ୍ଭ ହେଲା ଡେଟିଂ। ଡେଟିଂ ପରେ ଅନ୍ଧମୁହାଣୀ ହୁଏ ଦାମ୍ପତ୍ୟ ଜୀବନ, ଯାହାକି ସମାଜ ପାଇଁ ବ୍ୟଥା,ବେଦନାର କାରଣ ସାଜେ। ଏଭଳିସ୍ଥଳେ ବିବାହର ସ୍ଥାୟିତ୍ୱ ଆମ ପାଇଁ ଆଜି ଏକ ବିରାଟ ଆହ୍ୱାନ। ବିବାହର ସ୍ଥାୟିତ୍ୱ ଉପରେ ନିର୍ଭର କରେ ପାରିବାରିକ ସୁଖ, ଶାନ୍ତି, ଶୃଙ୍ଖଳା, ସ୍ୱାସ୍ଥ୍ୟ। ନିର୍ଭର କରେ ଭବିଷ୍ୟତ ବଂଶଧରଙ୍କ ଭାଗ୍ୟ। ଶୃଙ୍ଖଳିତ ପରିବାର, ସୁସ୍ଥ ଓ ସୁନ୍ଦର ସମାଜ ଉପରେ ନିର୍ଭର କରେ ଗୋଟେ ଦେଶର ଭାଗ୍ୟ ଓ ଭବିଷ୍ୟତ।

ବଢୁଥିବା ବିବାହ ବିଚ୍ଛେଦ ଓ ଲିଭ୍ ଇନ୍ ରିଲେଶନଶିପ ଘଟଣା ଯୋଗୁ ଭାରତର ଭବିଷ୍ୟତ ବି ଅନ୍ଧକାରମୁହାଁ। ଲିଭ୍ ଇନ୍ ରିଲେଶନଶିପ, ବିବାହ ବିଚ୍ଛେଦ ଏବଂ ପିଲା ଜନ୍ମ କରିବାକୁ ଝିଅଙ୍କ ଅମଙ୍ଗ ଆଦି କାରଣ ଯୋଗୁ ଦ୍ରୁତ ଗତିରେ ହ୍ରାସ ପାଇଚାଲିଛି ଜନ୍ମହାର। ପରିଣତିରେ ଆଜିର 'ଯୁବା ଦେଶ' ପରିଣତ ହେବାକୁ ଯାଉଛି 'ବୟସ୍କଙ୍କ ଦେଶ'ରେ। ଉପଯୁକ୍ତ କାରଣ ଯୋଗୁ ତ ଭୀଷଣ ସମସ୍ୟାରେ ସୋଭିଏତ୍ ରୁଷ୍, ଚାଇନା, ଜାପାନ, ଦକ୍ଷିଣ କୋରିଆ ଆଦି ଅନ୍ୟାନ୍ୟ ଦେଶ ସମେତ ସମଗ୍ର ୟୁରୋପ ଜଗତ। ୧୯୯୦ରୁ କ୍ରମାଗତ ଭାବେ ଲୋକସଂଖ୍ୟା ହ୍ରାସ ପାଇ ଚାଲିଥିବାରୁ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆବେଗିକ ଭାବେ ଯୁବସମାଜକୁ ନିବେଦନ କରିଛନ୍ତି ଅନ୍ୟୂନ ୫/୬ ଟିରୁ ଅଧିକ ସନ୍ତାନ ଜନ୍ମ କରିବାକୁ। ଏପରିକି ଯେଉଁ ଦମ୍ପତି ଦେଶ ପାଇଁ ୮ଟିରୁ ଅଧିକ ପିଲା ଜନ୍ମଦେବେ ସେମାନଙ୍କୁ 'ଦେଶପ୍ରେମୀ ଦମ୍ପତି' ଭାବେ ସମ୍ବର୍ଦ୍ଧିତ କରାଯିବ ବୋଲି ନିକଟରେ ଘୋଷଣା କରିଛନ୍ତି। ଏହିସବୁ ଦୃଷ୍ଟିକୋଣରୁ ଏକାଠି ସହାବସ୍ଥାନ ସମ୍ପର୍କକୁ ଛି କରି



ଯୁବାବର୍ଗଙ୍କ ପାଇଁ ବିବାହ କରିବା ଅପରିହାର୍ଯ୍ୟ ଆଜି। ଅନ୍ୟଥା ଅନେକ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବ ଆମକୁ।

ଜନ୍ମହାର ହ୍ରାସ ଯୋଗୁ ଆଗାମୀ ଦିନରେ ଯୁବାବର୍ଗଙ୍କ ସଂଖ୍ୟା ହ୍ରାସ ପାଇବା ସହିତ ବୃଦ୍ଧାବୃଦ୍ଧଙ୍କ ସଂଖ୍ୟା ଖୁବ୍ ବୃଦ୍ଧି ପାଇବ। ଯୁବସଂଖ୍ୟାର ହ୍ରାସ ଫଳରେ ଶ୍ରମଶକ୍ତିର ହ୍ରାସ ଘଟିବ। ଯା'ଫଳରେ ଦେଶର ଆର୍ଥିକ ସ୍ଥିତି ଉପରେ କୁପ୍ରଭାବ ପଡ଼ିବ। ଆହୁରି ବି ବିସ୍ଫୋରକ ସଂଖ୍ୟାରେ ଥିବା ବୃଦ୍ଧାବୃଦ୍ଧଙ୍କ ସେବା ପାଇଁ ଲୋକଶକ୍ତିର ଘୋର ଅଭାବ ଦେଖାଦେବ। ସେ ତ ଦୂରର କଥା, ସେମାନଙ୍କ ଡାକହାକ ଶୁଣିବାକୁ ବି ତାଙ୍କ ପାଖରେ ହୁଏତ କେହି ନ ଥିବେ। ରାଷ୍ଟ୍ରର ଆବଶ୍ୟକତାକୁ ହୃଦୟଙ୍ଗମ କରି ସେଦିନ ଜର୍ମାନୀ ଯୁବକମାନେ ଯେମିତି ଆଗେଇ ଆସିଥିଲେ, ଠିକ୍ ସେମିତି ଭାରତୀୟ ଯୁବସମାଜ ମଧ୍ୟ ଦାୟିତ୍ୱକୁ ହୃଦୟଙ୍ଗମ କରି ଦେଶଭକ୍ତିର ପରିଚୟ ଦେବା ଉଚିତ। ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଜର୍ମାନୀର ଲକ୍ଷ ଲକ୍ଷ ଯୁବକ ଦେଶ ପାଇଁ ଲଢ଼ି ପ୍ରାଣବଳି ଦେଇଥିଲେ। ସଭିଙ୍କୁ ଘାରିଲା ଆଗାମୀ ପିଢ଼ି ପାଇଁ ଚିନ୍ତା। ଏଣୁ ରାଷ୍ଟ୍ରପତି ହିଟ୍‌ଲରଙ୍କ କଡ଼ା ନିର୍ଦ୍ଦେଶ ଥିଲା- ଜର୍ମାନୀର ପ୍ରତ୍ୟେକ ଯୁବକ ଜଣେ ଯୁବତୀ ପାଇଁ ଜନ୍ମିତ। ଜନସଂଖ୍ୟା ହ୍ରାସ ଜନିତ ସମସ୍ୟା ଦୂରୀକରଣ ମଧ୍ୟ ପ୍ରତିଟି ଯୁବାପ୍ରାଣର ଦାୟିତ୍ୱ। ଦେଶର କୌଣସି ଯୁବତୀଯୁବକ ଯେମିତି ଅବିବାହିତ ନ ରହିବେ, ସେଥିପାଇଁ କଡ଼ା ନିର୍ଦ୍ଦେଶ ଥିଲା ହିଟ୍‌ଲରଙ୍କର। ଜର୍ମାନୀର ଯୁବକମାନେ ସେତେବେଳେ ଏହି ଆହ୍ୱାନକୁ ଗ୍ରହଣ କରିଥିଲେ ବୋଲି ୟୁରୋପର ସର୍ବାଧିକ ଦ୍ୱିତୀୟ ବୃହତ୍ତମ ଜନସଂଖ୍ୟାର ଦେଶ ଏବଂ ବିଶ୍ୱର ଅନ୍ୟ ଏକ ବିକଶିତ ଭୂଖଣ୍ଡ ସେ ଦେଶ ଆଜି।

ଦାମ୍ପତ୍ୟ ଜୀବନରେ ଉଭୟ ପକ୍ଷ ମାତାପିତାଙ୍କ ମାତ୍ରାଧିକ ହସ୍ତକ୍ଷେପ ଆଜି। ନବ ଦମ୍ପତିଙ୍କ କଳହକୁ ପ୍ରଶମିତ କରିବା ବଦଳରେ ଏମାନେ ଆହୁରି ଜଟିଳ କରିଥାନ୍ତି। କନ୍ୟା ପାଇଁ ଶ୍ୱଶୁରାଳୟ ହେଉଛି ବାସ୍ତବରେ ବିଶ୍ୱବିଦ୍ୟାଳୟ ସମ। ପିଣ୍ଡଦାନ କରି ପିତ୍ରାଳୟକୁ ପଛ କରି ଆସିଥିବା କନ୍ୟା ପାଇଁ ଶ୍ୱଶୁରାଳୟ ହେଉଛି ବୈକୁଣ୍ଠପୁର ଭଳି। ମାତାପିତା ଯେମିତି ତାଙ୍କ ଦାମ୍ପତ୍ୟ ଜୀବନରେ ହସ୍ତକ୍ଷେପ କରିବାକୁ ସୁଯୋଗ ନ ପାଆନ୍ତି, ସେଥିପ୍ରତି କନ୍ୟାମାନେ ଯତ୍ନବାନ ହେବା ଉଚିତ। ସେମିତି ବି ଘର, ଗୋଷ୍ଠୀ, ଆତ୍ମୀୟସ୍ୱଜନ, ଜନ୍ମକଲା ମାଆବାପାଙ୍କୁ ଛାଡ଼ି ସ୍ୱାମୀଙ୍କ ଉପରେ ବହୁ ଆଶା ଭରସା ରଖି ନୂଆ ଘରକୁ ଆପଣାଇ ନେଇଥିବା କନ୍ୟାରତ୍ନଟିକୁ ଆତ୍ମୀୟ ପଣରେ ଆଦରି ନେବାରେ କୁଣ୍ଠାବୋଧ କାହିଁକି? ନିଜର ବଡ଼ିମାପଣ ଅବା କର୍ତ୍ତୃତ୍ୱ ଜାହିର କରିବାର ମାନସିକତା ପାଇଁ ଦୁଇଟି ଅମୂଲ୍ୟ ଜୀବନକୁ ବିପର୍ଯ୍ୟସ୍ତ କରିବା ଉଚିତ କି? ଏହି ପରିପ୍ରେକ୍ଷୀରେ ଏପ୍ରିଲ ୨୦୧୮ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପ୍ରଦତ୍ତ ପରାମର୍ଶ ମଧ୍ୟ ବେଶ୍ ପ୍ରଣିଧାନଯୋଗ୍ୟ। ବିବାହ ପରେ ନବ ଦମ୍ପତିଙ୍କୁ କଦାପି ବାଧ୍ୟ କରନ୍ତୁ ନାହିଁ ପରିବାରର ସମସ୍ତଙ୍କ ସହିତ ଏକାଠି ରହିବାକୁ। ଅନ୍ତତଃ କିଛିଦିନ ପାଇଁ ସେମାନେ ସ୍ୱାଧୀନ ଭାବେ ଏକାଠି ଯେମିତି ରହିବେ ସେଥିପାଇଁ ତାଙ୍କୁ ପ୍ରୋତ୍ସାହିତ କରିବା ଉଚିତ। ଫଳରେ ସୁଦୃଢ଼ ହେବ ସେମାନଙ୍କ ବନ୍ଧନ। ବନ୍ଧନ ଯେତେ ଦୃଢ଼ ରହିବ, ସେତେ ସୁଖମୟ ହେବ ତାଙ୍କ ଦାମ୍ପତ୍ୟ ଜୀବନ। ନବ ବିବାହିତା ବୋହୂଟିର ମନ ଭିତରେ ଥାଏ ଅନେକ ଶଙ୍କା ଓ ସଂଶୟ। ତା'କୁ ଦୂରକରିବା ଆମ ଦାୟିତ୍ୱ।

**ମୋ:୯୪୩୭୪୩୬୦୭୩**

## ଏଇ ଭାରତରେ

ଅନେକଙ୍କର ଜୀବନ ଜୀବିକା ସଂଘର୍ଷର କାହାଣୀ ପ୍ରେରଣାଦାୟୀ ହୋଇଥାଏ, ଯାହା ଘଟିଛି ଗାଜିଆବାଦର ବାଇକ୍ ମେକାନିକ୍ ପୁନମ୍ ଦେବୀଙ୍କ ଜୀବନରେ। ପୁନମ୍‌ଙ୍କ ସ୍ୱାମୀ ପେସାରେ ଜଣେ ମେକାନିକ୍। କିନ୍ତୁ ଏକ ଦୁର୍ଘଟଣା ପରେ ସେ ପକ୍ଷାଘାତର ଶିକାର ହୋଇଥିଲେ। ପରିବାରର ରୋଜଗାର ଶୂନ ହୋଇଯିବାରୁ ଦାୟିତ୍ୱ ପୁନମଙ୍କ ଉପରକୁ ଆସିଲା। ସେ ପତିଙ୍କ ଭଳି ମେକାନିକ୍ କାମ କରିବାକୁ ଆଗେଇ ଆସିଲେ। ପୁରୁଷକୈନ୍ଦ୍ରିକ କାର୍ଯ୍ୟକୁ ସଫଳତାର ସହ ନିର୍ବାହ କରିପାରିବେ ନାହିଁ ବୋଲି ଅନେକ ଆରମ୍ଭରୁ ମନେ କରିଥିଲେ। କିନ୍ତୁ ଏବେ ପୁନମ୍ ତାଙ୍କ ଦକ୍ଷତା ପ୍ରତିପାଦିତ କରି ଅନ୍ୟ ଅସହାୟା ମହିଳାଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟି ଯାଇଛନ୍ତି। ଆରମ୍ଭରୁ ସେ ଏହି କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ବି ତାହାକୁ ଅତିକ୍ରମ କରିଯାଇଛନ୍ତି। ସେ ନିୟମିତ ସକାଳୁ ଘରକାମ ସାରି ଗ୍ୟାରେଜ ଯାଉଛନ୍ତି। ସେଠାରେ ବିଳମ୍ବିତ ରାତିଯାଏ କାମ କରୁଛନ୍ତି। ଏହି ରୋଜଗାରରେ ଏବେ ତାଙ୍କ ପରିବାର ଭଲରେ ଚଳୁଛି ଓ ପିଲାମାନେ ବି ପଢ଼ିପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଡିସେମ୍ବର ୧୯୭୪

- ମୁଦ୍ରାସ୍ଫୀତି ଓ ଡଲାର ମୂଲ୍ୟ ହ୍ରାସର ପ୍ରଭାବକୁ ମୁଖ୍ୟତଃ ଦୂର କରିବା ଉଦ୍ଦେଶ୍ୟରେ ଜାତିସଂଘର ବଜେଟ ସହିତ ଅଧିକ ୪୪,୩୫୮, ୦୦୦ ଡଲାର ଅର୍ଥକୁ ସାଧାରଣ ଆସେମ୍ବ୍ଲିର ବଜେଟ କମିଟି ମଞ୍ଜୁର କରିଛି।
- ଭାରତ ଓ ବାଂଲାଦେଶ ମଧ୍ୟରେ କଟକଣାମୁକ୍ତ ମୁଦ୍ରା ବିନିମୟ ଭିତ୍ତିରେ ବାଣିଜ୍ୟ କାରବାର କରାଯିବା ନେଇ ଏକ ନୂତନ ଚୁକ୍ତି ସ୍ୱାକ୍ଷରିତ।
- ନେପାଳର ଜନୈକ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ଋଷିକେଶ ଶାହା ନିରାପତ୍ତା ଆଇନରେ ଗିରଫ।

## ଚିରନ୍ତନୀ

କହ କହ ଆଉଥରେ ଶୁଣିବାକୁ ଉତ୍କର୍ଣ୍ଣା ଧରଣୀ
ଜ୍ୱଳନ୍ତ ତା' କ୍ଷତ ପରେ ଲାଗୁ ତବ ବିଷଲ୍ୟକରଣୀ
ଶୁଣାଅ ଶୁଣାଅ ପୁଣି କିଏ ମିଥ୍ୟା କିଏ ପଥଭ୍ରାନ୍ତ
ହେ ଅଟଳ ସତ୍ୟସନ୍ଧ! ହେ କଠୋର ସାଧକ ଅଶାନ୍ତ।
-(ଜାଗ ଜାଗ ଗାନ୍ଧୀ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଳିଆର ପାହାଡ଼

ମହାଶୟ,

ଦୀର୍ଘଦିନ ଧରି ସୈନିକ ସ୍କୁଲ ପାଖ ଡମ୍ପିୟାର୍ଡ ପାହାଡ଼ ସଦୃଶରେ ରୂପାନ୍ତରିତ ହେଲାଣି। ରାଜଧାନୀର ବିଭିନ୍ନ ସ୍ଥାନରୁ ନିର୍ଗତ ଅଳିଆ, ଆବର୍ଜନା ଏଠି ସାଧାରଣ ଜନଜୀବନକୁ ରୁଗ୍ଣ କରିଦେଲାଣି। ସମସ୍ତେ ଚର୍ମ ରୋଗରେ ଆକ୍ରାନ୍ତ ହେଲେଣି। ଦୁର୍ଗନ୍ଧ ଏତେ ଯେ ଆଖପାଖରେ ରହିବା ସମ୍ଭବ ହେଉନାହିଁ। ବିଶେଷକରି ଏହି ଅଞ୍ଚଳରେ ଥିବା ସ୍କୁଲ, କଲେଜରେ ପାଠ ପଢ଼ିବା ମଧ୍ୟ ସମ୍ଭବ ହେଉନାହିଁ। ରାଜଧାନୀରେ ପ୍ରତିଦିନ ଶହ ଶହ ଗାଡ଼ି ଅଳିଆ ଆବର୍ଜନା କାର୍ଯ୍ୟରେ ନିୟୋଜିତ ଥିଲେ ମଧ୍ୟ ପୃଥକୀକରଣ ଜରିଆରେ ମାତ୍ରାକୁ କମାଇବାକୁ ଚେଷ୍ଟା କରାଯାଉଥିଲେ ବି ତାହା ସମ୍ଭବପର ହେଉନାହିଁ। ଏଥିପାଇଁ ବିଏମ୍‌ସିକୁ ଟିକିଏ ଆମ ତରଫରୁ ସହଯୋଗ କରିବାକୁ ପଡ଼ିବ।

**-ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଗଳା କାଟି ଛାତ୍ରଙ୍କୁ ହତ୍ୟା

## ପୋଖରୀ ହୁଡ଼ାରୁ ରକ୍ତ ଜୁଡୁବୁଡୁ ମୃତଦେହ ଜବତ

ମଙ୍ଗୁଳି-ଜଗତପୁର,୧୭।୧୨ (ମାନସ ସାମଲ)

କଟକ ଜିଲା ଜଗତପୁର ଥାନା ପୂର୍ବକଚ୍ଛ ଗ୍ରାମର ଚନ୍ଦନ ପୋଖରୀ ହୁଡ଼ାରେ ଜଣେ ଛାତ୍ରଙ୍କ ଗଳା କାଟି ହତ୍ୟା କରିବା ପରେ ଫିଙ୍ଗିଦିଆଯାଇଛି। ସେ ହେଲେ ଉକ୍ତ ଗ୍ରାମର ଜଗନ୍ନାଥ ବେହେରାଙ୍କ ପୁଅ ଜ୍ୟୋତିପ୍ରକାଶ ବେହେରା(୧୨)। ରବିବାର ପୂର୍ବାହ୍ନରେ ଖବରପାଇ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳ ତଦନ୍ତ କରିଥିଲେ। ସେଠାରୁ ଏକ ଗାମୁଛା ଜବତ କରାଯାଇଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଜ୍ୟୋତିପ୍ରକାଶଙ୍କ ଗଳା, ହାତ ପାପୁଲି ଓ ପେଟରେ ଗଭୀର କ୍ଷତଚିହ୍ନ ରହିଛି। ତେଣୁ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ପୋଖରୀ ହୁଡ଼ାରେ ଫିଙ୍ଗି ଦେଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜ୍ୟୋତିପ୍ରକାଶ ସ୍ଥାନୀୟ ଲକ୍ଷ୍ମୀନୃସିଂହ ଉ.ପ୍ରା. ବିଦ୍ୟାପୀଠରେ ସପ୍ତମ ଶ୍ରେଣୀରେ ପଢୁଥିଲେ। ଶନିବାର ସେ ସ୍କୁଲ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ରବିବାର ସକାଳ ପ୍ରାୟ ସାଢ଼େ ୭ଟାରେ ଗ୍ରାମର କେତେଜଣ ମହିଳା ପୋଖରୀକୁ ଗାଧୋଇବା ପାଇଁ ଯାଉଥିବାବେଳେ ଜ୍ୟୋତିପ୍ରକାଶଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ।

# ଆଖି ଖୋଲି ରାଜ୍ୟ ସରକାରଙ୍କ ବିକାଶ କାର୍ଯ୍ୟକୁ ଦେଖ



ଗଞ୍ଜାମ ଜିଲା ଗସ୍ତ ଅବସରରେ ପୋଲସରାଠାରେ ରବିବାର ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ମହିଳାମାନେ ସ୍ୱାଗତ କରୁଛନ୍ତି।

## ଗଞ୍ଜାମ ଗସ୍ତବେଳେ ବିରୋଧୀଙ୍କୁ ଟାର୍ଗେଟ୍ କଲେ କାର୍ତ୍ତିକ ପାଣ୍ଡିଆନ

ଭୁବନେଶ୍ୱର, ୧୭।୧୨(ସୁନିତ୍ ମିଶ୍ର)

ଗଞ୍ଜାମ ଜିଲା ଗସ୍ତ ବେଳେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିରୋଧୀଙ୍କୁ କଡ଼ା ଜବାବ ଦେଇଛନ୍ତି। ବିଜେଡିରେ ଯୋଗଦେବା ପରେ ଗଞ୍ଜାମ ଜିଲାକୁ ପ୍ରଥମ ଗସ୍ତ କରିବା ଅବସରରେ ପାଣ୍ଡିଆନ୍ କହିଛନ୍ତି, କିଛି ଲୋକଙ୍କୁ ବିକାଶ ଦେଖାଯାଉନାହିଁ। ସେମାନେ ରୂପାନ୍ତରଣକୁ ଗ୍ରହଣ କରିପାରୁନାହାନ୍ତି। ରୂପାନ୍ତରଣ କଥା ଆସିଲା ବେଳକୁ ସେମାନେ ଅନ୍ଧ ହୋଇଯାଉଛନ୍ତି। ଆଖି ଖୋଲିଲେ ଓଡ଼ିଶାର ସବୁଠି ବିକାଶ ଓ ରୂପାନ୍ତରଣ ଜଳଜଳ ହୋଇ ଦେଖାଯିବ। ଓଡ଼ିଶା ବିକାଶର ନୂଆ ଅଧ୍ୟାୟ ଲେଖୁଛି। ଐତିହାସିକ ରୂପାନ୍ତରଣ ଦେଖି ବି କିଛି ଲୋକ ବାରମ୍ବାର ଅପପ୍ରଚାର କରୁଥିବା ସେ କହିଛନ୍ତି।

ପାଣ୍ଡିଆନ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ରାଜ୍ୟରେ ରୂପାନ୍ତରଣ କରୁଛନ୍ତି। ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ ସାଙ୍ଗକୁ ବିଭିନ୍ନ ସୁବିଧା ସହ ସ୍କୁଲ ରୂପାନ୍ତରଣ ହୋଇଛି। ରାଜ୍ୟରେ ସବୁ କଲେଜର ରୂପରେଖ ବଦଳୁଛି। ବଡ଼ ସ୍ୱପ୍ନ ଦେଖିବାକୁ ଗରିବଙ୍କୁ ମୁଖ୍ୟମନ୍ତ୍ରୀ ଆଜି ସଶକ୍ତ କରିଛନ୍ତି। ଗରିବରୁ ଗରିବ ଲୋକ ମଧ୍ୟ ନିଜ ସନ୍ତାନକୁ ଡାକ୍ତର, ଇଞ୍ଜିନିୟର, ଆଇଏଏସ୍ ଅଫିସର କରିବାର ସ୍ୱପ୍ନ ଦେଖୁଛି ଓ ତାହାକୁ ସାକାର କରିବାର ସାମର୍ଥ୍ୟ ମଧ୍ୟ ରଖୁଛି। କେବଳ ସେତିକି ନୁହେଁ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ବଡ଼ ହସ୍ପିଟାଲରେ ଗରିବଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁଛି। ରାଜ୍ୟରେ ଆମ ହସ୍ପିଟାଲ ଯୋଜନା କାର୍ଯ୍ୟକାରୀ ହୋଇଛି। ମେଡିକାଲ କଲେଜ ସଂଖ୍ୟା ବଢ଼ିଛି। ଓଡ଼ିଶା ଏବେ ଡାକ୍ତର ବଳକା ରାଜ୍ୟ ହୋଇଛି। ପୁରୀ ଶ୍ରୀମନ୍ଦିରରୁ ସମଲେଇ ମନ୍ଦିର, ଗୁପ୍ତେଶ୍ୱରରୁ ଆଖଣ୍ଡଳମଣି ରାଜ୍ୟର ସବୁ ଐତିହ୍ୟସ୍ଥଳୀର ରୂପାନ୍ତରୀକରଣ କରାଯାଇଛି। ସବୁ ପଞ୍ଚାୟତରେ ଥିବା ମନ୍ଦିରର ସୌନ୍ଦର୍ଯ୍ୟକରଣ ହେଉଛି। ମିଶନ ଶକ୍ତି, ଆମ ବ୍ୟାଙ୍କ ଭଳି ଅର୍ଥନୈତିକ ଅଭିଯାନ ଦ୍ୱାରା ଲୋକଙ୍କ ଜୀବନଧାରା ବଦଳିଛି। ଲକ୍ଷ୍ମୀ ବସ୍ ଯୋଜନା, ରାସ୍ତା ଓ ସେତୁ ନିର୍ମାଣ ଦ୍ୱାରା ଗମନାଗମନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଯଦି ଏସବୁ ରୂପାନ୍ତରଣ କିଛି ଲୋକଙ୍କୁ ଦିଶୁନି, ତେବେ ସେମାନେ ଆଖି ଖୋଲିବା ଦରକାର ବୋଲି ରବିବାର ଛତ୍ରପୁର ସୁନ୍ଦରେଶ୍ୱର ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା ବେଳେ ସେ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୧୬ ତାରିଖରୁ ପାଣ୍ଡିଆନ ୨ ଦିନିଆ ଗଞ୍ଜାମ ଜିଲା ଗସ୍ତ କରିଥିଲେ। ପ୍ରଥମ ଦିନରେ ହିଞ୍ଜିଳିକାଟୁ ନିକଟ କୋଦିଲିମାଠାରେ ଥିବା ଖମ୍ବେୟାଦୋରା ଜୁନିୟର କଲେଜରେ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ଉତ୍ସାହିତ କରିଥିଲେ। ହିଞ୍ଜିଳିକାଟୁ ମିନି ଷ୍ଟାଡିୟମଠାରେ ନୂଆ-ଓ କାର୍ଯ୍ୟକ୍ରମରେ ମଧ୍ୟ ଛାତ୍ରୀଛାତ୍ରମାନଙ୍କ ସହ ଭାବ ଆଦାନପ୍ରଦାନ କରିଥିଲେ। ଏହାପରେ ଶେରଗଡ଼ ଯାଇ ମିଶନ ଶକ୍ତି ମହିଳା ଓ ଚାଷୀଙ୍କ ସହ ପୃଥକ୍ ପୃଥକ୍ ଆଲୋଚନା କରିଥିଲେ। ସନ୍ଧ୍ୟାରେ ବ୍ରହ୍ମପୁରର ଇଷ୍ଟଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ରବିବାର ଭୋର୍‌ରୁ ପ୍ରଥମେ ଏମ୍‌କେସିଜି ମେଡିକାଲ କଲେଜ ଯାଇ ସେଠାରେ ଡାକ୍ତରୀ ଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଭୋର ୫ଟା ୪୫ରେ ପହଞ୍ଚିଥିବାରୁ ସମସ୍ତଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ଏହାସହ ମେଡିକାଲର ବିଭିନ୍ନ ୱାର୍ଡ ବୁଲିବା ସହିତ ଏମ୍‌କେସିଜିରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ସମେତ ୭୬ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ କ୍ୟାନ୍‌ସର କେୟାର ସେଣ୍ଟରର ସମୀକ୍ଷା କରିଥିଲେ। ବ୍ରହ୍ମପୁର ଉପକଣ୍ଠ କୁକୁଡ଼ାଖଣ୍ଡିର କୁସୁମୀଠାରେ ୨୨୦ କୋଟି ଟଙ୍କା ବ୍ୟୟରେ ତିଆରି ହେଉଥିବା ରିଂ ରୋଡ୍ କାର୍ଯ୍ୟର ଅଗ୍ରଗତି ବିଷୟରେ ବୁଝିଥିଲେ। ଗୋପାଳପୁର ମାର୍କଣ୍ଡିଠାରେ ୯୩ କୋଟି ଓ ହରିପୁରଠାରେ ୮୪ କୋଟି ବ୍ୟୟରେ ନିର୍ମାଣାଧୀନ ପ୍ରକଳ୍ପ ଏବଂ ୧୫୭୨ କୋଟି ଟଙ୍କା ବ୍ୟୟରେ ପୋଲସରା ଓ କବିସୂର୍ଯ୍ୟନଗରରେ ନିର୍ମାଣାଧୀନ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଭଞ୍ଜନଗରଠାରେ ୧୯୧୩ କୋଟିର ନିର୍ମାଣାଧୀନ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ, ୧୨୦ କୋଟି ବ୍ୟୟରେ ନୂଆଗାଁଠାରେ ଋଷିକୁଲ୍ୟା ନଦୀର ଜଳସେଚନ ଯୋଜନା, ଢୋଲପିଟା ବଡ଼ନଦୀରେ ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକ୍‌ଚର ନିର୍ମାଣ ସମ୍ପର୍କରେ ସ୍ଥାନୀୟ ବିଧାୟକ ବିକ୍ରମ କେଶରୀ ଆରୁଖଙ୍କ ସହ ସେ ଆଲୋଚନା କରିଥିଲେ। ପାଣ୍ଡିଆନଙ୍କ ଗସ୍ତ ଅବସରରେ ପ୍ରତ୍ୟେକ ସ୍ଥାନରେ ହଜାର ହଜାର ଲୋକ ଉପସ୍ଥିତ ରହି ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଗସ୍ତ ସମୟରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ବିଜେଡି ପର୍ଯ୍ୟବେକ୍ଷକ ମାନସ ରଞ୍ଜନ ମଙ୍ଗରାଜ ଓ ବିଭିନ୍ନ ନିର୍ବାଚନମଣ୍ଡଳୀର ବିଧାୟକ, ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସିଏଚ୍ଏସ୍ଏଲ୍ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି

ଭୁବନେଶ୍ୱର,୧୭।୧୨ (ଅସମାପିକା ସାହୁ)

ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍ଏସ୍‌ସି) ପକ୍ଷରୁ ରବିବାର ଅନୁଷ୍ଠିତ ସିଏଚ୍ଏସ୍ଏଲ୍ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଦେଖିବାକୁ ମିଳିଛି। ସେଟ୍ 'ଏ' ଓ 'ବି' ଛାପାରେ ଭୁଲ୍ ଥିବା ଅଭିଯୋଗ ହୋଇଛି। ସେଟ୍ 'ବି'ର ପ୍ରଶ୍ନ ସଂଖ୍ୟା ୧୩୧ରୁ ୧୩୫ ପର୍ଯ୍ୟନ୍ତ ପାଇ ଚାର୍ଟ ନେଇ ପ୍ରଶ୍ନ ପଚରାଯାଇଥିଲା। ହେଲେ ପାଇଚାର୍ଟ ନ ଥିବାରୁ ପରୀକ୍ଷାର୍ଥୀମାନେ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ଅନୁରୂପ ଭାବେ ସେଟ୍ 'ଏ'ର ପ୍ରଶ୍ନ ସଂଖ୍ୟା ୨୬ରେ ତ୍ରୁଟି ଥିବା ଜଣାପଡ଼ିଛି। ପରୀକ୍ଷା ପରେ ବହୁ ଛାତ୍ରୀଛାତ୍ର ଏନେଇ ଆୟୋଗକୁ ଅଭିଯୋଗ କରିଛନ୍ତି। ପ୍ରଶ୍ନପତ୍ର ଛାପାରେ ଭୁଲ୍ ଥିବା ଓଏସ୍ଏସ୍‌ସି ସ୍ୱୀକାର କରି ଏକ ବିଜ୍ଞପ୍ତି ପ୍ରକାଶ କରିଛି। ସମସ୍ତ ଛାତ୍ରୀଛାତ୍ରଙ୍କ ନ୍ୟାୟସଙ୍ଗତ ମୂଲ୍ୟାଙ୍କନ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି।

# ଏମ୍ଆର୍ଆଇ, ସିଟି ସ୍କାନ୍ ପାଇଁ ଏବେ ପ୍ରେସ୍କ୍ରିପଶନ ଯାଞ୍ଚ ହେବ

ଭୁବନେଶ୍ୱର, ୧୭।୧୨(ସୁନିତ୍ ମିଶ୍ର)

### କ୍ୟାପିଟାଲ ହସ୍ପିଟାଲ



ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଏମ୍ଆର୍ଆଇ ଏବଂ ସିଟି ସ୍କାନ ପାଇଁ ନିୟମ କଡ଼ାକଡ଼ି କରାଯାଇଛି। ଏଣିକି ଏମ୍ଆର୍ଆଇ ଏବଂ ସିଟି ସ୍କାନ୍ ପାଇଁ ରୋଗୀଙ୍କ ପ୍ରେସ୍କ୍ରିପଶନ ଯାଞ୍ଚ ହେବ। ଆଗଭଳି ଆଉ ବିନା ଅନୁସନ୍ଧାନରେ ଏମ୍ଆର୍ଆଇ ଏବଂ ସିଟି ସ୍କାନ୍ ରିପୋର୍ଟ ଡାକ୍ତରମାନେ ଲେଖିପାରିବେ ନାହିଁ। ଏନେଇ ଏସ୍‌ଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଜାରି କରାଯାଇଛି। କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଘରୋଇ ସ୍ତରରେ ଏମ୍ଆର୍ଆଇ/ସିଟି ସ୍କାନ୍ ବ୍ୟୟବହୁଳ ହୋଇଥିବା ବେଳେ କ୍ୟାପିଟାଲ ହସ୍ପିଟାଲରେ ମାଗଣାରେ ଏହାକୁ କରିବା ପାଇଁ ରୋଗୀମାନେ ନକଲି ପ୍ରେସ୍କ୍ରିପଶନ ବ୍ୟବହାର କରୁଛନ୍ତି। ଏମିତି କି ଏହାକୁ ନେଇ ଦଲାଲ ମାତିଥିବା ଜଣାପଡ଼ିଛି।

ତେଣୁ କେବଳ କ୍ୟାପିଟାଲ୍ ହସ୍ପିଟାଲର ସହକାରୀ ପ୍ରଫେସର କିମ୍ବା ପିଜିଆଇଏମ୍ଇଆର୍ ଡାକ୍ତରମାନେ ଏମ୍ଆର୍ଆଇ/ସିଟି ସ୍କାନ୍ ପାଇଁ ପରାମର୍ଶ ଦେଇପାରିବେ। ଏମ୍ଆର୍ଆଇ/ସିଟିସ୍କାନ୍ ପାଇଁ ଲେଖାଯାଇଥିବା ସମସ୍ତ ପ୍ରେସ୍କ୍ରିପଶନ ରେଫେରାଲର ଯାଞ୍ଚ କରାଯିବ। ସେଥିରେ ସମ୍ପୃକ୍ତ ଡାକ୍ତରଙ୍କ ଦସ୍ତଖତ ସମେତ ତାରିଖ ରହିଥିବା ଆବଶ୍ୟକ। ଅନ୍ୟପଟେ ଡାକ୍ତରମାନେ ଉକ୍ତ ପରୀକ୍ଷା ପାଇଁ ନିଜ ବିଭାଗ ସହିତ ଜଡ଼ିତ ଏମ୍ଆର୍ଆଇ/ସିଟି ସ୍କାନ ପାଇଁ ପରାମର୍ଶ ଦେଇପାରିବେ। ସେହିପରି ଅନେକ ସମୟରେ ଦେଖାଯାଇଛି ଯେ, ଅନେକ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଏମ୍ଆର୍ଆଇ ଓ ସିଟିସ୍କାନ ରୁମ୍‌ରେ ପ୍ରବେଶ କରୁଛନ୍ତି। ନିଜ ଇଚ୍ଛା ଅନୁଯାୟୀ ଏମ୍ଆର୍ଆଇ ଏବଂ ସିଟି ସ୍କାନ କରିବା ପାଇଁ ଟେକ୍ନିସିଆନଙ୍କ ଉପରେ ଚାପ ପକାଉଛନ୍ତି। ସେମାନଙ୍କ ଉପରେ କଡ଼ା ନଜର ରଖାଯିବ। ଏମ୍ଆର୍ଆଇ ଏବଂ ସିଟି ସ୍କାନ ପାଇଁ ଯଦି କୌଣସି ସନ୍ଦେହଜନକ ପରିସ୍ଥିତି ଦେଖାଦିଏ, ତେବେ ଉକ୍ତ ଡାକ୍ତର କିମ୍ବା କର୍ତ୍ତୃପକ୍ଷଙ୍କ ଯାଞ୍ଚ ପରେ ଏମ୍ଆର୍ଆଇ/ସିଟି ସ୍କାନ୍ କରାଯିବ। ଯଦି କୌଣସି ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତର ବିଶୃଙ୍ଖଳା କରନ୍ତି, ତା'ହେଲେ ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ସିଏମ୍‌ସି ମେୟରଙ୍କ ଅଫିସିଆଲ୍ ଫେସ୍‌ବୁକ୍ ପେଜ୍ ହ୍ୟାକ୍




କଟକ,୧୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂଙ୍କ ଅଫିସିଆଲ୍ ଫେସ୍‌ବୁକ୍ ପେଜ୍ ହ୍ୟାକ୍ ହୋଇଥିବା ଅଭିଯୋଗ ହୋଇଛି। ଶନିବାର ରାତିରେ ସୁବାସଙ୍କ ଫେସ୍‌ବୁକ୍ ଷ୍ଟାଟସ୍‌ରେ ଏକ ଅଶ୍ଳୀଳ ପୋଷ୍ଟ ଶେୟାର କରାଯାଇଥିଲା। ଏହାକୁ ନେଇ ଚର୍ଚ୍ଚା ହେବା ପରେ ସୁବାସ ସ୍ପଷ୍ଟୀକରଣ ରଖିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ତାଙ୍କ ଆକାଉଣ୍ଟ ହ୍ୟାକ୍ ହୋଇଛି। ହ୍ୟାକର ଶନିବାର ରାତି ପ୍ରାୟ ୯ଟାରେ ଏକ ଅଶ୍ଳୀଳ ପୋଷ୍ଟ କରିଥିଲେ। ଏପରି କି ସେ ଫେସ୍‌ବୁକ୍ ବ୍ୟବହାର କରିପାରୁନାହାନ୍ତି। ଏନେଇ ରବିବାର ସକାଳେ ସାଇବର ଥାନାରେ ଅଭିଯୋଗ କରିଛି। ଏଥିସହ ଫେସ୍‌ବୁକ୍ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛି। କେହି ଉଦ୍ଦେଶ୍ୟମୂଳକ ଭାବରେ ଏପରି କରିଥିବା ମେୟର କହିଛନ୍ତି।

# 'ସାହିତ୍ୟର ମୌଳିକତା ଫେସ୍‌ବୁକ୍ ନଷ୍ଟ ନ କରୁ'

**ଧରିତ୍ରୀ ଆଳାପ**

**କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଁ କବି ଡିଲେଶ୍ୱର ରଣା ମନୋନୀତ ହୋଇଛନ୍ତି। କଳାହାଣ୍ଡି ଜିଲା ଧଅଁରାମାଲ ଗ୍ରାମରେ ଜନ୍ମିତ ଡିଲେଶ୍ୱର ସ୍ୱରଚିତ ପୁସ୍ତକ 'ସେଁର୍‌ରା' ନିମନ୍ତେ ଏହି ପୁରସ୍କାର ପାଇବେ। ସମ୍ପ୍ରତି ସେ ଭବାନୀପାଟଣାସ୍ଥିତ କୁଟେନପଦର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ସେ ଗପ, କବିତା, ଫିଚର, ଓ ନାଟକ ରଚନା ସହ ମଞ୍ଚରେ ଅଭିନୟ ମଧ୍ୟ କରନ୍ତି। ତାଙ୍କର ପ୍ରଥମ ଗଳ୍ପ ସଙ୍କଳନ ହେଉଛି 'ସେଁର୍‌ରା'। ଟାଇମପାସ୍ ପୁସ୍ତକ ପ୍ରକାଶନୀ ସଂସ୍ଥା ଦ୍ୱାରା ଏହା ୨୦୨୧ରେ ପ୍ରକାଶ ପାଇଥିଲା। ଏହାପରେ ୨୦୨୨ରେ ତାଙ୍କର 'ମେଲିଭୂଇଁ' ଉପନ୍ୟାସ ପ୍ରକାଶିତ ହୋଇଥିଲା। ଏନ୍‌ସିଇଆର୍‌ଟିର ଆଦିବାସୀ ଭାଷା ପାଠ୍ୟପୁସ୍ତକ ପ୍ରସ୍ତୁତି କମିଟିରେ ସେ ଏକ୍ସପର୍ଟ ସଦସ୍ୟ ରହିଛନ୍ତି। ଜଣେ ଯୁବକବି ଭାବେ ନିଜର ପ୍ରଥମ ସଙ୍କଳନ ପାଇଁ ଯୁବ ପୁରସ୍କାର ହାତେଇଥିବା ଡିଲେଶ୍ୱରଙ୍କ ସହ ଏଥରର ଧରିତ୍ରୀ ଆଳାପ।**

**- ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର**



ଡିଲେଶ୍ୱର ରଣା

**ଆପଣଙ୍କୁ ଶୁଭେଚ୍ଛା। ପୁରସ୍କାର ପାଇଁ ମନୋନୀତ ହେବା ନେଇ ଆପଣଙ୍କ ପ୍ରତିକ୍ରିୟା?**

ଧନ୍ୟବାଦ। ନିଶ୍ଚିତ ଭାବେ ଖବରଟି ବହୁତ ଆନନ୍ଦ ଆଣିଦେଇଥିଲା। ମୋ ଲେଖାକୁ ସ୍ୱୀକୃତି ମିଳିବା ସହ ମୋ ପାଠକଙ୍କୁ ସମ୍ମାନ ମିଳିଛି। ଯେତିକି ଉତ୍ସାହିତ ଅଛି, ଆଗକୁ ସେମିତି ଦାୟିତ୍ୱ ମଧ୍ୟ ବଢ଼ିଯାଇଛି ବୋଲି ମୁଁ ଭାବୁଛି।

**ଗଳ୍ପ ସଙ୍କଳନ 'ସେଁର୍‌ରା' ସମ୍ପର୍କରେ କ'ଣ କହିବେ?**

ସମୁଦାୟ ୧୦ଟି ଗଳ୍ପକୁ ନେଇ ଏହି ପୁସ୍ତକ ରଚିତ। କଳାହାଣ୍ଡି ଜିଲାର ସଂସ୍କୃତି ଓ ପରମ୍ପରା ସହିତ ବିଶେଷକରି ବିସ୍ଥାପନ ପ୍ରସଙ୍ଗ, ନିୟମଗିରି ଆଦିବାସୀ ଏବଂ ଯେଉଁମାନେ ସଂଘର୍ଷପୂର୍ଣ୍ଣ ଜୀବନ ଜିଉଛନ୍ତି, ସେମାନଙ୍କ କଥା ଏହି ଗଳ୍ପରେ ରହିଛି। ସେମାନଙ୍କ ଚଳଣି, ପରମ୍ପରା, ସଂସ୍କୃତି ଉକ୍ତ ଗଳ୍ପଗୁଡ଼ିକରେ ସ୍ଥାନ ପାଇଛି। ଓଡ଼ିଆ ଗଳ୍ପରେ ଯେଉଁ ଲୋକକଥା, ଲୋକଗାଥା, ଲୋକଗୀତ ସବୁ ସ୍ଥାନିତ ହୋଇପାରିନାହିଁ ସେଗୁଡ଼ିକୁ ମୁଁ ଗପ ମାଧ୍ୟମରେ ପ୍ରୟୋଗ କରିବାର ଚେଷ୍ଟା କରୁଛି।

**ଲେଖାଲେଖି କେବେଠୁ ଆରମ୍ଭ କଲେ?**

୨୦୧୨ରେ ସିଟି ଟ୍ରେନିଂ ସମୟରୁ ଲେଖାଲେଖି ଆରମ୍ଭ କଲି। ପ୍ରଥମେ କବିତା ଲେଖୁଥିଲି। ପରବର୍ତ୍ତୀ ସମୟରେ ଗଳ୍ପ, ଉପନ୍ୟାସ ଓ ନାଟକ ମଧ୍ୟ ଲେଖିଲି। ଜୀବନରେ ସାମ୍ନା କରୁଥିବା ସମସ୍ୟା ଓ ସଂଘର୍ଷକୁ ସେହି ସମୟରେ ସମାଧାନ କିମ୍ବା ମୁକାବିଲା ନ କରିପାରିଲେ ସେଗୁଡ଼ିକ ମୋ ଲେଖାରେ ଉତୁରି ଆସେ। ପରିସ୍ଥିତି ମୋତେ ଲେଖିବାକୁ ବାଧ୍ୟ କରିଥିଲା। ସମସାମୟିକ ଲେଖକମାନଙ୍କ ଲେଖା ଦେଖି ଭାବୁଥିଲି, ମୁଁ ବୋଧେ ସେମିତି ଲେଖିପାରିବିନି। ମାତ୍ର ସମୟକ୍ରମେ ପାଠକମାନଙ୍କ ଭଲପାଇବା ଓ ବରିଷ୍ଠ ଲେଖକଙ୍କ ଲେଖା ଅଧ୍ୟୟନ ଦ୍ୱାରା ମୁଁ ଲେଖିବା ପାଇଁ ଅଭିପ୍ରେରିତ ହେଲି।

**ପୁସ୍ତକ ପଠନ ପ୍ରତି ଆଗ୍ରହ କମିଯାଉଛି କି?**

ହଁ ଟିକେ କମିଯାଇଛି, ମାତ୍ର ବେଶି ନୁହେଁ। ସାହିତ୍ୟରେ ଆମେ ଯଦି ରୁଚିପୂର୍ଣ୍ଣ ସହ ସମୟ, ପ୍ରସଙ୍ଗ ଓ ବର୍ତ୍ତମାନର ଚଳଣିକୁ ସ୍ଥାନ ଦେବା ତା'ହେଲେ କେବଳ ଯୁବପିଢ଼ି ନୁହେଁ, ସମସ୍ତ ବର୍ଗର ପାଠକ ଏହାକୁ ପଢ଼ିବେ। ଆମେ ବର୍ତ୍ତମାନ ଯେଉଁ ସମୟ ଜିଉଛୁ ସେ ସବୁର ପ୍ରତିନିଧିତ୍ୱ ଯୁବପିଢି ସାହିତ୍ୟ ମାଧ୍ୟମରେ ହିଁ କରିପାରିବେ।

**ଆପଣ ଲେଖିବା ପାଇଁ ଉପାଦାନ କେଉଁଠୁ ପାଆନ୍ତି?**

ମୁଁ ଭ୍ରମଣପ୍ରିୟ। କୁଆଡ଼େ ବୁଲିଗଲେ ସେଠାକାର ତୃଣମୂଳ ସ୍ତରର ଲୋକଙ୍କ ସଂଘର୍ଷ, ଜୀବନଯାପନ, ଆତ୍ମୀୟପଣକୁ ମୁଁ ମୋ ଲେଖା ମାଧ୍ୟମରେ ଉପସ୍ଥାପନ କରିଥାଏ। ଯେତେବେଳ ପର୍ଯ୍ୟନ୍ତ ମୋ ସାମ୍ନାରେ ପରିସ୍ଥିତି ବା ଘଟଣା ଘଟି ନ ଥାଏ କିମ୍ବା ସଂସ୍ପର୍ଶରେ ଆସି ନ ଥାଏ, ସେତେବେଳ ପର୍ଯ୍ୟନ୍ତ ମୁଁ ଲେଖିପାରେନାହିଁ।

**କିଛି ପାଠକୀୟ ଅନୁଭୂତି ବାଣ୍ଟିବାକୁ ଚାହିଁବେ?**

ଶରତ ପାଢ଼ୀ ବୋଲି ଜଣେ ପାଠକ ମୋତେ ନିୟମିତ ଫୋନ କରନ୍ତି। ଲେଖା ଆରମ୍ଭରୁ ସେ ଆଜିପର୍ଯ୍ୟନ୍ତ ମୋର ସବୁ ଲେଖା ପଢ଼ି ଫୋନ୍ ମାଧ୍ୟମରେ ମତାମତ ଦିଅନ୍ତି। ତାଙ୍କ ଫୋନକଲ୍ ହିଁ ମୋତେ ଲେଖିବାକୁ ମନୋବଳ ଦେଇଥାଏ।

**ସାମାଜିକ ଗଣମାଧ୍ୟମରେ ସାହିତ୍ୟ ସର୍ଜନା ପ୍ରକ୍ରିୟାକୁ କିଭଳି ଦେଖୁଛନ୍ତି?**

ଫେସବୁକ୍ ପୃଥିବୀର ସର୍ବବୃହତ ରଫ୍‌ଖାତା, ଯିଏ ଚାହିଁବ ସେ ଲେଖିପାରିବ। ସେଥିରେ ଲେଖା ହେଉଥିବା ସବୁ ସାହିତ୍ୟ ଯେ ସାହିତ୍ୟ ପଦବାଚ୍ୟ, ତାହା ମୁଁ ଗ୍ରହଣ କରିପାରୁନାହିଁ। ମାତ୍ର ଫେସବୁକ୍ ଅନେକଙ୍କୁ ଲେଖିବାର ସୁଯୋଗ ଦେଇଛି। ଫେସ୍‌ବୁକ୍‌ରେ ଲେଖିବା ପୂର୍ବରୁ ତାହାକୁ ପରିମାର୍ଜିତ କରିବାର ଆବଶ୍ୟକତା ରହିଛି, ଯେପରି ତାହା ସାହିତ୍ୟର ମୌଳିକତାକୁ ନଷ୍ଟ ନ କରୁ।

**ଯୁବଲେଖକ ଭାବେ କିଛି ବାର୍ତ୍ତା ଦେବାକୁ ଚାହିଁବେ?**

ପାଠକଙ୍କ ରୁଚିକୁ ଦେଖିବା ସହ ନିଜ ଭାବନାକୁ ବିକୃତ ନ କରି ଲେଖିବା ଆବଶ୍ୟକ। ଅଧିକ ଲେଖିବା ମୋହରେ ନ ରହି କମ୍ ଓ ଭଲ ଲେଖିବାକୁ ଚେଷ୍ଟା କରିବା ଉଚିତ୍।

# ଭାରତର ସହଜ ବିଜୟ

**ପ୍ରଥମ ଦିନିକିଆ**

- ଅର୍ଶଦୀପ ସିଂଙ୍କୁ ୫ ଉଇକେଟ
- ପଦାର୍ପଣରେ ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ



ଅର୍ଶଦୀପ ସିଂ

ଜୋହାନ୍ସବର୍ଗ, ୧୭।୧୨

ଅର୍ଶଦୀପ ସିଂଙ୍କ ୫ ଉଇକେଟ ସଫଳତା ଏବଂ ସାଇ ସୁଦର୍ଶନଙ୍କ ପ୍ରଥମ ପଦାର୍ପଣରେ ଅର୍ଦ୍ଧଶତକ ବଳରେ ଭାରତ ୱାଣ୍ଡରର୍ସ ଷ୍ଟାଡିୟମରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ସହଜ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଭାରତ ୨୦୦ ବଲ୍ ବାକିଥାଇ ଘରୋଇ ଦଳକୁ ୮ ଉଇକେଟରେ ପରାସ୍ତ କରିଛି। ଅର୍ଶଦୀପ ଓ ଆଭେଶ ଖାଁଙ୍କ ଘାତକ ବୋଲିଂର ମୁକାବିଲା କରି ନ ପାରି ଦକ୍ଷିଣ ଆଫ୍ରିକା ୨୭.୩ ଓଭରରେ ମାତ୍ର ୧୧୬ ରନକରି ଅଲ୍ ଆଉଟ ହୋଇଯାଇଥିଲା। ୧୧୭ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୬.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। କ୍ୟାରିୟରରେ ପ୍ରଥମ ୫ ଉଇକେଟ ସଫଳତା ପାଇଥିବା ଅର୍ଶଦୀପ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଠରେ ବିଜୟ ଫଳରେ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ଟସ୍ ଜିତି ଦକ୍ଷିଣ ଆଫ୍ରିକା ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଦଳପାଇଁ କିଛି ବି ଠିକ୍‌ରେ ଯାଇ ନ ଥିଲା। ପ୍ରଥମ ଓଭରରେ ହିଁ ରିଜା ହେଣ୍ଡ୍ରିକ୍ସ (୦) ଓ ଭାନ୍ ଡର୍ ଡୁସେନ (୦)ଙ୍କୁ ଆଉଟ କରି ଅର୍ଶଦୀପ ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିବା ସହ ଦକ୍ଷିଣ ଆଫ୍ରିକାକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। କେବଳ ସେତିକ ନୁହେଁ ଅର୍ଶଦୀପ ଓ ଆଭେସଙ୍କ କ୍ରମାଗତ ଚମତ୍କାର ବୋଲିଂ ଯୋଗୁ ଘରୋଇ ଦଳ କୌଣସି ଉଇକେଟରେ ମଧ୍ୟ ଭଲ ପାର୍ଟନରଶିପ୍ ଗଢ଼ିପାରି ନ ଥିଲା। ଫଳରେ ୨୭.୩ ଓଭରରେ ଦଳର ଇନିଂସ ସୀମିତ ରହିଯାଇଥିଲା। ଅର୍ଶଦୀପ ୧୦ ଓଭରରେ ୩୭ ରନଦେଇ ୫ ଉଇକେଟ ଅକ୍ତିଆର କରିଥିବାବେଳେ ଆଭେଶ ୮ ଓଭର ବୋଲିଂ କରି ୩ଟି ମେଡେନ ନେବାସହ ୨୭ ରନ ଦେଇ ୪ ଉଇକେଟ ହାସଲ କରିଥିଲେ। ଅବଶିଷ୍ଟ ଉଇକେଟଟି କୁଲଦୀପ ଯାଦବଙ୍କୁ ମିଳିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆଡିଲେ ଫେଲୁକ୍ୱାୟୋ ସର୍ବାଧିକ ୩୩ ରନ କରିଥିଲେ। ଆଶ୍ଚର୍ଯ୍ୟଜନକଭାବେ ଭାରତୀୟ ବୋଲରଙ୍କ ଭଳି ଦକ୍ଷିଣ ଆଫ୍ରିକା ବୋଲର ପିଚ୍‌ରୁ ଫାଇଦା ଉଠାଇପାରି ନ ଥିଲେ। ୱିଆନ ମୁଲ୍ଡର ଯଦିଓ ଓପନର ଋତୁରାଜ ଗାଏକ୍ୱାଡ୍ (୫)ଙ୍କୁ ଶୀଘ୍ର ଆଉଟ କରିବାରେ ସକ୍ଷମ ହୋଇଥିଲେ ତେବେ ପଦାର୍ପଣକାରୀ ସାଇ ସୁଦର୍ଶନ ଓ ଶ୍ରେୟସ ଆୟର ଦ୍ୱିତୀୟ ଉଇକେଟରେ ୮୮ ରନ ଯୋଗକରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଆୟର ୫୨ (୪୫ ବଲ୍, ୬ ଚୌକା, ୧ ଛକା) ରନକରି ଆଉଟ ହେଇଥିବାବେଳେ ସୁଦର୍ଶନ ୫୫ (୪୩ ବଲ, ୯ ଚୌକା) ରନରେ ଅପରାଜିତ ରହିଥିଲେ। ଘରୋଇ ବୋଲରଙ୍କ ମଧ୍ୟରେ ୱିଆନ ମୁଲ୍ଡର ଓ ଆଡିଲେ ଫେଲିକ୍ୱାୟୋ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବଲ୍ ବଳକା ଦୃଷ୍ଟିରୁ ଭାରତର ଏହା ୪ର୍ଥ ସର୍ବାଧିକ ବିଜୟ।

**ସଂକ୍ଷିପ୍ତ ସ୍କୋର**

ସକ୍ଷିଣ ଆଫ୍ରିକା ୨୭.୩ ଓଭରରେ ୧୧୬/ଅଲ୍‌ଆଉଟ (ଆଡିଲେ ଫେଲୁକ୍ୱାୟୋ-୩୩, ଅର୍ଶଦୀପ ସିଂ-୫/୩୭, ଆଭେଶ ଖାଁ-୪/୨୭, କୁଲଦୀପ ଯାଦବ-୧/୩)। ଭାରତ ୧୬.୪ ଓଭରରେ ୧୧୭/୨ (ସାଇ ସୁଦର୍ଶନ-୫୫*, ଶ୍ରେୟସ ଆୟର-୫୨, ୱିଆନ ମୁଲ୍ଡର-୧/୨୬, ଆଡିଲେ ଫେଲୁକ୍ୱାୟୋ-୧/୧୫)।

# ଅନିକେତ୍ ମୁମ୍ବାଇ ଅଧିନାୟକ

**ଅଲ୍ଟିମେଟ୍ ଖୋଖୋ ସିଜନ-୨**

ଭୁବନେଶ୍ୱର, ୧୭।୧୨
(ତପନ ସ୍ୱାଇଁ)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚଳିତ ମାସ ୨୪ରୁ ଜାନୁୟାରୀ ୧୪ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଅଲ୍‌ଟିମେଟ୍ ଖୋଖୋ ସିଜନ-୨ ପାଇଁ ଅନିକେତ ପୋଟେଙ୍କୁ ମୁମ୍ବାଇ ଖିଲାଡିଜ୍ ଅଧିନାୟକ ମନୋନୀତ କରାଯାଇଛି। ଏହି ୨୬ ବର୍ଷୀୟ ଅଲରାଉଣ୍ଡର/ଆଟାକର ଖୋ ଖୋ ସର୍କିଟରେ ଜଣେ ଚର୍ଚ୍ଚିତ ଖେଳାଳି। ସେ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ସିଜନ-୧ ଅଲ୍‌ଟିମେଟ୍ ଖୋଖୋ ଡ୍ରିମ୍ ଟିମ୍‌ରେ ତାଙ୍କୁ ସ୍ଥାନ ମିଳିଥିଲା। "ଅନିକେତ ଙ୍କୁ ନିର୍ବିବାଦୀୟ ଭାବେ ଦଳର ଅଧିନାୟକ ଚୟନ କରାଯାଇଛି। ପ୍ରଥମ ସଂସ୍କରଣରେ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା ଏବଂ ନିଜ ନେତୃତ୍ୱ ଦକ୍ଷତାକୁ ସେ ସୁଚାରୁରୂପେ ସମ୍ପାଦନ କରିଥିବାରୁ ଏହି ପଦ ଲାଗି ସେ ଥିଲେ ସ୍ୱାଭାବିକ ପସନ୍ଦ ହୋଇ ଯାଇଥିଲେ। ମୁମ୍ବାଇର ସ୍ଥାନୀୟ ଖେଳାଳିଭାବେ ସେ ଦଳର ଆବଶ୍ୟକତାକୁ ଭଲଭାବେ ବୁଝିଛନ୍ତି। ଆଗାମୀ ପ୍ରତିଯୋଗିତାରେ ସେ ଦଳକୁ ସଫଳତା ପ୍ରଦାନ କରିପାରିବାନେଇ ଆଶା ରହିଛି" ବୋଲି ଦଳର ମାଲିକ ପୁନିତ ବାଲାନ ପ୍ରକାଶ କରିଛନ୍ତି। ୨୭ ବର୍ଷୀୟ ଡିଫେଣ୍ଡର ମହେଶ ସିନ୍ଦେଙ୍କୁ ମୁମ୍ବାଇ ଖିଲାଡିଜ୍ ଦଳର ଉପ-ଅଧିନାୟକ ଘୋଷଣା କରିଛି। ଗତ ସିଜନରେ ସେ ଥିଲେ ଶ୍ରେଷ୍ଠ ଡିଫେଣ୍ଡରଙ୍କ ମଧ୍ୟରୁ ଅନ୍ୟତମ।

# ପାର୍ବତୀଙ୍କୁ ସ୍ୱର୍ଣ୍ଣ, ରୌପ୍ୟ



ପାର୍ବତୀ ସେଠୀ

ଭୁବନେଶ୍ୱର, ୧୭।୧୨ (ତପନ ସ୍ୱାଇଁ)

ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଥଲେଟ୍ ପାର୍ବତୀ ସେଠୀ ବର୍ଷ ଶେଷରେ ପୁଣି ନିଜ ଚମକ ଦେଖାଇଛନ୍ତି। ନୂଆଦିଲ୍ଲୀର ଅକ୍ଷରଧାମ କମନ୍‌ୱେଲ୍‌ଥ ଗେମ୍ସ ଭିଲେଜ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ୩ୟ ଜାତୀୟ ଖେଲୋ ମାଷ୍ଟର ଗେମ୍ସରେ ସେ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ଏବଂ ଶଟ୍‌ପୁଟ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପାର୍ବତୀ ଦୀର୍ଘ ୩ ଦଶନ୍ଧୀରୁ ଉର୍ଦ୍ଧ୍ୱ ସମୟ ଧରି ରାଜ୍ୟଠାରୁ ଆରମ୍ଭ କରି ଜାତୀୟ, ଅନ୍ତର୍ଜାତୀୟ ଓ ମାଷ୍ଟର୍ସ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଆସୁଛନ୍ତି। ନିଜର ପ୍ରଦର୍ଶନରେ ସନ୍ତୋଷ ପ୍ରକାଶ କରିଛନ୍ତି ପାର୍ବତୀ। ଓଡ଼ିଶା ସରକାର ସୁଯୋଗ ଦେଲେ ସେ ରାଜ୍ୟପାଇଁ ଭଲ ଡିସ୍‌କସ୍ ଖେଳାଳି ସୃଷ୍ଟି କରିବାରେ ସହଯୋଗ କରିବେ ବୋଲି ସେ ପ୍ରକାଶ କରିଛନ୍ତି।




ଗୋଲ ପରେ ରୟ କ୍ରିଷ୍ଣା ଓ ମୌର୍ତାଦା ଫଲ୍ ସାଥୀ ଖେଳାଳିଙ୍କ ସହ ଖୁସି ମନାଉଛନ୍ତି। (ଫଟୋ: ବିକାଶ ନାୟକ)

# କ୍ରିଷ୍ଣାଙ୍କ ଡବଲରେ ଓଡ଼ିଶା ଏଫ୍‌ସି ବିଜୟୀ

ଭୁବନେଶ୍ୱର, ୧୭।୧୨
(ତପନ ସ୍ୱାଇଁ)

ରୟ କ୍ରିଷ୍ଣାଙ୍କ ଡବଲ ଓ ମୌର୍ତାଦା ଫଲ୍‌ଙ୍କ ଗୋଲ ବଳରେ ଓଡ଼ିଶା ଏଫ୍‌ସି ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ରବିବାର ଅନୁଷ୍ଠିତ ମ୍ୟାଚରେ ହାଇଦ୍ରାବାଦ ଏଫ୍‌ସିକୁ ୩-୦ ଗୋଲରେ ପରାସ୍ତ କରିଛି। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ପକ୍ଷରୁ ରୟ କ୍ରିଷ୍ଣା ୩୫ ଓ ୯୦+୫ ଏବଂ ମୌର୍ତାଦା ଫଲ୍ ୪୦ତମ ମିନିଟରେ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୨-୦ରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲା। ଚଳିତ ସିଜନରେ ଚମତ୍କାର ପ୍ରଦର୍ଶନ କରି ଆସିଥିବା ଓଡ଼ିଶା ଏଫ୍‌ସିର ୯ ମ୍ୟାଚରୁ ଏହା ୫ମ ବିଜୟ। ଦଳ ୨ଟି ମ୍ୟାଚ ହାରିଥିବାବେଳେ ଅବଶିଷ୍ଟ ୨ଟି ମ୍ୟାଚ ଡ୍ର ରଖିଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୮/୨୦୨୩ (୮+୮=୧୬ ପୃଷ୍ଠା) Bhubaneswar, Monday, December 18/2023 Page 16 SAMBALPUR



# ପ୍ରଶିକ୍ଷଣ ଶିବିର: ଅଧା ଆସିଲେ, ଅଧା ନାହିଁ

## କୋରେଇ ବିଜେଡିରେ ଗୋଷ୍ଠୀ କନ୍ଦଳ

ରସୁଲପୁର,୧୭।୧୨
(ରଞ୍ଜିତ ରାଉତ)

ଯାଜପୁର ଜିଲାର ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ କୋରେଇରେ ସମ୍ପ୍ରତି ବିଜେଡି ରାଜନୀତି ଚର୍ଚ୍ଚାରେ ରହିଆସୁଛି। ୨୦୦୯ଠାରୁ ଏଠାରେ ଦଳ ପ୍ରତି ନିର୍ବାଚନରେ ଜିତି ଆସୁଥିଲେ ମଧ୍ୟ ପ୍ରାର୍ଥୀ ବଦଳାଇ ଚାଲିଛି। ୨୦୨୪ରେ ଏହି ଧାରା ରହିବା ଅନୁମାନ ଲଗାଇ ଜିଲାର ବରିଷ୍ଠ ଏବଂ ପୂର୍ବତନ ବିଧାୟକମାନେ ଟିକେଟ୍ ଆଶାରେ ସକ୍ରିୟ ହୋଇଉଠିଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇଙ୍କ ନାମ ଏହି ଦୌଡ଼ରେ ଚର୍ଚ୍ଚାକୁ ଆସିଛି। କାରଣ ସେ ଗତ ୫ ତାରିଖରେ ତାଙ୍କର ୮୪ତମ ଜନ୍ମଦିନ ଉତ୍ସବ ସୁକିନ୍ଦା ପରିବର୍ତ୍ତେ କୋରେଇ ନିର୍ବାଚନମଣ୍ଡଳୀରେ ପାଳନ କରିଥିଲେ। ଏଠାରେ ବିଜେଡିର କେତେଜଣ ପ୍ରମୁଖ ନେତାଙ୍କ ପଟିଆରା ଦେଖିବାକୁ ମିଳୁଥିବାବେଳେ ସେମାନଙ୍କ ସମର୍ଥକ ଗୋଷ୍ଠୀ ମଧ୍ୟ ବେଶ୍ ସକ୍ରିୟ। ଏଥିରୁ ଦଳୀୟ ଗୋଷ୍ଠୀ କନ୍ଦଳ ହେବା ସ୍ୱାଭାବିକ ମନେ ହେଉଥିବାବେଳେ ଗତ ନଭେମ୍ବର ଶେଷ ସପ୍ତାହରେ ଆୟୋଜିତ ପ୍ରଶିକ୍ଷଣ ଶିବିର ତାହାକୁ ପଦାରେ ପକାଇଛି।

ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ବିଜେଡି ପକ୍ଷରୁ ପ୍ରଥମ ଦଫାରେ ଶଙ୍ଖ ଭବନ ଏବଂ ପରେ ନିର୍ବାଚନମଣ୍ଡଳୀ ସ୍ତରରେ ପଞ୍ଚାୟତ ଓ ଜିଲା ପରିଷଦ ଜୋନରେ ନିର୍ବାଚିତ ପ୍ରତିନିଧି, ସଭାପତି, ସଂଗଠକ ଏବଂ ଦଳର ସକ୍ରିୟ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହି କ୍ରମରେ କୋରେଇ ନିର୍ବାଚନମଣ୍ଡଳୀ ଅଧୀନ ୩୭ ପଞ୍ଚାୟତ ଓ ବ୍ୟାସନଗର ପୌରାଞ୍ଚଳକୁ ନେଇ ବ୍ୟାସନଗରଠାରେ ୩ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୋରେଇ ବିଧାନସଭା ଆସନ ଅଧୀନ ରସୁଲପୁର ବ୍ଲକର ୯ ପଞ୍ଚାୟତ ମଧ୍ୟରୁ ଏକାଧିକ ସରପଞ୍ଚ, ପଞ୍ଚାୟତ ସଭାପତି, ସଂଗଠକ ଯୋଗଦେଇ ନ ଥିଲେ। ଏପରି କି ୩୩ନଂ. ଜୋନ ବିଜେଡି ଜିଲାପରିଷଦ ସଦସ୍ୟ ଶିଶିର ମହାନ୍ତିଙ୍କୁ ପ୍ରଶିକ୍ଷଣ ଶିବିରକୁ ଡକାଯାଇ ନ ଥିଲା। ସେହିପରି କୋରେଇ ନିର୍ବାଚନମଣ୍ଡଳୀରେ ଆୟୋଜିତ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିରକୁ ରସୁଲପୁର ବ୍ଲକରୁ ନରସିଂହପୁର, ମୁଗୁପାଳ, ବାହାଦଲାପୁର, ଭୋଟକା ଆଦି ୪ ପଞ୍ଚାୟତର ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ। କିନ୍ତୁ ଏ ସବୁ ପଞ୍ଚାୟତରୁ ୨ଜଣ ଲେଖାଏ ସରପଞ୍ଚ ଓ ସମିତିସଭ୍ୟ, ପଞ୍ଚାୟତର ସଭାପତି ଓ ଛାମୁଆ ସଂଗଠକ ଯୋଗଦେଇ ନ ଥିଲେ। ଏଥିରୁ ଗୋଷ୍ଠୀକନ୍ଦଳ ସ୍ପଷ୍ଟ ହେଉଥିବା କୁହାଯାଉଛି। ଏ ନେଇ ଜିଲା ପରିଷଦ ସଦସ୍ୟ ଶିଶିର କୁମାର ମହାନ୍ତିଙ୍କୁ ପଚାରିବାରୁ ତାଙ୍କୁ ପ୍ରଶିକ୍ଷଣ ଶିବିରରେ ଯୋଗଦେବାକୁ ସୁଯୋଗ ମିଳି ନ ଥିବା କହିଛନ୍ତି। ତାଙ୍କ ଛଡ଼ା ଦଳର ବହୁ ଛାମୁଆ ସଂଗଠକ ଏବେ ଅଲୋଡ଼ା ହୋଇଯାଇଛନ୍ତି, ଯାହା ଦଳୀୟ ସଂଗଠନ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଶିବିର ପରିଚାଳନାର ପ୍ରମୁଖ ତଥା ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସମଙ୍ଗରାଜଙ୍କୁ ପଚାରିବାରୁ ସେ କହିଛନ୍ତି, ଶିବିରରେ କେଉଁମାନେ ଯୋଗଦେବେ ତାହା ବିଧାୟକମାନେ ନିଷ୍ପତ୍ତି ନେଉଛନ୍ତି। ଏହା ଦଳର ଆଭ୍ୟନ୍ତରଣ ମାମଲା ହୋଇଥିବାରୁ ଶିବିରକୁ ନେଇ ସେ ବିଶେଷ କିଛି ସୂଚନା ଦେଇପାରିବେ ନାହିଁ ବୋଲି କହିଛନ୍ତି। ଏହାଛଡ଼ା ଶିବିରରେ ଯାହାସବୁ ଘଟିଛି, ସେ ସମ୍ପର୍କରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ଦିଆଯିବ ବୋଲି ଶୁଭେନ୍ଦୁ ସୂଚନା ଦେଇଛନ୍ତି।

ତୃଣମୂଳସ୍ତରରେ ସଂଗଠନକୁ ମଜଭୁତ କରି ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ଭୋଟହାର ବୃଦ୍ଧି ଘଟାଇବା ଦଳର ପ୍ରମୁଖ ଲକ୍ଷ୍ୟ। ଜଣେ ତାଲିମପ୍ରାପ୍ତ କାର୍ଯ୍ୟକର୍ତ୍ତା ଓ ସଂଗଠକଙ୍କ ଉପରେ ୨୦ ପରିବାରର ଦାୟିତ୍ୱ ନ୍ୟସ୍ତ କରାଯାଉଛି। ସେମାନେ ସମ୍ପୃକ୍ତ ପରିବାରକୁ ସରକାରଙ୍କ ସଫଳତା ସମ୍ପର୍କରେ ବୁଝାଇବେ ବୋଲି କୁହାଯାଉଛି। ଏଭଳି ସ୍ଥଳେ ତୃଣମୂଳସ୍ତରରେ ଗୋଷ୍ଠୀ କନ୍ଦଳ ସବୁ ବିଗାଡ଼ି ଦେଇପାରେ ବୋଲି ଚର୍ଚ୍ଚା ହେଉଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ 'ନିଯୁକ୍ତି କ୍ରାନ୍ତି' ଆନ୍ଦୋଳନ



ପ୍ରଦେଶ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ନେତା ଓ କର୍ମକର୍ତ୍ତା।

## ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,
୧୭।୧୨(ସୁନିତ୍ ମିଶ୍ର)

ରାଜ୍ୟରେ ଖାଲିପଡ଼ିଥିବା ୨ଲକ୍ଷ ୨୬ହଜାର ସରକାରୀ ପଦବୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ କରାଯାଉ। ସମସ୍ତ ଘରୋଇ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନରେ ୮୦% ଓଡ଼ିଆ ଲୋକଙ୍କୁ ନିଯୁକ୍ତି ଦିଆଯାଉ। ସରକାରୀ ଚାକିରିରେ ଚୁକ୍ତିଭିତ୍ତିକ ଓ ଠିକା ନିଯୁକ୍ତି ବାତିଲ କରାଯାଉ। ଯେଉଁ ପ୍ରବାସୀ ଓଡ଼ିଶାକୁ ଫେରି ରାଜ୍ୟରେ ଜୀବିକା ନିର୍ବାହ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରନ୍ତୁ। ବେକାରି ଭତ୍ତା ୫ ହଜାର ଟଙ୍କା ଦିଆଯାଉ। ଓଡ଼ିଶାର ଠିକାଦାରଙ୍କ ପ୍ରତି ଅବହେଳା କରି ରାଜ୍ୟ ବାହାର ଠିକାଦାରଙ୍କୁ ସରକାର ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଓଡ଼ିଶାରେ ଓଡ଼ିଆ ଠିକାଦାରଙ୍କୁ ସରକାର ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଗୁରୁତ୍ୱ ଦିଅନ୍ତୁ ବୋଲି ଛାତ୍ର କଂଗ୍ରେସ ଦାବି କରିଛି। ଅନ୍ୟପଟେ ରାଜ୍ୟର ବେକାର ଯୁବପିଢ଼ିଙ୍କ ସହଯୋଗରେ କର୍ମସଂସ୍ଥାନ ପାଇଁ ଦୁର୍ବାର ଆନ୍ଦୋଳନ କରାଯିବ। ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏପରି କି ଶିଳ୍ପସଂସ୍ଥା ଏବଂ ଶିଳ୍ପସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯିବ। ଏହି ବିକ୍ଷୋଭର ନାମ 'ନିଯୁକ୍ତି କ୍ରାନ୍ତି' ରଖାଯାଇଥିବା ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି।

ପ୍ରଦେଶ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ରବିବାର କଂଗ୍ରେସ ଭବନଠାରେ ଆୟୋଜିତ ହୋଇଛି। ନୱାଜଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଦଳର କର୍ମକର୍ତ୍ତା ଏବଂ ଜିଲା ଛାତ୍ର ସଭାପତିମାନେ ଯୋଗଦେଇଛନ୍ତି। ଏହି ଅବସରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଛି। ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ଏବଂ କେନ୍ଦ୍ର ସରକାର ନିଯୁକ୍ତିର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀ, ଯୁବକମାନଙ୍କ ଭୋଟ୍ ଲୁଟି ନେଲେ। ରାଜ୍ୟ ସରକାର ବର୍ଷକୁ ୨ ଲକ୍ଷ ନିଯୁକ୍ତି ଦେବେ ବୋଲି କହିଥିଲେ। ସେହିପରି ବର୍ଷକୁ ୨ କୋଟି ନିଯୁକ୍ତି ଦେବେ ବୋଲି କେନ୍ଦ୍ର ସରକାର କହିଥିଲେ। ହେଲେ ନିର୍ବାଚନ ପରେ ଉଭୟ ସରକାର ସେମାନଙ୍କ ପ୍ରତିଶ୍ରୁତି ପାସୋରି ଯାଇଛନ୍ତି। ରାଜ୍ୟରେ ସରକାରୀ ଚାକିରି ପାଇଁ ପରୀକ୍ଷା ପୂର୍ବରୁ ପରୀକ୍ଷା ପତ୍ର ପ୍ରଘଟ ହୋଇଯାଉଛି। ଓଡ଼ିଶାର ବେକାର ଯୁବତୀ, ଯୁବକଙ୍କ ପାଇଁ ଏହାଠୁ ଦୁର୍ଭାଗ୍ୟଜନକ କଥା କ'ଣ ଥାଇପାରେ ବୋଲି ସେ କହିଛନ୍ତି।

# କ୍ଷମତାକୁ ଆସିଲେ ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ କରିବୁ: ମନମୋହନ




ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହିତ ଅନ୍ୟ ଅତିଥିବୃନ୍ଦ।

ନିମାପଡ଼ା, ୧୭।୧୨
(ବିଚିତ୍ରାନନ୍ଦ ସାହୁ /ରଞ୍ଜନ ପଟ୍ଟନାୟକ)

ନିମାପଡ଼ାଠାରେ ରବିବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ବୁଥ୍ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦେବୀ ମଣ୍ଡପ ସମ୍ମୁଖରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସାମଲ କହିଥିଲେ, ରାଜ୍ୟରେ ରାଜନୀତି ଓ ଗଣତନ୍ତ୍ର ଆଜି ବିପଦରେ। ୧୨ବର୍ଷ ବିତିଲା, ଚିଟ୍‌ଫଣ୍ଡ ଜମାକାରୀଙ୍କ ସମସ୍ୟା ସମାଧାନ ଦିଗରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ଗୋଟିଏ ଦିନରେ ଏ ନେଇ ଅଧ୍ୟାଦେଶ ଆଣିବା ସହିତ ୩୦ ଦିନରେ ଚିଟ୍‌ଫଣ୍ଡ ଜମାକାରୀଙ୍କ ଟଙ୍କା ଫେରସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଘରେ ଘରେ ପହଞ୍ଚାଇବାକୁ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ସେ ପରାମର୍ଶ ଦେଇଥିଲେ। ସେହିପରି ଗୋଷ୍ଠୀ କନ୍ଦଳରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବା ପାଇଁ ସେ କର୍ମୀମାନଙ୍କୁ କହିଥିଲେ। ନିର୍ଦ୍ଧାରିତ ସମୟର ୩ଘଣ୍ଟା ବିଳମ୍ବରେ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଆରମ୍ଭ ହୋଇଥିବାରୁ ସାମଲ କ୍ଷମା ମାଗିଥିଲେ। ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ସମ୍ପାଦକ ସରୋଜ କୁମାର କର, ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ପୂର୍ବତନ ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ଯୁବନେତା ଦିଲୀପ ନାୟକ, ପୁରୀ ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ମିନଲତା ମହାନ୍ତି, ସମିତିସଭ୍ୟା ତିଲୋତ୍ତମା ବାରିକ, ସନ୍ଧ୍ୟାରାଣୀ ରଥ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ଏବଂ ନିମାପଡ଼ା ସଂଯୋଜକ ପ୍ରଦୀପ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୪ ନିର୍ବାଚନରେ ନିମାପଡାରେ ଭାଜପାକୁ ଜିତାଇବା ପାଇଁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ସଭାପତି ସାମଲ ଚାରିଛକଠାରୁ ଏକ ବାଇକ ରାଲିରେ ନିମାପଡ଼ାରେ ପହଞ୍ଚିଥିଲେ। ଦୋଳବେଦି ଛକ ନିକଟରେ କର୍ମୀମାନେ ବରିଷ୍ଠ ନେତୃବୃନ୍ଦଙ୍କୁ ବିରାଟ ପଟୁଆରରେ ସଭାସ୍ଥଳକୁ ପାଛୋଟି ନେଇଥିଲେ। ସମ୍ମିଳନୀରେ ୨ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## କେନ୍ଦ୍ରାପଡ଼ାର ୯ ନେତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ଭୁବନେଶ୍ୱର, ୧୭।୧୨(ସୁନିତ୍ ମିଶ୍ର)

ବିଜେଡିରୁ ନିଲମ୍ବିତ ହୋଇଥିବା କେନ୍ଦ୍ରାପଡ଼ା ଜିଲାର ୯ ଜଣ ନେତାଙ୍କୁ ପୁଣିଥରେ ଦଳରେ ସାମିଲ କରାଯାଇଛି। ଏନେଇ ବିଜେଡି ପକ୍ଷରୁ ରବିବାର ଏକ ଚିଠି ମାଧ୍ୟମରେ ସୂଚନା ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲା ୱାର୍ଡ ନମ୍ବର-୨ର କାଳୀ ପ୍ରସାଦ ମିଶ୍ର, ୱାର୍ଡ ନମ୍ବର-୪ର ଦେବେନ୍ଦ୍ର ରାଉତ, ସୁଶ୍ରୀ ନିବେଦିତା ସ୍ୱାଇଁ, ୱାର୍ଡ ନମ୍ବର-୬ର ଗୌତମ ସ୍ୱାଇଁ, ୱାର୍ଡ ନମ୍ବର-୧୦ର ରଶ୍ମିତା ସିଂ ଏବଂ ପ୍ରଶାନ୍ତ ସିଂ, ୱାର୍ଡ ୧୩ର ଏସ୍‌କେ ଅସଲମ, ୱାର୍ଡ ୧୯ର ଶଶିକାନ୍ତ ବଳଙ୍କ ଉପରୁ ବିଜେଡି ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନେଇଛି। ସେହିପରି କେନ୍ଦ୍ରାପଡ଼ା ବ୍ଲକର ରାଜେଶ ପଣ୍ଡାଙ୍କ ଉପରୁ ମଧ୍ୟ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଏକ ଚିଠି ମାଧ୍ୟମରେ ଏ ସମ୍ବନ୍ଧିତ ସୂଚନା ଦିଆଯାଇଛି।

# ୧୯ରେ ନୂଆଦିଲ୍ଲୀ ଗସ୍ତ କରିବେ ଭାଜପାର ସବୁ ବିଧାୟକ

## ଜେ.ପି. ନଡ୍ଡା, ଅମିତ ଶାହାଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି

ଭୁବନେଶ୍ୱର,
୧୭।୧୨(ସୁନିତ୍ ମିଶ୍ର)

ଭାଜପାର ସବୁ ବିଧାୟକମାନେ ଆସନ୍ତା ୧୯ ତାରିଖରେ ନୂଆଦିଲ୍ଲୀ ଗସ୍ତ କରିବେ। ପାର୍ଲାମେଣ୍ଟ ଚାଲିଥିବାରୁ ଦଳର ଏମ୍‌ପିମାନେ ଏବେ ସେଠାରେ ଆଗରୁ ଅଛନ୍ତି। ତେଣୁ ସବୁ ବିଧାୟକ ଏବଂ ଏମ୍‌ପିମାନେ ଏକାଠି ହୋଇ ଆସନ୍ତା ୨୦, ୨୧ ଏବଂ ୨୨ ତାରିଖରେ ଦଳର କେନ୍ଦ୍ରୀୟ ନେତୃତ୍ୱମାନଙ୍କୁ ଭେଟି ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଦଳର ରଣନୀତି କ'ଣ ରହିବ ସେନେଇ ସ୍ଥିର କରିବେ ବୋଲି ଜଣାପଡ଼ିଛି। ଏହି ଅବସରରେ ସେମାନେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ନିର୍ବାଚନକୁ ଆଉ କମ୍ ଦିନ ରହିଯାଇଥିବାରୁ ଓଡ଼ିଶାରେ ଶାସକ ବିଜେଡି ବିରୋଧରେ ଦଳର ଆଭିମୁଖ୍ୟ କ'ଣ ରହିବ, କେନ୍ଦ୍ରୀୟ ଯୋଜନାଗୁଡ଼ିକ ରାଜ୍ୟ ସରକାର ଏଠାରେ ଲାଗୁ ନ କରିବା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦଳ ଆଲୋଚନା କରିବ ବୋଲି ଜଣେ ବିଧାୟକ ସୂଚନା ଦେଇଛନ୍ତି।



















# କାଶୀ-ତାମିଲ ସଙ୍ଗମମ୍ ଜ୍ଞାନର ଅମୂଲ୍ୟ ଭଣ୍ଡାର ତିଆରି କରିବ: ଧର୍ମେନ୍ଦ୍ର



ଭୁବନେଶ୍ୱର,
୧୭।୧୨(ସୁନିତ୍ ମିଶ୍ର)

କାଶୀ-ତାମିଲ ସଙ୍ଗମମ୍' ବାରଣସୀ ଓ ତାମିଲନାଡୁ ମଧ୍ୟରେ ଥିବା ସମ୍ପର୍କ ଏବଂ ପ୍ରାଚୀନ ଜ୍ଞାନର ଅନ୍ୱେଷଣ କରିବା ସହ ଆଧୁନିକ ବିଚାର, ଦର୍ଶନ, ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଓ ଉଦ୍ୟମିତାକୁ ଏକାଠି କରି ଜ୍ଞାନର ଏକ ଅମୂଲ୍ୟ ଭଣ୍ଡାର ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରବିବାର ଉତ୍ତରପ୍ରଦେଶର ବାରଣସୀସ୍ଥିତ ମନୋଘାଟଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାଶୀ-ତାମିଲ ସଙ୍ଗମମ୍‌ର ୨ୟ ପର୍ଯ୍ୟାୟ ଶୁଭାରମ୍ଭ କରିଛନ୍ତି। ଆଇଆଇଟି ମାଡ୍ରାସ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆମ ଦେଶର ସାଂସ୍କୃତିକ ଐତିହ୍ୟ ଏବଂ ଧାର୍ମିକ ସ୍ଥଳଗୁଡିକର ପୁନରୁଦ୍ଧାର କରିବା ସହ ସମସ୍ତଙ୍କ ଆକାଂକ୍ଷାକୁ ଉଜ୍ଜୀବିତ କରିଛନ୍ତି। ୨୦୧୪ ପରଠାରୁ ଭାରତର ଐତିହ୍ୟକୁ ପ୍ରଭାବଶାଳୀ ଆକାରରେ ପୁନର୍ଜୀବିତ କରାଯାଇଛି। କାଶୀ ବିଶ୍ୱନାଥ ଧାମରୁ ଆରମ୍ଭ କରି ଉଜ୍ଜୟିନୀର ମହାକାଳେଶ୍ୱର ଜ୍ୟୋତର୍ଲିଙ୍ଗ୍ ମନ୍ଦିର ପର୍ଯ୍ୟନ୍ତ, ଯମୁନା, ଗଙ୍ଗୋତ୍ରୀ, କେଦାରନାଥ ଓ ବଦ୍ରିନାଥ ସହ ସମସ୍ତ ତୀର୍ଥ ସ୍ଥଳକୁ ଯୋଡାଯାଇଛି। କୋଏମ୍ବାଟୋରରେ ୪ ଧାମ ପରିଯୋଜନା ଆଦିଯୋଗୀ ପ୍ରତିମା, ସୋମନାଥ ମନ୍ଦିରରୁ ଆରମ୍ଭ କରି ଆସାମର କାମାକ୍ଷୀ ମନ୍ଦିର ଭଳି ପ୍ରାଚୀନ ତୀର୍ଥସ୍ଥଳୀ ପର୍ଯ୍ୟନ୍ତ ନୂଆ ନୂଆ ରୂପ ଆମ ସାମ୍ନାକୁ ଆସୁଛି। କାଶୀ ତାମିଲ ସଙ୍ଗମମ୍ ଏକ ଭାରତ-ଶ୍ରେଷ୍ଠ ଭାରତର ବିଚାରକୁ ଆଗକୁ ନେଇଛି। ବାରାଣସୀ, ଇତିହାସରୁ ମଧ୍ୟ ବହୁତ ପୁରୁଣା। ବାରାଣସୀ ସଭ୍ୟତା ଓ ସାଂସ୍କୃତିକ ସମୃଦ୍ଧ ଦୃଷ୍ଟିରୁ ଐତିହ୍ୟ। ମାତୃଭାଷାରେ ଶିକ୍ଷାଦାନ ଓ ଶିକ୍ଷା ଆହରଣକୁ ନୂଆ ଶିକ୍ଷା ନୀତି ପ୍ରୋତ୍ସାହନ ଦେଉଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଏକବିଂଶ ଶତାବ୍ଦୀରେ ବିକଶିତ ଭାରତର ସଂକଳ୍ପକୁ ଆଗେଇ ନେବା ପାଇଁ ଆହ୍ୱାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଯୋଗଦେଇଥିଲେ।



# ଫସଲହାନିରୁ ଚାଷୀଙ୍କ ଆତ୍ମହତ୍ୟା



ମୃତଚାଷୀ ଚମରୁ ବାଗ

**ବଲାଙ୍ଗୀର/ଟିଟିଲାଗଡ, ୧୭।୧୨**
**(ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)**

ଫସଲହାନି ଓ ଦାରିଦ୍ର୍ୟ ପୁଣି ଥରେ ବଲାଙ୍ଗୀର ଜିଲାର ଜଣେ ଚାଷୀଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଛି। ଦୁଇପୁଅ ରାଜ୍ୟ ବାହାରେ ଦାଦନ ଖଟୁଥିବାବେଳେ ବିଷପାନ କରି ଚାଷୀଙ୍କ ଆତ୍ମହତ୍ୟା ଚର୍ଚ୍ଚାର ବିଷୟ ପାଲଟିଛି।

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବିନେକେଲା ଗ୍ରାମର ଚମରୁ ବାଗ (୪୯) କୀଟନାଶକ ପାନ କରି ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଫସଲହାନୀ ଯୋଗୁ ମ୍ରିୟମାଣ ହୋଇ ଶନିବାର ଅପରାହ୍ନରେ ସେ କୀଟନାଶକ ପିଇ ଦେଇଥିଲେ। ଏହା ଜଣାପଡିବା ପରେ ପରିବାର ଲୋକେ ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସ୍ଥାନାନ୍ତରଣ କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବାବେଳେ ☞ପୃଷ୍ଠା-୨

# ହାଇୱା ତଳେ ଚାପି ହୋଇଗଲା ୫ ଜୀବନ

**ସୁନ୍ଦରଗଡ଼, ୧୭।୧୨**
**(ଜୟ ନାରାୟଣ ମେଣ୍ଡୁଲି)**



ରବିବାର ଥିଲା। ହସ ଖୁସିରେ ଭୋଜି କରିବାକୁ ଯାଇଥିଲେ। ଭୋଜି ସାରି ଫେରୁଥିବାବେଳେ ଅଧା ବାଟରେ ଛକି ରହିଥିଲା ମୃତ୍ୟୁ। ଅଟୋ ଯୋଗେ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ହାଇୱା ତଳେ ଚାପି ହୋଇଯାଇଥିଲା ଅଟୋ। ଆଉ ଅଟୋରେ ଯାଉଥିବା ୫ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ୨ଜଣ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ତେଲେନଡିହି ଛକଠାରୁ ଅଳ୍ପ ଦୂରରେ। ମୃତକ ହେଲେ ମୁନସନ ଖାତୁନ(୪୮), ଇନାୟତ ଖାତୁନ(୪), ଇସ୍‌ରତ ଖାତୁନ (୪୨), ମୁସ୍କାନ ଖାତୁନ(୧୯), ମହମ୍ମଦ ସଜାଦ। ଏଥିସହ ୨ ଗୁରୁତରଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ସୋନି ଖାତୁନ(୧୪) ଏବଂ ଅନ୍ୟ ଜଣଙ୍କ ପରିଚୟ ମିଳିପାରି ନାହିଁ। ମୃତାହତମାନେ ସୁନ୍ଦରଗଡ଼ ବଗିଚାପଡ଼ାର ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ବଗିଚାପଡାର ୭ ଜଣ ଏକ ଅଟୋ ଯୋଗେ କିଞ୍ଜିରିକେଲା ସରସ୍ୱତୀ ନାଳକୁ ଭୋଜି କରିବାକୁ ଯାଇଥିଲେ। ଭୋଜି ସାରି ଅପରାହ୍ନରେ ଫେରୁଥିବାବେଳେ ତେଲେନଡିହି ଛକର କିଛି ଦୂରରେ ଅଟୋକୁ ଏକ ବାଲି ବୋଝେଇ ହାଇୱା ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଅଟୋ ଓ ହାଇୱା ପ୍ରାୟ ୧୫ଫୁଟ ତଳ ଧାନ ବିଲକୁ ଖସି ପଡ଼ିଥିଲା। ହାଇୱା ତଳେ ଅଟୋଟି ସମ୍ପୂର୍ଣ୍ଣ ଚାପି ହୋଇଯାଇଥିଲା। ଫଳରେ ୨ଟି ପରିବାରର ଜଣେ ଶିଶୁଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ପରେ ଜେସିବି ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ହୋଇଥିଲା। ମୃତକ ଏବଂ ଆହତଙ୍କ ପରିବାରକୁ କ୍ଷତିପୂରଣ ଏବଂ ବାଲି ପରିବହନ ହେଉଥିବା ଯାନବାହନର ଦ୍ରୁତ ଗତି ଉପରେ ରୋକ୍ ଲଗାଇବା ପାଇଁ ସ୍ଥାନୀୟ ଗ୍ରାମବାସୀ ଓ ମୃତକଙ୍କ

- ଭୋଜି କରି ଅଟୋରେ ଫେରୁଥିବାବେଳେ ଦୁର୍ଘଟଣା
- ମୃତକଙ୍କ ପରିବାରକୁ ୩ଲକ୍ଷ ୩୦ହଜାର ସହାୟତା
- ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ

ପରିବାର ରାସ୍ତାରୋକୋ କରିଥିଲେ। ଫଳରେ ସୁନ୍ଦରଗଡ଼- କିଞ୍ଜିରକେଲା ପୂର୍ତ୍ତ ବିଭାଗ ରାସ୍ତାରେ ଗାଡି ଚଳାଚଳ ବନ୍ଦ ରହିଥିଲା। ସଦର ବିଧାୟିକା କୁସୁମ ଟେଟେ, ଉପଜିଲାପାଳ ଦାଶରଥି ସରାବୁ, ଏସ୍‌ଡିପିଓ ହିମାଂଶୁ ବେହେରା, ଟାଙ୍ଗରପାଲି ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ମିଳିବା ନେଇ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ଜିଲା ରେଡକ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବାକୁ ମଧ୍ୟ ଘୋଷଣା କରାଯାଇଛି।

# ବୁଖାରୀଙ୍କ ଗୁମର ଫିଟୁଛି

## ଆର୍ଥିକ ଗୋଇନ୍ଦା ୟୁନିଟ୍‌କୁ ଚିଠି ଲେଖିଲା ଏସ୍‌ଟିଏଫ୍

**ଭୁବନେଶ୍ୱର, ୧୭।୧୨**
**(ସତ୍ୟଜିତ୍ ରାଉତ)**

- ସିଡିଆର୍‌କୁ ଅପେକ୍ଷା, ଆଜି ୭ଦିନିଆ ରିମାଣ୍ଡ ଆବେଦନ
- ଜେଲ ବାହାରେ ସୁରକ୍ଷା ବଢ଼ାଇବାକୁ ଏସ୍‌ପିଙ୍କୁ ଚିଠି

ସନ୍ଦିଗ୍ଧ ଆତଙ୍କବାଦୀ ତଥା କଶ୍ମୀର ପୋଲିସ ପାଇଁ ୱାଣ୍ଟେଡ୍ ଥିବା ସୟଦ ଇଶାନ ବୁଖାରୀଙ୍କ ଗୁମର ଫିଟିବାରେ ଲାଗିଛି। ସେ ସନ୍ଦିଗ୍ଧ ଆଇଏସ୍‌ଆଇ ଏଜେଣ୍ଟଙ୍କ ସହ ଲିଙ୍କ୍‌ରେ ଥିବା ପ୍ରମାଣ ମିଳିବା ପରେ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଏହି ମାମଲାକୁ ଗୁରୁତ୍ୱର ସହ ନେଇ ଛାନ୍‌ଭିନ୍ ଚଳାଇଛି। ବୁଖାରୀ ପାକିସ୍ତାନୀଙ୍କ ସହ ନିୟମିତ ଯୋଗାଯୋଗରେ ଥିଲେ। ଏପରିକି ବହୁ ଯୁବତୀଙ୍କୁ ପ୍ରେମଜାଲରେ ଫସାଇବାକୁ ଜାଲ ବିଛାଇଥିଲେ। ତେବେ ବୁଖାରୀଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ବହୁ ସନ୍ଦେହଜନକ ଆର୍ଥିକ କାରବାର ହୋଇଛି। ଆଇଏସ୍‌ଆଇ ଏଜେଣ୍ଟଙ୍କ ସହ ସେ ପୂର୍ବରୁ ଚାଟ୍ କରିଥିବାବେଳେ ଏହି ଚାଟ୍ ହିଷ୍ଟ୍ରିକୁ ଡିଲିଟ୍ କରିଦେଇଛନ୍ତି। ତେଣୁ ଏହି ମେସେଜ୍ ଜରିଆରେ ସେ ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଦେଶର ସୁରକ୍ଷା ସମ୍ପର୍କିତ ତଥ୍ୟ ଦେଇଥିବା ସନ୍ଦେହ କରାଯାଉଛି। ଏସବୁ ଜାଣିବାକୁ ତାଙ୍କଠାରୁ ଜବତ ହୋଇଥିବା ମୋବାଇଲ ଫୋନ୍‌ଗୁଡ଼ିକୁ ଷ୍ଟେଟ୍ ଫୋରେନ୍‌ସିକ୍ ଲ୍ୟାବକୁ ପଠାଯାଇଛି। ଏଥିସହ ବିଭିନ୍ନ ଟେଲିଫୋନିକ୍ କମ୍ପାନୀରୁ ତାଙ୍କ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ମଗାଯାଇଛି। ସିଡିଆର୍‌କୁ ଯାଞ୍ଚ କରାଯିବା ପରେ କିଛି ବଡ଼ ତଥ୍ୟ ମିଳିବ ବୋଲି ଏସ୍‌ଟିଏଫ୍ ଆଶା ରଖିଛି।

ଏବେସୁଦ୍ଧା ବୁଖାରୀଙ୍କ ୬ଟି ବ୍ୟାଙ୍କ ଆକାଉଣ୍ଟ ମିଳିଥିବାବେଳେ ସେଥିରେ ବହୁଥର ଟଙ୍କା କାରବାର ମଧ୍ୟ ହୋଇଛି। ଏହି ଟଙ୍କା ଆତଙ୍କୀ ସଙ୍ଗଠନଠାରୁ ଆସିଥିବା ସନ୍ଦେହ କରାଯାଉଛି। ଟଙ୍କା କିଏ ଦେଇଛନ୍ତି ଏବଂ ବୁଖାରୀଙ୍କ ଅନ୍ୟ ବ୍ୟାଙ୍କ ଆକାଉଣ୍ଟ ବାବଦରେ ଜାଣିବାକୁ ଏସ୍‌ଟିଏଫ୍ ପକ୍ଷରୁ ଅର୍ଥ ମନ୍ତ୍ରଣାଳୟର ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍ ବା ଆର୍ଥିକ ଗୋଇନ୍ଦା ୟୁନିଟ୍ (ଏଫ୍‌ଆଇୟୁ)କୁ ଚିଠି ଲେଖାଯାଇଛି। ଏନେଇ ଏସ୍‌ଟିଏଫ୍ ଏସ୍‌ପି କେ.କେ. ପାଣିଗ୍ରାହୀ ରବିବାର ସୂଚନା ଦେବା ସହ ବୁଖାରୀଙ୍କୁ ୭ ଦିନିଆ ରିମାଣ୍ଡରେ ଆଣିବାକୁ ସୋମବାର ଆବେଦନ କରାଯିବ ବୋଲି କହିଛନ୍ତି। ତେବେ ଆବଶ୍ୟକ ପଡ଼ିଲେ ନ୍ୟାଶନାଲ୍ ଇନ୍‌ଭେଷ୍ଟିଗେଶନ ଏଜେନ୍‌ସି (ଏନ୍‌ଆଇଏ) ଏବଂ ଇଣ୍ଟେଲିଜେନ୍‌ସ ବ୍ୟୁରୋ (ଆଇବି) ଟିମ୍ ଜେରା କରିବାକୁ ଓଡ଼ିଶା ଆସିବେ ବୋଲି ସୂଚନା ଦିଆଯାଇଛି। ତାଙ୍କୁ ରିମାଣ୍ଡରେ ନିଆଯିବା ପରେ ଦେଶ ବିରୋଧୀ ତତ୍ତ୍ୱ, ଠକେଇ, ଜାଲିଆତି ସମ୍ପର୍କରେ ଅଧିକ ☞ପୃଷ୍ଠା-୨

DSPL-465

ଆମ ଓଡ଼ିଶା ନବୀନ ଓଡ଼ିଶା
ଓଡ଼ିଶା ସରକାର

କୃଷି ଯନ୍ତ୍ରପାତି ମେଳା

କୃଷି ଯାନ୍ତ୍ରିକୀକରଣ ମାଧ୍ୟମରେ ଚାଷୀର ଆୟବୃଦ୍ଧି ପାଇଁ ରାଜ୍ୟର ସମସ୍ତ ଜିଲ୍ଲାରେ ଚଳିତ ରବି ଋତୁରେ କୃଷି ଯନ୍ତ୍ରପାତି ମେଳା ଆୟୋଜିତ ହେଉଅଛି

- ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ
- ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତାର ସଚେତନତା
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟର ବ୍ୟବସ୍ଥା
- ବ୍ୟାଙ୍କ୍ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ
- କୃଷି ଓ ଆନୁସଂଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାର ପ୍ରଚାର ଓ ପ୍ରସାର
- ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ତତ୍କାଳ ବୁକିଂ ବ୍ୟବସ୍ଥା



ଆପଣାଇ କୃଷି ଯନ୍ତ୍ରପାତି, ଚାଷରେ ଆଣିବା ଉନ୍ନତି

ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ନିର୍ଦ୍ଧାରିତ ସ୍ଥାନ ଓ ତାରିଖ

| | | | |
|---|---|---|---|
| ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼ | ଦଶହରା ପଡ଼ିଆ, ଜୟପୁର | ଇଂଜିନିୟରିଂ ସ୍କୁଲ ପଡ଼ିଆ, ବ୍ରହ୍ମପୁର | ପୋଲିସ ଲାଇନ ପଡ଼ିଆ, ବାଲେଶ୍ୱର |
| ୧୮-୨୨ ଡିସେମ୍ବର, ୨୦୨୩ | ୨୬-୩୦ ଡିସେମ୍ବର, ୨୦୨୩ | ୮ - ୧୨ ଜାନୁୟାରୀ, ୨୦୨୪ | ୧୧-୧୫ ଜାନୁୟାରୀ, ୨୦୨୪ |

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-01510/13/0013/2324

## ସଂକ୍ଷେପରେ

### ଭଲିବଲରେ କୁଶଙ୍ଗ, କବାଡ଼ିରେ ଲୋଇସିଂହା ଚାମ୍ପିୟନ

ଲୋଇସିଂହା,୧୭।୧୨(ସୁଶାନ୍ତ ବାରିକ)

ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ବଲାଙ୍ଗୀର ଜିଲା ଲୋଇସିଂହା ପାଞ୍ଚାୟତ ସମିତି ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହେଉଛି। ରବିବାର କ୍ରୀଡା ଉତ୍ସବର ପଞ୍ଚମ ଦିବସରେ ଫୁଟବଲ, ଭଲିବଲ ଓ କବାଡି ପ୍ରତିଯୋଗିତା ହୋଇଥିଲା। ଲୋଇସିଂହା ଷ୍ଟାଡିୟମରେ ଭଲିବଲ ଓ ଫୁଟବଲ ପତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଭଲିବଲରେ କୁଶଙ୍ଗ ଓ ବାଦିବାହାଲ ମଧ୍ୟରେ ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ୧୯ ପଏଣ୍ଟ ପାଇ ବାଦିବାହାଲ ରନର ଅପ ଓ ୨୩ ପଏଣ୍ଟ ପାଇ କୁଶଙ୍ଗ ଚାମ୍ପିୟନ ହୋଇଛି । ସେହିପରି ସ୍ଥାନୀୟ କଲେଜ ପଡିଆରେ କବାଡି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ହୀରାପୁର ଓ ଲୋଇସିଂହା ମଧ୍ୟରେ ଫାଇନାଲ ମୁକାବିଲା ହୋଇଥିଲା। ୧୯ ପଏଣ୍ଟ ପାଇ ଲୋଇସିଂହା ଚାମ୍ପିୟନ ହୋଇଥିବାବେଳେ ୧୭ ପଏଣ୍ଟ ପାଇ ହୀରାପୁର ରନର ଅପ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୋମବାର ଫୁଟବଲର ପ୍ରଥମ ସେମିଫାଇନାଲ ଲୋଇସିଂହା ଆଦିବାସୀ ବନାମ କୁଶମେଲ ଏବଂ ଦ୍ୱିତୀୟ ସେମି ଲୋଇସିଂହା ବନାମ ସୁଜିଆ ମଧ୍ୟରେ ଅନୁଷ୍ଠିତ ହେବ ।

### ଏଟିଏମ୍ ଭାଙ୍ଗି ଲୁଟିନେଲେ

ପାଟଣାଗଡ,୧୭।୧୨(ପ୍ରହ୍ଲାଦ ପାଢ଼ୀ)

ବଲାଙ୍ଗୀର ଜିଲା ପାଟଣାଗଡ-ବଲାଙ୍ଗୀର ରାସ୍ତାର ସରମୁହାଣ ଗ୍ରାମ ନିକଟରେ ଥିବା ଏସ୍‌ବିଆଇ ଏଟିଏମ୍ କାଉଣ୍ଟର ଭାଙ୍ଗି ଦୁର୍ବୃତ୍ତ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଶନିବାର ବିଳମ୍ବିତ ରାତିରେ ଡ୍ରିଲ ମେଶିନରେ ଏଟିଏମ ବକ୍ସ କାଟି ଏପରି ଲୁଟ୍ କରାଯାଇଛି। ପାଟଣାଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛି। ଏଟିଏମ କାଉଣ୍ଟରକୁ ପୋଲିସ ଲକ କରିଛି। ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ ଆସିବାକୁ ଅପେକ୍ଷା କରାଯାଇଛି। ତେବେ କାଉଣ୍ଟରରେ କେତେ ଟଙ୍କା ଥିଲା ତାହା ଜଣାପଡିନାହିଁ।

### ନିଶାଠାରୁ ଦୂରେଇ ରୁହନ୍ତୁ ଯୁବ ସମାଜ

**ଗୌଣ୍ଡୱାନା ଗଣ୍ଡ ସମାଜର ସାଙ୍ଗଠନିକ ବୈଠକ**

ମୁରିବାହାଲ, ୧୭।୧୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ଗ୍ରାମ ପଞ୍ଚାୟତ ଡଙ୍ଗରପଡାସ୍ଥିତ ଗୌଣ୍ଡ ଭବନରେ ରବିବାର ଗୌଣ୍ଡୱାନା ଗଣ୍ଡ ସମାଜର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ସମାଜର ବ୍ଲକ ସଭାପତି ଗଙ୍ଗାଧର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଖିଳ ଭାରତୀୟ ଗୌଣ୍ଡୱାନା ଗଣ୍ଡ ସମାଜ ରାଜ୍ୟ ଉପସଭାପତି ବିନୋଦ ବିହାରୀ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜର ସଙ୍ଗଠନକୁ ତଳସ୍ତରରୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନିଶା ସେବନରୁ ଦୂରରେ ରହି ଯୁବତୀଯୁବକମାନେ ଆଗକୁ ବଢିବାକୁ ସେ ଯୋର ଦେଇଥିଲେ। ସମ୍ମାନୀତ ଅତିଥିଭାବେ ସମାଜର ଜିଲା ଉପସଭାପତି ମହେନ୍ଦ୍ର ମଲ୍ଲିକ, ସୁରେଶ ଧରୁଆ, ରାମଚନ୍ଦ୍ର ଧରୁଆ, ରାଜୀବ କୁଅଁର, ଦାଶରଥି ଭୋଇ ଯୋଗଦେଇଥିଲେ। ମୁରିବାହାଲ ବ୍ଲକରେ ବସବାସ କରୁଥିବା ସମସ୍ତ ଗଣ୍ଡଙ୍କୁ ଏକତ୍ରିତ କରି ଏକ ବଡ ଧରଣର କାର୍ଯ୍ୟକ୍ରମ କରିବା ଉପରେ ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୋବିନ୍ଦ ଧରୁଆ, ଶିବ ଧରୁଆ, ସୁରଥ ଧରୁଆ, ନକୁଳ କୁଅଁର, ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତା, ପାଣି ମୁଖ୍ୟ ସମସ୍ୟା

କଣ୍ଟାବାଞ୍ଜି,୧୭।୧୨(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକର ଆଦିବାସୀ ବହୁଳ କୁଇବାହାଲ ଗ୍ରାମ ପଞ୍ଚାୟତ। ପଞ୍ଚାୟତ ସଦର ଗ୍ରାମ କୁଇବାହାଲ ସହିତ କଲୋନୀପଡା, ସୁରିପଡା, ମହୁଲପଡା, ଦେବାହାଲିଆ ପଡା, କିନ୍ଦେରକେଲା ଓ ଖଲିଆପଡା ଆଦି ୬ଟି ପଡା ରହିଛି। ଆଜି ବି ଏହି ସବୁ ପଡାର ଜନସାଧାରଣ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ପଡାକୁ ନାହିଁ ସ୍ଥାୟୀ ରାସ୍ତା। ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ପାଇପ ଜଳଯୋଗାଣ ନ ଥିବାରୁ ପାରମ୍ପରିକ ଉତ୍ସରୁ ଲୋକେ ଦୂଷିତ ପାଣି ସଂଗ୍ରହ କରୁଛନ୍ତି। ବିଦ୍ୟୁତ୍ ସଂଯୋଗ ଅଦ୍ୟାବଧି ହୋଇନାହିଁ। ଏସବୁ ନେଇ ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। କୁଇବାହାଲ ଗ୍ରାମଠାରୁ ଅନତି ଦୂରରେ ରହିଛି କଲୋନୀପଡା । ପଡାରେ ଥିବା ପ୍ରାଥମିକ ବିଦ୍ୟାଳୟରେ ରହିଛି ୫ଟି ଶ୍ରେଣୀ। ସ୍କୁଲରେ ପାଣି ସମସ୍ୟା ରହିଛି। ପଡାକୁ ନାହିଁ ଭଲ ରାସ୍ତା। ଫଳରେ ବର୍ଷାଦିନରେ କାଦୁଅ ପଚପଚ ରାସ୍ତାରେ ଛାତ୍ରୀଛାତ୍ର ସ୍କୁଲ ଯାଆନ୍ତି। ସେହିପରି ସୁରିପଡାରେ ରହନ୍ତି ୩୦ଆଦିବାସୀ ପରିବାର। ପଡାରେ ବିଦ୍ୟୁତ୍ ଓ ପାଣି ସମସ୍ୟା ରହିଛି । ପଡାରେ ୨୦୨୩-୨୪



ସୁରିପଡାରେ ଟାଙ୍କି ନିର୍ମାଣ ହୋଇଛି, ହେଲେ ନଳକୂପ ଅଚଳ ପଡିଛି।



ପାଦଚଲା ରାସ୍ତାରେ ଲୋକେ ଯିବାଆସିବା କରୁଛନ୍ତି।

- ମୌଳିକ ସୁବିଧାରୁ ବଞ୍ଚିତ ୬ପଡ଼ା
- ଅଦ୍ୟାବଧି ସଂଯୋଗ ହୋଇନି ବିଜୁଳି
- ଆରଡି ଅଧୀନରେ ଥିବାରୁ ରାସ୍ତା କାମ କରିହେଉନି: ସରପଞ୍ଚ

ବର୍ଷରେ ପଞ୍ଚଦଶ ଯୋଜନାରୁ ୭୫ହଜାର ଟଙ୍କା ଅଟକଳରେ ଏକ ନଳକୂପ ଟାଙ୍କି କରାଯାଇଛି। ହେଲେ ଉକ୍ତ ନଳକୂପରୁ ଠିକ୍ ଭାବେ ପାଣି ବାହାରୁ ନ ଥିବାରୁ ପାଣିଟାଙ୍କି କୌଣସି କାମରେ ଲାଗୁନାହିଁ। ଖରାଦିନେ ଜଳକଷ୍ଟ ସାଂଘାତିକ ହୋଇଥାଏ। ମହୁଲପଡାରେ ୪୦ ଆଦିବାସୀ ପରିବାର ରହନ୍ତି। ୨ଟି ନଳକୂପ ରହିଛି। ହେଲେ ପାଣି ବାହାରୁ ନ ଥିବାରୁ ଦୀର୍ଘବର୍ଷ ହେଲା ଅଚଳ ହୋଇ ପଡିଛି। ପଡାବାସୀ ଖେତରେ କୂଅ ଖୋଳି ପାଣି ସଂଗ୍ରହ କରୁଛନ୍ତି। କିନ୍ଦେରକେଲା ଓ ଖଲିଆପଡାରେ ସମାନ ସମସ୍ୟା। କୁଇବାହାଲ ସଦର ଗ୍ରାମଠାରୁ ସମସ୍ତ ପଡାର ଦୂରତା ୫ରୁ ୬କିମି। ଏଣୁ ଏହି ସବୁ ପଡାର କୁନି ପିଲାଏ ଆଙ୍ଗନବାଡି ଏବଂ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ରହିଛନ୍ତି। ୬ ପଡାକୁ ପଞ୍ଚାୟତ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରାସ୍ତା ନ ଥିବାରୁ ଲୋକେ ଜଙ୍ଗଲ ମଧଦେଇ ହେଡକ୍ୱାର୍ଟର୍ସକୁ ଯାଇଥାନ୍ତି। ସ୍ୱାସ୍ଥ୍ୟସେବା କଥା ନ କହିଲେ ଭଲ। ଏ ନେଇ ସରପଞ୍ଚ ବିଳାସ ପୁଟେଲଙ୍କୁ ପଚାରିବାରୁ ଛଅଟି ଯାଇ ପଡା ଦେଇ ଗ୍ରାମ ଉନ୍ନୟନ ବିଭାଗ ରାସ୍ତା କରିବ ବୋଲି ସର୍ଭେ କରିଛି। ଫଳରେ ପଞ୍ଚାୟତ ତରଫରୁ କୌଣସି ମାଟି କାମ କରାଯାଇ ପାରୁନାହିଁ । ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପଞ୍ଚାୟତର ପ୍ରସ୍ତାବ ଅନୁସାରେ ଅନେକ ଥର ଲିଖିତ ଜଣାଇଲେ ବି କୌଣସି ସୁଫଳ ମିଳୁନାହିଁ। ଅବିଳମ୍ବେ ଏହି ସବୁ ପଡାକୁ ପାଣି, ବିଦ୍ୟୁତ୍, ରାସ୍ତା, ଆଙ୍ଗନବାଡି କେନ୍ଦ୍ର ଏବଂ କେନ୍ଦ୍ରସ୍ଥଳରେ ଏକ ପ୍ରାଥମିକ ବିଦ୍ୟାଳୟ ବ୍ୟବସ୍ଥା କରିବାକୁ ପଡାବାସୀଙ୍କ ସହ ସାମାଜିକ କର୍ମୀ ସୁବାଷ ପୁଟେଲ ଦାବି କରିଛନ୍ତି।

# ଅଭିଯୋଗକାରୀ ହେଲେ ଅଭିଯୁକ୍ତ

**ଫାଇନାନ୍ସ କର୍ମଚାରୀ ଋଣ ଅସୁଲ ଟଙ୍କା ଲୁଟ୍ ଘଟଣା ଅଭିଯୋଗକାରୀ, ସହଯୋଗୀଙ୍କୁ ବାନ୍ଧିଲା ପୋଲିସ**

ଲୋଇସିଂହା,୧୭।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଭାରତ ଫାଇନାନ୍ସର ଜଣେ କର୍ମଚାରୀଙ୍କ ଋଣ ଅସୁଲ ଟଙ୍କା ଲୁଟ୍ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାର ପର୍ଦ୍ଦାଫାଶ କରିଛି ଲୋଇସିଂହା ପୋଲିସ। ଅଭିଯୋଗକାରୀ ହିଁ ଅଭିଯୁକ୍ତ ବୋଲି ପୋଲିସ କହିଛି। ଅଭିଯୋଗକାରୀ ଫାଇନାନ୍ସ କର୍ମଚାରୀ ବିଜୟ ନାଗ(୨୮) ଓ ବଲାଙ୍ଗୀର ସଦର ଥାନା ବ୍ରାହ୍ମଣୀଡୁଙ୍ଗରୀ ଗ୍ରାମର ପିତବାସ ମେର୍ଲିଙ୍କୁ ପୋଲିସ ଗରିଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ମୁରିବାହାଲ ଥାନା ଅନ୍ତର୍ଗତ ପୁଡାପାଲି ଗ୍ରାମର ବିଜୟ ନାଗ ଲୋଇସିଂହାସ୍ଥିତ ଭାରତ ଫାଇନାନ୍ସରେ କାମ କରନ୍ତି। ଗତ ନଭେମ୍ବର ୨୨ରେ ଆଗଲପୁର ଅଞ୍ଚଳକୁ ଋଣ ଟଙ୍କା ଅସୁଲି ପାଇଁ ସେ ଯାଇଥିଲେ। ୮୪ ହଜାର ୮୮୫ ଟଙ୍କା ଅସୁଲ କରି ଫେରୁଥିବାବେଳେ ଲୋଇସିଂହା-ପଦ୍ମପୁର ରାସ୍ତାର ସହାଜଛାପର ଛକରେ ଅସୁଲ ଟଙ୍କାକୁ ଦୁର୍ବୃତ୍ତ ଲୁଟି ନେଇଥିବା ନେଇ ସେ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଏକ ମାମଲା (୨୯୬/୨୩) ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା। ଅଭିଯୋଗକାରୀ ପୂର୍ବରୁ ମଧ୍ୟ ଏହିପରି ଅଭିଯୋଗ ଆଣିଥିବାରୁ ତାଙ୍କୁ ସନ୍ଦେହ ଚକ୍ଷୁରେ ଦେଖିଥିଲା ପୋଲିସ। ଏହି ମାମଲାରେ ସାଇବର ସେଲର ସହଯୋଗ ନିଆଯାଇଥିଲା। ଅଭିଯୋଗକାରୀଙ୍କ ମୋଇବାଲ ଟ୍ରାକିଂ ପରେ ଘଟଣାର ସତ୍ୟତା ଜଣାପଡିଥିଲା। ଯୋଜନାବଦ୍ଧଭାବେ ବିଜୟ ଅସୁଲ ଋଣ ଟଙ୍କାକୁ ହଡ଼ପ ଉଦ୍ଦେଶ୍ୟରେ ବାଟରେ ସହଯୋଗୀ ପୀତବାସଙ୍କୁ ଉକ୍ତ ଟଙ୍କା ଦେଇଦେଇଥିଲେ। ଏହାପରେ ଥାନାକୁ ଆସି ମିଛ ଲୁଟ୍ ଅଭିଯୋଗ କରିଥିଲେ ବୋଲି ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି। ସେମାନଙ୍କଠାରୁ ମୋଇବାଲ, ବାଇକ ଏବଂ ୭୦ହଜାର ଟଙ୍କା ଜବତ ହୋଇଛି। ବିଜୟଙ୍କ ପାଖରୁ ୫୦ହଜାର ଏବଂ ପୀତବାସଙ୍କଠାରୁ ୨୦ହଜାର ଉଦ୍ଧାର ହୋଇଥିବା ଆଇଆଇସି ନାଏକ କହିଛନ୍ତି। ଏବେବି ସଂସ୍ଥାର ଏକ ଟାବଲେଟ ଓ ମୋବାଇଲ ଉଦ୍ଧାର ହୋଇପାରିନାହିଁ।



ଗିରଫ ୨ଅଭିଯୁକ୍ତ।


## TENDER NOTICE

Tenders are being invited in sealed envelope for burnt Sponge Iron quantity of about 600 mt. approx.

Quality: Fe (M)-28-30% Burnt sponge (discolor).

Interested parties may inspect the lot at our plant Gurundupalli, Bonai, Sundargarh in any working day between 10 A.M. to 5 P.M. Last date of tender application to be received by 12 P.M. on 26.12.2023 at our office address given below.

**SHIV METTALICKS PVT LTD**
**Phase-IV, Purohit Market Complex, Kachery Road, Rourkela- 769012**


# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ

ବଲାଙ୍ଗୀର,୧୭।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବିଧାୟକ ନରସିଂହ ମିଶ୍ର ରବିବାର ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ କୁଟୁମଡୋଲା ଓ ଝାଙ୍କରପାଲି ଗ୍ରାମ ପଞ୍ଚାୟତ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମଗୁଡିକରେ ସମ୍ମାନୀତ ଅତିଥି ଭାବେ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଆୟୋଜିତ ସଭାରେ ବିଧାୟକ ମିଶ୍ର କହିଥିଲେ ଯେ, ଗତ ୧୦ ବର୍ଷ ଭିତରେ ଅନେକ ପ୍ରତିକୂଳ ପରିସ୍ଥିତିର ସାମନା କରି ଲୋକଙ୍କ ପାଇଁ ବିକାଶମୂଳକ ପ୍ରକଳ୍ପ ଅଣାଯାଇଛି । ଶିକ୍ଷା ହେଉ କି ଗମନାଗମନ, ସ୍ୱାସ୍ଥ୍ୟ ହେଉ କି ଜଳସେଚନ ସବୁ ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଛି। ତେବେ ସଭାରେ ବିଧାୟକ ମିଶ୍ର ପୁଣି ଥରେ ରାଜ୍ୟ ସରକାରଙ୍କ ଆଞ୍ଚଳିକ ବୈଷମ୍ୟ କଥା ଉଠାଇଥିଲେ । ବଲାଙ୍ଗୀର ଜିଲା କପା ଉତ୍ପାଦନ ପାଇଁ ପ୍ରସିଦ୍ଧ । କିନ୍ତୁ ରାଜ୍ୟ ସରକାର କେନ୍ଦ୍ରାପଡାରେ ଟେକ୍ସଟାଇଲ କାରଖାନା ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଆଞ୍ଚଳିକ ବୈଷମ୍ୟ ନୁହେଁ ତ ଆଉ କଣ ବୋଲି ସେ ପ୍ରଶ୍ନ କରିଥିଲେ। ସରକାର ଏଭଳି ଆଞ୍ଚଳିକ ବୈଷମ୍ୟ ଜାରି ରଖିଲେ ରାଜ୍ୟ ଦୁଇ ଭାଗ ହୋଇ କୋଶଲ ରାଜ୍ୟ ଗଠନ ହେବା ନିଶ୍ଚିତ ବୋଲି କହିଥିଲେ । ଆଗାମୀ ନିର୍ବାଚନରେ କଂଗ୍ରେସ ସରକାର କଲେ ନିଶ୍ଚିତ ଭାବରେ ଚାଷୀମାନେ ଭୋଗୁଥିବା ଧାନର ଅଭାବୀ ବିକ୍ରି ସମସ୍ୟା ଆଉ ରହିବ ନାହିଁ ବୋଲି ସେ କହିଥିଲେ । ଝାଙ୍କରପାଲି ଗଉନ୍ତିଆ ଦୁର୍ଗା ଶଙ୍କର ଭୋଇ, ଲିଙ୍ଗ ବିଶ୍ୱାଳ, ମୟ ସାହୁ, ଗୌତମ ଭୋଇ ମଞ୍ଚାସୀନ ଥିଲେ। କୁଟୁମଡୋଲା ସାଧାରଣ ସଭାରେ ବିଡିସିସି ସଭାପତି ସ୍ମାରକ ରଞ୍ଜନ ମିଶ୍ର, ଶିକ୍ଷାବିତ୍ ବିଧୁଭୂଷଣ ସିଂଦେଓ, ଗୋପାଳ ବ୍ରହ୍ମା, ଝାଙ୍କରପାଲି ସରପଞ୍ଚ ବୃନ୍ଦାବତି ବେହେରା, କୁଟୁମଡୋଲା ସରପଞ୍ଚ ସସ୍ମିତା ସିଂଦେଓ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, କଂଗ୍ରେସ ବ୍ଲକ ସଭାପତି ରାମ ପ୍ରସାଦ ମିଶ୍ର, ରାଧାକାନ୍ତ ଭୋଇ, କୈଳାସ ସିଂଦେଓ, ଘାସିରାମ ପଟେଲ, ଭାରତ ବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।




ବିଧାୟକ ନରସିଂହ ମିଶ୍ର ଓ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର କୁଟୁମଡୋଲାଠାରେ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

# ଖାଦ୍ୟନଳୀ ନଥିବା ଶିଶୁକୁ ମିଳିବ ଚିକିତ୍ସା ସୁବିଧା

- ଶିଶୁକନ୍ୟା ପାଖରେ ପହଞ୍ଚିଲେ ଶିଶୁ ସୁରକ୍ଷା ପ୍ରତିନିଧି
- ଝିଅର ଅସ୍ତ୍ରୋପଚାର ପାଇଁ ମା'ବାପା କରିଥିଲେ ଆକୁଳ ନିବେଦନ

**ଧରିତ୍ରୀ ପ୍ରଭାବ**

ବଲାଙ୍ଗୀର,୧୭।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ଖାଦ୍ୟନଳୀ ନ ଥିବା କାରଣରୁ ଜଣେ ଶିଶୁ କିଭଳି ବଞ୍ଚିବା ପାଇଁ ସଂଘର୍ଷ କରୁଛି ଏବଂ ଏକ ଦିନମଜୁରିଆ ଦମ୍ପତି କିଭଳି ଦୀର୍ଘ ୯ ମାସ ଧରି ଡାକ୍ତରଖାନା ଦୌଡୁଛନ୍ତି ସେନେଇ ଗତ ୧୪ତାରିଖ ଧରିତ୍ରୀରେ ଏକ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ଶିଶୁକୁ ଚିକିତ୍ସା ସହାୟତା ଯୋଗାଇବା ସହ ଆବଶ୍ୟକ ସହାୟତା ଯୋଗାଇବାକୁ ବଲାଙ୍ଗୀର ଜିଲା ପ୍ରଶାସନ ଆଗଭର ହୋଇଛି। ଜିଲାପାଳ ଚଞ୍ଚଳ ରାଣା ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ଲକ୍ଷ୍ମୀ ସିଂ ଜିଲାପାଳଙ୍କଠାରୁ ନିର୍ଦ୍ଦେଶ ପାଇବା ପରେ ଶିଶୁ ସୁରକ୍ଷା ପ୍ରତିନିଧି ଅରୁଣ ଖୁଆସଙ୍କୁ ପୀଡିତା ଶିଶୁକନ୍ୟା ସଂକ୍ରାନ୍ତରେ ଉପଯୁକ୍ତ ଖବର ସଂଗ୍ରହ ସହ ବାସ୍ତବିକ ସ୍ଥିତି ଆକଳନ ଏବଂ ଚିକିତ୍ସା ସହାୟତା ଯୋଗାଇବାକୁ ବିନ୍ଧାପାଲି ଗାଁକୁ ପଠାଇଥିଲେ। ଶିଶୁ ସୁରକ୍ଷା ଅଧିକାରୀ ଖୁଆସ ଶୁକ୍ରବାର ଆଗଲପୁର ବ୍ଲକ୍‌ର ବିନ୍ଧାପାଲି ଗସ୍ତ କରି ପୀଡିତା ଶିଶୁକନ୍ୟା ଆରତୀଙ୍କ ପିତା ସରୋଜ ସାହୁ ଓ ମାତା ଅନୁରାଧାଙ୍କୁ ଭେଟି ପ୍ରଶାସନିକ ସହାୟତା ସମ୍ପର୍କରେ ଆଲୋଚନା କରିଛନ୍ତି।

୯ ମାସ ତଳେ ଆରତୀଙ୍କୁ ଜନ୍ମ ଦେଇଥିଲେ ଅନୁରାଧା। ଜନ୍ମରୁ ଖାଦନଳୀ ନଥିବା ଜଣାପଡିବା ପରେ ଶିଶୁକୁ ଉଚ୍ଚତର ଚିକିତ୍ସା ପାଇଁ ସରୋଜ ସାହୁ ଦମ୍ପତି ବୁର୍ଲା ଓ ପରେ କଟକ ଶିଶୁ ଭବନ ନେଇଥିଲେ। ଶିଶୁ ଭବନରେ ଭର୍ତ୍ତି ପରେ ପ୍ରଫେସର ଡା ପି.କେ.ଜେନା ଶିଶୁର ଶରୀର ବାହାରେ ଏକ କୃତ୍ରିମ ଖାଦ୍ୟନଳୀ ଖଞ୍ଜିଥିଲେ। ଗତ ୩୧ ମାର୍ଚ୍ଚ ୨୦୨୩ ଦିନ ଶିଶୁ ଭବନରୁ ଆରତୀଙ୍କୁ ଡିସଚାର୍ଜ କରାଯାଇଥିଲା। ୧୨ ମାସ ସମୟ ଅତିବାହିତ ହେବା ପରେ ଏକ ଅସ୍ତ୍ରୋପଚାର ପରେ ଶରୀରରେ କୃତ୍ରିମ ଖାଦ୍ୟନଳୀ ଖଞ୍ଜାଯିବ ବୋଲି କହିଥିଲେ। ଶିଶୁର ଶରୀରରେ କୃତ୍ରିମ ଖାଦ୍ୟନଳୀ ପ୍ରତିରୋପଣ କରାଯିବା ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ଶରୀର ବାହାରେ ଲଗାଯାଇଥିବା ଖାଦ୍ୟନଳୀକୁ ସଫା କରାଯିବ ଓ ପ୍ରତି ମାସରେ କଟକ ବଡ ଡାକ୍ତରଖାନା ଶିଶୁଭବନକୁ ଆସିବାକୁ ପଡ଼ିବ ବୋଲି ସେଠାକାର ବିଶେଷଜ୍ଞ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ତେବେ ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବା ସରୋଜ ଝିଅକୁ କଟକ ବଡ ଡାକ୍ତରଖାନାକୁ ୬ ଥର ନେବା ପରେ ଅର୍ଥାଭାବରୁ ଆଉ ନେଇ ପାରି ନ ଥିଲେ। ଏହା ଜାଣିବା ପରେ ଆଗଲପୁର ମାହେଶ୍ୱରୀ ସଙ୍ଗଠନ ସ୍ୱେଚ୍ଛାସେବୀ ସନ୍ୟାସୀ ମେହେର ଓ ଅନ୍ୟ ସଦସ୍ୟ ସରୋଜଙ୍କ ଝିଅକୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆଣି ଚିକିତ୍ସା କରାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଓ ଶିଶୁ ସୁରକ୍ଷା ୟୁନିଟ ପ୍ରତିନିଧି ଖୁଆସ ଶିଶୁକନ୍ୟା ଆରତୀଙ୍କ ଆବଶ୍ୟକ ଚିକିତ୍ସା ଓ ତାଙ୍କ ପିତାମାତାଙ୍କୁ ଉଚିତ୍ ସହାୟତା ଯୋଗାଇବାକୁ ଜିଲା ପ୍ରଶାସନ କିଭଳି ପଦକ୍ଷେପ ନେବ ସେନେଇ ଜଣାଇଥିବା ସୂଚନା ଦେଇଛନ୍ତି।



ଶିଶୁ ସୁରକ୍ଷା ପ୍ରତିନିଧି ଅରୁଣ ଖୁଆସ ବିନ୍ଧାପାଲି ଗାଁରେ ଶିଶୁକନ୍ୟାଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି।


idco | ODISHA NEW OPPORTUNITIES — CAD-3267

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No.- BBSR/ELECT/E-4126/19-20/ 3350 Dt.12.12.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work: SITC of 140 KVA Silent type DG Set and Construction of DG Shed at BPCL Pump House, Bargarh.

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/ e-86/23- 24 | 19.12.2023 at 17.00 hrs. | 28.12.2023 at 17.00 hrs. |

Further details can be seen from the e-procurement portal www.tendersorissa.gov.in. Corrigendum or addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect.), IDCO, Bhubaneswar

OIPR-14003/11/0314/2324

**OFFICE OF THE EXECUTIVE ENGINEER, P.H. DIVISION, ANGUL** No.C-2134

Ph. (06764) 296431, Email- eephangul@yahoo.in

**GOVERNMENT OF ODISHA**

**Bid Identification No.EE PH Division Angul-19/2023-24 dt.15.12.2023**

| | | | |
|---|---|---|---|
| 1 | Name of the work | : | 02 (Two) Nos. |
| 2 | Type of bid | : | Single bid system |
| 3 | Estimated cost | : | Rs.20.68 lakhs & Rs.22.19 lakhs |
| 4 | Period of completion | : | 03 (Three) months |
| 5 | Date & time of availability of bid document in the portal | : | From 11.00 A.M. of 22.12.2023 to 5.00 P.M. of 02.01.2024 |
| 6 | Last date / time of receipt of bids in the portal | : | 5.00 P.M. of 02.01.2024 |
| 7 | Date & time of opening of Technical bids | : | At 11.00 A.M. of 03.01.2024 |
| 8 | Name & address of the Officer inviting bid | : | Executive Engineer, P.H. Division, Angul |
| 9 | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

Sd./- (Er. Prasanta Behera),
Executive Engineer,
P.H. Division, Angul

OIPR-13056/11/0007/2324


## ରାଜ୍ୟସ୍ତରୀୟ ମାରାଥନ

# ଡୋଳାମଣି ପୁରୁଷ, ମହିଳାରେ ସଞ୍ଜନା ପ୍ରଥମ



ଅତିଥିଙ୍କ ସହ ଉଭୟ ବର୍ଗର କୃତୀ ପ୍ରତିଯୋଗୀମାନେ।

**ଟିଟିଲାଗଡ଼,୧୭।୧୨(ଶରତ ମିଶ୍ର):** ଟିଟିଲାଗଡ ଲାୟନ୍ସ କ୍ଲବ ଏବଂ ଏସଏମ ଫିଟ୍‌ନେସର ମିଳିତ ସହଯୋଗରେ ଷଷ୍ଠ ତମ ବାର୍ଷିକୀ ରାଜ୍ୟସ୍ତରୀୟ ମାରାଥନ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗୀମାନେ ରିଗଡଲାଠାରୁ ଟିଟିଲାଗଡ଼ ବାଳକ ହାଇସ୍କୁଲ ପର୍ଯ୍ୟନ୍ତ ୧୦ କିଲୋମିଟର ମାରାଥନରେ ଭାଗ ନେଇଥିଲେ। ଏଥିରେ ଡୋଳାମଣି ଚିନାଗୁନ ପ୍ରଥମ(୨୭ ମିନିଟ ୧୦ସେକେଣ୍ଡ), ଦ୍ୱିତୀୟ ପଙ୍କଜ ରଣା(୨୭ ମିନିଟ ୧୪ସେକେଣ୍ଡ), ସୁମନ୍ତ ମିର୍ଦ୍ଧା(୨୮ ମିନିଟ) ତୃତୀୟ ବିବେଚିତ ହୋଇଛନ୍ତି। ସେହିପରି ମହିଳା ବର୍ଗରେ ପ୍ରଥମ ସଞ୍ଜନା ମିଞ୍ଜ(୪୭ ମିନିଟ), ଦ୍ୱିତୀୟ ଅନିତା। କୈବର୍ତ୍ତ (୪୮ମିନିଟ), ତୃତୀୟ ପ୍ରିୟଙ୍କା ସୁବୁଦ୍ଧିଙ୍କ ସହ ଅନ୍ୟ ୩ ପ୍ରତିଯୋଗୀ ଶିବାନୀ ତାଣ୍ଡି, ସାଗରୀକା ବେହେରା, ସଂଯୁକ୍ତା ଦଣ୍ଡସନା ସମ୍ବର୍ଦ୍ଧିତ ହୋଇଥିଲେ। ଏନେଇ ନିରାକାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ଲାୟନ୍ସ କ୍ଲବ ସଭାପତି ତଥା ଏସଏମ ଫିଟନେସ ମୁଖ୍ୟ ସନ୍ତୋଷ ମହାନ୍ତି, ଚନ୍ଦ୍ର ବେହେରା, ସଞ୍ଜୟ ବଂଶଲ, ପଙ୍କଜ ନାମଦେବ, ବିଜୟ ମେହେର, ବାପି ଡେଭିଡ, ଆର୍ଶୀବାଦ ମହାପାତ୍ର, ସୁଦୀପ ତ୍ରିପାଠୀ, ବାପି ତାଣ୍ଡି, ଆବାସ ଖାନ, ବିକ୍ରମ ମହାନନ୍ଦ, ବ୍ୟୋମକେଶ ବେହେରା, ପ୍ରଦୀପ ବାରିକ, ବିଜୟ ଜୈନ, ରୁଦ୍ର ଘିବେଲା, ଅମିତ ଅଗ୍ରୱାଲ, ବିନୋଦ ସାହୁ, ନୟାବ ଖାନ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail Id seccbbsr@gmail.com
**INVITATION OF BIDS**
**E-procurement Tender Call Notice No. 22 of 2023-24**

No.4197 (Estg) Bhubaneswar — Dated the 14th December-2023

No.B-1462:- The Chief Construction Engineer, Central (R&B) Circle, Bhubaneswar on bahalf of the Governor of Odisha invites percentage rate bids in double cover system for construction works as detailed in the table given below.

| Sl. No. | Name of the work | Approximate estimated cost put to tender (Rs.) | EMD/Bid Security (Rs.in lakh) | Cost of bid document | Class of contractor | Period of completion |
|---|---|---|---|---|---|---|
| 1 | Renovation of Civil Infrastructure of BJB Higher Secondary School under Chief Minister Special Assistance 40th Phase for the year 2023-24. | Rs.1,35,96,388.00 | Rs.1,35,964.00 | Rs.10000.00 Online | B Class / A Class | 6 (Six) Calendar months |
| 2 | Execution of Project works under the Scheme of Chief Minister Special Assistance (Mukhyamantri Swatantra Sahayata) for BJB Autonomous College for the year 2023-24. | Rs.1,26,92,395.00 | Rs.1,26,924.00 | Rs.10000.00 Online | B Class / A Class | 6 (Six) Calendar months |
| 3 | Construction of Urban PHC at Saheed Nagar, Bhubaneswar | Rs.1,08,87,243.00 | Rs.1,08,872.00 | Rs.10000.00 Online | B Class / A Class | 6 (Six) Calendar months |
| 4 | Construction of Urban PHC at Gadakana, Bhubaneswar | Rs.1,21,53,884.00 | Rs.1,21,539.00 | Rs.10000.00 Online | B Class / A Class | 6 (Six) Calendar months |

Date & time of availability of bid document in the portal / online - From 5.00 P.M. of 22.12.2023 to 5.00 P.M. of 06.01.2024. Last date of online submission of bid document inthe portal/online- 5.00 P.M. of 06.01.2024. Date of opening- 11.00 A.M. of 08.01.2024. Name and address of Officer inviting bid- Chief Construction Engineer, Central (R&B) Circle, Bhubaneswar. Further details can be seen from the e-procurement portal: https://tendersorissa.gov.in.

OIPR-34005/11/0006/2324 Sd./- Er. P.K. Mohanty, Chief Construction Engineer, Central (R&B) Circle, Bhubaneswar

## ସଂକ୍ଷେପରେ

### କଳାମାଟି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଦେବଗଡ,୧୭।୧୨(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ବଣିଆକିଲିଣ୍ଡା ପଞ୍ଚାୟତ କଳାମାଟି ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ବାର୍ଷୀକ କ୍ରୀଡା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବଣିଆକିଲିଣ୍ଡା ସରପଞ୍ଚ ବୁଦ୍ଧଦେବ ଘଡେଇଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅନିଲ ଆଚାର୍ଯ୍ୟ ଓ ଭାରପ୍ରାପ୍ତ ପ୍ରଦାନ ଶିକ୍ଷକ ଚିତରଞ୍ଜନ ମହାନ୍ତ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ପଦ୍ମିନୀ ମହାପାତ୍ରଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗୀଗିତା ଅନୁଷ୍ଠିତ ହୋଇଥିବା ବେଳେ ସହକର୍ମୀ ଜ୍ୟୋତିଶ୍ରୀ ନାୟକ, ସବିତା ବେହେରା, ଲକ୍ଷ୍ମୀ ସାହୁ, ଅନିରୁଦ୍ଧ ପାତ୍ର ଓ ବିଭୂତି କର ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାର ବରିଷ୍ଠ ବର୍ଗ ବାଳକ ବିଭାଗରେ ନବୀନ ମୁଣ୍ଡା ଓ ବାଳିକା ବିଭାଗରେ ଶାନ୍ତି ବାର୍ଲା, କନିଷ୍ଠ ବର୍ଗ ବାଳକ ବିଭାଗରେ ସୁଜିତ ଶବର ଓ ବାଳିକା ବିଭାଗରେ ସୁନେଲୀ ଖଣ୍ଡପାତ୍ର ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତିଲେଇବଣି ବ୍ଲକ ଉପାଧ୍ୟକ୍ଷା ଆରତୀ ପ୍ରଧାନ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ଜାତୀୟ ସ୍ତରର ପ୍ରାକ୍ତ ମହିଳା କବାଡି ଖେଳାଳୀ ତଥା ଗାଙ୍ଗନଣ ହାଇସ୍କୁଲର କ୍ରୀଡା ଶିକ୍ଷୟିତ୍ରୀ କିରନ ଟପ୍ପୋଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶେଷରେ ଅରୁଣାପ୍ରଭା ଧନ୍ୟବାଦ ଅର୍ପଣ କରିଥିଲେ।

### କୁଲେଇଗଡ଼ରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥ

କୁଚିଣ୍ଡା,୧୭।୧୨(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ଼ ପଞ୍ଚାୟତରେ ରବିବାର ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ଭାରତ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଚେତନତା ଲକ୍ଷ୍ୟରେ ଉଦ୍ଦିଷ୍ଟ ରଥକୁ ନାଚ ଗୀତ ମାଧ୍ୟମରେ ପାଛୋଟି ନିଆଯାଇଥିଲା। କୁଚିଣ୍ଡା ଅତିରିକ୍ତ ବିଡିଓ ସହଦେବ ନନ୍ଦଙ୍କ ସଂଯୋଜନାରେ ହୋଇଥିବା ସଚେତନତା ସଭାରେ ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ସରପଞ୍ଚ ନଳିନୀ କିଷାନ, ସମିତି ସଭ୍ୟା କୁନି କିଷାନ, ନାଏବ ସରପଞ୍ଚ ଲମ୍ବୋଧର କୁମୁରା ଯୋଗଦେଇ ଭାରତ ସରକାରଙ୍କର ବିଭିନ୍ନ ଲୋକାଭିମୁଖି ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଅବଗତ କରିଥିଲେ। ଏହି ଅବସରରେ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି, ଏଲଇଡି ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ଅଙ୍ଗନୱାଡି କର୍ମୀ, ମିଶନ ଶକ୍ତି, ଆଶାକର୍ମୀ, ସ୍ୱାସ୍ଥ୍ୟବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, କୃଷିବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି, ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦିର ଲାଭାର୍ଥୀ ହିତାଧିକାରୀମାନେ ଯୋଜନାର ସୁଫଳ ବଖାଣିଥିଲେ। ପରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଯୋଗାଣ ସହାୟିକା ସୁନିତା ମେହେର, ଜିଆର୍‌ଏସ୍ ପପୁନ ବାଘ, ୱାର୍ଡ ମେମ୍ବର ସରୋଜ ମେହେରଙ୍କ ସମେତ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ, ସିଆରପି,ଏମ୍‌ବିକେମାନେ ସହଯୋଗ କରିଥିଲେ।

# ମଣ୍ଡିରେ ପଡ଼ିରହିଛି ୩୫ ଶହ ବସ୍ତା ଧାନ

କୁଚିଣ୍ଡା,୧୭।୧୨(ବିରଞ୍ଚି ଦର୍ଜ୍ଜୀ)

ସରକାରଙ୍କ ଖାଦ୍ୟନୀତିକୁ ବେଖାତିର କରି ମିଲର୍ସମାନେ କୁଚିଣ୍ଡା ଲ୍ୟାମ୍ପ୍ସ ଅଧିନସ୍ଥ ବକ୍ସମା ମଣ୍ଡିରୁ ଧାନ ଉଠାଉ ନ ଥିବାରୁ ୩୫ଶହ ବସ୍ତା ଧାନ ଶୀତ କାକରରେ ପଡିରହିଛି। ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ଧାନ କିଣା ଆରମ୍ଭ ହେବାର ୨୦ ଦିନ ପରେବି ଅବ୍ୟବସ୍ଥା ଲାଗିରହିଛି। ପରିସ୍ଥିତି ସୁଧୁରିବା ପରିବର୍ତ୍ତେ ଅବସ୍ଥା ଅତି ଖରାପ ହେବାରେ ଲାଗିଛି। ଧାନ ଉଠାଇବା ପାଇଁ ମିଲର୍ସଙ୍କ ପ୍ରତି ପ୍ରଶାସନର ଅଙ୍କୁଶ ନ ଥିବାରୁ ମିଲର୍ସଙ୍କ ଏଭଳି ମନମାନୀ ଚାଲିଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଏହାସତ୍ତ୍ୱେବି ପ୍ରଶାସନ ପକ୍ଷରୁ ମିଲର୍ସଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଘଟଣା ଚାଷୀ ମହଲରେ ଉଦ୍‌ବେଗର କାରଣ ହୋଇଛି। ତେଣୁ ମଣ୍ଡିରେ ଧାନ ପଡିରହିବା ମିଲର୍ସଙ୍କ ଅନାଗ୍ରହ ନା ପ୍ରଶାନିକ ଆନ୍ତରୀକତା ଅଭାବ ଏହା ଏକ ପ୍ରଶ୍ନବାଚୀ ହୋଇଛି। ଅନ୍ୟପକ୍ଷରେ ମିଲର୍ସ ପ୍ରତିନିଧି ଚାଷୀଙ୍କୁ ମଣ୍ଡିରେ ଧାନ ଅନଲୋଡ ନ କରି ସିଧାସଳଖ ମିଲକୁ ନେବାକୁ ଏକ ପ୍ରକାର ବାଧ୍ୟ କରୁଥିବା କୁହାଯାଉଛି।



ବକ୍ସମା ମଣ୍ଡିରେ ଧାନବସ୍ତା ପଡ଼ି ରହିଛି।

ମଣ୍ଡି ଆରମ୍ଭର ଦୀର୍ଘ ୨୦ଦିନ ପରେବି ଧାନକିଣାରେ ଅଚଳାବସ୍ଥା ଲାଗି ରହିଛି। ବକ୍ସମା ମଣ୍ଡିରେ ଏବେ ୩୫୦୦ଶହ ବସ୍ତା ଧାନ ପଡ଼ି ରହିଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ବକ୍ସମା ମଣ୍ଡିକୁ ଗତ ବୁଧବାର ୩୦ ଜଣ ଚାଷୀ ୪୦୦୦ ବସ୍ତା ଧାନ ବିକ୍ରି ପାଇଁ ଆଣିଥିଲେ। ଧାନର ମାନ ପରୀକ୍ଷା ପାଇଁ ଆର୍‌ଏମ୍‌ସି ଓ କ୍ରୟକାରୀ ସଂସ୍ଥା କୁଚିଣ୍ଡା ଲ୍ୟାମ୍ପ୍ସ କର୍ମଚାରୀ ଉପସ୍ଥିତ ଥିଲେ। ମାତ୍ର ଏହି ମଣ୍ଡିରେ ଟ୍ୟାଗ ହୋଇଥିବା ୧୨ଟି ମଧ୍ୟରୁ ଅଧିକାଂଶ ମିଲର୍ସ କିମ୍ବା ପ୍ରତିନିଧି ଆସି ନ ଥିଲେ। ଚାଷୀମାନେ ମଣ୍ଡିରେ ଧାନ ବସ୍ତା ଅନଲୋଡ କରି ଏହାର ଯାଞ୍ଚ ପରେ ଲ୍ୟାମ୍ପ୍ସ ପକ୍ଷରୁ ଏଣ୍ଟ୍ରି କରାଯାଇଥିଲା। ତେବେ ଧାନସବୁ ଅନଲୋଡ ହୋଇଥିବା ଦେଖି କେବଳ ଗୋଟିଏ ମିଲର ପ୍ରତିନିଧି ଚାଷୀଙ୍କ ୫୦୦ ବସ୍ତା ଧାନ ଉଠାଇଥିବାବେଳେ, ଅନ୍ୟ ସବୁ ମିଲର୍ସ ପ୍ରତିନିଧିମାନେ ଧାନ ଉଠାଇବାକୁ ରାଜି ନ ହୋଇ ଫେରି ଯାଇଥିଲେ। ଏହାଛଡା ମଣ୍ଡିକୁ ଲୋଡହୋଇ ଆସିଥିବା ଗାଡ଼ିକୁ ସିଧାସଳଖ ମିଲକୁ ପଠାଇବାକୁ କହିଥିଲେ। ଚାଷୀମାନେ ଏଥିରେ ରାଜି ନ ହୋଇ ଏହାର ପ୍ରତିବାଦ ମଧ୍ୟ କରିଥିଲେ। ଫଳରେ ଚାଷୀଙ୍କ ଧାନ

#### ମିଲର୍ସଙ୍କ ନିୟନ୍ତ୍ରଣରେ ପ୍ରଶାସନ

ସବୁ ଖୋଲା ଆକାଶ ତଳେ ମଣ୍ଡିରେ ପଡ଼ିରହିଥିଲା। ପରିତାପର ବିଷୟ ଏହିଯେ, ମଣ୍ଡିରେ ସରକାରଙ୍କ କ୍ରୟ ନୀତିକୁ ଫୁ କରି ମିଲର୍ସଙ୍କ ମର୍ଜିରେ ଧାନ କିଣାବିକା ଚାଲିଛି। ଏପରି ସ୍ଥଳେ ସମବାୟ ଓ ଯୋଗାଣ ବିଭାଗ ଏସବୁ ଜାଣି ସୁଦ୍ଧା ମିଲର୍ସଙ୍କ ପ୍ରତି କୌଣସି ସରକାରୀ ଆଭିମୁଖ୍ୟ ଗ୍ରହଣ କରୁ ନ ଥିବାରୁ ତାଙ୍କର ଭିତିରି ସମ୍ପର୍କ ନେଇ ସ୍ପଷ୍ଟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। କୁଚିଣ୍ଡା ଉପଖଣ୍ଡର ଅଧିକାଂଶ ମଣ୍ଡିରେ ବିନା ଯାଞ୍ଚ ଏବଂ ଓଜନରେ ଗାଡ଼ିମାନଙ୍କରେ ଲୋଡଥିବା ଅବସ୍ଥାରେ ଧାନ କିଣା ଯାଉଥିବା ବେଳେ, ଯେଉଁ ମଣ୍ଡିରେ ସରକାରୀ କ୍ରୟନୀତିର ପାଳନ କରାଯାଉଛି ସେହି ମଣ୍ଡିରେ ଧାନ ବିକ୍ରିର ଏଭଳି ଅବସ୍ଥା ଦେଖାଯାଉଥିବା ଚାଷୀ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁଙ୍କୁ ପଚାରିବାରେ ଖୁବଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି କହିଛନ୍ତି।

# ଫୁଟବଲ୍ ଟୁର୍ନାମେଣ୍ଟ: ଭାଇଭାଇ ଇଲେଭେନ ଚାମ୍ପିୟନ



ଜରାବଗା କପ୍ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

କୁଚିଣ୍ଡା,୧୭।୧୨(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ ଜରାବଗାଠାରେ ଚାଲିଥିବା ତ୍ରିଦିବସୀୟ ଜରାବଗା କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ଟି ଦଳକୁ ନେଇ ହୋଇଥିବା ଟୁର୍ନାମେଣ୍ଟର ଫାଇନାଲ ଖେଳ ଭାଇଭାଇ ଇଲେଭେନ ଓ ସୁମିତ ବ୍ରଦର୍ସ ମଧ୍ୟରେ ହୋଇଥିଲା। ୧–୦ଗୋଲରେ ଭାଇଭାଇ ଇଲେଭେନ ଚାମ୍ପିୟନ ହୋଇଥିଲା। ଦିଲୀପ ପଟେଲଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ଜିଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶୋଭାରାମ ପ୍ରଧାନ ମୁଖ୍ୟ ଅତିଥି, ବିଜେଡି ଜମନକିରା ବ୍ଲକ ସଭାପତି ଆଦିପ୍ରସାଦ ମହାକୁଲ, ଜରାବଗା ଗ୍ରାମ୍ୟ କମିଟି ସଭାପତି ବାଲୁଙ୍କେଶ୍ୱର ମିଶ୍ର, ପୁରୁଷୋତ୍ତମ ପଟ୍ଟା, ପ୍ରକାଶ ପଟେଲ, ପଦ୍ମଲୋଚନ ବାଘ, ନବିନ ମାଝି, ସୁରେଷ ଘୋଷ, ମଣ୍ଟୁ ପଟ୍ଟା,ଟଙ୍କଧର ପଟ୍ଟା, ଶ୍ୟାମସୁନ୍ଦର କିଷାନ, ଧନେଶର ବାଘ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଅତିଥିଗଣ ଚାମ୍ପିୟନ ଭାଇଭାଇ ଇଲେଭେନ ଦଳକୁ ଟ୍ରଫିସହ ନଗଦ ୫୦ହଜାର ଓ ରନର୍ସଅପ୍ ସୁମିତ ବ୍ରଦର୍ସକୁ ୩୦ ହଜାର ଟଙ୍କା ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଏକ ପ୍ରଦର୍ଶନୀ ମହିଳା ମ୍ୟାଚ ଅନୁଷ୍ଠିତ ହୋଇଥିଲା।

# ଟାଉନ ହାଇସ୍କୁଲରେ ଜିଲାସ୍ତରୀୟ ଶିଶୁମେଳା



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ଦେବଗଡ,୧୭।୧୨(ଶଶାଙ୍କ ଶେଖର ଝାଙ୍କର )

ଓଷ୍ଟା ଦେବଗଡ ଶାଖା ପକ୍ଷରୁ ସ୍ଥାନୀୟ ଟାଉନ ହାଇସ୍କୁଲଠାରେ ରବିବାର ଜିଲା ସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ଜିଲା ସମ୍ପାଦକ ରଞ୍ଜନ କୁମାର ବ୍ରହ୍ମାଙ୍କ ଆବାହକତ୍ୱ ଓ ଜିଲା ସଭାପତି ହେମନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିଶୁମେଳାକୁ ମୁଖ୍ୟ ଅତିଥିଭାବେ ଓଷ୍ଟାର ପୂର୍ବତନ ମଣ୍ଡଳ ସଭାପତି ରାମଚନ୍ଦ୍ର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ଶିଶୁମେଳାରେ ଜିଲାର ୩ଟି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ଆବୃତ୍ତି, ସଙ୍ଗୀତ, କୁଇଜ, ସାଧାରଣ ଜ୍ଞାନ, ଗଳ୍ପଲିଖନ, ଚିତ୍ରାଙ୍କନ,ଏକକ ଅଭିନୟ ଓ ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଜିଲା ସଭାପତି ହେମନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଷ୍ଟାର ପୂର୍ବତନ ମଣ୍ଡଳ ସଭାପତି ରାମଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଜିଲା କାର୍ଯ୍ୟକାରୀ ସଭାପତି ସୁକାନ୍ତ କୁମାର ନନ୍ଦ, ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ସଞ୍ଜୟ କୁମାର ବ୍ରହ୍ମା, ଟାଉନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଲୀ ଲାକ୍ରା, ଜିଲା ଶାଖାର ପୂର୍ବତନ ସଭାପତି ଗୋପବନ୍ଧୁ ପ୍ରଧାନ ଓ ସୁରଥୀ ପ୍ରଧାନ, ବସରପ୍ରାପ୍ତ ପ୍ରଧାନ, ଶିକ୍ଷକ ଉଦୟ କୁମାର ପ୍ରଧାନ, ପ୍ରଧାନ ଶିକ୍ଷକ କନ୍ତାରୁ ପ୍ରଧାନ ଓ କୁମୁଦ ବନ୍ଧୁ ପୃଷ୍ଟି ପ୍ରମୁଖ ମଞ୍ଚାସୀନ ରହି ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଓଷ୍ଟାର ପୂର୍ବତନ ଯୁଗ୍ମ ସମ୍ପାଦକ ସତ୍ୟ ନାରାୟଣ ସାହୁ ଓ ଅବସରପ୍ରାପ୍ତ ଜିଲା ଶାରୀରୀକ ଶିକ୍ଷା ନିରୀକ୍ଷକ ବାତ୍ସଲ୍ୟ କୁମାର ବିଶ୍ୱାଳଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଓଷ୍ଟାର ଜିଲା ସମ୍ପାଦକ ରଞ୍ଜନ କୁମାର ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜିଲା ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଲାଭକରିଥିବା ପ୍ରତିଯୋଗୀ ଓଷ୍ଟା ପକ୍ଷରୁ ଆୟୋଜିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ମଦମୁକ୍ତ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୧୭।୧୨(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ଚାଲଥିବା ନୂଆଁ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଶନିବାର ବାରକୋଟସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ମଦମୁକ୍ତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାକୁ ଅନୁଷ୍ଠାନର ଅଧ୍ୟକ୍ଷ ଯାତ୍ରାକର ପ୍ରଧାନ ଶୁଭାରମ୍ଭ କରିଥିବା ବେଳେ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ସହ ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନଷ୍ଟ ଚରିତ୍ର ଶୀର୍ଷକ ଏକ ପଥପ୍ରାନ୍ତ ନାଟକ ମଧ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରାଧ୍ୟାପକ ବିରେନ୍ଦ୍ର କୁମାର ପୃଷ୍ଟି, ଅଧ୍ୟାପକ ଦେବବ୍ରତ ଗୁରୁ, ମୁକ୍ତେଶ୍ୱର ରାଉତ, ଜୟଦେବ ବାରିକ, ମନୋଜ କୁମାର ପ୍ରଧାନ, ଅଧ୍ୟାପିକା ସେବତୀ ଭୋଇ ଓ ରାଜେଶ୍ୱରୀ ଗଡତିଆଙ୍କ ସମେତ ବହୁ କର୍ମଚାରୀ ଅଂଶଗ୍ରହଣ କରିଥିଲେ।


## TENDER NOTICE

Tenders are being invited in sealed envelope for burnt Sponge Iron quantity of about 600 mt. approx.

Quality: Fe (M)-28-30% Burnt sponge (discolor).

Interested parties may inspect the lot at our plant Gurundupalli, Bonai, Sundargarh in any working day between 10 A.M. to 5 P.M. Last date of tender application to be received by 12 P.M. on 26.12.2023 at our office address given below.

**SHIV METTALICKS PVT LTD**
**Phase-IV, Purohit Market Complex, Kachery Road, Rourkela- 769012**

idco Your power to grow ISO 9001 & 14001 | ODISHA NEW OPPORTUNITIES CAD-3267

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No.- BBSR/ELECT/E-4126/19-20/ 3350 Dt.12.12.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work: SITC of 140 KVA Silent type DG Set and Construction of DG Shed at BPCL Pump House, Bargarh.

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/ e-86/23- 24 | 19.12.2023 at 17.00 hrs. | 28.12.2023 at 17.00 hrs. |

Further details can be seen from the e-procurement portal www.tendersorissa.gov.in. Corrigendum or addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect.), IDCO, Bhubaneswar
OIPR-14003/11/0314/2324

**OFFICE OF THE EXECUTIVE ENGINEER, P.H. DIVISION, ANGUL** No.C-2134
Ph. (06764) 296431, Email- eephangul@yahoo.in
**GOVERNMENT OF ODISHA**
**Bid Identification No.EE PH Division Angul-19/2023-24 dt.15.12.2023**

| | | | |
|---|---|---|---|
| 1 | Name of the work | : | 02 (Two) Nos. |
| 2 | Type of bid | : | Single bid system |
| 3 | Estimated cost | : | Rs.20.68 lakhs & Rs.22.19 lakhs |
| 4 | Period of completion | : | 03 (Three) months |
| 5 | Date & time of availability of bid document in the portal | : | From 11.00 A.M. of 22.12.2023 to 5.00 P.M. of 02.01.2024 |
| 6 | Last date / time of receipt of bids in the portal | : | 5.00 P.M. of 02.01.2024 |
| 7 | Date & time of opening of Technical bids | : | At 11.00 A.M. of 03.01.2024 |
| 8 | Name & address of the Officer inviting bid | : | Executive Engineer, P.H. Division, Angul |
| 9 | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

Sd./- (Er. Prasanta Behera), Executive Engineer, P.H. Division, Angul
OIPR-13056/11/0007/2324


# ଗ୍ରାମାଞ୍ଚଳରେ ଉଚ୍ଚାଙ୍ଗ ସାହିତ୍ୟର ସମ୍ଭାବନା ରହିଛି

#### ସାହିତ୍ୟ ଏକାଡେମୀ ପକ୍ଷରୁ କିସିଣ୍ଡାରେ ଗ୍ରାମାଲୋକ କାର୍ଯ୍ୟକ୍ରମ

ନାକଟିଦେଉଳ, ୧୭।୧୨(ବୈକୁଣ୍ଠନାଥ ସାହୁ)

ଗ୍ରାମାଞ୍ଚଳରେ ପ୍ରତିଭାର ଅଭାବ ନାହିଁ। ତେବେ ଆବଶ୍ୟକ ପ୍ରୋତ୍ସାହନ ଅଭାବରୁ ବଣମଲ୍ଲି ପରି ବଣରେ ମଉଳି ଯାଉଛନ୍ତି। ଅନ୍ୟଥା ହଳିଆ ଗୀତ ଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସେମାନେ ପରିବେଷଣ କରୁଥିବା ଗୀତ, କବିତା, କାହାଣୀ କୌଣସି ଉଚ୍ଚାଙ୍ଗ ସାହିତ୍ୟ ଠାରୁ କୌଣସି ଗୁଣରେ କମ ନୁହେଁ ବୋଲି ରବିବାର ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ 'ଗ୍ରାମାଲୋକ ' କାର୍ଯ୍ୟକ୍ରମରେ ବକ୍ତାଗଣ ମତପ୍ରକାଶ କରିଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ସମାବେଶରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭ୍ୟ ମନୋଜ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଏହି ସମାବେଶରେ ନିମନ୍ତ୍ରିତ ଅତିଥି ଭାବେ ଅଜିତ କୁମାର ବିଶ୍ୱାଳ ଗଳ୍ପ ପାଠ କରିଥିବାବେଳେ ସୁଶାନ୍ତ ସାହୁ, ପ୍ରାଧ୍ୟାପକ ଅଖିଳ ବିଶ୍ୱାଳ, ଅନିତା ପ୍ରଧାନ ଓ ଉପେନ୍ଦ୍ର ନାୟକ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତି ଗବେଷକ ରଘୁନାଥ ପ୍ରଧାନ ଓଡିଆ ସାହିତ୍ୟର ଐତିହ୍ୟ, ବରିଷ୍ଠ ସାମ୍ବାଦିକ ଦେବେନ ପଟେଲ ଗ୍ରାମାଞ୍ଚଳରେ ସାହିତ୍ୟର ସୁଯୋଗ ଓ ସମ୍ଭାବନା ଏବଂ ପ୍ରାଧ୍ୟାପକ ଡ.ଦୀପେନ କୁମାର ପଟ୍ଟନାୟକ ଗ୍ରାମାଲୋକର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ସଭାପତିତ୍ୱ ଅଭିଭାଷଣରେ ପଣ୍ଡା ସାମ୍ପ୍ରତିକ ପରିସ୍ଥିତିରେ ପଠନ ଅଭ୍ୟାସ ସହ ଗ୍ରାମାଞ୍ଚଳରେ ଲୁକ୍କାୟିତ ହୋଇ ରହିଥିବା ପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କିସିଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ରକ୍ମିଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ଓ ଶେଷରେ ଛାତ୍ରୀଛାତ୍ର ନୃତ୍ୟଗୀତ ପରିବେଷଣ କରିଥିଲେ। କ୍ଷୀରୋଦ ପଣ୍ଡା ଶ୍ଳୋକ ଗାନ କରିଥିବାବେଳେ ଦିବାକର ଭୋଇ ଓ କିଶୋର ପଟେଲ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ନାକଟିଦେଉଳ ବ୍ଲକର ବହୁ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ।




ସାହିତ୍ୟ ଏକାଡେମୀ ପକ୍ଷରୁ କିସିଣ୍ଡାରେ ଗ୍ରାମାଲୋକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ପୋଲିସ ପକ୍ଷରୁ ଲୋକଙ୍କୁ ଲିଫଲେଟ ବଣ୍ଟନ କରାଯାଉଛି।

ଦେବଗଡ଼,୧୭।୧୨(ଶଶାଙ୍କ ଶେଖର ଝାଙ୍କର )

ଦେବଗଡ ଜିଲା ରିଆମାଳ ବ୍ଲକ ସଦର ମହକୁମାରେ ରବିବାର ଅପରାହ୍ନରେ ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାସ୍ତାରେ ଯାଉଥିବା ବାଇକ୍ ଏବଂ କାର ଆରୋହୀଙ୍କ ସମେତ ଜନସାଧାରଣଙ୍କୁ ଅଟକାଇ ସଚେତନ କରାଯାଇଥିଲା। ଏଥିସହ ସଡକ ସୁରକ୍ଷା ପାଇଁ ଲିପଲେଟ ବଣ୍ଟନ କରାଯାଇଥିଲା। ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ, ରିଆମାଳ ଇନ୍ସପେକ୍ଟର ସରସ୍ୱତୀ ଟୁଡୁ ଏବଂ ଆଞ୍ଚଳିକ ପରିବହନ ବିଭାଗର ଟ୍ରାଫିକ ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁଙ୍କ ସମେତ ପୋଲିସ ଏବଂ ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀ ଉପସ୍ଥିତ ରହି ସଚେତନ କରାଇଥିଲେ। ବିଷେଶ କରି ପିକନିକ ଋତୁ ଆରମ୍ଭ ହୋଇ ଯାଇଥିବା ବେଳେ ସଡକ ସୁରକ୍ଷାକୁ ଦୃଷ୍ଟି ଦେବାପାଇଁ ଗାଡି ଚାଳକଙ୍କୁ ସଚେତନ କରାଯାଇଥିଲା। ସଡକ ସୁରକ୍ଷା ନିୟମ ଭଙ୍ଗ କଲେ ଏହାର ଦଣ୍ଡବିଧାନ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଏଥିସହ ରାସ୍ତାରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିବା ନଜରକୁ ଆସିଲେ ପୋଲିସକୁ ଭୟ ନ କରି ସୂଚନା ପ୍ରଦାନ କରିବା ସହ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସାହାଯ୍ୟର ହାତ ବଢାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ବାଇକ୍‌ରେ ଯାଉଥିବା ବେଳେ ହେଲମେଟ ଏବଂ କାରରେ ଯାତ୍ରା କରୁଥିଲେ ସିଟବେଲ୍ଟ ନିୟମିତ ଲଗାଇବାକୁ ପରାମର୍ଶ ଦିଆଯାଇଥିଲା।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
**Mail Id seccbbsr@gmail.com**
**INVITATION OF BIDS**
**E-procurement Tender Call Notice No. 22 of 2023-24**

**No.4197 (Estg) Bhubaneswar** **Dated the 14th December-2023**

No.B-1462:- The Chief Construction Engineer, Central (R&B) Circle, Bhubaneswar on bahalf of the Governor of Odisha invites percentage rate bids in double cover system for construction works as detailed in the table given below.

| Sl. No. | Name of the work | Approximate estimated cost put to tender (Rs.) | EMD/Bid Security (Rs.in lakh) | Cost of bid document | Class of contractor | Period of completion |
|---|---|---|---|---|---|---|
| 1 | Renovation of Civil Infrastructure of BJB Higher Secondary School under Chief Minister Special Assistance 40th Phase for the year 2023-24. | Rs.1,35,96,388.00 | Rs.1,35,964.00 | Rs.10000.00 Online | B Class / A Class | 6 (Six) Calendar months |
| 2 | Execution of Project works under the Scheme of Chief Minister Special Assistance (Mukhyamantri Swatantra Sahayata) for BJB Autonomous College for the year 2023-24. | Rs.1,26,92,395.00 | Rs.1,26,924.00 | Rs.10000.00 Online | B Class / A Class | 6 (Six) Calendar months |
| 3 | Construction of Urban PHC at Saheed Nagar, Bhubaneswar | Rs.1,08,87,243.00 | Rs.1,08,872.00 | Rs.10000.00 Online | B Class / A Class | 6 (Six) Calendar months |
| 4 | Construction of Urban PHC at Gadakana, Bhubaneswar | Rs.1,21,53,884.00 | Rs.1,21,539.00 | Rs.10000.00 Online | B Class / A Class | 6 (Six) Calendar months |

Date & time of availability of bid document in the portal / online - From 5.00 P.M. of 22.12.2023 to 5.00 P.M. of 06.01.2024. Last date of online submission of bid document inthe portal/online- 5.00 P.M. of 06.01.2024. Date of opening- 11.00 A.M. of 08.01.2024. Name and address of Officer inviting bid- Chief Construction Engineer, Central (R&B) Circle, Bhubaneswar. Further details can be seen from the e-procurement portal: **https://tendersorissa.gov.in**.

OIPR-34005/11/0006/2324 **Sd./- Er. P.K. Mohanty, Chief Construction Engineer, Central (R&B) Circle, Bhubaneswar**

# ନେଚର ପାର୍କ ଡମରଗାଡ଼ ପର୍ଯ୍ୟଟକଙ୍କୁ କରୁଛି ଆକୃଷ୍ଟ


ନେଚର ପାର୍କ ଡମରଗାଡ଼ ।


ରାସ୍ତାର ଶୋଚନୀୟ ଅବସ୍ଥା ।

**ବୌଦ୍ଧ,୧୭।୧୨(ଅଜିତ କୁମାର ବାରିକ)**

ସଂସ୍କୃତି ସଂପନ୍ନ ବୌଦ୍ଧ ଜିଲା ପ୍ରାକୃତିକ ଶୋଭାରାଜିରେ ଭରପୁର । ଜିଲାରେ ପର୍ଯ୍ୟଟନ ଶିଳ୍ପ ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ବନ ବିଭାଗ ପକ୍ଷରୁ ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଇ ଐତିହାସିକ ଡମରଗାଡ଼ଠାରେ ଜିଲାର ପ୍ରଥମ ନେଚର ପାର୍କ ନିର୍ମାଣ କରାଯାଇଛି । ଏଥିସହ ୫ ଗୋଟି କଟେଜରେ ପର୍ଯ୍ୟଟକଙ୍କ ପାଇଁ ରାତ୍ରୀ ରହଣି ବ୍ୟବସ୍ଥା ମଧ ହୋଇଛି। ବନବିଭାଗର ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଥିବା ବେଳେ ରାସ୍ତା ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ଏହି ନେଚର ପାର୍କ ଗତ ନଭେମ୍ବର ମାସ ୯ ତାରିଖରେ ଉଦ୍‌ଘାଟିତ ହୋଇଛି। ଡମରଗାଡ ପାହାଡ ଉପରେ ପ୍ରାକୃତିକ ଶୋଭାରାଜି ସହିତ ୱାଚ ଟାୱାରରୁ ବନ୍ୟଜନ୍ତୁଙ୍କୁ ଦେଖିବା ବ୍ୟବସ୍ଥା କରାଯାଇଛି। ପାହାଡ ପାଦଦେଶରେ ବହି ଯାଉଥିବା ଚିରସ୍ରୋତା ମହାନଦୀ ଏହି ପର୍ଯ୍ୟଟନ ସ୍ଥଳର ପରିବେଶକୁ ଅଧିକ ମନୋରମ କରିବା ସହିତ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରୁଛି। ଡମରଗାଡର ସୂର୍ଯ୍ୟାସ୍ତ ଦୃଶ୍ୟ ସବୁଠାରୁ ମନୋରମ । ତେଣୁ ପର୍ଯ୍ୟଟକମାନେ ଏଠାରେ ରାତ୍ରୀଯାପନ କରିବାକୁ ଅଧିକ ଆଗ୍ରହ ପ୍ରକାଶ କରୁଥିବା ଜଣାଯାଇଛି। ତେବେ ଜିଲାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ଏହି ନେଚର ପାର୍କକୁ ଯିବା ପାଇଁ ଭଲ ରାସ୍ତା ନାହିଁ । ଜାତୀୟ ରାଜପଥ ସାହାଜପାଲଠାରୁ

## ବୌଦ୍ଧରେ ପ୍ରଥମ

■ ଯିବାକୁ ନାହିଁ ଭଲ ରାସ୍ତା

ନେଚର ପାର୍କକୁ ଯିବାକୁ ଥିବା ରାସ୍ତାକୁ ନେଇ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରୁଛନ୍ତି ।

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ମୁଖ୍ୟ ଜାତୀୟ ରାଜପଥରୁ ଗ୍ରାମ ଭିତର ଦେଇ ଯାଇଥିବା ୫ କିଲୋମିଟର ରାସ୍ତା ପ୍ରଶସ୍ତ ନ ଥିବା ବେଳେ ଅନେକ ସ୍ଥାନରେ ରାସ୍ତାର ଚିହ୍ନବର୍ଣ୍ଣ ନାହିଁ। ରାସ୍ତାରେ କୌଣସି ସୂଚନା ଫଳକ ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୌଦ୍ଧ ତଥା ଆଖପାଖ ଅଞ୍ଚଳରୁ ପ୍ରତିଦିନ ବହୁ ସଂଖ୍ୟକ ଡମରଗାଡ ବୁଲିବାକୁ ଯାଉଥିବା ଜଣାଯାଇଛି। କିନ୍ତୁ ରାସ୍ତା ପାଇଁ ବିଭିନ୍ନ ସମସ୍ୟା ହେଉଛି । ପ୍ରଶସ୍ତ ରାସ୍ତା ନିର୍ମାଣ କରାଗଲେ ଏହି ପର୍ଯ୍ୟଟନ କ୍ଷେତ୍ର ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ବୋଲି ମତପ୍ରକାଶ ପାଉଛି। ଜାତୀୟ ରାଜପଥ କଡରେ ସୂଚନା ଫଳକ ନ ଥିବାରୁ ଡମରଗାଡକୁ ବୁଲି ଯାଉଥିବା ଲୋକେ ଅନ୍ୟ ରାସ୍ତାରେ ଚାଲି ଯାଇ ହଟହଟା ହେଉଛନ୍ତି। ଯଥାଶୀଘ୍ର ବନ ବିଭାଗ ପକ୍ଷରୁ ଜାତୀୟ ରାଜପଥ କଡରେ ଡମ୍ବରୁଗଡ ନେଚର ପାର୍କ ସଂପର୍କରେ ସୂଚନା ଫଳକ ଲଗାଇବା ଆବଶ୍ୟକ ହୋଇପଡ଼ିଛି। ଏ ଦିଗରେ ଜିଲା ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ନିଆଯିବାକୁ ଦାବି ହେଉଛି।

# ଛାତ୍ରୀଛାତ୍ରଙ୍କ ସାଧାରଣଜ୍ଞାନ ପ୍ରତିଯୋଗିତା

**ବରଗଡ଼,୧୭।୧୨(ପ୍ରେମାନନ୍ଦ ଖମାରୀ)**


ପ୍ରତିଯୋଗିତାରେ ମଞ୍ଚାସୀନ ଆୟୋଜକ, ଅତିଥିବୃନ୍ଦ ।

ବରଗଡ଼ର ସାମାଜିକ ଅନୁଷ୍ଠାନ ଜନକଲ୍ୟାଣ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଶନିବାର ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ସଭାପତି ଅବିନାଶ ପତି ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣଜ୍ଞାନ ପ୍ରତିଯୋଗିତା ହୋଇଥିଲା। ଏଥିରେ ଶୁଭଶ୍ରୀ ବାରିକ ପ୍ରଥମ, ସଗୁନ ଦୁରଦସ୍ ଦ୍ୱିତୀୟ ଏବଂ ସୁବିଧା ବଡ଼ପଣ୍ଡା ତୃତୀୟ ହୋଇଥିଲେ। ମୁଖ୍ୟଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଜନକଲ୍ୟାଣ ସେବା ଟ୍ରଷ୍ଟ ସଭାପତି ମୁକୁନ୍ଦ ଦାଶ, ସମ୍ବଲପୁର ଜିଲା ସଭାପତି ବିରେନ୍ଦ୍ର ପ୍ରତାପ ସାହୁ, ଆଜୀବନ ସଦସ୍ୟ ବୃନ୍ଦାବନ ବେହେରା, ଉପଦେଷ୍ଟା ଶିବାନନ୍ଦ ମଟାରୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ମୁଖ୍ୟ ଆଚାର୍ଯ୍ୟ ଧରଣୀଧର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାମନ୍ଦିରର ଗୁରୁମା, ଗୁରୁଜୀମାନେ ସହଯୋଗ କରିଥିଲେ ।

# ଡୋଲାମଣି ପୁରୁଷ, ମହିଳାରେ ସଞ୍ଜନା ପ୍ରଥମ

**ଟିଟିଲାଗଡ଼,୧୭।୧୨(ଶରତ ମିଶ୍ର):** ଟିଟିଲାଗଡ ଲାୟନ୍ସ କ୍ଲବ ଏବଂ ଏସଏମ ଫିଟ୍‌ନେସର ମିଳିତ ସହଯୋଗରେ ଷଷ୍ଠ ତମ ବାର୍ଷିକୀ ରାଜ୍ୟସ୍ତରୀୟ ମାରାଥନ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗୀମାନେ ରିଗଡଲାଠାରୁ ଟିଟିଲାଗଡ଼ ବାଳକ ହାଇସ୍କୁଲ ପର୍ଯ୍ୟନ୍ତ ୧୦ କିଲୋମିଟର ମାରାଥନରେ ଭାଗ ନେଇଥିଲେ। ଏଥିରେ ଡୋଲାମଣି ଟିନାଗୁନ ପ୍ରଥମ(୨୭ ମିନିଟ ୧୦ସେକେଣ୍ଡ), ଦ୍ୱିତୀୟ ପଙ୍କଜ ରଣା(୨୭ ମିନିଟ ୧୪ସେକେଣ୍ଡ), ସୁମନ୍ତ ମିର୍ଦ୍ଧା(୨୮ ମିନିଟ) ତୃତୀୟ ବିବେଚିତ ହୋଇଛନ୍ତି। ସେହିପରି ମହିଳା ବର୍ଗରେ ପ୍ରଥମ ସଞ୍ଜନା ମିଞ୍ଜ(୪୭ ମିନିଟ), ଦ୍ୱିତୀୟ ଅନିତା। କୈବର୍ତ୍ତ (୪୮ମିନିଟ), ତୃତୀୟ ପ୍ରିୟଙ୍କା ସୁବୁଦ୍ଧିଙ୍କ ସହ ଅନ୍ୟ ୩ ପ୍ରତିଯୋଗୀ ଶିବାନୀ ତାଣ୍ଡି, ସାଗରୀକା ବେହେରା, ସଂଯୁକ୍ତା ଦଣ୍ଡସନା ସମ୍ବର୍ଦ୍ଧିତ ହୋଇଥିଲେ। ଏନେଇ ନିରାକାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ଲାୟନ୍ସ କ୍ଲବ ସଭାପତି ତଥା ଏସଏମ ଫିଟନେସ ମୁଖ୍ୟ ସନ୍ତୋଷ ମହାନ୍ତି, ଚନ୍ଦ୍ର ବେହେରା, ସଞ୍ଜୟ ବଂଶଲ, ପଙ୍କଜ ନାମଦେବ, ବିଜୟ ମେହେର, ବାପି ଡେଭିଡ, ଆର୍ଶୀବାଦ ମହାପାତ୍ର, ସୁଦୀପ ତ୍ରିପାଠୀ, ବାପି ତାଣ୍ଡି, ଆବାସ ଖାନ, ବିକ୍ରମ ମହାନନ୍ଦ, ବ୍ୟୋମକେଶ ବେହେରା, ପ୍ରଦୀପ ବାରିକ, ବିଜୟ ଜୈନ, ରୁଦ୍ର ଘିବେଲା, ଅମିତ ଅଗ୍ରୱାଲ, ବିନୋଦ ସାହୁ, ନୟାବ ଖାନ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।

# କବ୍ ବୁଲ୍‌ବୁଲ୍ ଉତ୍ସବରେ ସଫଳତା



ଅତିଥିଙ୍କ ଗହଣରେ କବ୍ ବୁଲ୍‌ବୁଲ୍ ଉତ୍ସବର କୃତୀ ଛାତ୍ରୀଛାତ୍ର ।

**ବରଗଡ଼,୧୭।୧୨(ପ୍ରେମାନନ୍ଦ ଖମାରୀ)**

ଭୁବନେଶ୍ୱରସ୍ଥିତ ରାଜ୍ୟ ସ୍କାଉଟ୍ ଓ ଗାଇଡ୍ ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବ୍ ବୁଲ୍‌ବୁଲ୍ ଉତ୍ସବରେ ବରଗଡ଼ ଜିଲାର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଉକ୍ତ ଉତ୍ସବରେ ବରଗଡ଼ ଜିଲା ଲେବିଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଟଙ୍କଧର ପ୍ରଧାନ, ଗିରିଧାରୀ ଡନସନାଙ୍କ ମାର୍ଗଦର୍ଶନରେ ୧୪ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଝରଣା ଦାଶଙ୍କ ତତ୍ତ୍ୱାବଧାନରେ ଖଜୁରଟିକ୍ରା ବିଦ୍ୟାଳୟର ୧୪ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉକ୍ତ ଉତ୍ସବରେ ଖଜୁରଟିକ୍ରା ବିଦ୍ୟାଳୟର ଛାତ୍ରୀଛାତ୍ର ଦଳଗତ ନୃତ୍ୟ, ଶାରୀରିକ କୌଶଳ ପ୍ରଦର୍ଶନ, ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ଏବଂ ମୀନାବଜାର, ରାମ୍ପ ଶୋରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଲେବିଡ଼ି ସ୍କୁଲର ଛାତ୍ରୀଛାତ୍ର ପେପର କ୍ରାଫ୍ଟ, ରାମ୍ପ ଶୋରେ ପ୍ରଥମ ଏବଂ ଶାରୀରିକ କୌଶଳ ପ୍ରଦର୍ଶନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଉକ୍ତ ସଫଳତା ପାଇଁ ବରଗଡ଼ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ରାଧାକାନ୍ତ ଛତ୍ରୀ, ଛତ୍ରପତି ସାହୁ, ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ସୋହେଲା ବ୍ଲକ ଶିକ୍ଷାଧିକାରୀ ଅମୃତା ସାହୁ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ


ପ୍ରଶିକ୍ଷଣ ନେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ।

**ଅତାବିରା,୧୭।୧୨(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ସରକାରୀ ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ସମୃଦ୍ଧିର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତାବିରା ବ୍ଲକର ବିଭିନ୍ନ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୦ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣରେ ଭାଗ ନେଇଥିଲେ। ସିଆର୍‌ସିସି ଭକ୍ତ କହ୍ନେଇ, ତ୍ରିଲୋଚନ ସେଟ୍, କେଶବ ଛନ୍ଦ, ଶିକ୍ଷକ ଉମାଶଙ୍କର ପ୍ରଧାନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ମିଶ୍ରାଣି କୁମ୍ଭାର, ସହକାରୀ ବ୍ଲକ ଶିକ୍ଷାଧିକାରୀ କାର୍ତ୍ତିକ ବାଗ, ତପନ କୁମାର ଦାଶ, ରବିନ୍ଦ୍ର କୁମାର ସାହୁ, ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ (ଡିଆଇଟି)ର ଅବସରପ୍ରାପ୍ତ ପ୍ରିନ୍ସପାଲ ଅକ୍ଷୟ କୁମାର ବାରିକ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଉପରେ ଉପାଦେୟ ପ୍ରଦାନ କରିଥିଲେ। ପ୍ରଶିକ୍ଷାର୍ଥୀମାନେ ମଧ୍ୟ ପ୍ରଶିକ୍ଷଣ ନେଇ ସେମାନଙ୍କ ମତ ଉପସ୍ଥାପନ କରିଥିଲେ।

**TENDER NOTICE**

Tenders are being invited in sealed envelope for burnt Sponge Iron quantity of about 600 mt. approx.

Quality: Fe (M)-28-30% Burnt sponge (discolor).

Interested parties may inspect the lot at our plant Gurundupalli, Bonai, Sundargarh in any working day between 10 A.M. to 5 P.M. Last date of tender application to be received by 12 P.M. on 26.12.2023 at our office address given below.

**SHIV METTALICKS PVT LTD**
**Phase-IV, Purohit Market Complex, Kachery Road, Rourkela- 769012**

# ବାଲ୍ୟବିବାହ ବିରୋଧରେ ସଚେତନତା



ବାଲ୍ୟବିବାହ ବିରୋଧରେ ସଚେତନତା ସୃଷ୍ଟି କରାଯାଉଛି ।

**ବରଗଡ଼,୧୭।୧୨(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ ସରକାରଙ୍କ ପରିଚାଳିତ ନୂଆ ଓଡ଼ିଶା ଯୋଜନାରେ ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜରେ ରବିବାର ବାଲ୍ୟ ବିବାହ ଉପରେ ଏକ ସଚେତନା ରାଲି ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫୁଲ ଚନ୍ଦ୍ର ତ୍ରିପାଠୀ, ନୋଡ଼ାଲ ଅଫିସର ସଞ୍ଜୀବ କୁମାର ବହିଦାରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଙ୍ଗନୱାଡ଼ି କର୍ମୀମାନେ ପ୍ଲାକାର୍ଡ, ବ୍ୟାନର ଧରି ବାଲ୍ୟ ବିବାହ ବିରୋଧରେ ସଚେତନତା ସୃଷ୍ଟି କରିଥିଲେ। ସେହିପରି ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କଲେଜର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

idco Your power to grow ISO 9001 & 14001 | ODISHA NEW OPPORTUNITIES

CAD-3267

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No.- BBSR/ELECT/E-4126/19-20/ 3350 Dt.12.12.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work: SITC of 140 KVA Silent type DG Set and Construction of DG Shed at BPCL Pump House, Bargarh.**

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/ e-86/23- 24 | 19.12.2023 at 17.00 hrs. | 28.12.2023 at 17.00 hrs. |

Further details can be seen from the e-procurement portal www.tendersorissa.gov.in. Corrigendum or addendum if any will not be published in newspapers and can be seen in e-procurement portal as well as in IDCO website.

**Sd./- Divisional Head (Elect.), IDCO, Bhubaneswar**
OIPR-14003/11/0314/2324

# ତୃତୀୟ ଦିନରେ ଗଡ଼ଜାତ ଲୋକ ମହୋତ୍ସବ


ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି ।

**ବୌଦ୍ଧ,୧୭।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ଚାଲିଥିବା ସପ୍ତମ ଗଡ଼ଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ରବିବାର ଥିଲା ତୃତୀୟ ସନ୍ଧ୍ୟା। ଗଡ଼ଜାତ ଲୋକ ମହୋତ୍ସବ କମିଟିର ଅଧକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଉପବାଚସ୍ପତି ସାଲୁଗା ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିନେ ଧାରାବାହିକ ନିର୍ଦ୍ଦେଶକ ବନମାଳୀ ରଣା, ମଥୁରା ସରପଞ୍ଚ ପ୍ରଦୀପ କୁମାର କହଁର, ଜି ଉଦୟଗିର ସିମନ ବାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କବି ବିଦେଶୀ ନାୟକ ଯୋଗ ଦେଇଥିଲେ । ଗଡଜାତ ସଂସ୍କୃତି , ପରମ୍ପରା ଓ ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାର ଏହା ଏକ ପ୍ରକୃଷ୍ଟ ମଞ୍ଚ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହୋତ୍ସବକୁ ଆକର୍ଷଣୀୟ କରିବାକୁ ପଲ୍ଲିଶ୍ରୀ ମେଳା, ମୀନାବଜାର , ଖାଦ୍ୟ ଷ୍ଟଲ ଖୋଲାଯାଇଛି । ମଞ୍ଚକୁ ବିଜୟ କୁମାର ସାହୁ ପରିଚାଳନା କରିଥିଲେ। ସଦସ୍ୟ ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ସାଂସ୍କୃତିକ ସନ୍ଧ୍ୟାରେ ସମ୍ବଲପୁରୀ ଗାୟକ ଟିଙ୍କୁରାଜ ନନ୍ଦ, ସୁପ୍ରିୟା ଶର୍ମା, ବଉଳି କଳା ପରିଷଦ ବରପଦର ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା । ଧାରାବାହିକ ଅଭିନେତ୍ରୀ ଚାନ୍ଦିନୀ ଜେନା ନିଜର ସ୍ୱତନ୍ତ୍ର କଳା ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣିଥିଲେ। ଶୀତୁଆ ରାତିରେ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ନାଚ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଦେବାଶିଷ ମହାକୁଡ, ପୂର୍ଣ୍ଣ ଗାଇଗୌରିଆ, ନରେନ୍ଦ୍ର ସାହୁ, ଲିଙ୍ଗରାଜ ମହାକୁଡ, ସୁଶାନ୍ତ ପାତ୍ର, ଜ୍ୟୋତି ଗାଇଗୌରିଆ, ରାକେଶ ମହାକୁଡ, ବିଜୟ କୁମାର ସାହୁ, ବିଘ୍ନରାଜ, ରାଜେଶ, ସୁଜ୍ଞାନ, ପୁରନ୍ଦର ଠେଲା ଓ ଦେବେନ୍ଦ୍ର ସାହୁ ପରିଚାଳନା କରିଥିଲେ।

**OFFICE OF THE EXECUTIVE ENGINEER, P.H. DIVISION, ANGUL** No.C-2134

Ph. (06764) 296431, Email- eephangul@yahoo.in

**GOVERNMENT OF ODISHA**

**Bid Identification No.EE PH Division Angul-19/2023-24 dt.15.12.2023**

| | | | |
|---|---|---|---|
| 1 | Name of the work | : | 02 (Two) Nos. |
| 2 | Type of bid | : | Single bid system |
| 3 | Estimated cost | : | Rs.20.68 lakhs & Rs.22.19 lakhs |
| 4 | Period of completion | : | 03 (Three) months |
| 5 | Date & time of availability of bid document in the portal | : | From 11.00 A.M. of 22.12.2023 to 5.00 P.M. of 02.01.2024 |
| 6 | Last date / time of receipt of bids in the portal | : | 5.00 P.M. of 02.01.2024 |
| 7 | Date & time of opening of Technical bids | : | At 11.00 A.M. of 03.01.2024 |
| 8 | Name & address of the Officer inviting bid | : | Executive Engineer, P.H. Division, Angul |
| 9 | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

**Sd./- (Er. Prasanta Behera), Executive Engineer, P.H. Division, Angul**
OIPR-13056/11/0007/2324

# ସୁବର୍ଣ୍ଣପୁରରେ ରାଜ୍ୟସ୍ତରୀୟ ଶିକ୍ଷକ ସମ୍ମିଳନୀ



ପ୍ରାଥମିକ ଶିକ୍ଷକ ସଂଘ ସମ୍ମିଳନୀରେ ଅତିଥି ଓ କର୍ମକର୍ତ୍ତାବୃନ୍ଦ।

**ସୋନପୁର, ୧୭।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଶିକ୍ଷକ ସମ୍ମିଳନୀ ରବିବାର ସୋନପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ସଂଘର ରାଜ୍ୟ ସଭାନେତ୍ରୀ ଅନିତା ମେହେର ଅଧ୍ୟକ୍ଷତା କରିଥିଲେ । ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ଶବର, ଆଇନଜୀବୀ ତଥା ଶିକ୍ଷକ ସଂଘ ନେତା ପ୍ରଦୀପ ପୁରୋହିତ, ରାଜ୍ୟ ଉପଦେଷ୍ଟା କାହ୍ନୁଚରଣ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ବଭ୍ରୁ ବାହାନ ଭୋଇ, ଉପସଭାପତି ନୀଳକଣ୍ଠ ବେହେରା, ରାଧାଚରଣ ରଥ, ପି ସୁଶିଳା, ଗୌରାଙ୍ଗ ଚରଣ ମଲ୍ଲିକ, ତରଭା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା, ସଂଘର ଜିଲା ସଭାପତି ଶଙ୍କର ପୂଜାହାରୀ ମଞ୍ଚାସୀନ ଥିଲେ। ଓଡିଶାର ବିଭିନ୍ନ ଜିଲାରୁ ଶିକ୍ଷକ ସଂଘର ସଭାପତି ଓ ସମ୍ପାଦକମାନେ ଏହି ସମ୍ମିଳନୀରେ ଯୋଗଦାନ କରିଥିଲେ। ଶିକ୍ଷକମାନଙ୍କର ପଦୋନ୍ନତି, ଗ୍ରେଡ୍ ପେ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ଅବସରପ୍ରାପ୍ତ ଶିକ୍ଷକ, ପ୍ରକୃତି ମିତ୍ର, ଶିକ୍ଷକ ସଂଘର ସକ୍ରିୟ ସଦସ୍ୟମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଯତିନ୍ଦ୍ର ସ୍ୱାଇଁ ଓ ବ୍ରତାନନ୍ଦ ଭୋଇ ମଞ୍ଚ ପରିଚାଳନା କରିଥିଲେ । ମିଳିତ ଶିକ୍ଷକ ସଂଘର ସୁବର୍ଣ୍ଣପୁର ଜିଲା ସଭାପତି ଦିଲୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡା. ନରେନ୍ଦ୍ର ମେହେର, ଗିରିଶ ଚନ୍ଦ୍ର ତ୍ରିପାଠୀ, ଭାଗ୍ୟସିନୀ ମିଶ୍ର, ଉମାକାନ୍ତ ମିଶ୍ର, ରୀତା ବହିଦାର, ରଶ୍ମିତା ସାହୁ, ଜନତା କଅଁର, ପ୍ରମିଳା ବେହେରା, ପୁରୁଷୋତ୍ତମ ସାହୁ ଓ ସୁଦାମ ଚନ୍ଦ୍ର ଦିଶ୍ରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
**Mail Id seccbbsr@gmail.com**
**INVITATION OF BIDS**
**E-procurement Tender Call Notice No. 22 of 2023-24**

**No.4197 (Estg) Bhubaneswar** **Dated the 14th December-2023**

No.B-1462:- The Chief Construction Engineer, Central (R&B) Circle, Bhubaneswar on bahalf of the Governor of Odisha invites percentage rate bids in double cover system for construction works as detailed in the table given below.

| Sl. No. | Name of the work | Approximate estimated cost put to tender (Rs.) | EMD/Bid Security (Rs.in lakh) | Cost of bid document | Class of contractor | Period of completion |
|---|---|---|---|---|---|---|
| 1 | Renovation of Civil Infrastructure of BJB Higher Secondary School under Chief Minister Special Assistance 40th Phase for the year 2023-24. | Rs.1,35,96,388.00 | Rs.1,35,964.00 | Rs.10000.00 Online | B Class / A Class | 6 (Six) Calendar months |
| 2 | Execution of Project works under the Scheme of Chief Minister Special Assistance (Mukhyamantri Swatantra Sahayata) for BJB Autonomous College for the year 2023-24. | Rs.1,26,92,395.00 | Rs.1,26,924.00 | Rs.10000.00 Online | B Class / A Class | 6 (Six) Calendar months |
| 3 | Construction of Urban PHC at Saheed Nagar, Bhubaneswar | Rs.1,08,87,243.00 | Rs.1,08,872.00 | Rs.10000.00 Online | B Class / A Class | 6 (Six) Calendar months |
| 4 | Construction of Urban PHC at Gadakana, Bhubaneswar | Rs.1,21,53,884.00 | Rs.1,21,539.00 | Rs.10000.00 Online | B Class / A Class | 6 (Six) Calendar months |

Date & time of availability of bid document in the portal / online - From 5.00 P.M. of 22.12.2023 to 5.00 P.M. of 06.01.2024. Last date of online submission of bid document inthe portal/online- 5.00 P.M. of 06.01.2024. Date of opening- 11.00 A.M. of 08.01.2024. Name and address of Officer inviting bid- Chief Construction Engineer, Central (R&B) Circle, Bhubaneswar. Further details can be seen from the e-procurement portal: https://tendersorissa.gov.in.

OIPR-34005/11/0006/2324 **Sd./- Er. P.K. Mohanty, Chief Construction Engineer, Central (R&B) Circle, Bhubaneswar**

## ସଂକ୍ଷେପରେ

### ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡରେ ନୂଆପଡ଼ାର ଛାତ୍ରୀ



ପୂର୍ଣ୍ଣିମା ପଟେଲ।

ନୂଆପଡ଼ା,୧୭।୧୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଯୁକ୍ତ ୩ ବର୍ଷ ଛାତ୍ରୀ ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। କୁରୁମପୁରି ଗ୍ରାମର ପୂର୍ଣ୍ଣିମା ପଟେଲ ଗତ ସପ୍ତାହରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଆୟୋଜିତ ପରେଡରେ ରାଜ୍ୟ ସ୍ତରୀୟରେ ମନୋନୀତ ହୋଇ ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଏନଏସଏସର ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୋମନା ମହାବିଦ୍ୟାଳୟ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ପଟେଲ ଦିଲ୍ଲୀରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡରେ ଯୋଗଦେବା ପାଇଁ ମନୋନୀତ ହୋଇଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାସ ପଣ୍ଡା ସୂଚନା ଦେଇଛନ୍ତି।

### ବେଙ୍ଗାଲୁରୁରେ ଦାଦନ ଶ୍ରମିକ ନିଖୋଜ



ରୁକ୍ମଣ ଶବର।

ନୂଆପଡ଼ା,୧୭।୧୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଗଣ୍ଡାମେର ପଞ୍ଚାୟତ କଣ୍ଟାପାଲି ଗାଁର ରୁକ୍ମଣ ଶବର ସାଙ୍ଗ ସାଥୀଙ୍କ ସହ ବେଙ୍ଗାଲୁରୁକୁ କାମ କରିବାକୁ ଯାଇ ନିଖୋଜ ହୋଇଥିବା ଅଭିଯୋଗ ହେଉଛି। ଜିଲାରେ କାମ ଧନ୍ଦା ଅଭାବରୁ ବେଙ୍ଗାଲୁରୁକୁ କାମ ଅନ୍ୱେଷଣରେ ଯାଇଥିବା ବେଳେ ଆଜକୁ ପ୍ରାୟ ୨୦ ଦିନରୁ ଉର୍ଦ୍ଧ୍ୱ ହୋଇଯିବ ନିଖୋଜ ଅଛନ୍ତି। ସାଙ୍ଗରେ ଯାଇଥିବା ୨ଜଣ ବ୍ୟକ୍ତି ବହୁତ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନାହାନ୍ତି। ଏହି ଖବର କଣ୍ଟାପାଲି ଗାଁ ସ୍ତ୍ରୀ ରଏବାରୀ ଶବର ପାଖକୁ ଆସିବା ପରେ କୋମନା ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଘରେ ବୃଦ୍ଧା ମା'ଙ୍କ ସହ ସ୍ତ୍ରୀ ରଏବାରି ଓ ୨ ପିଲା ଅଛନ୍ତି। ରୁକ୍ମଣ ନିଖୋଜ ଖବର ପାଇବା ପରେ ପରିବାର ଲୋକ ଦୁଃଖିତ ଅଛନ୍ତି। ଘର ସେ ଜଣେ ରୋଜଗାର କ୍ଷମବ୍ୟକ୍ତି ଥିଲେ। ନିଖୋଜ ହେବା ପରେ ପରିବାର ଭାଙ୍ଗି ପଡିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଅସହାୟ ପରିବାର ପ୍ରତି ସୁଦୟା କରାଯାଉ ବୋଲି ପରିବାର ନିବେଦନ କରିଛନ୍ତି।

### କଫ୍ ସିରପ୍ ଜବତ, ଜଣେ ଗିରଫ

ନୂଆପଡ଼ା,୧୭।୧୨(ମକାରୁ ବେମାଲ)

ନୂଆପଡା ଜିଲାରେ ବେଆଇନ ଭାବରେ କଫ ସିରଫ ବିକ୍ରୟ କରୁଥିବା ଅଭିଯାଗରେ କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ପଞ୍ଚାୟତ ରେଙ୍ଗ ଗାଁର ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହେଲେ ରେଙ୍ଗ ଗାଁର ଦେବେନ୍ଦ୍ର ତାଣ୍ଡି। ଗତ କିଛି ଦିନ ହେଲା କୋମନା ଅଞ୍ଚଳରେ ବେଆଇନ ଭାବରେ କଫ ସିରପ୍ ଚୋରା ଚାଲଣ ହେଉଥିବା ଅଭିଯୋଗ ହେଉଥିଲା। ରବିବାର କୋମନା ପୋଲିସ ଅଭିଯୋଗକୁ ଭିତ୍ତିକରି ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରୁଥିବା ସମୟରେ କ୍ରିଷ୍ଟା ଛକଠାରେ ଦେବେନ୍ଦ୍ର ଏକ ବାଇକରେ ୧୨୦ ବୋତଲ କଫ ସିରପ୍ ଧରି ଆସୁଥିବା ସମୟରେ ପୋଲିସ ଜବତ କରି ଦେବେନ୍ଦ୍ରଙ୍କୁ ଗିରଫ କରିଥିଲା। କୋମନା ପୋଲିସ ଅଧିକ ତଦନ୍ତ କରି ଦେବେନ୍ଦ୍ରଙ୍କଠାରୁ ୩ ହଜାର ଟଙ୍କା, ଏକ ବାଇକ ଓ ମୋବାଇଲ ଜବତ କରିଛି।

# ସାପ୍ତାହିକ ବଜାରକୁ ନେଇ ଦ୍ୱନ୍ଦ୍ୱରେ ଗ୍ରାମବାସୀ

ଥୁଆମୂଳ ରାମପୁର,୧୭।୧୨(ଦୁର୍ଗା କୀର୍ତ୍ତି)



ସାପ୍ତାହିକ ହାଟରେ ଲୋକେ କିଣାକିଣି କରୁଛନ୍ତି।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁରରେ ସାପ୍ତାହିକ ବଜାରକୁ ନେଇ ଗ୍ରାମବାସୀ ଦ୍ୱନ୍ଦ୍ୱରେ ରହିଛନ୍ତି। ଥୁଆମୂଳ ରାମପୁର ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ଏଠାରେ ଦୋକାନ ବଜାର ଅଭାବରୁ ଅଞ୍ଚଳର ଲୋକେ ବିଭିନ୍ନ ସ୍ଥାନକୁ ଯାଇ ନିଜର ଦୈନନ୍ଦିନ ସାମଗ୍ରି କିଣାକିଣି କରୁଥିଲେ। ଏହାକୁ ଦୃଷ୍ଟିରେ ରଖି ୧୯୯୦ରେ ଥୁଆମୂଳ ରାମପୁରଠାରେ ପୂର୍ବତନ ସରପଞ୍ଚ ସ୍ୱର୍ଗତ ବାଳକୃଷ୍ଣ ଢଙ୍ଗ ମାଝି ଏବଂ ତତ୍କାଳୀନ ଏମ୍‌ପି ଭକ୍ତ ଚରଣ ଦାସଙ୍କ ଉଦ୍ୟମ କ୍ରମେ ଏଠାରେ ବୁଧବାର ସାପ୍ତାହିକ ହାଟ ସ୍ଥାପନ କରାଗଲା। ସମୟକ୍ରମ ଏହା ବଡ଼ ଧାରଣ ବଜାର ରୂପ ନେଇ ଏହାର ଚାହିଦା ବୃଦ୍ଧି ପାଇଥିଲା। ତେଣୁ ପୋଡ଼ଶୀ କାଶୀପୁର, ଜୁନାଗଡ଼, ଜୟପାଟଣା, ମୁଖିଗୁଡା, ଧର୍ମଗଡ଼, ଭବାନୀପାଟଣାଠାରୁ ଅନେକ ବ୍ୟବସାୟୀ ଆସି ଏଠାରେ ବେପାର କରି ନିଜର ପରିବାର ପ୍ରତିପୋଷଣ କରିପାରିଥିଲେ। କିନ୍ତୁ ଗତ ଗ୍ରାମୀଣ ହାଟ ପାଇଁ ୨୦୨୦ରେ ସରକାରଙ୍କ ଦ୍ୱାରା

**ଥୁଆମୂଳ ରାମପୁରରେ ସାପ୍ତାହିକ ବଜାର**

୩୦ ଲକ୍ଷ ଟଙ୍କା ଅନୁଦାନ ଆସିଥିବାରୁ ତତ୍କାଳୀନ ସରପଞ୍ଚ ଓ ସମିତି ସଭ୍ୟ ଓ ତହସିଲଦାର, ବିଡିଓ ଗ୍ରାମର ବୁଦ୍ଧିଜୀବୀଙ୍କୁ ନେଇ ସ୍ଥାନୀୟ ବରଙ୍ଗା ତୋଟା ପାଖରେ ୩ ଏକର ଜମିରେ ଏହି ସାପ୍ତାହିକ ବଜାରକୁ ସ୍ଥାନାନ୍ତର କରିବା ପାଇଁ ଭିତ୍ତିପ୍ରସ୍ତ ସ୍ଥାପନ କରାଯାଇଥିଲା। କିନ୍ତୁ ରାଜନେତାଙ୍କ ଆକ୍ରୋଶରେ କିଛି ଲୋକ ପ୍ରଲୋଭନରେ ପଡି ଥିବା ଅନୁମାନ କରାଯାଏ। ସେଥିପାଇଁ ତହସିଲ ଅଫିସ ଓ ପେଟ୍ରୋଲ ପମ୍ପ ପାଖ ଭବାନୀପାଟଣା ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା ପାଖରେ ସେହି ଅନୁଦାନର ଅର୍ଥ ଖର୍ଚ୍ଚ ବଜାର ପାଇଁ ସ୍ଥାନ ନିରୂପଣ କରାଗଲା। ତେବେ ଏହି ବଜାର ପଡିଆକୁ ନେଇ ବର୍ତ୍ତମାନ ଅଡୁଆ ପରିସ୍ଥିତି ଦେଖିବାକୁ ମିଳିଛି। ଲୋକେ ସ୍ଥାନୀୟ ସମାଗୁଡା ନିକଟ ପାଖରେ ବସିଥିବା ଏହି ସାପ୍ତାହିକ ବଜାର ବସିଥିଲା। ଆଉ କିଛି ବ୍ୟବସାୟୀ ତହସିଲ ଅଫିସ ପାଖ ପେଟ୍ରୋଲ ପମ୍ପ ପାଖରେ ବସୁଥିବାରୁ ଏହାକୁ ସ୍ଥାନୀୟ ବାସିନ୍ଦା, କିଛି ବ୍ୟବସାୟୀ ସହିତ କିଛି ବାସିନ୍ଦା ବିରୋଧ କରି ରାସ୍ତାରୋକୋ କରିଥିଲେ। ପୋଲିସ ପ୍ରଶାସନର ହସ୍ତକ୍ଷେପ ପରେ ରାସ୍ତା ରୋକୋ ସ୍ଥଗିତ ରହିଥିଲା। ଏହାକୁ ନେଇ ସ୍ଥାନୀୟ ଜନସାଧାରଣ ମଧ୍ୟରେ ଅସନ୍ତୋସ ପ୍ରକାଶ କରିଥିବା ସହ ଅତିଶୀଘ୍ର ଏହି ସମସ୍ୟା ସମାଧାନ ପାଇଁ ବ୍ଲକ ପ୍ରଶାସନ ପାଖରେ ନିବେଦନ କରିଛନ୍ତି।

# ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଜରୁରୀ ବୈଠକ



ବୈଠକରେ ଉପସ୍ଥିତ ଅମଲାର କର୍ମକର୍ତ୍ତାବୃନ୍ଦ ।

ଭବାନୀପାଟଣା,୧୭।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଅମଲା ଭବନ ସଭାଗୃହରେ ରବିବାର ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଶୁତୋଷ ମିଶ୍ରଙ୍କ ଆବାହକତ୍ୱରେ ତଥା ମଞ୍ଚ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଅମଲା ସଂଘ କଳାହାଣ୍ଡି ଶାଖା ସଭାପତି ସୁକାନ୍ତ କୁମାର ମହାପାତ୍ର, ରାଜସ୍ୱ ଅମଲା ସଂଘ କଳାହାଣ୍ଡି ଶାଖା ସଭାପତି ନୀଳକଣ୍ଠ ଗୌଡ, ଟ୍ରେଜେରି ଅମଲା ସଂଘ କଳାହାଣ୍ଡି ଶାଖା ସଭାପତି କୁରେଶ୍ୱର ମାଝି, ନିବନ୍ଧକ ଅମଲା ସଂଘ ଅବିନାଶ ନନ୍ଦ, ମଞ୍ଚର ପରାମର୍ଶଦାତା ରୂପକେଶରୀ ଦଳେଇ ତଥା ଭବାନୀପାଟଣା ବ୍ଲକ ମିଳିତ ଅମଲା ମଞ୍ଚ ଅଧ୍ୟକ୍ଷ ବ୍ରଜବନ୍ଧୁ ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚର ଅଧ୍ୟକ୍ଷ ଜିତେନ୍ଦ୍ର ମୁଣ୍ଡ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ସମୂହ ଛୁଟି ଆନ୍ଦୋଳନ କାର୍ଯ୍ୟକ୍ରମକୁ ଗଣତାନ୍ତ୍ରିକ ପଦ୍ଧତିରେ ଶାନ୍ତିଶୃଙ୍ଖଳା ସହିତ ଅନୁଷ୍ଠିତ କରିବା ପାଇଁ ଅନୁରୋଧ କରିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ଅମଲା ମଞ୍ଚର ଏକ ମାତ୍ର ଦାବି ପୂରଣ ଦିଗରେ ସରକାରଙ୍କ ଆଭିମୁଖ୍ୟକୁ ଦୃଢ଼ ପ୍ରତିବାଦ କରିଥିଲେ। ସମସ୍ତେ ଆସନ୍ତା ୧୯ ତାରିଖ ସୁଦ୍ଧା ସମୂହ ଛୁଟି ଦରଖାସ୍ତ ନିଜ କାର୍ଯ୍ୟାଳୟ ମୁଖ୍ୟଙ୍କୁ ଦାଖଲ କରିବା ପାଇଁ ଏକମତ ହୋଇଥିଲେ। ବୈଠକରେ ସମସ୍ତ ବ୍ଲକ ପାଇଁ ଅଧ୍ୟକ୍ଷ ଓ ଆବାହକ ଚୟନ କରାଯାଇଥିଲା। ବରିଷ୍ଠ ଅମଲା ଶିଶିର ଦାସ, ବିଶନାଥ ପାଢ଼ୀ, ଜଗତ ରାମ ଗହିର, ଅନମୋଲ ନାଏକ, ରାଜ କିଶୋର ସାହୁ, ଟଙ୍କଧର ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ।

# ଗୀତା ଜୟନ୍ତୀ ପ୍ରସ୍ତୁତି ବୈଠକ

ଭବାନୀପାଟଣା,୧୭।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ଆସନ୍ତା୨୪ରେ ଭବାନୀପାଟଣା ବାଲାଜୀ ମନ୍ଦିର ପରିସରରେ 'ଗୀତା ଜୟନ୍ତୀ' ଆୟୋଜନ ନିମନ୍ତେ ଶନିବାର ଅପରାହ୍ନରେ କଳାହାଣ୍ଡି ଲେଖକ କଳା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହା ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରାହ୍ମଣ ସମାଜ କଳାହାଣ୍ଡିର ଜିଲା ସଭାପତି ଜଗନ୍ନାଥ ମୁଣ୍ଡ, ଉପସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀ, ବିନୋଦ ଶର୍ମା, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ସଙ୍ଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା, ସମ୍ପାଦକ ଉମେଶ ପଣ୍ଡା, ପର୍ଶୁରାମ ସେନା ଜିଲା ସଂଯୋଜକ ପ୍ରଶାନ୍ତ ଠାକୁର, ପ୍ରଜ୍ଞା ବାହିନୀ ଜିଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ ସମେତ ସହରର ବହୁ ବ୍ରାହ୍ମଣ ସମାଜ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ। ଗୀତା ଜୟନ୍ତୀ ସମାରୋହ ଉପଲକ୍ଷେ ଗୀତା ପୂଜାର୍ଚ୍ଚନା ଘୃତ ଯଜ୍ଞ, ଜ୍ଞାନଯଜ୍ଞ ଓ ଅନ୍ନ ଯଜ୍ଞ ସହ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ଆୟୋଜନ ନିମନ୍ତେ ସ୍ଥିର କରାଯାଇଥିଲା। ଏହି ଅବସରରେ ଗୀତା ମହତ୍ତ୍ୱ ବିଷୟରେ ଚିନ୍ମୟ ମିଶନ ଭବାନୀପାଟଣାର ସ୍ୱାମୀ ଅମେୟାନନ୍ଦଜୀ ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରିବେ। ଗୀତା ଜୟନ୍ତୀ ସମାରୋହର ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଆଠ ଗୋଟି କମିଟି ଗଠନ କରାଗଲା। ଶେଷରେ ନଗର କମିଟି ସମ୍ପାଦକ ଶେଷଦେବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶାଖାପାଟଣା-ରାୟଗଡା ପାସେଞ୍ଜର ଭବାନୀପାଟଣା ଯାଏଁ ହେବ ସମ୍ପ୍ରସାରଣ

ଭବାନୀପାଟଣା,୧୭।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାବାସୀଙ୍କୁ ରେଳ ବିଭାଗର ନୂଆ ବର୍ଷ ଭେଟି। ଆସନ୍ତା ୨୭ ତାରିଖରୁ ବିଶାଖାପାଟଣା-ରାୟଗଡା ପାସେଞ୍ଜର ଭବାନୀପାଟଣା ଯାଏଁ ସମ୍ପ୍ରସାରିତ ହେବ। ଏହାଦ୍ୱାରା ଜିଲାରୁ ବିଶାଖାପାଟଣାକୁ ମେଡିକାଲ କାମରେ ଯାଉଥିବା ଶହ ଶହ ଲୋକ ଉପକୃତ ହେବେ। ଏପରିକି ବିଶାଖାପାଟଣା ସହିତ ସିଧାସଳଖ ଯୋଗାଯୋଗ ହେବା ପରେ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରୁ ଜିଲାକୁ ମାଛ ଓ ଅଣ୍ଡା ରପ୍ତାନୀରେ ସହାୟକ ହେବ ବୋଲି କୁହାଯାଇଛି। ତେବେ ଭବାନୀପାଟଣା ସହ ଜିଲାର ଜୁନାଗଡ଼ ପର୍ଯ୍ୟନ୍ତ ଏହା ସମ୍ପ୍ରସାରିତ ହେଲେ ଜିଲାର ଅନେକ ଲୋକ ଉପକୃତ ହୋଇ ପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# 'ଅଦାଲତ ଦ୍ୱାରା ପ୍ରାପ୍ୟ ଗ୍ରହଣ କରିବୁ'

ଲାଞ୍ଜିଗଡ଼,୧୭।୧୨(ରମେଶ ଚନ୍ଦ୍ର ନାୟକ)

**ପାଉଣା ପାଇଁ ଅଦାଲତର ଦ୍ୱାରସ୍ଥ ହେବା ଘଟଣା**

- ୮ ମାସର ପାରିଶ୍ରମିକ ପାଉଣା ଦେଲେନି ଠିକାଦାର
- ପାଉଣା ମାଗିଲେ ଠିକାଦାରଙ୍କ ନାଲିଆଖି

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବତେଲିମା ପଞ୍ଚାୟତ ବାଣିପଙ୍ଗା ଗ୍ରାମର ୯ଜଣ ଶ୍ରମିକ ୮ ମାସର ପାରିଶ୍ରମିକ ନ ଦେବା ଘଟଣା ଏବେ ଶ୍ରମ ବିଭାଗ ଏବଂ ଅଦାଲତରେ ପହଞ୍ଚିଛି। କୋର୍ଟର ଦ୍ୱାରସ୍ଥ ହେବା ପରେ ମାଲିକ ଆସି ଶ୍ରମିକମାନଙ୍କୁ ପ୍ରାପ୍ୟ ଦେବା ପାଇଁ ଚେଷ୍ଟା କରୁଥିବା ବେଳେ ଶ୍ରମିକମାନେ ରୋକଠୋକ ଜଣାଇଛନ୍ତି ଯେ, ଆମେ ଅଦାଲତର ଦ୍ୱାରସ୍ଥ ହେଇଛୁ, ଅଦାଲତ ଦ୍ୱାରା ହିଁ ପ୍ରାପ୍ୟ ଗ୍ରହଣ କରିବୁ ଏବଂ ନିଜେ ପ୍ରାପ୍ୟ ଗ୍ରହଣ କରିବୁନି ବୋଲି ରବିବାର ପ୍ରକାଶ କରିଛନ୍ତି।

ସୂଚନାନୁସାରେ ଲାଞ୍ଜିଗଡଠାରେ ଏକ କମ୍ପାନୀର ଆସପଣ୍ଡରେ କାମ କରୁଥିବା ଶ୍ରମିକମାନଙ୍କୁ ଦୀର୍ଘ ୮ମାସ ଧରି ପାଉଣା ନ ପାଇ ହତାଶ ହୋଇ ବୁଲୁଛନ୍ତି। ଅଭିଯୋଗ ଅନୁଯାୟୀ, କମ୍ପାନୀରୁ ନିର୍ଗତ ଫ୍ଲାଏ ଆଶକୁ ଅନ୍ୟତ୍ର ସ୍ଥାନାନ୍ତରଣ ଓ ପ୍ରକ୍ରିୟାକରଣ ପାଇଁ ସବକଣ୍ଟ୍ରାକ୍ଟର ନବରଙ୍ଗପୁର ଜିଲା ଉମରକୋଟ ଗୁଲିପାଟଣାର ମାନସ ରଞ୍ଜନ ପରିଡା ନେଇଥିଲେ। ସେଠାରେ ନିୟୋଜିତ ୯ଜଣ ଶ୍ରମିକଙ୍କୁ ୮ ମାସର ପାରିଶ୍ରମିକ ଦେଇନାହାନ୍ତି। ଏ ନେଇ ଶ୍ରମିକମାନେ ବାରମ୍ବାର ଦାବି ଓ ଅଭିଯୋଗ ପରେ ବି ମାଲିକ ପରିଡା ସେମାନଙ୍କୁ ପାରିଶ୍ରମିକ ଦେବା ତ ଦୂରର କଥା ଓଲଟା ଧମକ ଚମକ ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଶ୍ରମିକମାନଙ୍କ ମଧ୍ୟରେ ଚନ୍ଦ୍ରା ମାଝି, ରୀତା ମାଝି, ପଙ୍କଜ ହରିଜନ, ଚମ୍ପା ମାଝି, ସଂକୁଳି ମାଝି, ଅଞ୍ଜନା ମାଝି, ଚନ୍ଦ୍ରଧଜ ତାଣ୍ଡି ପ୍ରମୁଖ ପାଉଣା ନ ପାଇ ହଇରାଣ ହେଉଥିବାବେଳେ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି ହେଉଛି।

# କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକବୃନ୍ଦ।

ଭବାନୀପାଟଣା,୧୭।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଜ୍ଞାନ ବିଭାଗ ଓ ଭୂଗୋଳ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟରେ ଶନିବାର ଏକ ଆନ୍ତର୍ଜାତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନଆରଡିସି ବରିଷ୍ଠ ଆଞ୍ଚଳିକ ପରିଚାଳକ ଓ ମୁଖ୍ୟ ଡ. ବିଜୟ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଡ. ସାହୁ ଏହି ଆଲୋଚନା ଚକ୍ରରେ ବୌଦ୍ଧିକ ସମ୍ପତ୍ତି ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଶ୍ୱବିଦ୍ୟାଳୟ ଚେୟାରପର୍ସନ ପିଜି କାଉନସିଲ, ନିର୍ଦ୍ଦେଶିକା ଆଇକ୍ୟୁଏସି, ନୃତତ୍ତ୍ୱ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ତଥା କାର୍ଯ୍ୟକ୍ରମ ଆବାହିକା ଡ. ନିବେଦିତା ନାଥ ସ୍ୱାଗତ ଭାଷଣ ଦେଇଥିଲେ। ଭୂଗୋଳ ବିଭାଗ ସହକାରୀ ପ୍ରଫେସର ଡ. ସୁମନା ରଏ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥି କାର୍ଯ୍ୟକ୍ରମ ଉଦେଶ୍ୟ ଉପରେ ଅଭିଭାଷଣ ରଖିଥିଲେ। ସଭା ନୃତତ୍ତ୍ୱ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡ. ନିବେଦିତା ନାଥ ଓ ଭୂଗୋଳ ବିଭାଗ ସହକାରୀ ପ୍ରଫେସର ଡ. ସୁମନା ରଏ ପ୍ରମୁଖ ଆୟୋଜନ କରିଥିଲେ। ଭୂଗୋଳ ବିଭାଗ ସହକାରୀ ପ୍ରଫେସର ଡ. ସୁମନା ରଏ ସଭା ପରିଚାଳନା କରିଥିଲେ ଓ ଶେଷରେ ଧନ୍ୟବାଦ ଦେଇଥିଲେ।

# ମା' ଠାକୁରାଣୀ ସ୍ପୋର୍ଟ୍ସ କ୍ଲବ ଫୁଟ୍‌ବଲ ଉଦ୍‌ଘାଟିତ

କୋକସରା,୧୭।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)



ଅତିଥିଙ୍କ ସହ ଖେଳାଳିମାନେ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ବଙ୍ଗୋମୁଣ୍ଡା ଖେଳ ପଡ଼ିଆରେ ଶନିବାର ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ମୁଖ୍ୟବକ୍ତା ସରପଞ୍ଚ ଗମ୍ଭାରୀଗୁଡା ଈଶରାମ ସୁନାନୀ, ସମ୍ମାନିତ ଅତିଥି ଭାବେ ବସନ୍ତ କୁମାର ନାଗ, ପୂର୍ବତନ ସରପଞ୍ଚ କୃଷ୍ଣ ସୁନାନୀ, ଗୌତମ ପୂଝାରୀ, ଜଗବନ୍ଧୁ ପୂଝାରୀ, ଜଗଦୀଶ ଗହୀର, ଝଜନେଶ୍ୱର ନାଏକ, ଦେବରାଜ ଦଳପତି, ଗଜିନ୍ଦ୍ର ନାଏକ, ଲାଲୁ ଖାଁ, ତୁଳସିରାମ ପୂଝାରୀ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭିକ ମ୍ୟାଚ ଟେମରା ଓ ଜୟପାଟଣା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚିତ୍ତାକର୍ଷକ ଖେଳରେ ପେନାଲଟି ସୁଟରେ ୫-୦ରେ ଟେମରା ଦଳ ବିଜୟୀ ହୋଇଥିଲା। ଖେଳ ପରିଚାଳନା ତାପସ କୁମାର ଦାସ, ସଞ୍ଜୀବ ଦୁର୍ଗା, ଭୁପେନ୍ଦ୍ର ଗୋପାଳ କରିଥିବା ବେଳେ ଖେଳର ଧାରା ବିବରଣୀ ହିରଣ୍ୟ ଗହୀର ପ୍ରଦାନ କରିଥିଲେ। ଆସନ୍ତା ୨୨ ତାରିଖରେ ଉଦଯାପନି ହେବାକୁ ରହିଥିବା ବେଳେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ବଙ୍ଗୋମୁଣ୍ଡା ମା' ଠାକୁରାଣୀ ସ୍ପୋର୍ଟ୍ସ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ।

# ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କୁ ନାଟ୍ୟଶ୍ରୀ ସମ୍ମାନ

ଖଡ଼ିଆଳ,୧୭।୧୨(ସୁଜିତ୍ କୁମାର ପ୍ରଧାନ)

ନାଟ୍ୟକାର ନିର୍ଦ୍ଦେଶକ ଜିତେନ୍ଦ୍ର ନାଥ ପଟ୍ଟନାୟକ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନୃତ୍ୟ ସଙ୍ଗମ ୨୦୨୩ କାର୍ଯ୍ୟକ୍ରମରେ ଭବାନୀପାଟଣାଠାରେ ନାଟ୍ୟଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଖବର ପ୍ରସାରିତ ହେଲା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ନାଟକ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଉକ୍ତ ଉତ୍ସବରେ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ସମ୍ପାଦକ ସୋମନାଥ ଜଗତ, ସହ ସମ୍ପାଦକ ବିଭୂତି ଭୂଷଣ ବିଶି, ବରିଷ୍ଠ ସଦସ୍ୟ ଗୋବିନ୍ଦ ପଣ୍ଡା, ଛବି ସାଗର, ଧର୍ମ ରାଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଗଧର କଥା, ଦାମୂର୍, ଗୁପା ଗୁଣ୍ଡୁ ଲେତା, ନିଏ, ଗାଁର ମଲି, ଉଖି, ବଦଲା ଭଳି ଅନେକ ନାଟକ ପ୍ରାଦେଶିକ ଓ ଜାତୀୟସ୍ତରରେ ପୁରସ୍କୃତ ଓ ଉଚ୍ଚ ପ୍ରଶଂସିତ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମମହୋତ୍ସବ

ମଦନପୁର,୧୭।୧୨(ସନ୍ତୋଷ କୁମାର ଦଣ୍ଡସେନା)

କଳାହାଣ୍ଡି ଜଲା ମ.ରାମପୁର ବ୍ଲକ ଅନ୍ତଗତ ମଦନପୁର ସତସଙ୍ଗ ବିହାରଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ପାଳିତ ହୋଇଛି। ଆୟୋଜିତ ଉତ୍ସବରେ ଜୁନାଗଡରୁ ସେହପତି ରିତିକ ରମେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ପ୍ରଫେସର ଜଗତ ଚାନ୍ଦାନୀ, ସଇଁତଳାରୁ ଆର୍ତ୍ତତ୍ରାଣ ଷଡ଼ଙ୍ଗୀ, ବଲାଙ୍ଗୀରରୁ ନବୀନ ହୋତା ଯୋଗଦେଇ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭାବଧାରା ଉପରେ ଉଦବୋଧନ ଦେଇଥିଲେ। ଏଥିରେ ବିଭିନ୍ନ ଗ୍ରାମର ଶତାଧିକ ଗୁରୁ ଭାଇ ଓ ଗୁରୁ ମା'ମାନେ ଅନୁକୂଳ ଚନ୍ଦ୍ରଙ୍କ ବିଗ୍ରହ ରଥୁ କରି ନଗର କୀର୍ତ୍ତନରେ ବାହାରି ଥିଲେ। ଶୋଭାଯାତ୍ରା ସତସଙ୍ଗ ବିହାରରୁ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଜାତି ଧର୍ମ ନିର୍ବିଶେଷରେ ଗ୍ରାମବାସି ସାମିଲ ହୋଇଥିଲେ। ମଧ୍ୟାହ୍ନରେ ଆନନ୍ଦ ବଜାରରେ ଶତାଧିକ ଭକ୍ତ ପ୍ରସାଦ ସେବନ କରିଥିଲେ। ମଦନପୁର ରିତିକ ଅଶ୍ୱିନୀ କୁମାର ଘୋଷଙ୍କ ତତ୍ତ୍ୱାବଧାନରେ ଉତ୍ସବ ହୋଇଥିଲା। ଏହି ଅବସରରେ ସତସଙ୍ଗ ବିହାରରେ ଏକ ଭକ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଥିଲା।

# ୯୦ ଥର ରକ୍ତଦାନ କରି ଚର୍ଚ୍ଚାରେ କିଶୋର

ନୂଆପଡ଼ା,୧୭।୧୨(ମକାରୁ ବେମାଲ)



**ଶିକ୍ଷକରୁ ନିୟମିତ ରକ୍ତଦାତା ଭାବେ ପରିଚିତ**

**୪୯ ବର୍ଷ ବୟସରେ ରେକର୍ଡ**

ନୂଆପଡା ସଦର ବ୍ଲକ ମାଗୁରପାଣି ଛୋଟିଆ ଗାଁର କିଶୋର କୁମାର ପରିଡା (୪୯)। ୪୯ ବର୍ଷ ବୟସରେ ୯୦ ଥର ରକ୍ତଦାନ କରି ଜିଲା ତଥା ଜିଲା ବାହାରେ ପ୍ରସଂଶିତ ହୋଇ ଅଞ୍ଚଳ ତଥା ଜିଲା ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ସେ ନିୟମିତ ରକ୍ତଦାତା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ହୋଇଛନ୍ତି। ସୂଚନା ଯେ, କିଶୋର ପେସାରେ ଜଣେ ଶିକ୍ଷକ। ହେଲେ ନିଶା ତାଙ୍କର ସମାଜ ସେବା, ପରିବେଶ ସୁରକ୍ଷା, ରକ୍ତଦାନ କରିବା। ୪୯ ବର୍ଷ ବୟସରେ ୯୦ ଥର ସ୍ୱେଚ୍ଛାକୃତ ରକ୍ତଦାନ କରି ଅନେକ ଲୋକଙ୍କ ଜୀବନ ବଞ୍ଚାଇଛନ୍ତି। ୧୯୭୫ ଜୁନ ୧୦ରେ ସଦର ବ୍ଲକ ମାଗୁରପାଣି ଗାଁ ରେ ଜନ୍ମ ଗ୍ରହଣ କରିଥିବା ଶିକ୍ଷକ ପ୍ରମୋଦ ଚନ୍ଦ୍ର ପରିଡା ଓ ଭାନୁମତୀ ପରିଡାଙ୍କ ସୁପୁତ୍ର କିଶୋର ପିଲାଟି ଦିନରୁ ମେଧାବୀ ଛାତ୍ର ଥିଲେ। ୧୯୯୩ରେ ଯୁକ୍ତ ୩ ଅଧ୍ୟୟନ କରିବା ସମୟରେ ରକ୍ତଦାନ କରିବାକୁ ଆକର୍ଷିତ ହୋଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଶେଷ କରି ୨୦୦୫ରେ ମାଗୁରପାଣି ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ପଥମେ ଜଣେ ଗର୍ଭବତୀଙ୍କୁ ରକ୍ତଦାନ କରି ଉତ୍ସର୍ଗୀକୃତ ହୋଇ ପୁଣି ରକ୍ତଦାନ କରିବା ପାଇଁ ମନ ଟାଣି ଆଣିଲା। ନୂଆପଡା ରକ୍ତ ଭଣ୍ଡାର ଅଧିକାରୀ ସ୍ୱର୍ଗତ ଡା.ବାଙ୍କ ବିହାରୀ ନେଗୀଙ୍କ ମାର୍ଗ ଦର୍ଶନ ଓ ନୂଆପଡାର ଅଗ୍ରଣୀ ୟୁଥମାସ କ୍ଲବ ବରିଷ୍ଠ ସଦସ୍ୟ ତଥା କ୍ରୀଡା ଜଗତର ଜିଲା ମାର୍ଗ ଦର୍ଶକ ସରୋଜ କୁମାର ସାହୁ (ଭୈରବ)ଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ରକ୍ତଦାନ ପରି ମହତ କାର୍ଯ୍ୟକୁ ନିଜ ଜୀବନର ମୂଳ ଲକ୍ଷ୍ୟ ଭାବେ ଗ୍ରହଣ କରିଥିଲେ।

ଗରିବ, ଅସହାୟଙ୍କୁ ରକ୍ତଦାନ କରି ଶିକ୍ଷକରୁ ପାଲଟି ଯାଇଛନ୍ତି ନିୟମିତ ରକ୍ତଦାତା କିଶୋର। ରକ୍ତଦାନ ପାଇଁ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ନେହେରୁ ଯୁବ କେନ୍ଦ୍ର, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସାମାଜିକ ଅନୁଷ୍ଠାନଗୁଡିକଠାରୁ ପୁରସ୍କୃତ ହୋଇଛନ୍ତି। ୨୦୦୧ରୁ ସେ ଇଣ୍ଡିଆନ ରେଡ୍‌କ୍ରସ ଶୋସାଇଟିର ଆଜୀବନ ସଦସ୍ୟତା ଗ୍ରହଣ କରିଛନ୍ତି। ୨୦୦୩ରେ ସାଧାରଣତନ୍ତ୍ର ଦିବସରେ ନିୟମିତ ରକ୍ତଦାତା ରୂପେ ତଥା ଆର୍ନ୍ତଜାତୀୟ ରକ୍ତଦାନ ଦିବସରେ ସେ ପୁରସ୍କୃତ ହୋଇଛନ୍ତି। ଏହା ଛଡା ରକ୍ତଦାନ, ପ୍ରାକୃତିକ ବିପର୍ଯ୍ୟୟ ବେଳେ ବିପନ୍ନଙ୍କୁ ସହାୟତା ଓ ସମାଜ ସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ସେ ଛାତ୍ର ଜୀବନରୁ ଅନେକ ଥର ଜାତୀୟ ଏକତା ଶିବିର, ରାଜ୍ୟ ଯୁବ ଉତ୍ସବ, ବେଳାଭୂମି ପଦଯାତ୍ରା, ଜାତୀୟ ଦୁଃସାହସିକ କ୍ରୀଡା, ଜଙ୍ଗଲ ସଫାରୀ ଟ୍ରାକିଂ କ୍ୟାମ୍ପ ତଥା ସ୍ୱାଧୀନତା ସଂଗ୍ରାମର ୫୦ ବର୍ଷ ପୂର୍ତ୍ତି ଅବସରରେ ଦିଲ୍ଲୀଠାରେ ଆୟୋଜିତ ଯୁବ ପଦଯାତ୍ରାରେ କ୍ରାନ୍ତିପାର୍କ ମିରଟଠାରୁ ଲାଲକିଲ୍ଲା ପର୍ଯ୍ୟନ୍ତ ଯାଇ ପ୍ରତିନିଧିତ୍ୱ କରି ସାରିଛନ୍ତି। ଜଙ୍ଗଲ ବିଭାଗଙ୍କ ଇକୋ କ୍ଲବ ଗଠନରେ ନିଜକୁ ସାମିଲ କରିଥିଲେ। ନିଜର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ୨୦୦୪, ୨୦୦୫ ଓ ୨୦୧୮ରେ ପ୍ରକୃତିବନ୍ଧୁ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଶିକ୍ଷକ ଭାବେ ନିଜର କର୍ମମୟ ଜୀବନ ସହ ସମାଜ ସେବା ପ୍ରତି ପ୍ରତିବଦ୍ଧତା ଆଜି ମଧ୍ୟ ଜାରି ରହିଛି। ସେ ଜଣେ ଆଦର୍ଶ ଶିକ୍ଷକ ସାଙ୍ଗକୁ ଉତ୍ତମ ରକ୍ତଦାତା ଓ ପ୍ରବର୍ତ୍ତକ ଭାବେ ସୁନାମ ଅର୍ଜନ କରିଛନ୍ତି।

## ସଂକ୍ଷେପରେ

### ଲୋକ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ

ପଦ୍ମପୁର,୧୭।୧୨(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବିରୋଧୀ ଦଳ ଉପନେତା ମୋହନ ମାଝୀ ମୁଖ୍ୟ ଅତିଥି, ସଭାପତି ପ୍ରିତେଶ ବହିଦାର, ଆବାହକ ଅଶୋକ ମିଶ୍ର, ସମ୍ପାଦକ କୁନାଲ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ଅବସରରେ ବ୍ରହ୍ମବୀଣା ବାଦକ ଆନନ୍ଦ ବାଗ, ଫୋକ୍ ଆର୍ଟ ରିସର୍ଚ୍ଚର ରମେଶ ଗୁର୍ଲା, ପ୍ରକୃତିବନ୍ଧୁ ହେମସାଗର ପ୍ରଧାନ, ଅଭିନେତା ମନୋଜ ମିଶ୍ର, ସପନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ରେଶ୍ମାରାଣୀ ଦାସ ଓ ପ୍ରତ୍ୟୁଷ ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କେଶରଞ୍ଜନ ପ୍ରଧାନ, ନାଟ୍ୟକାର ଅଶୋକ ବହିଦାର, ଅଞ୍ଜନ ପ୍ରଧାନ ଓ ସଜୋଲ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ କୁନାଲ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଞ୍ଚଳ ମହାବିଦ୍ୟାଳୟ ଆଇକ୍ୟୁଏସିର ପ୍ରସ୍ତୁତି ବୈଠକ

ପଦ୍ମପୁର,୧୭।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ରବିବାର ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଆଇକ୍ୟୁଏସିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଆଇକ୍ୟୁଏସିର ସଂଯୋଜକ ଅଧ୍ୟାପକ ନବକୃଷ୍ଣ ମିଶ୍ର ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ପରେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷ ମେଜର ସି. ଆର. ଦାସ, ପ୍ରାଧ୍ୟାପକ ଡ଼ ବିରଞ୍ଚି ସାହୁ, ପ୍ରାଧ୍ୟାପକ ତାରାପ୍ରସାଦ ଶତପଥୀ, ପ୍ରାଧ୍ୟାପକ ଖଗେଶ୍ୱର ସାହୁ, ଅଧ୍ୟାପିକା ଝୁନୁ ପରିଡ଼ା, ମୋନାଲିସା ସ୍ୱାଇଁ, ଅଧ୍ୟାପକ ସଦାନନ୍ଦ ଭୋଇ, ମିଥୁନ ମେହେର, ଡ଼ ଭେଙ୍କଟେଶ୍ୱର ମେହେର ଓ ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବୌଦ୍ଧ,୧୭।୧୨ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଦେଇ ଯାଇଥିବା ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥର ବାମଣ୍ଡା ନିକଟସ୍ଥ ମଡେଲ ଡିଗ୍ରୀ ମହାବିଦ୍ୟାଳୟ ନିକଟରେ ରବିବାର ଅପରାହ୍ନରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ନୟାଗଡ ଜିଲା ନୂଆଗାଁ ଅଞ୍ଚଳର ପ୍ରଶାନ୍ତ ବାଡତିଆ (୩୦) ବୌଦ୍ଧ ଜିଲା ମନମୁଣ୍ଡାଠାରେ ଏକ ଦୋକାନରେ କାମ କରୁଥିଲେ। ସେ ରବିବାର ନିଜ ଗ୍ରାମରୁ ମନମୁଣ୍ଡା ଆସୁଥିବା ବେଳେ ମଡେଲ ଡିଗ୍ରୀ ମହାବିଦ୍ୟାଳୟ ନିକଟରେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଏନେଇ ବୌଦ୍ଧ ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସଙ୍କୁ ପଚାରିବାରେ ଗାଡିର କୌଣସି ପତ୍ତା ମିଳି ପାରିନାହିଁ। ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଯାଇଛି। ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି।

# ରେଳ ସଂରକ୍ଷଣ କାଉଣ୍ଟର ସ୍ଥାନାନ୍ତର କରା ନ ଯାଉ

## ବଲାଙ୍ଗୀର ଏମ୍‌ପିଙ୍କ ନିକଟରେ ଦାବି

ସୋନପୁର,୧୭।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ଅଗ୍ରୀମ ରେଳ ଟିକେଟ ସଂରକ୍ଷଣ କାଉଣ୍ଟରକୁ ସ୍ଥାନାନ୍ତର ନ କରିବାକୁ ସଚେତନ ନାଗରିକଙ୍କ ପକ୍ଷରୁ ଦାବି ହେଉଛି। ସୋନପୁର ବ୍ଲକ ସିଂହାରୀସ୍ଥିତ ନୂତନ ରେଳ ଷ୍ଟେଶନକୁ ଏହି କାଉଣ୍ଟର ସ୍ଥାନାନ୍ତର କରାଗଲେ ରେଳ ଉପଭୋକ୍ତାମାନଙ୍କ ସହ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଭାରତୀୟ ରେଳ ମନ୍ତ୍ରଣାଳୟ ରେଳ ଉପଭୋକ୍ତାଙ୍କ ସୁବିଧା ନିମନ୍ତେ ଜିଲା ସଦର ମହକୁମାରେ ଏକ ଅଗ୍ରୀମ ରେଳ ଟିକେଟ୍ ସଂରକ୍ଷଣ କାଉଣ୍ଟର ଖୋଲିବା ପାଇଁ ନିର୍ଦ୍ଦେଶନାମା ଜାରି କରିବା ପରେ ଜିଲା ପରିଷଦ କାର୍ଯ୍ୟାଳୟ ପରିସରରେ ୨୦୧୫ରୁ ଟିକେଟ୍ ବୁକିଂ କାଉଣ୍ଟର ଖୋଲାଯାଇଛି। କିନ୍ତୁ ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା–ବଲାଙ୍ଗୀର ରେଳପଥର ସୋନପୁର ରେଳ ଷ୍ଟେଶନ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋନପୁର ପର୍ଯ୍ୟନ୍ତ ରେଳ ଚଳାଚଳ ଆସନ୍ତା ଜାନୁୟାରୀ ମାସ ସୁଦ୍ଧା ଆରମ୍ଭ ହେବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଡିଭିଜନର ରେଳବାଇ ମ୍ୟାନେଜର ସହର ମଝିରେ ଥିବା ସଂରକ୍ଷଣ କାଉଣ୍ଟରକୁ ସୋନପୁର ରେଳ ଷ୍ଟେଶନକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମାକୁ ନେଇ ବିଭିନ୍ନ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସୋନପୁର ରେଳ ଷ୍ଟେଶନକୁ ରେଳ ଅଗ୍ରୀମ କାଉଣ୍ଟର ସ୍ଥାନାନ୍ତର ହେଲେ ବୁକିଂ ପାଇଁ ପୁରାତନ ସହରବାସୀଙ୍କୁ ୬ କିଲୋମିଟର ଦୂର ଯିବାକୁ ପଡିବ। ଅନ୍ୟପକ୍ଷରେ ରେଳ ଷ୍ଟେଶନକୁ ଅଟୋ କିମ୍ବା କୌଣସି ଭଡା ଗାଡିରେ ଗଲେ ସହରବାସୀଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡିବ। ଉଲୁଣ୍ଡା ଓ ବୀରମହାରାଜପୁର ଆଦି ଅଞ୍ଚଳର ଜନସାଧାରଣଙ୍କ ସୁବିଧା ପାଇଁ ସହର ମଧ୍ୟରେ ଥିବା ବୁକିଂ କାଉଣ୍ଟରକୁ ରେଳ ଷ୍ଟେଶନକୁ ସ୍ଥାନାନ୍ତର ନ କରି ସେଠାରେ ଏକ ସ୍ୱତନ୍ତ୍ର ବୁକିଂ କାଉଣ୍ଟର ଖୋଲିବାକୁ ଦାବି ହେଉଛି। ସାମାଜିକ କର୍ମୀ ଗୋବିନ୍ଦ ମହାରଣା, ଜିଲା ଘରୋଇ ବସ ମାଲିକ ସଂଘର ସଭାପତି ବିଭୂତି ଭୂଷଣ ଦାସ, ଆଇନଜୀବୀ ପ୍ରଦୀପ ପୁରୋହିତ, ଚମ୍ପେଶ୍ୱର ଥନାପତି, ଗଦାଧର ନେଗୀ, କୈଳାଶ ଚନ୍ଦ୍ର ମହାପାତ୍ର, ସନ୍ତୋଷ ମେହେର, ଜିଲା ଠିକାଦାର ସଂଘ ସଭାପତି ଜୟମାଧବ ମିଶ୍ର, ସତ୍ୟନାରାୟଣ ସରାଫ, ଜିଲା ବ୍ୟବସାୟୀ ସଂଘ ସଭାପତି ରାମକୃଷ୍ଣ ମେହେର, ସମ୍ପାଦକ ବି ସତ୍ୟନାରାୟଣ ରାଓ, ଉପଦେଷ୍ଟା ଗୁଣନିଧି ମେହେର, ଜିଲା କ୍ରୀଡା ସଂଘ ସମ୍ପାଦକ ପିୟୁଷ ପଣ୍ଡା, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଜିଲା ଔଷଧ ବ୍ୟବସାୟୀ ସଂଘ ସଭାପତି ଉମେଶ ଚନ୍ଦ୍ର ସାହୁ, ସମ୍ପାଦକ ସତ୍ୟନାରାୟଣ ଦରୱାନ ପ୍ରମୁଖ ଏହି ଦାବି କରିଛନ୍ତି। ଏନେଇ ଏକ ସ୍ମାରକପତ୍ର ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓଙ୍କ ସମେତ ରେଳ ମନ୍ତ୍ରଣାଳୟର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି।

# ନିଆରା ଢଙ୍ଗରେ ଜନ୍ମଦିନ ପାଳନ



ଗ୍ରାମବାସୀ ଗୁଣନିଧି ମେହେରଙ୍କୁ ଉପହାର ପ୍ରଦାନ କରୁଛନ୍ତି।

ବାଉଁଶୁଣୀ,୧୭।୧୨(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ବଡଦିଆପଡାର ସମ୍ବଲପୁରୀ ବସ୍ତ୍ର ବ୍ୟବସାୟୀ ଗୁଣନିଧି ମେହେର ନିଜର ୪୬ତମ ଜନ୍ମ ଦିବସକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ମେହେର ଶନିବାର ଦିନ ବହିରା ପଞ୍ଚାୟତ ମନକାମନ ଗ୍ରାମରେ ପହଞ୍ଚି ୫୫ଜଣ ବୟସ୍କ ବୃଦ୍ଧାବୃଦ୍ଧଙ୍କୁ ଗୋଟିଏ ଲେଖାଏ କମ୍ବଳ ଦେବା ସହିତ ମିଷ୍ଟାନ୍ନ ଓ ଦକ୍ଷିଣା ପ୍ରଦାନ କରିଥିଲେ। ଏଥିରେ ତାଙ୍କ ସ୍ତ୍ରୀ ପଦ୍ମିନୀ ମେହେର, ଝିଅ ଖୁସି ଓ ବଡଭାଇ ରଘୁନାଥ ମେହେର ସହଯୋଗ କରିଥିଲେ। ଏହି ଅବସରରେ ମନକାମନ ଗ୍ରାମବାସୀ ଗୁଣନିଧି ଓ ତାଙ୍କ ସ୍ତ୍ରୀଙ୍କ ଅଙ୍କିତ ହୋଇଥିବା ଫଟୋଚିତ୍ରକୁ ଗୁଣନିଧିଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପ୍ରତିବର୍ଷ ମେହେର ନିଜର ଜନ୍ମଦିନକୁ ଅସହାୟ ବୃଦ୍ଧାବୃଦ୍ଧଙ୍କ ସହିତ ପାଳନ କରୁଥିବା ଦେଖିବାକୁ ମିଳୁଛି। ଏପରି ସେବା ମନୋଭାବକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ରାଜ୍ୟସ୍ତରୀୟ କବିତା ଆସର

## ପୁସ୍ତକ ଲୋକାର୍ପଣ





କବିତା ଆସରରେ ମଞ୍ଚାସୀନ ଅତିଥିବୃନ୍ଦ।

ସୋନପୁର,୧୭।୧୨(ମୃତ୍ୟୁଞ୍ଜୟ ଶତପଥୀ)

ଶବ୍ଦର ପରିଧି ଭିତରେ କବିତା ଯେ ବନ୍ଦୀ ତାହା ନୁହେଁ ବରଂ ସମାଜର ସଂସ୍କାର ପାଇଁ କବିତା କର୍ଣ୍ଣଧାର ପାଲଟେ ଓ କବିମାନେ ଯୋଦ୍ଧା ପାଲଟିଯାନ୍ତି ବୋଲି ବାଲେଶ୍ୱର ବ୍ୟାସକବି ସାହିତ୍ୟ ସଂସଦ ଆନୁକୂଲ୍ୟରେ ସୋନପୁରଠାରେ ଆୟୋଜିତ ରାଜ୍ୟସ୍ତରୀୟ କବିତା ଆସରରେ ମତପ୍ରକାଶ ପାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ସଭାନେତ୍ରୀଙ୍କ ସୋନପୁର ଆବାସିକ କାର୍ଯ୍ୟାଳୟରେ ମିଳିତ ଆୟୋଜନରେ ରବିବାର ଏହି କବିତା ଆସର ଅୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ କବି ଯତିନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉପ ଆରକ୍ଷୀ ଅଧୀକ୍ଷକ ଚନ୍ଦ୍ର ଶେଖର ଶବର, ମୁଖ୍ୟବକ୍ତା ଭାବରେ ଡ. ଅନିରୁଦ୍ଧ କୁରୁକୁରିଆ, ସମ୍ମାନିତ ଅତିଥି ଭାବେ ଅଦ୍ୱୈତ ପଣ୍ଡା, ଆର୍ତ୍ତତ୍ରାଣ ବାବୁ, ବ୍ୟାସ କବି ସାହିତ୍ୟ ସଂସଦର ସଂଗଠନ ସମ୍ପାଦକ ଜ୍ଞାନେନ୍ଦ୍ର ଭୋଇ, ତପନ କୁମାର ଦାଶ, ଉପ ସଭାପତି ଅନିତା ମେହେର, ବଭ୍ରୁବାହାନ ଭୋଇ ଓ ନୀଳକଣ୍ଠ ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କବି ଯତିନ୍ଦ୍ର ସ୍ୱାଇଁଙ୍କ ରଚିତ 'କ୍ଷତାକ୍ତ ଇନ୍ଦ୍ରଧନୁ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଆସରରେ କବି ଆର୍ତ୍ତତ୍ରାଣ ବାବୁ, ଡ. ଅନିରୁଦ୍ଧ କୁରକୁରିଆ, କବୟିତ୍ରୀ ରଞ୍ଜିତା ପଣ୍ଡା, ସ୍ୱର୍ଣ୍ଣପ୍ରଭା ମହାପାତ୍ର, ରାଧେଶ୍ୟାମ ମିଶ୍ର, ଅଖୋଜ ଷାଣ୍ଢ, ସତ୍ୟ ନାରାୟଣ ମଲ୍ଲିକ, ତପନ କୁମାର ଦାଶ, ଜ୍ଞାନେନ୍ଦ୍ର ଭୋଇ, ମୁକୁନ୍ଦ ଧରୁଆ, ମନୋରଞ୍ଜନ ନାଏକ. ଜ୍ୟୋତି ମିଶ୍ର, ପ୍ରକାଶ ପୁରୋହିତଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ଉପ ଆରକ୍ଷୀ ଅଧୀକ୍ଷକ ଚନ୍ଦ୍ର ଶେଖର ଶବରଙ୍କୁ ଅନୁଷ୍ଠାନ ତରଫରୁ ସାହିତ୍ୟ ସାରଥି ସମ୍ମାନ ୨୦୨୩ ପ୍ରଦାନ କରାଯାଇଥିଲା। ଆୟୋଜକଙ୍କ ତରଫରୁ ଉମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୧୫ରେ ମା' ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା

## ପୁରୀ ରାମଜୀ ମଠ ମହାରାଜଙ୍କ ଠାରୁ ଆସିଲା ଆଜ୍ଞାମାଳ

ବିନିକା,୧୭।୧୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ପୁରୁଣା ବସଷ୍ଟାଣ୍ଡ ଦୁର୍ଗାପୂଜା କମିଟି ତରଫରୁ ଦୀର୍ଘ ୫୨ ବର୍ଷ ଧରି ପ୍ରତିବର୍ଷ ସାର୍ବଜନୀନ ଦୁର୍ଗାପୂଜା ପାଳିତ ହୋଇଆସୁଛି। ଏହି ଦୁର୍ଗାପୂଜା କମିଟି ପୁରୁଣା ବସଷ୍ଟାଣ୍ଡଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରିଥିବା ବେଳେ ସେଠାରେ ମା' ଦୁର୍ଗତିନାଶିନୀ ପୂଜା ପାଇବେ। ଫଳରେ ଭକ୍ତମାନେ ଦୈନନ୍ଦିନ ମା'ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବାର ସୌଭାଗ୍ୟ ପାଇପାରିବେ।



ପୂଜା କମିଟି ସଭାପତି ସନ୍ତୋଷ କୁମାର ପଣ୍ଡାଙ୍କ ନେତୃତ୍ୱରେ କମିଟି ସଦସ୍ୟଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଅଞ୍ଚଳବାସୀଙ୍କ ସହଯୋଗ କ୍ରମେ ମା' ଶକ୍ତିରୂପାଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏଥିପାଇଁ ଶନିବାର କମିଟି ସଭାପତି ସନ୍ତୋଷ ପଣ୍ଡା, ସଦସ୍ୟ ରଞ୍ଜନ ମିଶ୍ର, ସୌମିତ୍ରୀ ପତି, ଅଶୋକ ପଣ୍ଡା,ନିରଞ୍ଜନ ପଣ୍ଡାଙ୍କ ସମେତ କର୍ମକର୍ତ୍ତା ମାନେ ପୁରୀ ରାମଜୀ ମଠର ମହନ୍ତଙ୍କ ଠାରୁ ଆଜ୍ଞାମାଳ ଆଣିଛନ୍ତି। ଆସନ୍ତା ଜାନୁୟାରୀ ୧୫ରୁ ୨୬ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ ପାଳନ କରାଯିବା ପାଇଁ ନିର୍ଦ୍ଧାରିତ ହୋଇଛି।

## କନ୍ଧମାଳ ସାମ୍ବାଦିକ ସଂଘର ବାର୍ଷିକୋତ୍ସବ

# ବିଭିନ୍ନ କ୍ଷେତ୍ରରେ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ଘଣ୍ଟାପଡ଼ା,୧୭।୧୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ମନମୁଣ୍ଡା ଖେଳପଡିଆଠାରେ କନ୍ଧମାଳ ସାମ୍ବାଦିକ ସଂଘ (ସାସକ)ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂଘ ସଭାପତି ସୁଶିଲ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ (ବବି), ଉତ୍କଳ ସାମ୍ବାଦିକ ସଂଘ ଫୁଲବାଣୀ ଶାଖା ସଭାପତି ସନ୍ତୋଷ ଦାସ, ବରିଷ୍ଠ ସାମ୍ବାଦିକ ରତନ ପଟ୍ଟନାୟକ ଓ ସଂଘ ସମ୍ପାଦକ ଜଗାନନ୍ଦ ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଭାଷାବିତ୍ ତଥା ଅବସରପ୍ରାପ୍ତ ଅଧ୍ୟାପକ ଭବାନୀ ଶଙ୍କର ରାଉତ ଯୋଗ ଦେଇଥିବା ବେଳେ ଶିକ୍ଷକ ଭାଗିରଥୀ କର୍ମୀ ମଞ୍ଚ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ, କଳା, ଶିକ୍ଷା, ସମାଜସେବା, କ୍ରୀଡା ଆଦି କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭାଙ୍କୁ ମଞ୍ଚରେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଫଳ ଚାଷୀ ଭାବେ ସୁଚରିତା ପ୍ରଧାନ, କୃତି ଛାତ୍ରୀ କ୍ରିଷ୍ଣା ମହାପାତ୍ର (ଗୋଲ୍ଡମେଡାଲିଷ୍ଟ, ପିଜି), ବିଶିଷ୍ଟ ଢୋଲ ବାଦକ ମେଘୁ ଢୁଙ୍ଗୁରିଆ, ରକ୍ତଦାତା ଦୀପକ ମେହେର, ପରିବେଶବିତ୍ ନୀଳାମ୍ବର ଖମାରୀ, କ୍ରୀଡା ସଂଗଠକ କୁନୁ ରାଜହଂସ, ବିଶିଷ୍ଟ ସଂଗଠକ ଆବୁ ବକର୍ ଖାଁ, ବରଗଡ ଧନୁଯାତ୍ରାରେ ସେନାପତି ଭୂମିକାରେ ଅଭିନୟ କରିଥିବା ବାଉଁଶୁଣୀ ଗ୍ରାମର କଳାକାର ସଂଗ୍ରାମ ଦେହୁରୀ, ସମ୍ବଲପୁରୀ ଗାୟକ ଶତ୍ରୁଘ୍ନ ଲୁହା ଓ ଗାୟିକା କୃଷ୍ଣ ମୁଖି ଭଳି ପ୍ରତିଭାଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ମହୁଲବାହାଲି ଗ୍ରାମ ମା' କଙ୍କାଳି ଡ୍ୟାନ୍ସ ଗ୍ରୁପର କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ସମ୍ବଲପୁରୀ ମେଲୋଡି ହୋଇଥିଲା।

# ତରଭା କୋଶଳ ସାହିତ୍ୟ ଏକାଡେମୀର ବଛରକିଆ ତିହାର

ତରଭା,୧୭।୧୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ କୋଶଲ ସାହିତ୍ୟ ଏକାଡେମୀର ବଛରକିଆ ତିହାର–୨୦୨୩ କୁମ୍ଭାରମୁଣ୍ଡା ନର୍ସରୀଠାରେ ପାଳିତ ହୋଇଯାଇଛି। କବି ଲୋକନାଥ ଦଳବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ସରପଞ୍ଚ ଦିଲୀପ କର୍ଣ୍ଣ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ କବି ସନ୍ତୋଷ କୁମାର ଦାଶ ଓ ବନମାଳୀ ପାଣ୍ଡେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରଥମ ଅଧିବେଶନରେ କୋସଲୀ ଭାଷା ସାହିତ୍ୟର ଭବିଷ୍ୟତ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କୋସଲୀ କବିତା ଆସରରେ ଲୋକକବି ଗରିବ ମଲ୍ଲିକ, ବ୍ୟଙ୍ଗକବି ସ୍ୱପ୍ନେଶ୍ୱର ମିଶ୍ର, କବି ବନମାଳୀ ପାଣ୍ଡେ, ପ୍ରଭାତ ଖମାରୀ, ସୁଦାମ ପୁଟେଲ, ଶଙ୍କର୍ଷଣ ବାଘ, ଚିରଞ୍ଜିବୀ ନାଏକ, ଶୁକଦେବ ସାହୁ, ପ୍ରଦ୍ୟୁମ୍ନ ମହାନ୍ତିଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଯୁବକବି ସଞ୍ଜୀବ ସେଠୀ, ସ୍ୱପ୍ନେଶ୍ୱର ମିଶ୍ର ଓ ପ୍ରଭାତ ଖମାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସାହିତ୍ୟିକ କନିଷ୍ଠ କିଶୋର ସାହୁ ସମୀକ୍ଷକ ଭାବେ କବିତାଗୁଡ଼ିକର ସମୀକ୍ଷା କରିଥିଲେ। ଏଥିରେ ପିଣ୍ଟୁ ସାହୁ, ମନୀଷ ସାହୁ, ଭୋଜରାଜ ରଣା, ଗୁପ୍ତେଶ୍ୱର ରଣା, ଅଜିତ ରଣା, ରାଜେଶ ରଣା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏକାଡେମୀ ସମ୍ପାଦକ ରାଜେନ୍ଦ୍ର କୁମାର ଝାଙ୍କର ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଏକାଡେମୀ ସଭାପତି ଦେବେନ୍ଦ୍ର କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପିତ



ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

ବରଗଡ଼,୧୭।୧୨(ପ୍ରେମାନନ୍ଦ ଖମାରୀ)

ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ବରଗଡ଼ ରାଣାପ୍ରତାପ ହାଇସ୍କୁଲ ପଡ଼ିଆରେ ଆସନ୍ତା ୨୩ରୁ ୨୫ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ବାର୍ଷିକୀ ପାଳନ ମହୋତ୍ସବ ଏବଂ ୨ଶହ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ରବିବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଛି। ଆର୍ଯ୍ୟ ସମାଜର ପଶ୍ଚିମ ଓଡ଼ିଶା ସଙ୍ଗଠନ ମନ୍ତ୍ରୀ ଧନୁର୍ଦ୍ଧର ମହାପାତ୍ର, ଅଧ୍ୟକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ୱାମୀ ସୋମବେଶ ସରସ୍ୱତୀ ଯୋଗଦାନ କରି ଶୁଭସ୍ତମ୍ଭ ସ୍ଥାପନ କରିଥିଲେ। ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ, ବ୍ରହ୍ମଚାରୀ ଗଣନାଥ ନୈଷ୍ଠିକ, ସୋମଦତ୍ତ ଶାସ୍ତ୍ରୀ, ଡା. ଯଦୁମଣି ନାଏକ, ପଣ୍ଡିତ ଦୀନମଣି ବାରିକ, ଆଚାର୍ଯ୍ୟ ଆରୁଣି, ସମ୍ପାଦକ ରାଜକୁମାର ବରାଡ଼, ଅଧ୍ୟାପକ ଅଶୋକ ମେହେର, କୋଷାଧ୍ୟକ୍ଷ ରମେଶ ଭୋଇ, ସୀତାରାମ ଆର୍ଯ୍ୟ, ଗୌର ନାଏକ, ରବିଶଙ୍କର ପ୍ରଧାନ, ସଦାଶିବ ସାହୁ, ଗୋପବନ୍ଧୁ ପୁରୋହିତ, ନନ୍ଦ କିଶୋର ଅଗ୍ରୱାଲ, ସୁନିଲ ଆର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଅଇଁଲାଚୁଆଁ ଓଡିଶା ଆଦର୍ଶ ବିଦ୍ୟାଳୟ

# କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଘଣ୍ଟାପଡ଼ା,୧୭।୧୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଅଇଁଲାଚୁଆଁ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅନନ୍ତ ଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ତଥା ଖେଳ ସଂଯୋଜକ ସହକାରୀ ଶିକ୍ଷକ ପଙ୍କଜ ମେହେରଙ୍କ ନେତୃତ୍ୱରେ ୨ ଦିନ ଧରି ଚାଲିଥିବା ଏହି କ୍ରୀଡା ପ୍ରତିଯୋଗିତାରେ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀର ଜୁନିୟର ବିଭାଗ ଓ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀର ସିନିୟର ବିଭାଗରୁ ମୋଟ ୩୨୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଳିକା ଓ ବାଳକ ଉଭୟ ବିଭାଗରେ ୧୦୦ମି., ୨୦୦ମି. ଦୌଡ଼, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ସର୍ଟପୁଟ ଥ୍ରୋ, ଡିସ୍କସ ଥ୍ରୋ, ବ୍ୟାଡମିଣ୍ଟନ, କ୍ରିକେଟ, ଭଲିବଲ ଆଦି ଖେଳ ପ୍ରତିଯୋଗିତା ହୋଇଥିଲା। ପରେ ଉଦ୍‌ଯାପନୀ ସଭାରେ ୪୬ଟି ବିଭାଗରେ ମୋଟ ୭୨ ଜଣ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମ ଦିବସରେ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟନ ପୂର୍ବରୁ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ଥାନୀୟ ଶିବମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ବାହାରି ଗ୍ରାମ୍ୟ ପରିକ୍ରମା କରିବା ପରେ କ୍ରୀଡା ମଣ୍ଡପରେ ମଶାଲ ସ୍ଥାପନ କରିଥିଲେ। ପରେ ବିଦ୍ୟାଳୟର ଅଧ୍ୟକ୍ଷ ଅନନ୍ତ ପ୍ରଧାନ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ସମସ୍ତ ସହକାରୀ ଶିକ୍ଷୟତ୍ରୀ ଶିକ୍ଷକ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଶିବିରରେ ୫୬୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବରଗଡ଼,୧୭।୧୨(ପ୍ରେମାନନ୍ଦ ଖମାରୀ)



ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ବରଗଡ଼ ବ୍ଲକ ଅନ୍ତର୍ଗତ କୁରୁଆଁ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ରବିବାର ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଁ ମାହେଶ୍ୱରୀ ସେନା, କୁରୁଆଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଏବଂ ବରଗଡ଼ର ସାଇ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଏହି ଶିବିର ହୋଇଥିଲା। ଉକ୍ତ ସ୍ୱାସ୍ଥ୍ୟ ଶିବିରକୁ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, କୁରୁଆଁ ପଞ୍ଚାୟତର ସରପଞ୍ଚ ପୁଷ୍ପାଞ୍ଜଳି କଲତା, ସାଇ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡା. ପ୍ରବୀଣ ଅଗ୍ରୱାଲ, ସମାଜସେବୀ ଜଗବନ୍ଧୁ କଲତା ପ୍ରମୁଖ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମାହେଶ୍ୱରୀ ସେନାର ସଦସ୍ୟ ଉପସ୍ଥିତ ଥିଲେ। ଡା. ରାଜେଶ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୫୬୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡା. ପାତ୍ରଙ୍କ ସମେତ ଡା. ପ୍ରବୀଣ ଅଗ୍ରୱାଲ, ଡା. ଅର୍ଚ୍ଚନା ଅଗ୍ରୱାଲ, ଡା. ଶ୍ରବଣ ଅଗ୍ରୱାଲ, ଡା. ରାକେଶ ଗୋୟଲ, ଡା. ଜେ. ନବୀନ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କ ପରାମର୍ଶ ଅନୁଯାୟୀ ରୋଗୀମାନଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ସାଇ ମଲ୍ଟି ହସ୍ପିଟାଲର କର୍ମଚାରୀଙ୍କ ସମେତ ସୁରେନ୍ଦ୍ର ମହାକୁର, ବୃନ୍ଦାବନ ମହାକୁର, ଜିତୁ କର୍ଣ୍ଣ, ଘନଶ୍ୟାମ କମ୍ପ, ଦିବସ ପ୍ରଧାନ, ସଞ୍ଜୀବ ଦେହେରୀ, ସଞ୍ଜୀବ ପାତ୍ର, ଦୀପକ ଦେହେରୀ, ଶୁଭେନ୍ଦୁ ମେଣ୍ଡଲି, ତୋଷବନ୍ତ ମାହାର, ଧନପତି କମ୍ପ, ଅଜୁ ଦେହେରୀ, ଲିଙ୍ଗରାଜ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଯୁବ ଓଡ଼ିଶା, ନବୀନ ଓଡ଼ିଶାର ଉଦ୍‌ଯାପନୀ ଉତ୍ସବ

ଅମରପାଲି,୧୭।୧୨(ପୀତାମ୍ବର ସାହୁ)





କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଭୁଡିଆପାଲି କଲେଜରେ ନୂଆ – ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କଲେଜର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିଲେ। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି, ମୁର୍ଷୁଣ୍ଡି ସରପଞ୍ଚ ମନୋଜ କୁମାର ସାହୁ ମୁଖ୍ୟବକ୍ତା ଏବଂ ବୀରମହାରାଜପୁର ଜୋନ –୨ ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ଧର୍ମଶାଳା ହାୟର ସେକେଣ୍ଡାରୀ ସ୍କୁଲର ଓଡ଼ିଆ ବିଭାଗର ଅଧ୍ୟାପକ ଡ.ପୁରୁଷୋତ୍ତମ ମିଶ୍ର, ଆଇନଜୀବୀ ଅଦ୍ୱୈତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ପରିଶ୍ରମୀ ହୋଇ ସଫଳତା ପାଇବାକୁ ଉତ୍ସାହିତ କରିଥିଲେ। ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ସେମାନେ ନିଜକୁ ସଫଳ କରି ଶୀର୍ଷ ସ୍ଥାନରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଉକ୍ତ କାର୍ଯ୍ୟକ୍ରମ ୧୫ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ରବିବାର ଏହାର ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ଏହି ସମୟ ମଧ୍ୟରେ କଲେଜ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏହାସହିତ କ୍ରୀଡ଼ା ଓ ଖେଳକୁଦ, ସାମାଜିକ ସଚେତନତା କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା, ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଫ୍ୟାଶନ ସୋ, ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ଏହାସହିତ ଖାଉଟି ସୁରକ୍ଷା ସମ୍ମାନ ହୋଇଥିଲା। ବିଭିନ୍ନ ଦିବସରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିମାନେ ଯୋଗଦେଇ ଛାତ୍ରୀ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଶେଫାଳି ପଣ୍ଡା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଶରତ କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଶୀତଳପଡାରୁ ଯୁବକଙ୍କ ମୃତଦେହ ଜବତ

**ରାଉରକେଲା,୧୭।୧୨(ଦିନେଶ ମିଶ୍ର)** ଉଦିତନଗର ଥାନା ଶୀତଳପଡା ଅଞ୍ଚଳରୁ ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି। ମୃତ ଯୁବକ ହେଲେ ଶିବଶଙ୍କର ରଜକ(୪୦)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୩) ରୁଜୁ କରିଛି। ସୂଚନା ଅନୁସାରେ, ଉଦିତନଗର ସ୍ଥିତ ଶୀତଳପଡା ଅଞ୍ଚଳର ଶିବଶଙ୍କର ଶନିବାର ବିଳମ୍ବିତ ରାତିରେ ଘରକୁ ନ ଆସି ଶୀତଳପଡା ବସ୍ତିର ପ୍ରବେଶ ପଥରେ ଥିବା ପାଚେରି ନିକଟରେ ଶୋଇପଡିଥିଲେ। ସକାଳ ହେବାରୁ ସ୍ଥାନୀୟ ବସ୍ତିବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ।

### ମଦ ଜବତ, ଜଣେ ଗିରଫ

**ବଡ଼ଗାଁ, ୧୭।୧୨( ଅଶୋକ ଷଡ଼ଙ୍ଗୀ)** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଗ୍ରାମରେ ଜଣେ ବ୍ୟକ୍ତି ନିଜ ଘରେ ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର କାର୍ତ୍ତିକ ବାଡା। ତାଙ୍କ ନିକଟରୁ ୫ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି।

### ଫାଇନାନ୍ସ କର୍ମଚାରୀଙ୍କୁ ଭୁଜାଲିରେ ଆକ୍ରମଣ

**ବଡ଼ଗାଁ,୧୭।୧୨(ଅଶୋକ ଷଡ଼ଙ୍ଗୀ)** ସୁନ୍ଦରଗଡ ଜିଲା ବଡ଼ଗାଁରେ ଥିବା ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀ ରବିବାର ସାନ୍ଧ୍ୟାରେ ଅଫିସ କାମରେ ଖୁଣ୍ଟମୁଣ୍ଡାକୁ ଯାଇ ସେଠାରୁ ବାଇକ୍ ଯୋଗେ ଫେରୁଥିବା ସମୟରେ ଚାବୁରି ଛକ ନିକଟରେ୨ ଯୁବକ ଭୁଜାଲିରେ ତାଙ୍କ ହାତକୁ ଆକ୍ରମଣ କରି ବ୍ୟାଗ୍ ଛଡ଼ାଇ ନେଇଥିଲେ। ବ୍ୟାଗରେ ଟଙ୍କା ନ ଥିବା ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଫାଇନାନ୍ସ କମ୍ପାନୀର ବଡ଼ଗାଁ ଶାଖା ପରିଚାଳକ ଦିଲ୍ଲୀପ କୁମାର ପାଲ ସନ୍ଧ୍ୟାରେ ଖୁଣ୍ଟମୁଣ୍ଡା ଗ୍ରାମରୁ କାମସାରି ବାଇକ୍‌ରେ ଫେରୁଥିବା ବେଳେ ତାଙ୍କୁ ଭୁଜାଲିରେ ଆକ୍ରମଣ କରି ୨ ଦୁର୍ବୃତ୍ତ ବ୍ୟାଗ୍ ଲୁଟି ନେଇଥିଲେ। ଆହତ କର୍ମଚାରୀଙ୍କୁ ବଡ଼ଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ ଡାକ୍ତରଖାନାକୁ ନିଆଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

### ଶିବିରରେ ୭୦ ଜଣଙ୍କ ଚକ୍ଷୁ ପରୀକ୍ଷା,ଚଷମା ବଣ୍ଟନ

**ବିଶ୍ରା,୧୭।୧୨( ବଟକୃଷ୍ଣ ସ୍ୱାଇଁ)** ବିଶ୍ରା ପଞ୍ଚାୟତ ପରିସରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଓ ସ୍କୁଲ ଅଫ୍ ପରାମେଡିଷ ଆଣ୍ଡ ହେଲଥ ସାଇସେନ୍ସର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଅଞ୍ଚଳର ୭୦ ଜଣ ବ୍ୟକ୍ତି ଚକ୍ଷୁ ପରୀକ୍ଷା କରି ମଗଣାରେ ଚଷମା ନେଇଥିଲେ। ଏହି ଶିବିରରେ ସେଞ୍ଚୁରୀଆନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ସହଯୋଗ କରିଥିଲେ।

### ଦିବ୍ୟାଙ୍ଗଙ୍କୁ ଖାଦ୍ୟ, ପୋଷାକ ବଣ୍ଟନ

**ବନ୍ଧମୁଣ୍ଡା,୧୭।୧୨(ସୁବ୍ରତ ଦେ)** ବନ୍ଧମୁଣ୍ଡାର ଡିଜେଲ କଲୋନୀ ସ୍ଥିତ ରାଜନନ୍ଦୀନୀ କାଳୀବାଡି କମିଟି ପକ୍ଷରୁ ରବିବାର ନର ସେବା ନାରାୟଣ ସେବା ଆୟୋଜିତ ହୋଇଥିଲା। ଏଥିରେ ମନ୍ଦିର କମିଟି ସଦସ୍ୟଙ୍କ ଦ୍ୱାରା ଅଞ୍ଚଳର ଗରିବ, ଅସହାୟ ତଥା ଭିନ୍ନକ୍ଷମଙ୍କୁ ଖାଦ୍ୟ ଏବଂ ମିଠା ବଣ୍ଟନ କରାଯାଇଥିଲା। ଭୋଜନରେ ପୋଷାକ ମଧ୍ୟ ପ୍ରଦାନ କରାଯାଇଥିଲା।

### କୂଅରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**କୁଆଁରମୁଣ୍ଡା,୧୭।୧୨(ମହେନ୍ଦ୍ର କୁମାର ସାହୁ)** ସୁନ୍ଦରଗଡ ଜିଲା ରାଏବୋଗା ଥାନା ଅନ୍ତର୍ଗତ କାଦୋବାହାଲ ଗ୍ରାମ ରାସ୍ତା ପାର୍ଶ୍ୱରେ ଥିବା ଏକ କୂଅରୁ ରବିବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି।ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୪୫ ବର୍ଷ ହେବ ବୋଲି ରାଏବୋଗା ଥାନାଧିକାରୀ କୃପା ବାଗ ସୂଚନା ଦେବା ସହ ଉକ୍ତ ବ୍ୟକ୍ତି ଜଣଙ୍କ ଅନ୍ୟ ଅଞ୍ଚଳର ଗୋଚାଲାଣକାରୀ ହୋଇଥିବା ନେଇ ସନ୍ଦେହ କରାଯାଉଛି ବୋଲି କହିଛନ୍ତି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ମୃତଦେହକୁ ମର୍ଗ ହାଉସରେ ରଖିଛି।

# ଗଦା ହୋଇଛି କୁଢ଼ କୁଢ଼ ଅଳିଆ

**ରାଉରକେଲା,୧୭।୧୨(ଦିନେଶ ମିଶ୍ର)** ରାଉରକେଲା ସହରରେ ସ୍ୱଚ୍ଛ ଭାରତ ମିଶନ ନିୟମ ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି। ସହରରେ ଏଭଳି କିଛି ସ୍ଥାନ ରହିଛି ଯେଉଁଠାରୁ ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ଅଳିଆ ଉଠାଯାଇନାହିଁ। ଏଭଳି ଦୃଶ୍ୟ ରାଉରକେଲା ସହରର ଡେଲିମାର୍କେଟ, ଲାଲ୍‌ବିଲ୍ଡିଂ ଗଳି, ମାଲଗୋଦାମ, ଉଦିତନଗର ଅଞ୍ଚଳରେ ଦେଖିବାକୁ ମିଳିଛି।

ରାଉରକେଲା ମାଲଗୋଦାମ ରେଳ ଫାଟକ ରାସ୍ତାକଡ଼ରେ ଦୀର୍ଘଦିନ ଧରି ଅଳିଆ ଗଦା ହୋଇଥିଲେ ମଧ୍ୟ କୌଣସି ସଫେଇ କର୍ମଚାରୀ ସେଠାକୁ ଯାଉନାହାନ୍ତି। ଫଳରେ ଉକ୍ତ ଅଞ୍ଚଳରେ ଗଦା ହୋଇଥିବା ଅଳିଆକୁ ବୁଲାପ୍ରାଣୀ ଖେଳେଇ ଦେଉଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏଠାରେ ଥିବା ଡଷ୍ଟବିନ୍ ଅଳିଆ ରାସ୍ତା ଉପରେ ପଡିଥିବାରୁ ଯାତାୟାତରେ ଅସୁବିଧା ହେଉଛି। ସେହିପରି ଡେଲିମାର୍କେଟ ପରିବା ଓ ମାଛ ଗଦି ଭିତରେ ବ୍ୟବସାୟୀ ଅଳିଆ ପକାଉଛନ୍ତି। ଉକ୍ତ ଅଞ୍ଚଳରେ ଅଳିଆ ଏଣେତେଣେ



ମାଲଗୋଦାମ ରେଳ ଫାଟକ ରାସ୍ତାକଡରେ ଅଳିଆ ଗଦା ହୋଇଛି।

ଖେଳାଇ ହୋଇ ପଡିଥିବାବେଳେ ମାର୍କେଟକୁ ଆସୁଥିବା ଗ୍ରାହକ ହଇରାଣ ହେଉଛନ୍ତି। ଉଦିତନଗର ସ୍ଥିତ ନିବେଦିତା ସ୍କୁଲ ନିକଟରେ କୌଣସି ଡଷ୍ଟବିନ ବ୍ୟବସ୍ଥା ନାହିଁ। ଫଳରେ ସେଠାକାର ସ୍ଥାନୀୟ ଲୋକେ ଖୋଲାସ୍ଥାନରେ ଅଳିଆ ଆବର୍ଜନା ପକାଉଛନ୍ତି। ଏହି ସ୍ଥାନକୁ ଦୁଇ ସପ୍ତାହ ଧରି କୌଣସି ସଫେଇ କର୍ମଚାରୀ ଆସି ନ ଥିବା ଅଭିଯୋଗ ହୋଇଛି। ଏହି ସ୍ଥାନର ଅଳିଆ ଉପରେ ପାଣି ପଡି ଗନ୍ଧ ହେଉଛି।

ସହରକୁ ସ୍ୱଚ୍ଛ ରଖିବା ପାଇଁ ଆରଏମ୍‌ସି ପକ୍ଷରୁ ବିଭିନ୍ନ ସମୟରେ ସ୍ୱଚ୍ଛତା ଅଭିଯାନ ଚାଲିଥିବାବେଳେ ଏଭଳି ରାସ୍ତାକଡରେ କୁଢ କୁଢ ଆବର୍ଜନା ଜମା ହୋଇଥିବାରୁ ଆରଏମ୍‌ସି ସଫେଇ କର୍ମଚାରୀଙ୍କ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାତି

## ରାଉରକେଲା ସହର

ପାହିଲେ ଆରଏମ୍‌ସି ପକ୍ଷରୁ ସଫେଇ କର୍ମଚାରୀମାନେ ସହରର ମୁଖ୍ୟ ରାସ୍ତା, ଗଳିକନ୍ଦି ବୁଲି ସଫା କରିବା ସହ ସଫେଇ ଗାଡିରେ ଅଳିଆ ଆବର୍ଜନାକୁ ନେଇ ଡଷ୍ଟବିନ ଷ୍ଟକିୟାର୍ଡରେ ପକାଇବା ନିୟମ ରହିଛି। କିନ୍ତୁ ସହରରେ ଏହି ନିୟମକୁ ପାଳନ କରାଯାଉନାହିଁ। ଫଳରେ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ସ୍ଥାନୀୟ ଆରଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ନେଇ ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ସହରକୁ ସ୍ୱଚ୍ଛ ରଖିବା ପାଇଁ ଆମେ ଏରିଆ ଅନୁଯାୟୀ ବିଭିନ୍ନ ଠିକା ସଂସ୍ଥାକୁ ଟେଣ୍ଡର ଦେଇଛୁ। ରବିବାର ଠିକାସଂସ୍ଥା କର୍ମଚାରୀମାନେ ଛୁଟିରେ ରହିଥିବାରୁ ଉକ୍ତ ଅଞ୍ଚଳରେ ସଫେଇ ହୋଇ ନ ଥିବ। ତଥାପି ଆସନ୍ତା ଦୁଇଦିନ ଭିତରେ ଉକ୍ତ ଅଞ୍ଚଳରୁ ତୁରନ୍ତ ଆବର୍ଜନା ସଫା କରିବା ପାଇଁ ଠିକାସଂସ୍ଥାକୁ କୁହାଯିବ ବୋଲି ଭୋଇ କହିଥିଲେ।

## ଟ୍ରକ୍‌କୁ ପିଟିଲା ବାଇକ୍, ଯୁବକ ମୃତ

**ବେଦବ୍ୟାସ,୧୭।୧୨(ଆଲୋକ ସ୍ୱାଇଁ)** ଟ୍ରକ୍‌କୁ ଦକ୍କା ଦେବାରୁ ରବିବାର ସନ୍ଧ୍ୟାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ଭାଲୁପତ୍ରାର ଆଶିଷ କିସପଟ୍ଟା(୧୯)। ସେ ନିଜ ପଲସର ବାଇକ୍‌ରେ ଘରକୁ ଯାଉଥିବା ବେଳେ ବେଲଡିହିଠାରେ ଏକ ଟ୍ରକକୁ ଧକ୍କା ଦେଇ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

## ଉସୁ ପ୍ରତିଯୋଗିତାରେ ଲିପ୍ସାଙ୍କୁ ସ୍ୱର୍ଣ୍ଣ

**ସୁନ୍ଦରଗଡ,୧୭।୧୨(ଜୟ ନାରାୟଣ ମେଣ୍ଡୁଲି)** ଜିଲା ସ୍ତରୀୟ ଉସୁ ପ୍ରତିଯୋଗିତା ଇଲେଭେନ ଷ୍ଟାର କ୍ଲବ, ସେକ୍ଟର -୧୪ ରାଉରକେଲାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଅନୁଷ୍ଠାନରୁ ବାଳିକା, ବାଳକ ଖେଳାଳୀ ଯୋଗଦେଇଛନ୍ତି। ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗୀମାଲରୁ ଲିପ୍ସା ଷଡ଼ଙ୍ଗୀ ସିନିୟର ମହିଳା ବର୍ଗରେ ଯୋଗଦେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେ ଆଗରୁ ଅନେକ ଥର ରାଜ୍ୟ ସ୍ତରୀୟ ଓ ଜାତୀୟ ସ୍ତରୀୟ




ପ୍ରତିଯୋଗିତାରେ ଭାଗ ନେଇ ସାରିଛନ୍ତି। ଲିପ୍ସାଙ୍କୁ ଜିଲା ଉସୁ ସଂଘ, ରାଜ୍ୟ ଉସୁ ସଂଘ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି।

## ମା' ବାପାଙ୍କୁ ସୁରକ୍ଷିତ ରଖିବା ସୁପୁତ୍ରର କର୍ତ୍ତବ୍ୟ

**ରାଉରକେଲା,୧୭।୧୨(ଦିନେଶ ମିଶ୍ର)** ଛେଣ୍ଡ ସ୍ଥିତ ରିମ୍ସ ଅଡିଟୋରିୟମ୍ ପ୍ରେକ୍ଷାଳୟରେ ସ୍ୱର୍ଗୀୟ ଜୟଲାଲ ଦାଶଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରବିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ଓଡିଶା ହାଇକୋର୍ଟର ବିଚାରପତି ଚିତ୍ତରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ମା' ବାପା ହେଉଛନ୍ତି ପ୍ରତ୍ୟେକ ପିଲାଙ୍କ ପାଇଁ ଭଗବାନ ସଦୃଶ। ତେଣୁ ସେମାନଙ୍କୁ ସୁରକ୍ଷା ବଳୟରେ ରଖିବା ହେଉଛି ପ୍ରତ୍ୟେକ ପିଲାଙ୍କ କର୍ତ୍ତବ୍ୟ ବୋଲି ଦାଶ ମତପ୍ରକାଶ କରିଥିଲେ। ସମ୍ବଲପୁର ଜିଏମ୍‌ୟୁର କୁଳପତି ପ୍ରଫେସର ଏନ୍. ନାଗରାଜୁ ସ୍ୱତନ୍ତ୍ର ଅତିଥି ଓ ଶିକ୍ଷାବିତ୍ ଡକ୍ଟର ମିନକେତନ ପାଠେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ଯୁବପିଢି ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ମା' ବାପାଙ୍କୁ ପରିଣତ ବୟସରେ ଜରା ନିବାସରେ ରଖୁଛନ୍ତି। ପିତୃତ୍ୱ ଦେବତୁଲ୍ୟ ସଦୃଶ। ତେଣୁ ଏଭଳି ଏକ କାର୍ଯ୍ୟକ୍ରମ ଆମ ସମାଜକୁ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ଦିଗ୍‌ଦର୍ଶନ ଦେଇଛି ବୋଲି ମୁଖ୍ୟବକ୍ତା ଟିଟିଲାଗଡ କଲେଜର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଛାୟାକାନ୍ତ ଷଡଙ୍ଗୀ କହିଥିଲେ। ଏହି ଅବସରରେ 'ବାପା ଏକ କଳ୍ପବଟ' ନାମରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସ୍ମରଣିକା ସମ୍ପାଦନା ମଣ୍ଡଳୀର ଡକ୍ଟର କିଶୋରୀ ଦାଶ, ଅକ୍ଷୟ କୁମାର ଦାଶ, ଡକ୍ଟର ଚନ୍ଦ୍ରକାନ୍ତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଉରକେଲା ସହରର ବରିଷ୍ଠ ନାଗରିକ, ସମାଜସେବୀ, ଲେଖକ, ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। ରାଜଗାଙ୍ଗପୁରର ସାମାଜିକ କର୍ମୀ ମଙ୍ଗଳା କିଷାନ, ମୋଚିରାମ, ବିଶିଷ୍ଟ ଶିକ୍ଷାବିତ୍ ହେମଲତା ତଳସରା, ଜୟନ୍ତୀ ତ୍ରିପାଠୀ, ଉଷସୀ ଗୁହ, ସମ୍ବଲପୁରର ସାମାଜିକ ଅନୁଷ୍ଠାନ ଉତ୍ସର୍ଗକୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ହୃଷୀକେଷ ରାୟ କଲେଜର ଅଧ୍ୟକ୍ଷ ପ୍ରଫେସର ଭବେଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା, ଡକ୍ଟର କିଶୋରୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୂର୍ଯ୍ୟନାରାୟଣ ଦାଶ, ଶରତ ଦାଶ, ଅଭିନାଶ ଦାଶ, ଗୋପାଳ ଦାଶ, ସ୍ନେହଲତା ନାୟକ, ନିରଞ୍ଜନ ସାମଲ, ମୀନାରାଣୀ ଜେନା ପ୍ରମୁଖ ସହଯୋଗ କରିଥିଲେ। ଅଜିତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଡମ୍ପର ଧକ୍କାରେ ବୁଲେଟ୍ ଚାଳକ ମୃତ

**ବିଶ୍ରା,୧୭।୧୨(ବଟକୃଷ୍ଣ ସ୍ୱାଇଁ)** ବିଶ୍ରା ବ୍ଲକ କୁକୁଡା ଗେଟରେ ଶନିବାର ରାତିରେ ଏକ ଡମ୍ପର ଧକ୍କାରେ ବୁଲେଟ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୁଡଗୁଡ ଜୋର୍ ଗ୍ରାମର ହାପିସ୍ କମର ଉଦ୍ଦିନୀ ଆନସାରୀ(୩୨)। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ରୋକ କରିଥିଲେ। ପୋଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ରୋକୋ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତି ୯ଟାରେ କୁକୁଡା ଗେଟ୍ ବନ୍ଦ ପଡିଥିବାରୁ କମର ଉଦ୍ଦିନୀ ଗାଡି ଅଟକାଇଥିଲା। ଏହି ସମୟରେ ଦ୍ରୁତି ଗତିରେ ଆସୁଥିବା ଡମ୍ପର ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣା ସ୍ଥଳରେ କମର ଉଦ୍ଦିନୀଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଡମ୍ପର ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## କୁମ୍ଭକାର ସମାଜର ବାର୍ଷିକୋତ୍ସବ



ହନୁମାନବାଟିକାରେ ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ରାଉରକେଲା,୧୭।୧୨(ସଙ୍ଗୀତା ଜେନା)** ହନୁମାନ ବାଟିକା ପରିସରରେ ଶ୍ରୀ ଶ୍ରୀ ନାରାୟଣ ରୁଦ୍ରପାଳ ଓ ମାତା ରତ୍ନେଶ୍ୱରୀ ମନ୍ଦିରରେ କୁମ୍ଭକାର ସମାଜ ପକ୍ଷରୁ କୁରାଳ ପଞ୍ଚମୀ ଅବସରରେ ୨୬ତମ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଛି। ମନ୍ଦିରର ପୁରୋହିତ ଉଦୟ ପାଣ୍ଡେ ଓ ଗିରୀଶ ପଣ୍ଡା ଘଟ ସ୍ଥାପନ କରିବା ସହ ପୂଜାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବସନ୍ତ ବେହେରା, ଜାନକୀ ବେହେରା କର୍ତ୍ତା ଥିଲେ। ରାଉରକେଲା ଏବଂ ଆଖପାଖର ଗୋଲଘର, ବାସନ୍ତୀ କଲୋନି, ଛେଣ୍ଡ କଳିଙ୍ଗ ବିହାର, ଲେବରଟେନାମେଣ୍ଟ, ବନ୍ଧମୁଣ୍ଡା କୁମ୍ଭାରପଡ଼ା, ଲାଠିକଟା, ପାୱାର ହାଉସ, ଦକ୍ଷିଣ ରାଉରକେଲା ସମେତ ବିଭିନ୍ନ ଅଞ୍ଚଳରୁ ଶହସ୍ରାଧିକ ଭକ୍ତ ଯୋଗ ଦେଇଥିଲେ। ସେକ୍ଟର-୬ ଶନିଶ୍ଚର ସଂକୀର୍ତ୍ତନ ମଣ୍ଡଳୀର ଦୁଃଶାସନ ବାରିକ ଓ ସଞ୍ଜୟ ସାହାଣୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହି ଅବସରରେ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ମନ୍ଦିର ସଂସ୍ଥାପିକା ନମିତା ବେହେରା ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଚକ୍ରଧର ମୁଦୁଲି, ରାଜେଶ ବେହେରା, ସନାତନ ବେହେରା, ଦେବାନନ୍ଦ ବେହେରା, ପଞ୍ଚାନନ ବେହେରା, ଦିଲୀପ ମୁଦୁଲିଙ୍କ ସମେତ ସମ୍ମାନିତ ଅତିଥି ଭାବେ ସୁଦାମ ଦାସ, ବିନୟ ବେହେରା, ଅଶୋକ ମୁଦୁଲି, ସୂର୍ଯ୍ୟକାନ୍ତ ବେହେରା, ସାଗର ବେହେରା, ପ୍ରଦୀପ ରାନା, ସିଦ୍ଧେଶ୍ୱର ରଣା, ମୀନତି ବେହେରା, ବିଭୂତି ପରିଡ଼ା, ଦୁବେଶ୍ୱର ରଣା, ପ୍ରଭାକର ବେହେରା, ପର୍ଶୁରାମ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ସମର୍ପିତ ଭାବନା ଦ୍ୱାରା ବ୍ୟକ୍ତିର ଆତ୍ମଜ୍ଞାନ ଜାଗ୍ରତ ହୁଏ

**କୁଆଁରମୁଣ୍ଡା,୧୭।୧୨(ମହେନ୍ଦ୍ର କୁମାର ସାହୁ)** ସମର୍ପିତଭାବନା ଦ୍ୱାରା ଜଣେ ବ୍ୟକ୍ତିର ଆତ୍ମଜ୍ଞାନ ଜାଗ୍ରତ ହୋଇଥାଏ। ଏଥିଯୋଗୁ ବ୍ୟକ୍ତିର ମନରୁ ଗର୍ବ, ଅହଙ୍କାର, ଅବୁବେକିତା ଇତ୍ୟାଦି ଦୂର ହୋଇଥାଏ। ଫଳରେ ଉକ୍ତ ବ୍ୟକ୍ତି ଦାନ, ଧର୍ମ, କ୍ଷମା ମାଧ୍ୟମରେ ସମାଜର ହିତସାଧନରେ ସହାୟକ ହୋଇପାରିବ ବୋଲି ରବିବାର ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ କୁଆଁରମୁଣ୍ଡା ଶାଖାର ୧୦ମ ବାର୍ଷିକ ପୂର୍ତ୍ତି କାର୍ଯ୍ୟକ୍ରମରେ ଗୀତାଜ୍ଞାନ ଦ୍ୱାରା ଜୀବନ ପରିବର୍ତ୍ତନ ଶୀର୍ଷକ ଆଲୋଚନାରେ ମଧ୍ୟପ୍ରଦେଶର ଆସିଥିବା ବିକେ ଗୀତା ଦିଦି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ ରଖିଥିଲେ। ସମ୍ମାନିତ ଅତିଥିଭାବେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ତଥା ବରିଷ୍ଠ ବିଜେଡି ନେତା




ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୧୦ମ ବାର୍ଷିକ ପୂର୍ତ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରାଜେନ୍ଦ୍ର କୁଜୁର,ସାମାଜିକ କର୍ମୀ ଉଦୟ ଚନ୍ଦ୍ର ପାତ୍ର, ଜିଲା ବ୍ରହ୍ମକୁମାରି ଇଶ୍ୱରୀୟ ବିଦ୍ୟାଳୟ ମୁଖ୍ୟ ବିକେ ବିମଳା ଦିଦି ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶାଖାର ନୂତନ ଭୂମିପୂଜନ କାର୍ଯ୍ୟ ଅତିଥିଙ୍କ ଦ୍ୱାରା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବବି ଦିଦି ପରିଚାଳନା କରିଥିଲେ। ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ବ୍ରହ୍ମା ଭୋଜନ ସେବନ କରିଥିଲେ। ଶାଖା ସଂସ୍ଥାପକ ରାଜୁ ତିୱାରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କୁଆଁରମୁଣ୍ଡା ଶାଖା ମୁଖ୍ୟ ସୁମନ ଦିଦି ଧନ୍ୟବାଦ ଅର୍ପଣ କରିଥିଲେ।

## ସୁନ୍ଦରଗଡ଼ ଜିଲା ବିଏମ୍‌ଏସ୍‌ର ବାର୍ଷିକ ସମ୍ମିଳନୀ

**ରାଉରକେଲା,୧୭।୧୨(ସଙ୍ଗୀତା ଜେନା)** ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ସୁନ୍ଦରଗଡ଼ ଜିଲାର ୭୮ତମ ବାର୍ଷିକୋତ୍ସବ ରବିବାର ସେକ୍ଟର-୪ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଜିଲା ଅଧ୍ୟକ୍ଷ ଅମର ଜସୱାଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଥିଲା। ସଂଘର କେନ୍ଦ୍ରୀୟ ସମ୍ପାଦିକା ସୁଶ୍ରୀ ଅଞ୍ଜଳି ପଟେଲ ମୁଖ୍ୟ ଅତିଥି, ରାଜ୍ୟ ସମ୍ପାଦକ ହିମାଂଶୁ ବଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ସଞ୍ଜୟ ଶତପଥୀ ବାର୍ଷିକ ବିବରଣୀ ଏବଂ କୋଷାଧ୍ୟକ୍ଷ ଅମର ଭୂୟାଁ ଆୟବ୍ୟୟ ବିବରଣୀ ପାଠ କରିଥିଲେ। ପରେ ଅଧ୍ୟକ୍ଷ ଭାବେ ଅମର ଜସୱାଲ, ଉପସଭାପତି ମନୋଜ ଜସୱାଲ, ବିଜୟ ରାୟ, ପୃଥୀରାଜ ପାତ୍ର, ସମ୍ପାଦକ ଭାବେ ସଞ୍ଜୟ ଶତପଥୀ, ସହ ସମ୍ପାଦକ ଭାବେ ଧାନିଆଁ କିସପଟା, ସୁନନ୍ଦା ନାଥ, ସୁରେନ୍ଦ୍ର କଂସାରୀ, କୋଷାଧ୍ୟକ୍ଷ ଭାବେ ଅମର ଭୂୟାଁଙ୍କୁ ମନୋନୀତ କରାଯାଇଥିଲା।



କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଚୁଟିଆଟୋଲି ନିକଟସ୍ଥ ଚାଷ ଜମିରେ କାରଖାନାର ବିଷାକ୍ତ କଠିନ ବର୍ଜ୍ୟ ଗଦା ହୋଇଛି।

## ଗୁରୁନାନକ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ଉଦ୍‌ଯାପିତ



ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ରାଉରକେଲା,୧୭।୧୨(ଦିନେଶ ମିଶ୍ର)** ରାଉରକେଲା ସେକ୍ଟର-୨୧ ନୟାବଜାର ସ୍ଥିତ ଗୁରୁନାନକ ପବ୍ଲିକ ସ୍କୁଲର ୧୮ତମ ବାର୍ଷିକୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର ମନଭିନ କୌର ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟର ନର୍ସରୀରୁ ଏକାଦଶ ପର୍ଯ୍ୟନ୍ତ ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଇଣ୍ଡିଆନ୍ ଆଇଡେଲ୍‌ରେ ୫ମ ସ୍ଥାନର ରହି ସାରା ଭାରତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ଆରାଧ୍ୟା ପଣ୍ଡା ଓ ତାଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସିବିଏସ୍‌ସି କ୍ଲଷ୍ଟରସ୍ତରୀୟ ଜାତୀୟ କବାଡି ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ବିଦ୍ୟାଳୟର କବାଡି ଟିମ୍‌ର ୧୦ ଜଣ ଖେଳାଳିଙ୍କୁ ସମ୍ମାନିତ କରାଯାଇଥିଲା। ପରେ ନାରୀ ସଶକ୍ତୀକରଣ, ରାଣୀ ଲକ୍ଷ୍ମୀବାଈ, କନ୍ୟା ସନ୍ତାନର ସୁରକ୍ଷା ଆଦି ନାଟକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏଥିସହ ବିଦ୍ୟାର୍ଥୀଙ୍କ ପକ୍ଷରୁ ସମ୍ବଲପୁରୀ, ଭାଙ୍ଗଡା, ଓଡିଶୀ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ବର୍ଷକରେ ଗଲାଣି ୫ ଜୀବନ

**ରାଉରକେଲା, ୧୭।୧୨(ସଙ୍ଗୀତା ଜେନା)** ରାଉରକେଲା ସମେତ ଆଖପାଖ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ଓଡିଶା ସୀମାନ୍ତରେ ଥିବା ଯୋଗୁ ସହର ନିକଟକୁ ଝାଡଖଣ୍ଡରୁ ହାତୀପଲ ଚାଲିଆସୁଛନ୍ତି। ଏହି ହାତୀପଲ ବର୍ଷତମାମ ଏହି ଅଞ୍ଚଳରେ ରହୁଛନ୍ତି। ଫଳରେ ଲୋକଙ୍କ ଆଖିରୁ ନିଦ ହଜିଯାଇଛି। ବିଶ୍ରା, ନୂଆଗାଁ, ହାତୀବାରି, ଲାଠିକଟା, ବିରମିତ୍ରପୁର, ରାଜଗାଙ୍ଗପୁର ସମେତ ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ୨୦୨୩ରେ ବର୍ତ୍ତମାନ ସୁଦ୍ଧା ୫ଜଣଙ୍କ ପ୍ରାଣହାନି ହୋଇଥିବା ବେଳେ ହଜାର ହଜାର ହେକ୍ଟର ଜମି ଓ ଫସଲ ନଷ୍ଟ ହୋଇଛି। ବନ ବିଭାଗ ଓଡ଼ିଶାରୁ ହାତୀମାନଙ୍କୁ ଝାଡ଼ଖଣ୍ଡ ଘଉଡାଇ ଦିଆଯାଉଥିବା ବେଳେ ଝାଡଖଣ୍ଡ ପାର୍ଶ୍ୱରୁ ମଧ୍ୟ ଅନୁରୂପ କାର୍ଯ୍ୟ କରାଯାଉଛି ବୋଲି ପ୍ରଭାବିତ ଲୋକେ ଅଭିଯୋଗ କରିଛନ୍ତି।

### ସୀମାନ୍ତ ଅଞ୍ଚଳରେ ହାତୀ ଉପଦ୍ରବ

ପ୍ରବଳ ଥଣ୍ଡା ଓ କୁହୁଡ଼ି ଯୋଗୁ ପ୍ରାୟ ୨ ଦିନ ହେଲା ଗୋଟିଏ ଦନ୍ତା, ୨ ମାଇ ଓ ୨ ଶିଶୁ ସମେତ ୫ ଜଣିଆ ଝାଡ଼ଖଣ୍ଡ ହାତୀପଲ ନୂଆଗାଁ ବ୍ଲକ ନଦୀପାର୍ଶ୍ୱରେ ଡେରା ପକାଇଥିବା କୁହାଯାଉଛି। କୁହୁଡ଼ି ଓ ପ୍ରବଳ ଥଣ୍ଡା ଯୋଗୁ ଅନ୍ଧାରର ସୁଯୋଗ ନେଇ ଏହି ହାତୀପଲ ରାତିରେ କ୍ଷେତରୁ ଫସଲ ଖାଇ ପୁଣି ଭୋରରୁ କୋଏଲ ନଦୀ ଅତିକ୍ରମ କରି ଝାଡ଼ଖଣ୍ଡ ସୀମାବର୍ତ୍ତୀ ଗ୍ରାମ ଜଙ୍ଗଲକୁ ଚାଲିଯାଉଛନ୍ତି। ଏଥିରେ ବ୍ୟାପକ ଧାନ ଓ ପରିବା ଫସଲହାନି ହେଉଛି। ନୂଆଗାଁ ବ୍ଲକର ଲୁକୁମ୍‌ବେଡ଼ା, ବଡ଼ଜଜା, କର୍କଟନାଶା ଓ ପକେରମା ଆଦି ପଞ୍ଚାୟତର କୁନ୍ଦୁରୁଗେଟୁ, ପାଇନ୍ଦା, ତାବଜା, ଖରିଜୋର ଓ ପଟବ ଆଦି ଗ୍ରାମଗୁଡ଼ିକ ହାତୀ ଉପଦ୍ରବରେ ପ୍ରଭାବିତ ହେଉଥିବା ସ୍ଥାନୀୟ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ପ୍ରକାଶ ମହାନ୍ତ କହିଛନ୍ତି, ବେଦବ୍ୟାସ, ଲାଠିକଟା ଅଞ୍ଚଳରେ ଅବାଧରେ ହାତୀପଲ ବୁଲିବା ସହ ଲୋକଙ୍କ ଜୀବନହାନି କରୁଛନ୍ତି। ରାଉରକେଲା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲୋକମାନେ ଆଦୌ ସୁରକ୍ଷିତ ମନେ କରୁନାହାନ୍ତି ବୋଲି ସେ କହିଥିଲେ। କିଛିଦିନ ତଳେ ବ୍ରାହ୍ମଣୀତରଙ୍ଗ ବେଦବ୍ୟାସ, କେନାଲ ରୋଡ ଅଞ୍ଚଳରେ ଏକ ଦନ୍ତା ହାତୀ ଜନବହୁଳ କଲୋନୀରେ ପଶିଥିଲା। ଅନୁରୂପ ଭାବେ ନଭେମ୍ବର ମାସରେ ପାନପୋଷ ଫରେଷ୍ଟ ରେଞ୍ଜ୍ ଲାଠିକଟା ଅଞ୍ଚଳରେ ହାତୀମାନଙ୍କ ବିଚରଣ ଯୋଗୁ ସେମାନଙ୍କୁ ସୁରକ୍ଷା ଦେବା ଲାଗି ସୁଇଡ଼ିହି, କନରସୁଆଁ, ମନକୋ, ଡଲାକୁଦର, ଏରଗେଡ଼ା ଆଦି ଅଞ୍ଚଳରେ ରାତିରେ ବିଦ୍ୟୁତ୍ ଯୋଗାଣ ବନ୍ଦ କରାଯାଇଥିଲା। ଅନ୍ୟ ଏକ ଘଟଣାକ୍ରମରେ ବଡ଼ଦଳକି ଟିକିଡ଼ିଚୁଙ୍ଗି ଗ୍ରାମର ଜଣେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିଲେ।

ଏ ସମ୍ପର୍କରେ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କୁ ପଚାରିବାରୁ ସେ କହିଲେ, ଝାଡଖଣ୍ଡ ହାତୀପଲ ଅନ୍ଧାର ଓ କୁହୁଡ଼ିର ସୁଯୋଗ ନେଇ ସୀମାନ୍ତ ଗ୍ରାମକୁ ଆସି ଫସଲ ଖାଇ ପୁଣି ସୀମା ଆରପଟକୁ ଚାଲିଯାଉଛନ୍ତି। ଜଙ୍ଗଲ ହ୍ରାସ ଓ ଖାଦ୍ୟ ପାନୀୟ ଅନ୍ୱେଷଣରେ ହାତୀପଲ ସହରମୁହାଁ ହେଉଛନ୍ତି। ଲୋକଙ୍କ ସୁରକ୍ଷା ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର, ମୋବାଇଲରେ ସନ୍ଦେଶ ପ୍ରେରଣ, ହାତୀ ପଶିଲେ ଟର୍ଚ୍ଚ ଦେଖାଇ ରାସ୍ତା କଢ଼ାଇ ନେବା ଓ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଚଳିତ ବର୍ଷ ୫ ଜଣଙ୍କ ପ୍ରାଣହାନି ବାବଦରେ ୧୬ ଲକ୍ଷ ଟଙ୍କା କ୍ଷତିଭରଣା ସହ ୫ ଆହତଙ୍କୁ ୪୫ ହଜାର ଟଙ୍କା, ଘରଭାଙ୍ଗିବା ଯୋଗୁ ପ୍ରାୟ ୧୦ ଲକ୍ଷ ଟଙ୍କା ଓ ଫସଲହାନି ବାବଦରେ ୭ଲକ୍ଷ ୨୩ ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି ସେଠୀ ସୂଚନା ଦେଇଥିଲେ।

# କର୍ମୀ, ନେତାଙ୍କ ବିରୋଧରେ ମହିଳା ସଭାନେତ୍ରୀଙ୍କ ଥାନାରେ ଏତଲା

## ଆସୁଛନ୍ତି କଂଗ୍ରେସର ତଦନ୍ତକାରୀ କମିଟି

ସମ୍ବଲପୁର,୧୭ ।୧୨ (ଭବାନୀ ଶଙ୍କର ଭୋଇ)

ସାରା ଦେଶରେ କଂଗ୍ରେସ ଦଳ ଶାସନକୁ ଆସିବା ପାଇଁ ସଂଘର୍ଷ କରୁଥିବା ବେଳେ ସମ୍ବଲପୁରରେ ସଙ୍ଗଠନ ଭିତରେ ନେତାଙ୍କ ଲଢେଇ ଚର୍ଚ୍ଚାର ବିଷୟ ପାଲଟିଛି। ଜିଲାରେ କଂଗ୍ରେସ ଶାସକ ବିଜେଡି ଏବଂ ମୁଖ୍ୟ ବିରୋଧୀ ଭାଜପା ବିରୋଧରେ ଲଢିବା ବଦଳରେ ନିଜ ଦଳ ଭିତରେ ଅର୍ନ୍ତଦ୍ୱନ୍ଦ ଯୋଗୁ ପରସ୍ପର ବିରୋଧରେ ଲଢେଇ ବ୍ୟକ୍ତଗତ ସ୍ତରକୁ ପହଞ୍ଚି ଯାଇଛି। କଂଗ୍ରେସର ସଙ୍ଗଠନ ମଜବୁତ କରିବା ପାଇଁ ଆଖିଦୃଶିଆ କାର୍ଯ୍ୟକ୍ରମ କରାଯାଉ ନ ଥିବାବେଳେ ନେତାମାନେ ପରସ୍ପର ବିରୋଧରେ ପ୍ରଚାର ଚଳାଇ ଥିବା ଦେଖିବାକୁ ମିଳୁଛି। ଶନିବାର ସନ୍ଧ୍ୟାରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସୁତପା ମିତ୍ରଙ୍କୁ ନିଜ ଦଳର କର୍ମୀମାନେ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ନେଇ ଟାଉନ ଥାନାରେ ଏତଲା ଦେଇଛନ୍ତି। କଂଗ୍ରେସ ନେତ୍ରୀ ମୀନାକ୍ଷୀ ରାଉତ, ନିଖିତ ପରବିନ୍, ବିଜୟଲକ୍ଷ୍ମୀ ବେହେରା ଏବଂ ମୀନାକ୍ଷୀଙ୍କ ସ୍ୱାମୀ ମନଜିତ ଭୋଳ ବିରୋଧରେ ସେ ଅଭିଯୋଗ ଆଣିଛନ୍ତି। ଏହାସହ କଂଗ୍ରେସ ନେତା ଅମିତ ଗୁରୁ ଓ ପୂର୍ବତନ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ନାଁରେ ମଧ୍ୟ ସେ ଅଭିଯୋଗ କରିଛନ୍ତି । ସୁତପାଙ୍କ ଅଭିଯୋଗକୁ ଅଶ୍ୱିନୀ ଗୁରୁ ଖଣ୍ଡନ କରି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଏହା ରାଜନୈତିକ ଅଭିସନ୍ଧିମୂଳକ ବୋଲି କହିଛନ୍ତି। ତେବେ ଘଟଣା ଯାହା ହେଉନା କାହିଁକି ଦଳ ଭିତରେ ଥିବା ଅର୍ନ୍ତଦ୍ୱନ୍ଦ ଥାନାକୁ ପହଞ୍ଚି ରାସ୍ତାରେ ଆଲୋଚନା ହେବା ଯୋଗୁ କଂଗ୍ରେସର ସଙ୍ଗଠନ କିଭଳି ଚାଲିଛି ତାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏବିଷୟରେ ମିନାକ୍ଷୀ ରାଉତଙ୍କୁ ପଚରାଯିବାରୁ ସେ ଜିଲା ସଭାପତି ସୁତପାଙ୍କ ନାମରେ ଗୁରୁତର ଅଭିଯୋଗ ଆଣିବା ସହ ଜିଲା ସଭାପତିଙ୍କୁ ସବୁ ବିଷୟ ଅବଗତ କରିଥିବା କହିଛନ୍ତି । ପୂର୍ବତନ ବିଧାୟକ ଓ ୩ ଜଣ ମହିଳା କର୍ମୀଙ୍କ ନାଁରେ ଥାନାରେ ଅଭିଯୋଗ ପହଞ୍ଚି ଯାଉଛି ହେଲେ ଦଳର ଜିଲା ସଭାପତି ରାଜେନ୍ଦ୍ର ଛତ୍ରିଆ ଘଟଣା ବିଷୟରେ ଜାଣିବା ପରେବି ଦଳ ଭିତରେ ସମାଧାନ କରିପାରୁ ନାହାନ୍ତି। ତେବେ ଜିଲା ସଭାପତି ଘଟଣା ବିଷୟରେ ରାଜ୍ୟ ନେତୃତ୍ୱଙ୍କୁ ଅବଗତ କରାଯାଇଥିବା ଏବଂ ଦଳ ଭିତରେ ଏହାର ସମାଧାନ କରାଯିବ ବୋଲି କହିଛନ୍ତି । ସୋମବାର ଏନେଇ ରାଜ୍ୟ କଂଗ୍ରେସ ପ୍ରତିନିଧି ତଦନ୍ତ କରିବା ପାଇଁ ପହଞ୍ଚୁଥିବା ଜଣାପଡିଛି । ଗତ କିଛି ମାସ ହେଲା ସମ୍ବଲପୁର ଜିଲା କଂଗ୍ରେସରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ସମ୍ବଲପୁରର ସ୍ଥିତିକୁ ନେଇ ରାଜ୍ୟର କଂଗ୍ରେସ ନେତୃତ୍ୱ କଣ ପଦକ୍ଷେପ ନେବେ ତାହା ଦେଖିବାକୁ ବାକି ରହିଲା।

# ଦିଲ୍ଲୀ କର୍ତ୍ତବ୍ୟ ପଥରେ ପରିବେଷଣ ହେବ ସମ୍ବଲପୁରୀ ନୃତ୍ୟ

ସମ୍ବଲପୁର,୧୭।୧୨(ବି.ଶଙ୍କର)

ଆସନ୍ତା ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ରାଜଧାନୀ ଦିଲ୍ଲୀ କର୍ତ୍ତବ୍ୟ ପଥରେ ସମ୍ବଲପୁରୀ ନୃତ୍ୟ ପରିବେଷଣ ହେବ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଓ ସଙ୍ଗୀତ ନାଟକ ଏକାଡ଼େମୀ ପକ୍ଷରୁ ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ ଆର୍ଟ ସେଣ୍ଟରର ୧୦ଜଣ କଳାକାରଙ୍କୁ ମନୋନୀତ କରାଯାଇଛି। ଏଥିପାଇଁ କଳାକାରମାନେ ରବିବାର ସମ୍ବଲପୁର କଚେରି-ଜେଲଛକ ରାସ୍ତାରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳରୁ କଳାକାରମାନେ ସମବେତ ହୋଇ ୧୦ଜଣ କଳାକାର ଓ ନୃତ୍ୟ ଗୁରୁ ଆଲୋକ କୁମାର ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ୧୦ଜଣ କଳାକାରଙ୍କ ମଧ୍ୟରେ କରିସ୍ମା ବେହେରା, ରିତା ବେହେରା, ତୁମକି ନାହାକ, ଲକ୍ଷ୍ମୀପ୍ରିୟା ଭୋଇ, ଜ୍ୟୋତିରାଣୀ ପଟ୍ଟନାୟକ, ସ୍ୱପ୍ନାରାଣୀ ବହିଦାର, ଅନିତା ମିର୍ଦ୍ଧା, ଲିପ୍ସାରାଣୀ ଗୌଡ, ସ୍ନେହମଞ୍ଜରୀ ବେହେରା, ବବିତା କଚ୍ଛପ ରହିଛନ୍ତି। ଏନେଇ ନୃତ୍ୟଗୁରୁ ଆଲୋକ ପଣ୍ଡା କହିଛନ୍ତି ଯେ, ଚଳିତ ମାସ ୨୪ ତାରିଖରେ କଳାକାରମାନେ



ସମ୍ବଲପୁର ଟ୍ରାଇବାଲ ଫୋକ୍ ଆଣ୍ଡ ଆର୍ଟ ସେଣ୍ଟରର କଳାକାରମାନେ କଚେରି ରୋଡଠାରେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ଦିଲ୍ଲୀ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ୨୬ରେ ନାମପଞ୍ଜୀକରଣ କରି ୨୭ରୁ ନୃତ୍ୟ ଅଭ୍ୟାସ କରିବେ। କର୍ତ୍ତବ୍ୟ ପଥରେ ମାତ୍ର ୩ ମିନିଟ ସମ୍ବଲପୁରୀ ନୃତ୍ୟ ପରିବେଷଣ ହେବ। ଏହି ତିନି ମିନିଟରେ ସମ୍ବଲପୁରର ଭାଷା, ସଂସ୍କୃତି, ପରମ୍ପରା ପ୍ରଦର୍ଶନ କରାଯିବ । ସେହିପରି ଏହି ସମାରୋହରେ ଅଂଶଗ୍ରହଣ କରିଥିବା ଅନ୍ୟ ଦଳର କଳାକାରମାନଙ୍କୁ ନେଇ ଫ୍ୟୁଜନ ପ୍ରସ୍ତୁତ ହେବାକୁ ସ୍ଥିର ହୋଇଛି। ରାଜ୍ୟ ଓ ସମ୍ବଲପୁର ସକାଶେ ଗର୍ବ ଓ ଗୌରବ ବୋଲି ନୃତ୍ୟଗୁରୁ ଆଲୋକ କହିଛନ୍ତି।

# ବରିଷ୍ଠ ନାଗରିକ ପରିଷଦର ମୁଖପତ୍ର ଉନ୍ମୋଚିତ

ସମ୍ବଲପୁର,୧୭।୧୨(ପ୍ରମୋଦ ବହିଦାର)

ଧନକଉଡ଼ା ବରିଷ୍ଠ ନାଗରିକ ପରିଷଦର ମୁଖପତ୍ର-୨୦୨୩ ରବିବାର ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ନାଗରିକ ପରିଷଦର ଧନକଉଡ଼ାସ୍ଥିତ ନିଜସ୍ୱ ଭବନରେ ପରିଷଦ ସଭାପତି ଗିରିଜା ଶଙ୍କର ଶର୍ମାଙ୍କ ଅଧ୍ୟକ୍ଷତାରେ ମୁଖପତ୍ର-୨୦୨୩ ଉନ୍ମୋଚନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଫେସର ଗୁଣସାଗର ଦାସ ଯୋଗଦେଇ ଛାତ୍ର ଜୀବନରୁ ଆଜି ପର୍ଯ୍ୟନ୍ତ ସେ ରଚନା କରିଥିବା କବିତା ସଙ୍କଳନ ସହିତ ପୁସ୍ତକ 'ଭୂମିରୁ ଭୂମାକୁ' ନେଇ ନିଜର ସାରସ୍ୱତ ସାଧନା ଉପରେ ଆଲୋପାତ କରିଥିଲେ। ପ୍ରଫେସର ଶର୍ମା ତାଙ୍କ ସଭାପତିତ୍ୱ ଅଭିଭାଷଣରେ ମଣିଷ ଜୀବନରେ ସାହିତ୍ୟର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ମର୍ମରେ ସେ ଲେଖନୀ ମାଧ୍ୟମରେ ମାନବ ସମାଜର କିପରି ମଙ୍ଗଳ ସାଧିତ ହେବ ସେନେଇ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ସଭ୍ୟ ରାମାନୁଜ ପଣ୍ଡା ସଭାପତି ଶର୍ମାଙ୍କୁ ତାଙ୍କର ସ୍ୱରଚିତ 'ମହାପୁରୁଷ ସ୍ମରଣେ' ଓ 'ଓଡ଼ିଶା ଗୌରବ ଚନ୍ଦ୍ର ଶେଖର ବେହେରା' ନାମକ ଦୁଇଟି ପୁସ୍ତକ ପ୍ରଦାନ କରିଥିଲେ। ସମ୍ପାଦକ ଅଭିମନ୍ୟୁ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଉପ ସଭାପତି ଅରୁଣ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ସମ୍ବଲପୁର,୧୭।୧୨(ବି.ଶଙ୍କର)

ପ୍ରଜ୍ଞାନ ମିଶନ ସମ୍ବଲପୁର ଶାଖା ପକ୍ଷରୁ ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ରବିବାର ଧନୁପାଲି ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ସଂଯୋଜକ ଡ. ଦୁଃଶାସନ ବିଶ୍ୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଧନୁପାଲି ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବିଭୁପ୍ରସାଦ ମହାପାତ୍ରଙ୍କ ପରିଚାଳନାରେ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ବିଚାରକ ଭାବରେ ଶ୍ୟାମସୁନ୍ଦର ପଣ୍ଡା, ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଂସ୍କୃତ ବିଭାଗର ଅଧ୍ୟାପିକା ଦେବସ୍ମିତା ନାୟକ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପକ ଦୀପକ ସାହୁ, ଛାତ୍ର ବିବେକାନନ୍ଦ ସେଠି, ବଳଭଦ୍ର କର୍ଣ୍ଣ ପ୍ରତିଯୋଗିତାରେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ୧୨ଜଣ ଛାତ୍ରୀଛାତ୍ର ଷଷ୍ଠ ଶ୍ରେଣୀରୁ ସ୍ନାତକୋତର ଶ୍ରେଣୀ ପର୍ଯ୍ୟନ୍ତ ଅଂଶଗ୍ରହଣ କରିଥିଲେ । ୪ଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା। 'କ' ବର୍ଗରେ ଆଦ୍ୟାଶା ସାହୁ ପ୍ରଥମ, 'ଖ'ରେ ଅର୍ଚ୍ଚିତା ଶତପଥୀ ପ୍ରଥମ, ଅର୍ପିତା ଶତପଥି ଦ୍ୱିତୀୟ ଓ ଯସିତା ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି 'ଗ'ରେ ପ୍ରଜ୍ଞାନ ଭାରତୀ ପଣ୍ଡା ପ୍ରଥମ ସ୍ଥାନ, ଈଷୀତା ରଥ ଦ୍ୱିତୀୟ ସ୍ଥାନରେ ରହିଥିଲେ। 'ଘ' ବର୍ଗରେ ଝିଲ୍ମିରାଣୀ ସାହୁ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗତାରେ ଭାଗନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ସମ୍ବଲପୁର ଶାଖାର ଡ. ଦୁଃଶାସନ ସୂଚିତ କରିଛନ୍ତି।



ଗୀତା ଆବୃତି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଅତିଥିଙ୍କ ସହ।

# ମନ୍ଦିରରେ ସୀତା ରାମଙ୍କ ବିବାହ

ସମ୍ବଲପୁର,୧୭।୧୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବୃନ୍ଦହିଲ ରାମ ମନ୍ଦିରରେ ରାମ ଓ ମାତା ସୀତାଙ୍କ ବିବାହ ଉତ୍ସବ ପାରମ୍ପରିକ ରୀତିନୀତିରେ ସମ୍ପନ୍ନ ହୋଇଯାଇଛି। ଦୀର୍ଘ ୨୭ବର୍ଷ ହେବ ବୃନ୍ଦହିଲସ୍ଥିତ ରାମ ମନ୍ଦିରରେ ଏଭଳି ଶ୍ରୀରାମ ଓ ମାତା ସୀତାଙ୍କ ବିବାହ ଉତ୍ସବ ଆୟୋଜିତ ହୋଇ ସହରରେ ଭକ୍ତି ଏବଂ ଆକର୍ଷଣ କେନ୍ଦ୍ର ହୋଇପାରିଛି। ରବିବାର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଅନୁଷ୍ଠିତ ପ୍ରଭୂରାମ ଏବଂ ମାତା ସୀତାଙ୍କ ବିବାହ ଉତ୍ସବରେ ଭାଗ୍ୟଲକ୍ଷ୍ମୀ ସରାଫ ଏବଂ ଦେବେନ୍ଦ୍ର ନାଥ ସରାଫ ମାତା ସୀତାଙ୍କ ମାତାପିତା ଭାବେ ଦାୟିତ୍ୱ ଗ୍ରହଣ କରି କନ୍ୟାଦାନ କରିଥିଲେ। ବିବାହ ପାଇଁ ସକାଳ ୧୦ଟାରେ ସାକ୍ଷୀପଡା କୁରେଟୁଲାର ଶ୍ରୀରାମଙ୍କର ମାତାପିତା ଭାବେ ଦାୟିତ୍ୱ ତୁଲାଉଥିବା ବାଣୀ ବେହେରା ଏବଂ ରାଜେଶ ବେହେରାଙ୍କ ବାସଭବନରୁ ବରଯାତ୍ରା ବାହାରି ବୃନ୍ଦହିଲ ମନ୍ଦିରରେ ପହଞ୍ଚିଥିଲେ। ବର ବେଶରେ ପ୍ରଭୂ ଶ୍ରୀରାମଚନ୍ଦ୍ର ଥିଲେ। ଦୁଲଦୁଲି ବାଜା ସହ ବରଯାତ୍ରୀ ଭାବେ ପଡାବାସୀ ସାମିଲ ହୋଇଥିଲେ। ମନ୍ଦିରକୁ ପହଞ୍ଚିବା ପରେ କନ୍ୟା ମାତାପିତା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହା ପରେ ମନ୍ଦିର ପ୍ରାଙ୍ଗଣରେ ତିଆରି ହୋଇଥିବା ବିବାହ ବେଦିରେ ବୈଦିକ ରୀତିନୀତିରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇ ଦିନ ୨ ଟା ୧୫ରେ ହସ୍ତଗଣ୍ଠି ପଡିଥିଲା। ପଣ୍ଡିତ ବ୍ୟାସଦେବ ପଣ୍ଡା ବିବାହ କାର୍ଯ୍ୟରେ ପୌରହିତ୍ୟ କରିଥିବାବେଳେ ସନ୍ତୋଷ ଦାସ ଏବଂ ରମେଶ ଦାସ ସହଯୋଗ କରିଥିଲେ। ଏହି ଅବସରରେ ବଲାଙ୍ଗୀର



ବୃନ୍ଦହିଲ ରାମମନ୍ଦିରରେ ଶ୍ରୀରାମଚନ୍ଦ୍ର ଏବଂ ମାତା ସୀତାଙ୍କ ବିବାହ।

- ପ୍ରଶାସନିକ କଟକଣା ଯୋଗୁ ଶୋଭାଯାତ୍ରା ହେଲାନି
- ମନ୍ଦିର ପରିସରରେ ଯୁଗଳ ମୂର୍ତ୍ତି ଦର୍ଶନ କଲେ ଶ୍ରଦ୍ଧାଳୁ

ବାଘମୁଣ୍ଡାରୁ ଆସିଥିବା ରାମାୟଣ ଦଳ ପକ୍ଷରୁ ସୁରେନ୍ଦ୍ର କୁମାର ତ୍ରିପାଠୀଙ୍କ ଦ୍ୱାରା ସମ୍ବଲପୁରୀ ରାମାୟଣ କଥା ପରିବେଷଣ କରାଯାଇଥିଲା। ମନ୍ଦିର ପରିସରରେ ଶ୍ରୀରାମ ଓ ମାତା ସୀତାଙ୍କ ବିବାହ କାର୍ଯ୍ୟକ୍ରମକୁ ଆଡମ୍ବର ସହ ଆୟୋଜନ କରିବା ପାଇଁ ମନ୍ଦିର କମିଟି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ପରମ୍ପରା ଅନୁସାରେ ପ୍ରତିବର୍ଷ ବିବାହ ପରେ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଯୁଗଳ ଦର୍ଶନ ପରମ୍ପରା ରହିଥିବାବେଳେ ଚଳିତବର୍ଷ ପାଇଁ ପ୍ରଶାସନ ପକ୍ଷରୁ କଟକଣା ରହିଥିବାରୁ ମନ୍ଦିର କମିଟି ଶୋଭାଯାତ୍ରାର ଆୟୋଜନ କରି ନ ଥିଲା। ମନ୍ଦିର ପରିସରରେ ଭକ୍ତମାନଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ବହୁସଂଖ୍ୟାରେ ବିବାହ ଉତ୍ସବ ଦେଖିବା ପାଇଁ ପହଞ୍ଚିଥିବା ଭକ୍ତ ମନ୍ଦିର ପରିସରରେ ଯୁଗଳଦର୍ଶନ କରିଥିଲେ। ମନ୍ଦିର କମିଟିର ସଭାପତି ଦୁର୍ଗାମାଧବ ମିଶ୍ର, ସମ୍ପାଦକ ରାଜୀବ ଶତପଥୀ, ସହସମ୍ପାଦକ ସଞ୍ଜିବ ପାତ୍ରୀ, ଅନନ୍ତ ମହାନ୍ତି, କ୍ଷୀରୋଦ ବେହେରା, ମୁରାରୀ ଶତପଥୀ,ବସନ୍ତ ମହାରଣା, ଉମାକାନ୍ତ ସାହୁ, ସଞ୍ଜୟ ଡାଲୁଆ ପ୍ରମୁଖ ବିବାହ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ ୧ର ବାର୍ଷିକ ଉତ୍ସବ

ସମ୍ବଲପୁର,୧୭।୧୨(ପ୍ରମୋଦ ବହିଦାର)

ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ-୧ର ୫୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ପ୍ରଦୀପ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଏନ୍‌ଏଲ୍‌ସିର ନିର୍ବାହୀ ନିର୍ଦ୍ଦେଶକ ଏନ୍ ଫ୍ରଙ୍କଲିନ୍ ଜୟକୁମାର ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର ସାହୁ ଓ ପୱନ ନୌଟିୟାଲ ସଞ୍ଚାଳନ କରିଥିଲେ।

# ସିଦ୍ଧେଶ୍ୱରୀ ଧର୍ମ ସଂସଦର ମୁଖପତ୍ର ସିଦ୍ଧିପ୍ରଜ୍ଞା ଉନ୍ମୋଚିତ

ସମ୍ବଲପୁର,୧୭।୧୨(ବି.ଶଙ୍କର)

ରାଜବୈଦ୍ୟ ସ୍ମୃତି ସମିତି ଓ ସିଦ୍ଧେଶ୍ୱରୀ ଧର୍ମ ସଂସଦର ମିଳିତ ଆୟୋଜନରେ ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀଙ୍କ ୩୯୮ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ମୋଦିପଡା ପାଣିଟାଙ୍କି ପରିସରସ୍ଥ ଜୀବନ କ୍ଲବରେ ସମିତିର ସଭାପତି ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ରଘୁନାଥ ମିଶ୍ର ସଭାରେ ସଭାପତିତ୍ୱ କରିଥିଲେ। ଜୟନ୍ତୀ ସଭାରେ ଡାକ୍ତର ଦିଗାମ୍ବର ନାୟକ ମୁଖ୍ୟ ଅତିଥି, ଡାକ୍ତର ପ୍ରଭୁଦତ୍ତ ପ୍ରମୋଦ କୁମାର ମିଶ୍ର ମୁଖ୍ୟ ବକ୍ତା, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଓ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀଙ୍କ ତୈଳଚିତ୍ରରେ ପୁଷ୍ପମାଳ ଦେଇ ପୂଜାର୍ଚ୍ଚନା କରିବାପରେ ସିଦ୍ଧେଶ୍ୱରୀ ଧର୍ମ ସଂସଦର ସଭାପତି ଗୋପୀନାଥ ଷଡ଼ଙ୍ଗୀ ପ୍ରାରମ୍ଭିକ ଗୀତ ଗାୟନ ଓ ବିଶିଷ୍ଟ ପାଲା ଗାୟକ ଲକ୍ଷ୍ମଣ ପଟେଲ ଭଜନ ଗାନ କରିଥିଲେ । ଏହି ଅବସରରେ ବିଶିଷ୍ଟ ବୈଦ୍ୟ ବିଷ୍ଣୁ ପ୍ରସାଦ ପଟେଲଙ୍କୁ ଚିକିତ୍ସା ମଞ୍ଜରୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂର୍ବରୁ ସିଦ୍ଧେଶ୍ୱରୀ ଧର୍ମ ସଂସଦର ମୁଖପତ୍ର ସିଦ୍ଧିପ୍ରଜ୍ଞା ୨୦୦୩-୨୪କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହାପରେ ରାଜବୈଦ୍ୟ ସ୍ମୃତି ସମିତିର ସମ୍ପାଦକ ଜନ୍ମେଜୟ ବାବୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରାଜବୈଦ୍ୟ ଗୋପୀନାଥଙ୍କ ସ୍ଥାୟୀ ସ୍ମୃତି ସଂରକ୍ଷଣ ଓ ଅନନ୍ୟ କୃତି ଚିକିତ୍ସା ମଞ୍ଜରୀ ବୈଦ୍ୟ ଗ୍ରନ୍ଥର ପ୍ରକାଶନ ଓ ବହୁଳ ପ୍ରସାରଣ ପାଇଁ ସାମୂହିକ ପ୍ରଚେଷ୍ଟା ଆବଶ୍ୟକ ଅଟେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବିଭୂତି ଭୂଷଣ ମିଶ୍ର ପରିଚାଳନା ଓ ସବିତା ମିଶ୍ର ସଂଯୋଜନା କରିଥିଲେ। ଏଥିରେ ୨୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସିଦ୍ଧେଶ୍ୱରୀ ଧର୍ମ ସଂସଦର ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କାନଭାସ୍‌ରେ ଲୋକ ସଂସ୍କୃତି, ପରମ୍ପରାର ଝଲକ



ବୀରସୁରେନ୍ଦ୍ର ସାଏ ଇଣ୍ଡୋର ଷ୍ଟାଡିୟମରେ ମେଗା ଚିତ୍ରକଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ସମ୍ବଲପୁର,୧୭।୧୨(ବି.ଶଙ୍କର)

## ସମ୍ବଲପୁର ଲୋକ ମହୋତ୍ସବ ଉପଲକ୍ଷେ ମେଗା ଚିତ୍ରକଳା କର୍ମଶାଳା

ସମ୍ବଲପୁର ଲୋକ ମହୋତ୍ସବ-୨୦୨୪ ଉପଲକ୍ଷେ ମେଗା ଚିତ୍ରକଳା ପ୍ରଦର୍ଶନୀ ରବିବାର ବୀରସୁରେନ୍ଦ୍ର ସାଏ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ସପ୍ତରଙ୍ଗର ମିଶ୍ରଣ ଓ ସୂକ୍ଷ୍ମ ତୂଳୀର ସ୍ପର୍ଶରେ ଜୀବନ୍ତ ହୋଇ ଉଠିଥିଲା କାନଭାସ୍। ଚିତ୍ରଶିଳ୍ପୀମାନେ ଭାନଭାସ୍‌ରେ ଲୋକ ସଂସ୍କୃତି ଓ ପରମ୍ପରାକୁ ଜୀବନ୍ତ ଭାବେ ଆଙ୍କିଥିଲେ। ପ୍ରକୃତ ପକ୍ଷେ ଲୋକ ସଂସ୍କୃତି ଓ ପରମ୍ପରା ଝଲକ କାନଭାସଗୁଡିକରେ ଦେଖିବାକୁ ମିଳିଥିଲା। ଆବାହକ ଶିଶିର କରଙ୍କ ନେତୃତ୍ୱରେ ଚିତ୍ରକଳା କର୍ମଶାଳା ହୋଇଥିଲା। ମହାନଗର ନିଗମ କମିଶନର ବେଦଭୂଷଣ, ଆଇପିଏସ୍ ଅଧିକାରୀ କୁଲଦୀପ ମିନା ଓ ରାହୁଲ ଗୋଏଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନବୀଣ ଓ ପ୍ରବୀଣ ଚିତ୍ରଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ସହ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଲୋକ ମହୋତ୍ସବର ମୁଖ୍ୟ ସଂଯୋଜକ ଭୋଳାଶଙ୍କର ମହନ୍ତମ, ସହ ସଂଯୋଜକ ଅନୁପ ତରିଆ, ବିଭିନ୍ନ ଉପସମିତିର ଆବାହକମାନେ ଉପସ୍ଥିତ ଥିଲେ। କେଜିରୁ ବିଶ୍ୱବିଦ୍ୟାଳୟସ୍ତର ଯାଏ ୧ହଜାର ୧ଶହ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସେ ନୋ ଟୁ ପ୍ଲାଷ୍ଟିକ, ସ୍ୱଚ୍ଛ ସମ୍ବଲପୁର ସୁସ୍ଥ ସମ୍ବଲପୁର, ଶୌଚାଳୟ ବ୍ୟବହାର, ପଶ୍ଚିମ ଓଡ଼ିଶାର କଳା ଓ ସଂସ୍କୃତି, ବିୟୁଟି ଅଫ ଲୋକ ମହୋତ୍ସବ ଆଦି ବିଷୟ ରହିଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ୩ଶହ ଚିତ୍ରକଳା ଲୋକ ମହୋତ୍ସବ ପ୍ରଦର୍ଶନୀରେ ସ୍ଥାନିତ ହେବ ବୋଲି ଆବାହକ ଶିଶିର କହିଛନ୍ତି। ସହଆବାହକ ଦେବାଶିଷ ପ୍ରଧାନ, ସଞ୍ଜୟ ସାହୁ, ବନ୍ଦନା ପଣ୍ଡା, ସୁଜାତା ବେହେରା, ନିବେଦିତା ଦାଶ, ସୁବ୍ରତ ନାଥ, ଅପୂର୍ବ ମେହେର, ଶିବ ମେହେର ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

# ଏକାଗ୍ରତା ହିଁ ସୁସ୍ଥ ଗଣମାଧ୍ୟମର ଚାବିକାଠି

ସମ୍ବଲପୁର,୧୭।୧୨(ପ୍ରମୋଦ ବହିଦାର)

ଖବର ପରିବେଷଣ ବର୍ତ୍ତମାନ ଏକ ଆହ୍ୱାନରେ ପରିଣତ ହୋଇଛି। ପ୍ରକୃତ ତଥ୍ୟଭିତ୍ତିକ ସତ୍ୟ ଖବର ପରିବେଷଣ ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରିବାକୁ ପଡ଼ିଥାଏ। ତେଣୁ ସମାନେ ଚାପର ବଶବର୍ତ୍ତି ହେବା ସ୍ୱାଭାବିକ। ଯଦ୍ୱାରା ସାମ୍ବାଦିକର ଏକାଗ୍ରତା ଭଙ୍ଗ ହୋଇ ଭୁଲ ଖବର ପ୍ରକାଶିତ ହେବାର ସମ୍ଭାବନ ରହିଛି। ତେବେ ଏହାର ଏକମାତ୍ର ସମାଧାନ ହେଉଛି ଧ୍ୟାନ। ଧ୍ୟାନ ଦ୍ୱାରା ଜଣେ ସାମ୍ବାଦିକ ନିଜର ଆନ୍ତରିକ ଏକଗ୍ରତାକୁ ସଶକ୍ତ କରି ଚାପମୁକ୍ତ ହୋଇପାରିବ ବୋଲି କହିଥିଲେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର ଜାତୀୟ ପ୍ରବକ୍ତା ଓ ଗଣମାଧ୍ୟମ ସଂଯୋଜକ ରାଜଯୋଗୀ ବ୍ରହ୍ମକୁମାର ସୁଶାନ୍ତ। ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗଣମାଧ୍ୟମ ଶାଖା ପକ୍ଷରୁ ଆୟୋଜିତ 'ପେଶାଗତ ସାମ୍ବାଦିକତାର ସଫଳତାରେ ଧ୍ୟାନର ଭୂମିକା'(ମେଡିଟେସନ: କି ଟୁ ସକ୍ସେସ୍ ଇନ୍ ମିଡିଆ ପ୍ରଫେସନ୍) ଶୀର୍ଷକ ଏକ ଆଲୋଚନାଚକ୍ରରେ ସେ ଏହା କହିଛନ୍ତି। ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମ୍ବଲପୁର ଦାନୀବନ୍ଧସ୍ଥିତ ପଶ୍ଚିମ ଓଡ଼ିଶା ଉପକେନ୍ଦ୍ରରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସମ୍ବଲପୁର



ଆଲୋଚନାଚକ୍ରର ଉଦ୍‌ଘାଟନୀ ମୁହୂର୍ତ୍ତ।

## 'ପେଶାଗତ ସାମ୍ବାଦିକତାର ସଫଳତାରେ ଧ୍ୟାନର ଭୂମିକା' ଶୀର୍ଷକ ଆଲୋଚନାଚକ୍ର

ଅତିରିକ୍ତ ଜିଲାପାଳ ପ୍ରଦୀପ କୁମର ସାହୁ ମୁଖ୍ୟଅତିଥି, ହେମନ୍ତ କୁମାର ମହାପାତ୍ର, ଦୂରଦର୍ଶନ ଓ ଆକାଶବାଣୀ ସମ୍ବଲପୁର କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ସାହୁ ସାମାଜିକ ଦାୟିତ୍ୱବୋଧତା ଓ ପେଶାଦାର ମନୋଭାବର ସମନ୍ୱୟରେ ସତ୍ୟନିଷ୍ଠ ଖବର ପ୍ରକାଶନ ହିଁ ପ୍ରକୃତ ସାମ୍ବାଦିକତା ବୋଲି କହିଥିଲେ। ବ୍ରହ୍ମକୁମାରୀ ପଶ୍ଚିମ ଓଡ଼ିଶା ନିର୍ଦ୍ଦେଶିକା ତଥା ଆଞ୍ଚଳିକ ମୁଖ୍ୟ ରାଜଯୋଗିନୀ ଭଉଣୀ ପାର୍ବତୀ ବିଶ୍ୱକଲ୍ୟାଣରେ ସାମ୍ବାଦିକଙ୍କ ଭୂମିକା ଅତୁଳନୀୟ। ତେଣୁ ସେମାନଙ୍କ ଆଦର୍ଶ ଜୀବନ ଗଠନ ପାଇଁ ନିଜ ବ୍ୟସ୍ତ ବହୁଳ ଦିନଚର୍ଯ୍ୟା ମଧ୍ୟରୁ କିଛି ସମୟ ବାହାର କରି ଧ୍ୟାନ କରିବାକୁ ସେ ସାମ୍ବାଦିକମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଦୀପା ଅତିଥିଙ୍କ ସ୍ୱାଗତ ସହିତ ଉପସ୍ଥିତ ଭଦ୍ରମଣ୍ଡଳୀଙ୍କୁ ଧ୍ୟାନ କରାଇଥିଲେ। ସେହପରି ଆରାଧ ଓ ଆରାଧ୍ୟା ଚିତ୍ତାକର୍ଷକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ବ୍ରହ୍ମକୁମାରୀ ପକ୍ଷରୁ ଅତିଥିମାନଙ୍କୁ ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ନିମନ୍ତ୍ରିତ ଅତିଥିଭାବେ ଅର୍ଜୁନ ରଞ୍ଜନ ପଣ୍ଡା, ଶିବ ପ୍ରସାଦ ମେହେର, ଦୂରଦର୍ଶନ ସଞ୍ଚାର କାର୍ଯ୍ୟକ୍ରମ ମୁଖ୍ୟ ମନମୋଜନ ପାଢ଼ୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମକୁମାରୀ ଆରତୀ ସଞ୍ଚାଳନ କରିଥିବାବେଳେ ଶେଷରେ ବ୍ରହ୍ମକୁମାର ରୁପେଶ ଗୋୟଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ସତ୍ୟଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆମ୍‌ୱେ ଇଣ୍ଡିଆର ନୂତନ ଉତ୍ପାଦ

**ଭୁବନେଶ୍ୱର,୧୭।୧୨**

ଆମ୍‌ୱେ ଇଣ୍ଡିଆର ନୂତନ ଉତ୍ପାଦ 'ଅଲ ନ୍ୟୁ ଗ୍ଲିଷ୍ଟର ମଲ୍‌ଟି ଆକ୍ସନ ଟୁଥ୍‌ପେଷ୍ଟ' ନିକଟରେ ସର୍ବଭାରତୀୟ ସ୍ତରରେ ଶୁଭାରମ୍ଭ ହୋଇଯାଇଛି।

ଏ ସମ୍ପର୍କରେ ଆମ୍‌ୱେ ଇଣ୍ଡିଆର ସିଏମଓ ଅଜୟ ଖାନ୍ନା କହିଥିଲେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ୯୫%ରୁ ଅଧିକ ଭାରତୀୟ ବୟସ୍କ ନାଗରିକ ଦନ୍ତ କ୍ଷୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହି ସମୟରେ ୫୦%ରୁ ଅଧିକ ମାଢିଜନିତ ସମସ୍ୟା, ଦାନ୍ତର ସମ୍ବେଦନଶୀଳତା ଏବଂ ନିଃଶ୍ୱାସରେ ଦୁର୍ଗନ୍ଧ ଆଦି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଆମେ ଏକ ପୂର୍ଣ୍ଣାଙ୍ଗ କଲ୍ୟାଣକୁ ବର୍ଦ୍ଧିତ ଭାବେ ରୂପାନ୍ତରିତ ହେଉଥିବାବେଳେ ଆମ୍‌ୱେର ଅନ୍ୟତମ ସର୍ବାଧିକ ବିକ୍ରି ହେଉଥିବା ବ୍ରାଣ୍ଡ ଗ୍ଲିଷ୍ଟର ବିଶ୍ୱବ୍ୟାପୀ ନିୟୁତ ନିୟୁତ ଗ୍ରାହକଙ୍କର ବିଶ୍ୱାସଭାଜନ ହୋଇଛି ଏବଂ ମୁଖ ଗହ୍ୱର ଯତ୍ନକୁ ଏକ ପ୍ରଶସ୍ତ ରୂପାନ୍ତରଣ ସହିତ ସମନ୍ୱିତ କରିବା ପ୍ରୟାସକୁ ସଗର୍ବେ ଆଗେଇ ନେଉଛି। ସ୍ୱାସ୍ଥ୍ୟ ଓ କଲ୍ୟାଣର ବିଶାଳ ପ୍ରସଙ୍ଗରେ ମୁଖ ଗହ୍ୱର ଯତ୍ନ ଏକ ସୂତ୍ର ଭାବେ ବିବେଚିତ ହେଉଛି, ଯାହା ଆମ ଜୀବନର ପ୍ରତ୍ୟେକ ଦିଗ ସହିତ ଅତି ନିବିଡ ଭାବେ ଜଡିତ ଏବଂ ଏହା ଆମର ସାମଗ୍ରିକ କଲ୍ୟାଣର ଅବିଚ୍ଛେଦ୍ୟ ଅଙ୍ଗ ଭାବେ କାର୍ଯ୍ୟ କରୁଛି।

# ହୋଣ୍ଡା ଏଲିଭେଟର ନୂତନ ମାଇଲଖୁଣ୍ଟ

## ୧୦୦ ଦିନରେ ୨୦,୦୦୦ ୟୁନିଟ ବିକ୍ରି

**ଭୁବନେଶ୍ୱର,୧୭।୧୨ (ଅଭୟ ଦାଶ)**




ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ ନ୍ୟୁ ହୋଣ୍ଡା ଏଲିଭେଟ୍'ର ସର୍ବଭାରତୀୟ ଉନ୍ମୋଚନ (୨୦୨୩ ସେପ୍ଟେମ୍ବର) ନିକଟରେ ହୋଇଯାଇଛି। ଗତ ୪ମାସ ମଧ୍ୟରେ କମ୍ପାନୀ ଏକ ନୂତନ ମାଇଲଖୁଣ୍ଟ ସହ ବ୍ରାଣ୍ଡର ଉକ୍ତ ମଡେଲ ଉଲ୍ଲେଖନୀୟ ବିକ୍ରି ସଫଳତା ହାସଲ କରିଛି। ଏପରି କି ଉକ୍ତ ମଡେଲର ବଜାର ପ୍ରବେଶର ୧୦୦ ଦିନ ମଧ୍ୟରେ କମ୍ପାନୀ ପ୍ରାୟ ୨୦,୦୦୦ ହୋଣ୍ଡା ଏଲିଭେଟ୍ ମଡେଲ ବିକ୍ରି କରିଛି।

ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ନିର୍ଦ୍ଦେଶକ (ମାର୍କେଟିଂ) ୟୁଚି ମୁରତ୍ତା କହିଛନ୍ତି, ହୋଣ୍ଡା ଏଲିଭେଟର ବିକ୍ରି ସଫଳତା ଓ ନୂତନ ମାଇଲଖୁଣ୍ଟ ଆମ ପାଇଁ ବେଶ୍ ଗୌରବର ବିଷୟ ହୋଇଥିଲା ବେଳେ ବ୍ରାଣ୍ଡର ଚାହିଦା ଉଭୟ କମ୍ପାନୀ ଓ କର୍ମଚାରୀଙ୍କ ପାଇଁ ନୂଆ ଉତ୍ସାହ ଆଣି ଦେଇଛି। ବିଶେଷ କରି ହୋଣ୍ଡାର ଏଲିଭେଟର ବିକ୍ରି ଶୁଭାରମ୍ଭର ପ୍ରଥମ ୧୦୦ ଦିନରେ କମ୍ପାନୀ ୨୦,୦୦୦ ୟୁନିଟ ବିକ୍ରି କରି ନୂଆ ସଫଳତା ହାସଲ କରିଛି।

# ଆଜି ଖୋଲିବ ଏମ୍‌ଏମ୍‌ଏଲ୍‌ର ଆଇପିଓ

**ଭୁବନେଶ୍ୱର,୧୭।୧୨:** ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ (ଏମ୍‌ଏମ୍‌ଏଲ୍)ର ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଚଳିତବର୍ଷ ଡିସେମ୍ବର ୧୮ରେ ଖୋଲିବ। ଏପରି କି ଏହି ଅଫର ୨୦୨୩ ଡିସେମ୍ବର ୨୦ରେ ବନ୍ଦ ହେବ। ବିଶେଷ କରି ଏହାର ଆଙ୍କର ନିବେଶକମାନେ ୨୦୨୩ ଡିସେମ୍ବର ୧୫ରେ ବିଡ୍ ଦାଖଲ କରିଛନ୍ତି। ସେହିଭଳି ଉକ୍ତ ଇକ୍ୱିଟି ଶେୟାରର ମୂଲ୍ୟ ୨୭୭ରୁ ୨୯୧ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ଏପରି କି ସର୍ବନିମ୍ନ ୫୧ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରାଯାଇପାରିବ ଏବଂ ଏହା ପରେ ୫୧ଟି ଲେଖାଏ ଇକ୍ୱିଟି ଶେୟାର ଗୁଣିତକ ଭାବେ ଯୋଡ଼ାଯାଇପାରିବ। ଉକ୍ତ ଆଇପିଓ ଜରିଆରେ ୯୬୦କୋଟି ଟଙ୍କା ହାସଲ କରିବାକୁ କମ୍ପାନୀ ଯୋଜନା ରଖିଛି। ଏଥିରେ ୭୬୦କୋଟି ଟଙ୍କାର ନୂଆ ଶେୟାର ଜାରି କରାଯିବ ଏବଂ ଅଫର ଫର୍ ସେଲ୍‌ରେ ୨୦୦କୋଟି ଟଙ୍କା ହାସଲ କରାଯିବ।

# 'ବଜାରରେ ଆଇଟେଲର 'ଏ୦୫ଏସ୍'

**ଭୁବନେଶ୍ୱର,୧୭।୧୨**

ଆଇଟେଲର ନୂତନ ଉତ୍ପାଦ 'ଏ୦୫ଏସ୍ ସ୍ମାର୍ଟଫୋନ୍'ର ସର୍ବଭାରତୀୟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ୬.୬ଇଞ୍ଚ ଏଚ୍‌ଡି+ ଡ୍ରପ୍ ଡିସ୍‌ପ୍ଲେ, ୪୦୦୦ଏମ୍‌ଏଏଚ୍ ବ୍ୟାଟେରି, ୮ଏମ୍‌ପି ଏଆଇ କ୍ୟାମେରା ଏବଂ ଆହୁରି ଅନେକ ଫିଚର ଅନ୍ତର୍ଭୁକ୍ତ ରହିଛି। ଏପରିକି ଏ୦୫ଏସ୍‌ର ବଡି ବେଶ ପତଳା ହୋଇଥିବା ବେଳେ ତାହା କ୍ରିଷ୍ଟାଲ ବ୍ଲୁ, ଗ୍ଲୋରିଅସ୍ ଅରେଞ୍ଜ୍, ମିଡୋ ଗ୍ରିନ୍ ଓ ନେବୁଲା ବ୍ଲାକ୍ ଭଳି ରଙ୍ଗରେ ଉପଲବ୍ଧ ହେଉଛି। ସେହିଭଳି ଏ୦୫ଏସ୍‌ରେ ୧.୬ ଗିଗାହର୍ଜ ପ୍ରୋସେସର ରହିଛି; ଯାହା କଲ କରିବା, ୱେବ୍ ବ୍ରାଉଜ୍, ଭିଡିଓ ଦେଖିବା, ସୌକିନରେ ଗେମ୍ ଖେଳିବା ଏବଂ ଦୈନନ୍ଦିନ କାମ କରିବାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବ। ଏପରି କି ଉକ୍ତ ମଡେଲରେ ୪୦୦୦ ଏମ୍‌ଏଏଚ୍‌ର ବ୍ୟାଟେରି ଥିବାବେଳେ ୬୪ ଜିବିର ରମ୍ ରହିଛି। ଏହାର ଏଚ୍‌ଡି+ୱାଟର ଡ୍ରପ୍ ଡିସ୍‌ପ୍ଲେରେ ୧୬୦୦ ୭୨୦ ପିକ୍ସେଲ୍ ରିଜଲ୍ୟୁସନ ରହିଛି, ଯାହା ଚମତ୍କାର ଦେଖିବା ଅନୁଭବ ପ୍ରଦାନ କରିବ। ସେହିପରି ସ୍ପଷ୍ଟ ଫଟୋ ଓ ଭିଡିଓ ଉତ୍ତୋଳନ କରିବା ଲାଗି ଏହାର ପଛ ପାର୍ଶ୍ୱରେ ଏକ ୮ ଏମ୍‌ପି କ୍ୟାମେରା ଏବଂ ସାମ୍ନାରେ ୫ ଏମ୍‌ପି ସେଲ୍‌ଫି କ୍ୟାମେରା ସହ ଏଆଇ ବିଉଟିଫିକେଶନ ମୋଡ୍ ରହିଛି। ଏହା ବ୍ୟତୀତ ଉକ୍ତ ମଡେଲ ପଛରେ ଫିଙ୍ଗରପ୍ରିଣ୍ଟ ସେନ୍‌ସର, ଫେସ୍ ଅନ୍‌ଲକ୍, ମାଇକ୍ରୋ ଏସ୍‌ଡି ସ୍ଲଟ୍, ଡୁଆଲ ୪ଜି ଭୋଲ୍‌ଟି ଭଳି ସୁବିଧା ରହିଛି।

ଏ ସମ୍ପର୍କରେ ଆଇଟେଲ୍ ଇଣ୍ଡିଆର ସିଇଓ ଅରିଜିତ ତାଳପତ୍ର କହିଛନ୍ତି, କମ୍ପାନୀ (ବ୍ରାଣ୍ଡର)ର ନୂଆ ଏ୦୫ଏସ୍ ମଡେଲକୁ ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ଏହାର ଷ୍ଟାଇଲ୍ ଓ ଦୈନନ୍ଦିନ କାର୍ଯ୍ୟର ଏକ ଉପଯୁକ୍ତ ସମିଶ୍ରଣ ହୋଇଥିବାବେଳେ ଡିଜିଟାଲ ଇଣ୍ଡିଆ ଅଭିଯାନକୁ ନୂତନ ଶିଖରରେ ପହଞ୍ଚାଇବା ଲାଗି ପ୍ରୟାସ କରାଯାଇଛି। ଏପରି କି ଶ୍ରେଷ୍ଠ ମାନର ଡିସ୍‌ପ୍ଲେ, ବ୍ୟାଟେରି, କ୍ୟାମେରା ଏବଂ ୪ଟି ଆକର୍ଷଣୀୟ ରଙ୍ଗ ସହ ଟ୍ରେଣ୍ଡି ଡିଜାଇନକୁ ନେଇ 'ଏ୦୫ଏସ' ନିର୍ମାଣ ହୋଇଛି।

# ନଭେମ୍ବରରେ ସୋନାଲିକାର ୧୨,୮୯୧ ୟୁନିଟ ବିକ୍ରି



**ଭୁବନେଶ୍ୱର,୧୭।୧୨**

ଚଳିତବର୍ଷ ନଭେମ୍ବର ମାସରେ ସୋନାଲିକା ଟ୍ରାକ୍ଟର୍ସ ମୋଟ ୧୨,୮୯୧ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି। ଏପରିକି ଗତ ବର୍ଷ ସମାନ ଅବଧି ମଧ୍ୟରେ କମ୍ପାନୀ ମୋଟ ୧୦,୪୬୪ ୟୁନିଟ ଟ୍ରାକ୍ଟର ବିକ୍ରି କରିଥିଲା। ବିଶେଷ କରି ଗତବର୍ଷ ତୁଳନାରେ କମ୍ପାନୀର ଚଳିତବର୍ଷ ପ୍ରାୟ ୨୩% ଅଧିକ ଟ୍ରାକ୍ଟର୍ସ ବିକ୍ରି ହୋଇଛି। ସେହିଭଳି କମ୍ପାନୀ ପ୍ରତ୍ୟେକ ପ୍ରକାରର ମୃତ୍ତିକା ପାଇଁ କଷ୍ଟମାଇଜ୍‌ଡ ଟ୍ରାକ୍ଟର ବିକଶିତ କରି ୨୦୨୩ ନଭେମ୍ବରରେ ୧୬.୩%ର ସର୍ବାଧିକ ବଜାର ଅଂଶ ହାସଲ କରିଛି। ଏଥିସହିତ ସୋନାଲିକା ୨୦୨୩ ନଭେମ୍ବରରେ ଶିଳ୍ପ ଅଭିବୃଦ୍ଧି (ହାରାହାରି ୨%)କୁ ମଧ୍ୟ ପଛରେ ପକାଇଛି ଏବଂ ୨୦୧୮ରୁ ୨୦୨୪ ଆର୍ଥିକ ବର୍ଷ ମଧ୍ୟରେ କ୍ରମାଗତ ଭାବେ ୭ ବର୍ଷ ଲାଗି ୧ ଲକ୍ଷ ଟ୍ରାକ୍ଟର ବିକ୍ରି ମାଇଲଖୁଣ୍ଟକୁ ଅତିକ୍ରମ କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଆମେ ଶିଳ୍ପରେ ସର୍ବାଧିକ ୨୩%ର ଅଭିବୃଦ୍ଧି ସହିତ ୨୦୨୩ ନଭେମ୍ବରରେ ସର୍ବୋଚ୍ଚ ୧୬.୩%ର ବଜାର ଅଂଶ ହାସଲ କରି ବେଶ୍ ଉତ୍ସାହିତ ଅଛୁ। ଏଥି ସହିତ ଆମେ କେବଳ ଗତ ୮ମାସରେ ୧ଲକ୍ଷ ଟ୍ରାକ୍ଟର ବିକ୍ରି ରେକର୍ଡକୁ ଅତିକ୍ରମ କରିଛୁ। ଏହି ନୂଆ ରେକର୍ଡ ପ୍ରଦର୍ଶନ ସମଗ୍ର କୃଷି ସମୁଦାୟ ପ୍ରତି ସୋନାଲିକାର ସାମଗ୍ରିକ ଆଭିମୁଖ୍ୟର ଏକ ଫଳାଫଳ ଅଟେ। ଟ୍ରାକ୍ଟର ଶିଳ୍ପରେ ପ୍ରତିଯୋଗୀପୂର୍ଣ୍ଣ ପରିବେଶ ସତ୍ତ୍ୱେ ଶିଳ୍ପ ଅଭିବୃଦ୍ଧିକୁ ପଛରେ ପକାଇବା ଏହା ପ୍ରମାଣିତ କରୁଛି ଯେ, ଆମର ଟ୍ରାକ୍ଟରଗୁଡିକ ଠିକ୍ ଟେକ୍ନୋଲୋଜି ଓ ଉଚିତ ମୂଲ୍ୟ ସହିତ କୃଷକମାନଙ୍କ ବିଶ୍ୱାସ ଜିତିଛନ୍ତି। ଅପରପକ୍ଷରେ ସୋନାଲିକା ଠିକ୍ ସମୟରେ ଉତ୍ପାଦ ଉପଲବ୍ଧତା ଓ ଉପଯୁକ୍ତ ଉତ୍ପାଦ ମିଶ୍ରଣ ସହ ଜଡିତ ହୋଇ ପାର୍ବଣ ଋତୁ ସମୟରେ ଅଧିକ ବିକ୍ରି ଭଳି ଅନୁକୂଳ ପରିସ୍ଥିତି କମ୍ପାନୀକୁ ଏହି ନୂତନ ସଫଳତା ହାସଲ କରିବା ପାଇଁ ସକ୍ଷମ କରିଥିଲା। ଏହି ନୂଆ ଉଲ୍ଲେଖନୀୟ ପ୍ରଦର୍ଶନ ଦ୍ରୁତ କୃଷି ବିକାଶ ଓ କୃଷକଙ୍କ ପ୍ରଗତିଶୀଳ ଭବିଷ୍ୟତକୁ ନୂଆ ରୂପ ଦେବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଲୋନ୍! ଲୋନ୍! ଲୋନ୍!
ଭାରତର No.1 କମ୍ପାନୀ
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ସବୁ ଲୋନ୍
2% ସୁଧ 40% ଛାଡ଼
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686


## ମନେ ପଡ଼ନ୍ତି

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଜୀବନ ବଲ୍ଲଭ ଦାଶ**
ଘାଟିକିଆ, ଭୁବନେଶ୍ୱର
ଆବିର୍ଭାବ: ୧୭।୦୯।୧୯୪୫
ତିରୋଧାନ: ୧୮।୧୨।୨୦୧୫

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ-ବୋହୂ, ନାତି-ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୭୧୫୭୪

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଏନନ୍ଦ କିଶୋର ରାମ**
ଲାଲବଜାର, ୱାର୍ଡ ନଂ.-୪, ବାରିପଦା, ମୟୂରଭଞ୍ଜ
ଆବିର୍ଭାବ: ୩୦।୦୩।୧୯୫୫
ତିରୋଧାନ: ୦୮।୧୨।୨୦୨୩

ଆପଣଙ୍କର ଅନୁପସ୍ଥିତି ଆମ ପାଇଁ ଅପୂରଣୀୟ କ୍ଷତି ଘଟାଇଛି। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

ଶୋକସନ୍ତପ୍ତ ପରିବାର: ସ୍ତ୍ରୀ: ରତ୍ନାବତୀ, ପୁଅ: ଅଭିଜିତ ଓ ଅଭିଷେକ, ଝିଅ: ଅଭିଲାଷା ଏବଂ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ

ଧ-୨୦୪୫

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



**✓ ଅରକ୍ଷିତ ପ୍ରଧାନ**
ବରିଡା-ଏ (କବିସୂର୍ଯ୍ୟନଗର) ଗଞ୍ଜାମ
ତିରୋଧାନ : ୦୫.୧୨.୨୦୨୩

ଆଜି ଆପଣଙ୍କ ତିରୋଧାନର ଚତୁର୍ଦ୍ଦଶ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।

- ଶୋକସନ୍ତପ୍ତ -
ହତଭାଗିନୀ ପତ୍ନୀ ଅହଲ୍ୟା, ପୁତ୍ର- ରଞ୍ଜନ, ସଞ୍ଜୟ, ପ୍ରବୀଣ ଏବଂ ଆତ୍ମୀୟ ସ୍ୱଜନ

ଧ-୨୦୪୭


# Classified Everyday 0674-2580101, 2549949



REAL ESTATE

SALE

ଭୁବନେଶ୍ୱର Sum Hospitalରୁ 6 Km. ମଧ୍ୟରେ ପଜେସନ୍ ପ୍ଲଟ୍ Sqft. 1499/- , 799/- ମିଳୁଛି - 9124839028, 7008771424. D-75277

Duplex sale 57,00,000/- and plot sale near AIIMS Hospital, Bhubaneswar. 9777433701. D-75281

**Commercial Plot 29 dcml. (12632Sqft.) Sale at Puri near Mangala-ghat Chhak. Suitable for Apartment/ School/ Complex etc. Call for details: 9438220432/ 8144658008, No Broker.** D-2043

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General-sqft.- 300/-, 9348232008. D-75279

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919




**Ashirvaad Salon and SPA get good massage for your health tha best therapy. 7077181074.** D-75080

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75081

Spa Kerala body Massage best Therapist @699/- Bhubaneswar. Kajal-9337672475. D-1999



BUSINESS

କାର ୱାସିଂ ସର୍ଭିସିଂ, ଭୁବନେଶ୍ୱର, ଯୋଗାଯୋଗ- 9777097322. D-2000


## AFFIDAVIT

I, Paresh Haresh Mansukhani, S/o Jyoti Mansukhani, R/o permanent Address- Flat No.302/D, 3rd Floor, Galaxy Heights, New Link Road, above ICICI Bank, Shastri Nagar, Goregaon West, Motilal Nagar, Mumbai, 400104, currently residing at Aspen A1304 omaxe spa Village near Kidhood School, Sector-78, Faridabad-121009 have changed my minor daughter's name about 02 years, from Rutvi Mansukhani to Liyana Mansukhani. D-2039

By virtue of an affidavit before Notary Public, Bhubaneswar my name has been changed from Mundi Puhan to Sunei Dehury, I shall be known as Sunei Dehury, D/o- Manua Dehuri, At-Kansa, Saruabil, Jajpur, Dist.- Jajpur, Odisha, PIN-755028 for all purposes. D-2042

I Moharjan Bibi, W/o-Sheik Latif Ali, resident of Goutam Nagar 6th lane, Koraput, P.O./ P.S- Koraput and Dist.- Koraput, PIN- 764020, Odisha declare by this affidavit No.-4189, dtd. 16.12.2023 that now onwards, I shall be known as Meherajan Bibi for all future purposes. D-2046


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


I, Jyotsna Sahoo, Wife of Late Babula Ku. Sahoo, Vill- Tulasipur, P.S-/ Dist.- Nayagarh declared that after my husband's death I am the nominee of the Policy named as "Yosna Sahoo" instead of "Jyotsna Sahoo" and my Father-in-law's name "Bhagabat Sahoo" instead of "Paramananda Sahoo" was the one and Same Person. D-2044


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ରିଭିଜିନାଲ୍ କୋର୍ଟ ନଂ.-୩ ରାଜଶ୍ରୀ ମହାନ୍ତି, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। ଓ.ଏସ୍.ଏସ୍.କେଶ୍ ନଂ.-୧୪୭୩/୨୦୧୯

କ୍ରିଷ୍ଣା ଦେବୀ ....ବାଦୀ

ବନାମ

ତହସିଲଦାର, ଭୁବନେଶ୍ୱର ଓ ଓଗେର ....ପ୍ରତିବାଦୀମାନେ

ଦେୱାନୀ ଆଇନ ନୋଟିସ୍ ଅର୍ଡର-୫ ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ, ......ପ୍ରତିବାଦୀ ନଂ.-୩
ପରମେଶ୍ୱର କର, ପିତା- କୃଷ୍ଣ ଚନ୍ଦ୍ର କର, ସା- ଶକ୍ତିବାଗ, ପୋ- ମଙ୍ଗଳପୁର, ଜିଲ୍ଲା- କଟକ, ଓଡ଼ିଶା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ୍ କେସ୍ ଶୁଣାଣି ଅତିରିକ୍ତ କମିଶନର ରିଭିଜିନାଲ୍ କୋର୍ଟ ନଂ.-୩ ରାଜଶ୍ରୀ ମହାନ୍ତି, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା କାର୍ଯ୍ୟାଳୟରେ ଆସନ୍ତା ତା୦୧।୦୨।୨୦୨୪ରିଖ ଦିବା ୦୩.୦୦ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଅନ୍ଧାରୁଆ। ସାବକ ଖାତା ନଂ.-୧୭୯, ସାବକ ପ୍ଲଟ୍ ନଂ.-୧୮୩୭, ରକବା- ଏ୦.୦୬୫, ସ୍ୱତ୍ୱ- ସ୍ଥିତିବାନ୍, କିସମ, ମିଉଟେସନ୍ ଖାତା- ୬୨୧/୪୧୭, ମିଉଟେସନ୍ ପ୍ଲଟ୍ ନଂ.-୧୮୩୭/୩୫୯୯, ରକବା- ଏ୦.୦୬୫, ସ୍ୱତ୍ୱ- ସ୍ଥିତିବାନ୍, କିସମ। ହାଲ୍ ଖାତା ନଂ.- ୧୦୮୯, ହାଲ୍ ପ୍ଲଟ୍ ନଂ.-୪୦୭୪, ରକବା- ଏ୦.୦୮୦ଡି. ସ୍ୱଧରୁ ଏ୦.୦୬୫ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ବା ଉତ୍ତରାଧିକାରୀ ୱାଲି ୱାରଷମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଏସଲା କରାଯିବ।

ତା.୧୩।୧୨।୨୦୨୩
ଭୁବନେଶ୍ୱର — ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଧିକାରୀ

ଧ-୨୦୪୦

# ୨ ବିଭାଗରେ ଭାରତକୁ ଟାଇଟଲ






ପଦକ ସହ ମିକ୍ସଡ ଡବଲ୍ସ ଚାମ୍ପିୟନ ଭାରତର ଧ୍ରୁବ କପିଲା ଓ ତନୀଷା କ୍ରାଷ୍ଟୋ, ମହିଳା ଡବଲ୍ସ ରନରଅପ୍ ତନୀଷା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନ୍ନାପା। ମହିଳା ସିଙ୍ଗଲ୍ସ ଚାମ୍ପିୟନ ଜାପାନର ନୋଜୋମି ଓକୁହାରାଙ୍କ ସହ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା। (ଫଟୋ: ରାଜକିଶୋର ମହାନ୍ତି)

## ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

କଟକ,୧୭।୧୨
(ସୁପ୍ରିୟା ପ୍ରିୟଦର୍ଶିନୀ )

ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ତଥା ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ ରବିବାର ଉଦ୍‌ଯାପିତ ହୋଇଛି। ମୋଟ ୫ ଇଭେଣ୍ଟରୁ ଭାରତୀୟ ପ୍ରତିଯୋଗୀ ୨ଟିରେ ଟାଇଟଲ ହାସଲ କରିଛନ୍ତି। ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମରେ ଏହି ଟୁର୍ଣ୍ଣାମେଣ୍ଟ ୬ଦିନ ଧରି ଚାଲିଥିଲା। ବ୍ୟାଡମିଣ୍ଟନ ୱର୍ଲଡ ଫେଡେରେଶନ(ବିଡବ୍ଲ୍ୟୁଏଫ) ଦ୍ୱାରା ଅନୁଷ୍ଠିତ ପ୍ରତିଯୋଗିତାରେ ୨୭ ଦେଶର ୩୦୦ରୁ ଉର୍ଦ୍ଧ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସରେ ଭାରତର ସତୀଶ କୁମାର ଚାମ୍ପିଅନ ହୋଇଛନ୍ତି । ଅନ୍ୟତମ ଭାରତୀୟ ପ୍ରତିଦ୍ୱନ୍ଦୀ ଆୟୁଷ ଶେଟ୍ଟୀଙ୍କ ସହ ୧ ଘଣ୍ଟା ୬ ମିନିଟ ଧରି ହୋଇଥିବା ଫାଇନାଲ ମୁକାବିଲା ରୋମାଞ୍ଚକ ହୋଇଥିଲା। ପ୍ରଥମ ସେଟ୍‌କୁ ୨୧-୧୮ ଗେମ୍‌ରେ ଜିତି ଅଗ୍ରଣୀ ହାସଲ କରିଥିଲେ ସତୀଶ। ଦ୍ୱିତୀୟ ସେଟ୍‌ରେ ଆୟୁଷ ୨୧-୧୯ ଗେମରେ ବିଜୟୀ ହୋଇ ସ୍ଥିତିବରାବର କରିଥିଲେ। ୨୨ବର୍ଷୀୟ ସତୀଶ ୩ୟ ସେଟ୍‌ରେ ସହଜରେ ବିଜୟ ପଏଣ୍ଟ ହାତେଇଥିଲେ। ଏହି ସେଟ୍‌ଟି ୨୧-୧୪ ଗେମ୍‌ରେ ଶେଷ ହୋଇଥିଲା। ଏଠାରେ ଚାମ୍ପିୟନ ହୋଇଥିବା ସତୀଶଙ୍କର ଏହା ହେଉଛି ୬ଷ୍ଠ ବିଡବ୍ଲ୍ୟୁଏଫ ଟାଇଟଲ୍। ସେହିପରି ମହିଳା ସିଙ୍ଗଲ୍ସରେ ଜାପାନର ନୋଜୋମି ଓକୁହାରା ଚାମ୍ପିୟନ ହୋଇଛନ୍ତି। ହଂକଂର ଲୋ ସିନ ୟାନ ହାପିଙ୍କୁ ସେ ୨୧-୭, ୨୧-୨୩, ୨୨-୨୦ ଗେମ୍‌ରେ ପରାସ୍ତ କରି ଟାଇଟଲ୍ ଜିତିଛନ୍ତି। ପୁରୁଷ ଡବଲ୍ସ ଇଭେଣ୍ଟରେ ଭାରତକୁ ନିରାଶ ହେବାକୁ ପଡ଼ିଛି। ଚାଇନିଜ ତାଇପେ ଯୋଡ଼ି ଲିନ ବିଙ୍ଗ ୱି ଏବଂ ସୁ ଚିଙ୍ଗ ହେଙ୍ଗ ୨-୧ ସେଟ୍‌ରେ ଭାରତୀୟ ଯୋଡ଼ି କ୍ରୀଷ୍ଣା ପ୍ରସାଦ ଓ ସାଇ ପ୍ରତୀକଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସରେ ଭାରତର ଧ୍ରୁବ କପିଳା ଓ ତନୀଷା କ୍ରାଷ୍ଟୋ ଚାମ୍ପିୟନ ହୋଇଛନ୍ତି । ସିଙ୍ଗାପୁରର ହି ୟଙ୍ଗ କାଇ ଏବଂ ତାନ ୱିନ ହାନ୍ ଜେସିକାଙ୍କଠାରୁ ପ୍ରଥମ ସେଟ୍‌ରେ ୨୧-୧୭ ଗେମରେ ପରାସ୍ତ ହୋଇଥିଲେ। ମାତ୍ର ପରବର୍ତ୍ତୀ ଦୁଇଟି ଯାକ ସେଟ୍‌ରେ କପିଳା ଓ ତନୀଷା ୨୧-୧୯, ୨୩-୨୧ ଗେମ୍‌ରେ ବିଜୟୀ ହୋଇ ଟାଇଟଲ୍ ଜିତିଥିଲେ। ମହିଳା ଡବଲ୍ସ ଇଭେଣ୍ଟରେ ଭାରତ ଚାମ୍ପିୟନ ହେବାରୁ ବଞ୍ଚିତ ହୋଇଛି। ଫାଇନାଲ ମୁକାବିଲାରେ ଭାରତର ତନୀଷା କ୍ରାଷ୍ଟୋ ଏବଂ ଅଶ୍ୱିନୀ ପୋନ୍ନାପାଙ୍କ ଯୋଡ଼ି ଭେଟିଥିଲା ଇଣ୍ଡୋନେସିଆର ମେଲିସା ଟ୍ରିଆସ ଏବଂ ରାଚେଲ ଆଲିସିଆଙ୍କ ଯୋଡ଼ିକୁ। ଏଥିରେ ଇଣ୍ଡୋନେସିଆ ପ୍ରତିଯୋଗୀ ଦ୍ୱୟ ୨୧-୧୪, ୨୧-୧୭ ଗେମ୍‌ରେ ବିଜୟୀ ହୋଇଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ କଟକ ମେୟର ସୁବାସ ଚନ୍ଦ୍ର ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଟେଷ୍ଟ ସିରିଜରୁ ଓହରିଲେ ଇଶାନ କିଶନ

ସେଞ୍ଚୁରିଅନ୍, ୧୭।୧୨(ପି.ଟି.)

ଭାରତୀୟ ଦଳର ପ୍ରମୁଖ ଉଇକେଟକିପର-ବ୍ୟାଟର ଇଶାନ କିଶନ ଦକ୍ଷିଣ ଆଫ୍ରିକା ବିପକ୍ଷ ଆଗାମୀ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରୁ ଓହରିଯାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଘରବାହୁଡ଼ା କରିଛନ୍ତି। ତାଙ୍କ ସ୍ଥାନରେ ବର୍ତ୍ତମାନ ଦକ୍ଷିଣ ଆଫ୍ରିକାରେ ଭାରତ ଏ'ର ଅଧିନାୟକ ଦାୟିତ୍ୱ ତୁଲାଉଥିବା କେ.ଏସ୍. ଭରତଙ୍କୁ ଦଳରେ ସାମିଲ କରାଯାଇଛି। ଇଶାନ କିଶନ ବ୍ୟକ୍ତିଗତ କାରଣ ଦର୍ଶାଇ ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରୁ ତାଙ୍କୁ ବାଦ୍ ଦେବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଅନୁରୋଧ କରିଥିଲେ। ସିଲେକ୍ସନ କମିଟି ତାଙ୍କ ଅନୁରୋଧକୁ ରକ୍ଷା କରିବା ସହ ବଦଳ ଖେଳାଳି ହିସାବରେ କେ.ଏସ୍. ଭରତଙ୍କୁ ମନୋନୀତ କରିଥିଲା। ସୂଚନାଯୋଗ୍ୟ, ଅତୀତରେ ଭରତଙ୍କୁ ୫ ଟେଷ୍ଟ ମ୍ୟାଚରେ ସୁଯୋଗ ଦିଆଯାଇଥିଲା। ମାତ୍ର ସେ ଥରେ ହେଲେ ଅର୍ଦ୍ଧଶତକ ହାସଲ କରିବାରେ ସମର୍ଥ ହୋଇ ନ ଥିଲେ। ଏଥିପାଇଁ କିଶନଙ୍କୁ ୱେଷ୍ଟଇଣ୍ଡିଜରେ ଟେଷ୍ଟ ପଦାର୍ପଣର ସୁଯୋଗ ମିଳିଥିଲା। କେ.ଏଲ୍. ରାହୁଲ ଉଇକେଟ କିପିଙ୍ଗ କରିବେ ବୋଲି ଆଶା କରାଯାଉଛି। **ଭାରତୀୟ ଟେଷ୍ଟ ଦଳ:** ରୋହିତ ଶର୍ମା(ଅଧିନାୟକ), ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର, ଋତୁରାଜ ଗାଏକ୍ୱାଡ, କେ.ଏଲ୍. ରାହୁଲ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସିରାଜ, ମୁକେଶ କୁମାର, ଯଶପ୍ରୀତ ବୁମ୍‌ରା (ଉପଅଧିନାୟକ), ପ୍ରସିଦ୍ଧ କ୍ରିଷ୍ଣା, କେ.ଏସ୍. ଭରତ (ଉଇକେଟକିପର)।

## ରାଜ୍ୟ ଜୁ-ଜିତ୍ସୁ: ଖୋର୍ଦ୍ଧା ଦଳଗତ ଚାମ୍ପିୟନ

ଭୁବନେଶ୍ୱର, ୧୭।୧୨
(ବିଜୟ ରଣା)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଜୁ-ଜିତ୍ସୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଖୋର୍ଦ୍ଧା ଦଳଗତ ଚାମ୍ପିୟନ ହୋଇଥିବା ବେଳେ କଟକ ଦ୍ୱିତୀୟ ଏବଂ ପୁରୀ ତୃତୀୟ ହୋଇଛି। ରବିବାର ସକାଳେ ପ୍ରତିଯୋଗିତାକୁ ଜାତୀୟ ଜୁ ଜିତ୍ସୁ କୋଚ୍ ତଥା ରେଫରି ଏମ୍. ଆର. ଶହିଦ ଓ ବିଶ୍ୱ ଜୁ ଜିତ୍ସୁ ବ୍ରୋଞ୍ଜ ବିଜେତା ଅନୁପମା ସ୍ୱାଇଁ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ମୁଖ୍ୟ ଅତିଥି ଭାବେ ରାଜ୍ୟସରକାରଙ୍କ କ୍ରୀଡ଼ା ବିଭାଗର ଓଏସ୍‌ଡି ସନାତନ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଜୁ ଜିତ୍ସୁ ସଂଘର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ମୀର ଅଜମତ ଅଲି, ହିମାଂଶୁ ଶେଖର ଦାସ, ଅବିନାଶ ପୁହନ, ଖାରବେଳ ମଲିକ, ଏନ୍.ବି. ପଟ୍ଟନାୟକ, ଉମାକାନ୍ତ ବେହେରା, ରାଜୀବ ସିଂ, ମନ୍ମଥ ମିଶ୍ର, ରାକେଶ ମହାନ୍ତି, ସୁସମିନୀ ପାଲ୍‌ଟାସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ସଦାଇପାଲି ସାଇଟ୍ ଚାମ୍ପିୟନ

ବଲାଙ୍ଗୀର,୧୭।୧୨
(ବୀରେନ୍ଦ୍ର କୁମାର ଝାଙ୍କର)




ଚାମ୍ପିୟନ ସଦାଇପାଲି ସାଇଟ୍ ଦଳ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

### ସର୍ବଭାରତୀୟ ଫୁଟବଲ

ବଲାଙ୍ଗୀର ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ଗତ ଡିସେମ୍ବର ୧୦ରୁ ଚାଲିଥିବା ୫୬ ତମ ସର୍ବଭାରତୀୟ ଇଞ୍ଜିନିୟର୍ସ କପ୍ ଓ ନର୍ସିଂ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳରେ ଟାଇବ୍ରେକର ଜରିଆରେ କୁଚିଣ୍ଡା ବିଏଫସି ଦଳକୁ ପରାସ୍ତ କରି ସଦାଇପାଲି ସାଇଟ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ପ୍ରଥମାର୍ଦ୍ଧରେ ସାଇଟ ପକ୍ଷରୁ ସୌରଭ ହନୁମାନ ଗୋଟିଏ ଗୋଲ ଦେଇ ଦଳକୁ ୧-୦ରେ ଆଗୁଆ ରଖିଥିଲେ। ତେବେ ଦ୍ୱିତୀୟାର୍ଦ୍ଧର ଲଢୁଆ ଖେଳ ପ୍ରଦର୍ଶନ କରି କୁଚିଣ୍ଡା ପକ୍ଷରୁ ଖେଳୁଥିବା ବିଦେଶୀ ଖେଳାଳୀ ରିଚାର୍ଡ ଗୋଟିଏ ସୁନ୍ଦର ଗୋଲ ଦେଇ ଖେଳକୁ ସମାନ ସ୍ତରକୁ ଆଣିଥିଲେ। ପରେ ଟାଇବ୍ରେକରର ଆଶ୍ରୟ ନିଆଯାଇଥିଲା। ଟ୍ରାଇବ୍ରେକରରେ ସଦାଇପାଲି ସାଇଟ୍ ଦଳର ଗୋଲ କିପର ଦୁଇଟି ଚିତ୍ତାକର୍ଷକ ରକ୍ଷଣ କରି ଦଳକୁ ବିଜୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଡାଲମିୟା ସିମେଣ୍ଟ ମାଇନିଂ ଅପରେଶନ ମୁଖ୍ୟ ସରୋଜ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ରତିକା ଟ୍ରେଭଲର୍ସ ପରିଚାଳନା ନିର୍ଦ୍ଦେଶକ କେ. ବଦ୍ରିନାରାୟଣ ସୁବୁଦ୍ଧି, ବଲାଙ୍ଗୀର ସଦର ଥାନା ଆଇଆଇସି ରାଜକୁମାର ବିଶ୍ୱାଳ ଓ ସାମାଜିକ କର୍ମୀ ହିମାଂଶୁ ପାଢୀ ଯୋଗଦାନ କରିଥିଲେ। ବିଜୟୀ ସାଇଟ ଦଳକୁ ମୁଖ୍ୟଅତିଥି ଚାମ୍ପିୟନ ଟ୍ରଫି ଇଞ୍ଜିନିୟର୍ସ କପ୍ ସହ ୩୫ ହଜାର ଅର୍ଥରାଶି ପୁରସ୍କାର ଦେଇଥିଲେ। ସମ୍ମାନିତ ଅତିଥିମାନେ ରନର ଅପ୍ କୁଚିଣ୍ଡା ଦଳକୁ ରନର ଅପ୍ ଟ୍ରଫି ସହ ୨୫ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ଆୟୋଜକ କମିଟି ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସାଇଟ୍ ପ୍ରତିଷ୍ଠାତା ତଥା ଓଡ଼ିଶା ଫୁଟବଲ ସଂଘ ଓ ବଲାଙ୍ଗୀର ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ରାମଜୀ ଯୁବକ ସଂଘ ସଭାପତି ଡା. ପ୍ରମୋଦ କୁମାର ମିଶ୍ର, ସଦାଇପାଲି ସମିତି ସଭ୍ୟ ଗୋଲାପ ବାଗ, ପରାଶର ବାଗ, ଚଗଲା ପରିଛା, ଶଶୀଶେଖର ପଣ୍ଡା, ହେମନ୍ତ ବେହେରା, ଶରତ ନନ୍ଦ, ଅବଦୁଲ ମୁଜିବ ଉପସ୍ଥିତ ଥିଲେ।

## ପ୍ରମୋଦଙ୍କୁ ୨ ରୌପ୍ୟ ପଦକ

ଭୁବନେଶ୍ୱର, ୧୭।୧୨
(ତପନ ସ୍ୱାଇଁ)

ଦୁବାଇରେ ରବିବାର ଉଦ୍‌ଯାପିତ ୫ମ ଫାଜା ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ୨ଟି ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରମୋଦ ଏସ୍‌ଏଲ୍-୩ ସିଙ୍ଗଲ୍ସ ଫାଇନାଲରେ ଇଂଲଣ୍ଡର ଡାନିଏଲ ବେଥେଲଙ୍କଠାରୁ ୧୭-୨୧, ୮-୨୧ରେ ପରାସ୍ତ ହୋଇଥିଲେ। ସେହିପରି ମିକ୍ସଡ ଡବଲ୍ସରେ ଅନ୍ୟତମ ଭାରତୀୟ ଖେଳାଳି ମନୀଷା ରାମଦାସଙ୍କୁ ସାଥିକରି ଖେଳିଥିବା ପ୍ରମୋଦ ଫାଇନାଲରେ ଇଣ୍ଡୋନେସିଆ ଯୋଡ଼ି ହିକମତ ରାନଦାନି ଓ ଲିଆନି ରାତ୍ରି ଓକ୍‌ତିଲାଙ୍କଠାରୁ ୧୪-୨୧, ୧୧-୨୧ରେ ହାରି ଯାଇଥିଲେ। ପ୍ରମୋଦଙ୍କ ସହ କୋଚ୍ ଶିବ ପ୍ରସାଦ ଦାସ ଦୁବାଇ ଯାତ୍ରା କରିଥିଲେ।




## ପାକିସ୍ତାନକୁ ୩୬୦ ରନରେ ହରାଇଲା ଅଷ୍ଟ୍ରେଲିଆ

**ପର୍ଥ, ୧୭।୧୨(ଏପି):** ସ୍ଥାନୀୟ ନ୍ୟୁ ୱାଣ୍ଡରର୍ସ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବନାମ ପାକିସ୍ତାନ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ ୪ ଦିନରେ ଶେଷ ହୋଇଛି। ଘରୋଇ ଦଳ ଏଥିରେ ୩୬୦ରନରେ ବିଜୟ ହାସଲ କରିଛି। ନାଥାନ ଲିଅନ୍ ଏଥିରେ ତାଙ୍କର ୫୦୦ ଉଇକେଟ ପୂରଣ କରିପାରିଛନ୍ତି। ରବିବାର ଚତୁର୍ଥ ଦିବସ ଖେଳ ମଧ୍ୟାହ୍ନ ଭୋଜନ ବିରତିର ଅଧଘଣ୍ଟା ପରେ ଅଷ୍ଟ୍ରେଲିଆ ଏହାର ଦ୍ୱିତୀୟ ଇନିଂସ ୨୩୩/୫ ସ୍କୋରରେ ଘୋଷଣା କରିଥିଲା। ଫଳରେ ପାକିସ୍ତାନ ପାଇଁ ୪୫୦ରନର କଷ୍ଟସାଧ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଫାଇନାଲ ସେସନରେ ପାକିସ୍ତାନ ୩୦.୨ ଓଭରରେ ୮୯ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଏହାଥିଲା କ୍ରମାଗତ ୧୫ତମ ଟେଷ୍ଟ ପରାଜୟ। ପିଚ୍‌ରେ ଭିନ୍ନ ବାଉନ୍ସ କରିବା ଦ୍ୱାରା ବ୍ୟାଟରମାନଙ୍କ ଦେହରେ ବଲ୍ ବାଜିଥିଲା। ମିଚେଲ ଷ୍ଟାର୍କ, ଜୋସ ହାଜଲେଉଡ୍ ଓ ଅଧିନାୟକ ପ୍ୟାଟ କମିନ୍ସ ଏଥିରୁ ଫାଇଦା ଉଠାଇ ପାକିସ୍ତାନ ଟପ୍ ଅର୍ଡରରେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ହାଜଲେଉଡ୍ ଓ ଷ୍ଟାର୍କ ସେମାନଙ୍କ ମଧ୍ୟରେ ୬ ଉଇକେଟ ବାଣ୍ଟି ନେଇଥିଲେ। କମିନ୍ସ ପାକିସ୍ତାନ ଅଧିନାୟକ ବାବର ଆଜାମ (୧୪ ରନ)ଙ୍କୁ ଆଲେକ୍ସ କାରେଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଥିଲେ। ଫାହିମ୍ ଅଶ୍ରଫ୍‌ଙ୍କୁ ଲେଗ୍ ବିଫୋର ଉଇକେଟ କରି ଲିଅନ ତାଙ୍କ ୫୦୦ ଟେଷ୍ଟ ଉଇକେଟ ପୂରଣ କରିଥିଲେ। ଏହି ସଫଳତା ହାସଲ କରିବାରେ ସେ ସ୍ୱର୍ଗତ ଶେନ ୱର୍ନ ଓ ଗ୍ଲେନ ମ୍ୟାକଗ୍ରାଙ୍କ ପଛକୁ ତୃତୀୟ ଅଷ୍ଟ୍ରେଲୀୟ ଏବଂ ମୋଟ ଉପରେ ୮ମ ଖେଳାଳି ବିବେଚିତ ହୋଇଛନ୍ତି। ମିଚେଲ ମାର୍ଶ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଦ୍ୱିତୀୟ ଟେଷ୍ଟ ମଙ୍ଗଳବାରଠାରୁ ସେଣ୍ଟ ଜର୍ଜ୍ସପାର୍କଠାରେ ଖେଳାଯିବ।



ADITYA MOTORS: CUTTACK, BHUBANESWAR: 7873999400, UTKAL AUTOMOBILES: BHUBANESWAR, CUTTACK: 8929207515, BASANTI AUTO AGENCY: BALASORE: 7574808558, KRISHNA AUTOMOTIVE: ROURKELA: 8929207509, GN AUTONATION: SAMBALPUR: 9311772663, JHARSUGUDA: 9311772664, VISWAJEET UDYOG PVT. LTD. : BERHAMPUR: 9289220868

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ